

କେଉଁଠୁ ଆସନ୍ତି ଚିୟର ଗାର୍ଲ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 35 | ଭାଗ ୩୪ | ସଂଖ୍ୟା ୩୫ | Bhubaneswar | Sunday 27 April 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨୭ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ମୋଦିଙ୍କ ଦମ୍ଭୋକ୍ତି
### ଆରପାର ଲଢେଇ ପାଇଁ ଭାରତ ପ୍ରସ୍ତୁତ



ପ୍ରତିଟି ରକ୍ତ ବିନ୍ଦୁର ପ୍ରତିଶୋଧ ନିଆଯିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏଭଳି ଚରମବାଣୀ ପାକିସ୍ତାନୀଙ୍କ ଛାତିରେ ଛନକା ପଶାଇଦେଇଛି। ବିଭାଜନ ପରଠାରୁ ଯେତେଥର ବି ଦୁଇ ପଡୋଶୀ ଦେଶ ମଧ୍ୟରେ ଯୁଦ୍ଧ ହୋଇଛି, ସବୁଥର ପାକିସ୍ତାନ ହିଁ ସୀମା ଉଲଂଘନ କରିଛି। କିନ୍ତୁ ସମ୍ଭବତଃ ପ୍ରଥମ ଥର ପାଇଁ ଭାରତ ପଟୁ ଆକ୍ରମଣ ହେବାର ସମ୍ଭାବନା ଦେଖାଦେଇଛି। କାରଣ ପାହଲଗାମରେ ହୋଇଥିବା ନରସଂହାର କେବଳ କେନ୍ଦ୍ର ସରକାରଙ୍କୁ ବ୍ୟଥିତ କରିନି, ସାରା ଦେଶବାସୀଙ୍କୁ ମର୍ମାହତ କରିଛି। ମହିଳାଙ୍କ ଆର୍ତ୍ତ ଚିତ୍କାର ସାଙ୍ଗକୁ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଲୋମହର୍ଷକାରୀ ଚିତ୍ର ପ୍ରତି ମୂହୁର୍ତ୍ତରେ ଦେଶବାସୀଙ୍କ ମଧ୍ୟରେ ବଦଲାର ନିଆଁ ଲଗାଉଛି।

# ଜବାବୀ ହାମଲା ପାଇଁ ସମରସଜ୍ଜା

**ନୂଆଦିଲ୍ଲୀ, ୨୬।୪:** ଆକ୍ସନ ମୋଡରେ ମୋଦି ସରକାର। ପହଲଗାମରେ ନୀରିହ ପର୍ଯ୍ୟଟକଙ୍କ ହତ୍ୟାର ପ୍ରତିଶୋଧ ପାଇଁ କଡ଼ା ଆଭିମୂଖ୍ୟ। କୁଟନୈତିକ ସ୍ତରୀୟ କଠୋର ପଦକ୍ଷେପରେ ୫ ଦିନ ମଧ୍ୟରେ ଶୁଖିଛି ପାକିସ୍ତାନର ଗଳା। ଆକାଶରୁ ଖସି ଭୂଇଁରେ ଗଡୁଛି ପାକ୍ ସେନା। ପହଲଗାମ ଆତଙ୍କୀ



ହମଲାକୁ ନେଇ ଭାରତର କଡ଼ା ପଦକ୍ଷେପକୁ ସମର୍ଥନ କରିଛନ୍ତି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ, ଇସ୍ରାଏଲ ପିଏମ ବେଞ୍ଜାମିନ ନେତାନ୍ୟାହୁ ପହଲଗାମ ହମଲାକୁ ନେଇ ମୋଦିଙ୍କ ସହ କଥା ହେବା ସହ ଆତଙ୍କବାଦ ବିରୋଧରେ ଭାରତ ସହ ସ୍ୱର ମିଳାଇଛନ୍ତି । ଏପଟେ ସମ୍ମୁଖ ଯୁଦ୍ଧ ଆଶଙ୍କାରେ ବିଚଳିତ ପାକିସ୍ତାନ । ମିଛ ଦମ୍ ଦେଖାଇଛନ୍ତି ପାକ୍ ପ୍ରଧାନମନ୍ତ୍ରୀ ଶେହେବାଜ ସରିଫ, ଡେପୁଟି ପିଏମ ଇଶାକ ଦର୍, ଡିଫେନସ୍ ମିନିଷ୍ଟର ଖ୍ୱାଜା ଆସିଫ ଓ ଆର୍ମି ଚିଫ୍ ଅସୀମ ମୁନୀର। ପଠାନକୋଟ, ଉରୀ, ପୁଲୱାମା ଆତଙ୍କୀ ହମଲାର ଜବାବୀ କାର୍ଯ୍ୟାନୁଷ୍ଠାନର କ୍ଷତିଭରଣା ହୋଇନଥିବା ବେଳେ ପହଲଗାମ ଅପରାଧର କ୍ଷତି ହିସାବ କରୁଛି ଆତଙ୍କୀ ଫ୍ୟାକ୍ଟ୍ରି ପାକିସ୍ତାନ । ଲମ୍ବୁଛି କୁଟନୈତିକ ଷ୍ଟ୍ରାଇକ୍‌ର ତାଲିକା। ଇଣ୍ଡିଆନ ଆର୍ମିର ➪ପୃଷ୍ଠା-୬

- ସୀମାରୁ ଫସଲ କାଟିନେବାକୁ ସେନାର ଅନୁରୋଧ
- ଆତଙ୍କବାଦ ବିରୋଧରେ ଭାରତକୁ ବିଶ୍ୱ ସମୂହର ସମର୍ଥନ
- ୩ ଆତଙ୍କୀ ଘର ଧ୍ୱଂସ, ସେନା କବଜାରେ ୧୭୫

## ୧୪ ଆତଙ୍କବାଦୀଙ୍କ ତାଲିକା ଜାରି କଲା ଭାରତୀୟ ଗୁଇନ୍ଦା ବିଭାଗ


District Wise Summary of Active Local Terrorists (LTs)
List of Active Local Terrorists
SECRET/SST KOS

**ନୂଆଦିଲ୍ଲୀ, ୨୬।୪:** ଜାମ୍ମୁ-କାଶ୍ମୀରରେ ସକ୍ରିୟ ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକା ଜାରି। ୧୪ ଆତଙ୍କବାଦୀଙ୍କ ତାଲିକା ଜାରି କଲା ଭାରତୀୟ ଗୁଇନ୍ଦା ବିଭାଗ । ତାଲିକାରେ ପାକିସ୍ତାନର ୩ ଆତଙ୍କବାଦୀ ସଂଗଠନରେ କାମ କରୁଥିବା ଆତଙ୍କୀଙ୍କ ନାଁ। ହିଜବୁଲ ମୁହାହିଦ୍ଦିନ, ଜୈଶ୍-ଏ-ମହମ୍ମଦ, ଲସ୍କର-ଏ-ତୋଇବାର ମୋଟ ୧୪ ଆତଙ୍କୀ । ତାଲିକାରେ ଲସ୍କର-ଏ-ତୋଇବାର ସର୍ବାଧିକ ୧୪ ଆତଙ୍କବାଦୀଙ୍କ ନାମ। ତାଲିକାରେ ଜୈସ୍-ଏ-ମହମ୍ମଦ ଓ ହିଜବୁଲ୍ ମୁଜାହିଦ୍ଦିନର ୩ ଜଣ ଲେଖାଏଁ ଆତଙ୍କୀଙ୍କ ନାମ । ୧୪ ଆତଙ୍କବାଦୀଙ୍କ ବୟସ ୨୨ରୁ ୪୦ ବର୍ଷ ମଧ୍ୟରେ । ୨୦୨୨ରୁ ଜୈଶ୍ ଏ ମହମ୍ମଦ ପାଇଁ କାମ କରୁଛି। ଅବନ୍ତିପୋରାର ଆସିଫ୍ ଅହମ୍ମଦ। ୨୦୨୪ରୁ ଜୈଶ୍ ପାଇଁ କାମ କରୁଛି ପୁଲୱାମାର ଅମିର୍ ନଜିର । ୨୦୨୪ରୁ ଜୈଶରେ କାମ କରୁଛି ପୁଲୱାମାର ବାବର ଅହମ୍ମଦ ଭଟ୍ଟ। ସୋପିଆନର ଆତଙ୍କୀ ଆସିଫ୍ ମହମ୍ମଦ ୨୦୧୫ରୁ ହିଜବୁଲ୍ ପାଇଁ କାମ କରୁଛି । ୨୦୧୮ରୁ ➪ପୃଷ୍ଠା-୬

### ପାକିସ୍ତାନୀଙ୍କୁ ଲିଭ୍ ଇଣ୍ଡିଆ ନୋଟିସ୍
## ବଲାଙ୍ଗୀର, ଭୁବନେଶ୍ୱର, ସୋର, କଟକରେ ଚିହ୍ନଟ

### ଆଜି ସୁଦ୍ଧା ଭାରତ ଛାଡିବାକୁ ଅଲଟିମେଟମ



**ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) :** ଭାରତ ପାକ ସୀମାରେ ଉତ୍ତେଜନା ପରେ ଏବେ ଦେଶ ଭିତରେ ପାକିସ୍ତାନୀଙ୍କ ମଧ୍ୟରେ ପଶିଛି ଛନକା । ସେମାନଙ୍କୁ ଦେଶ ଛାଡିବାକୁ ଦିଆଯାଇଛି ନିର୍ଦ୍ଦେଶ। ଏଭିତରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୧୨ଜଣ ପାକିସ୍ତାନୀଙ୍କୁ ଚିହ୍ନଟ କରାଯାଇ ଲିଭ୍ ଇଣ୍ଡିଆ ନୋଟିସ ଦିଆଯାଉଛି । କାହାର ଭିସା ପର୍ମିଟ ସରିଯାଇଛି ତ କାହାର ପାସପୋର୍ଟର ମଧ ନବୀକରଣ ହୋଇନି । ଏମିତି ସ୍ଥିତିରେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀର, କଟକ, ବାଲେଶ୍ୱର ଓ ଭୁବନେଶ୍ୱର ତିନି ପରିବାରର ପାକିସ୍ତାନୀ ସଦସ୍ୟଙ୍କୁ ଦେଶ ଛାଡିବାକୁ ଦିଆଯାଇଛି ଅଲଟିମେଟ ଡେଡଲାଇନ । ବଲାଙ୍ଗୀରର ସାରଦା କୁକ୍ରେଜା, ୧୯୭୧ ଯୁଦ୍ଧ ପୂର୍ବରୁ କରାଚୀର ସିନ୍ଧ ପ୍ରଦେଶରୁ ୧୦ ଭାଇ ଭଉଣୀ ପରିବାର ସହ ଦିଲ୍ଲୀ ଆସିଥିଲେ । ଯୁଦ୍ଧ ପରେ ଆଉ ଫେରପାରିନଥିଲେ। ପରିବାର ସହ ପ୍ରଥମେ କୋରାପୁଟ ଗଲେ, ସେଠାରେ ମହେଶ କୁକ୍ରେଜାଙ୍କ ସହ ବିବାହ କରିଥିଲେ। ପରେ ବଲାଙ୍ଗୀରକୁ ବ୍ୟବସାୟ ପାଇଁ ଆସି ଠିକାଦାପଡାରେ ଘରବାଡି କରି ରହିଛନ୍ତି । ସ୍ୱାମୀ ମହେଶଙ୍କ ବିବାହ ପରେ ପୁଅ ବୋହୁଙ୍କ ସହ ବଲାଙ୍ଗୀରରେ ରହୁଛନ୍ତି ସାରଦା। ଝିଅ ବି ରାୟପୁରରେ ବାହା ହୋଇ ସେଠାରେ ପରିବାର ସହ ରହୁଛନ୍ତି। ସାରଦାଙ୍କ ପାର୍ସପୋର୍ଟ ଅବଧି ୧୯୯୧ରୁ ଶେଷ ହୋଇଗଲାଣି। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଭାରତୀୟ ନାଗରିଗତ୍ୱ ଗ୍ରହଣ କରିଛନ୍ତି । ହେଲେ ସାରଦା ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିନାହାଁନ୍ତି । ପରିବାର ଛାଡି ପାକିସ୍ତାନ ନଯିବାକୁ ସେ ପ୍ରଶାସନକୁ ଅପିଲ କରିଥିବା ବେଳେ ସରକାର ତାଙ୍କୁ ➪ପୃଷ୍ଠା-୬

### ଗରଜିଲା ରାଫେଲ
## ଦମ୍ ଦେଖାଉଛି ଘାତକ ଫାଇଟର ଜେଟ୍

**ନୂଆଦିଲ୍ଲୀ, ୨୬।୪:** ଭାରତୀୟ ସେନାର ଅପରେସନ୍ ଆକ୍ରମଣ। ଗର୍ଜିଲା ରାଫେଲ...ଦମ୍ ଦେଖାଉଛି ଘାତକ ଫାଇଟର ଜେଟ୍ ସୁଖୋଇ ୩୦। ହରିୟାଣାର ଅମ୍ବାଲା ଓ ପଶ୍ଚିମବଙ୍ଗର ହାସିମରା ଏୟାର ଷ୍ଟେସନରୁ ଦୁଇଟି ରାଫେଲ ସ୍କ୍ୱାଡ୍ରେନକୁ ଅପରେଟ୍ କରିଛି ଆଇଏଏଫ୍ । ଡିଫେନ୍ସ



ପହଲଗାମ ଆତଙ୍କୀ ହମଲା ପରେ ଭାରତର ବଡ଼ ପ୍ରତିଶୋଧ ପ୍ରସ୍ତୁତି। ଭାରତ-ପାକିସ୍ତାନ ଟେନସନ ଭିତରେ ଭାରତୀୟ ବାୟୁସେନା ଆରମ୍ଭ କରିଛି ଜୋରଦାର ଯୁଦ୍ଧାଭ୍ୟାସ। ଯୁଦ୍ଧାଭ୍ୟାସରେ ସାମିଲ ହୋଇଛନ୍ତି ଆଇଏଏଫ୍‌ର ଟପ୍ ଗନ ପାଇଲଟ୍ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଅଲଗା ଅଲଗା ଏୟାର ବେସରେ ନିୟୋଜିତ, ବାୟୁସେନାର ଲଢୁଆ ବିମାନ ଯୁଦ୍ଧାଭ୍ୟାସରେ ଭାଗ ନେଇଛନ୍ତି । ଯୁଦ୍ଧାଭ୍ୟାସର ନାଁ ଆକ୍ରମଣ ରହିଥିବାବେଳେ ସାମିଲ ହୋଇଛନ୍ତି ରାଫେଲ ଓ ସୁଖୋଇ ଫାଇଟର ଜେଟ୍ । ସୂତ୍ରରୁ ସୂଚନା ଅନୁଯାୟୀ, ଗ୍ରାଉଣ୍ଡ ଆଟାକ୍ ଓ ଇଲୋଟ୍ରୋନିକ୍ ୱାରଫାୟାର ଭଳି ଆଡଭାନ୍ସ ମିଶନ ପ୍ରୋଫାଇଲ୍ ଉପରେ ଅଧିକ ଫୋକସ କରାଯାଇଛି। ସେପଟେ ଇଣ୍ଡିଆନ ଏୟାର ଫୋର୍ସର ଏୟାର ବେସରେ ବଢ଼ିଛି ଅପରେସନ ରେଡିନେସ୍ ପ୍ଲାଟଫର୍ମ ସଂଖ୍ୟା ବା ଓଆରପି । ଆଲାର୍ମ ➪ପୃଷ୍ଠା-୬

### ବାଲେଶ୍ୱରରେ ଏନ୍ଆଇଏ ଟିମ୍
## ପ୍ରଶାନ୍ତଙ୍କ ପତ୍ନୀ ଓ ପୁଅଠାରୁ ନେଲେ ତଥ୍ୟ



**ବାଲେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଈଶାଣୀ ଗାଁରେ ପହଞ୍ଚିଛି ଏନ୍ଆଇଏ ଟିମ୍। ପହଲଗାମ୍ ଘଟଣାରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ଘରେ ପହଞ୍ଚିଛନ୍ତି ଏକ ଟିମ୍। ପହଲଗାମ୍ ଆତଙ୍କୀ ହମଲାରେ ଅଧିକ ତଥ୍ୟ ସଂଗ୍ରହ କରୁଛି ଏନ୍ଆଇଏ। ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଅଛନ୍ତି ପ୍ରଶାନ୍ତଙ୍କ ପତ୍ନୀ ଓ ନାବାଳକ ପୁଅ। କେଉଁ ସମୟରେ ଏହି ଘଟଣା ଘଟିଲା, ଆତଙ୍କବାଦୀମାନେ ଆସିବା ସମୟରେ କେଉଁ ପ୍ରକାରର ପୋଷାକ ପିନ୍ଧିଥିଲେ, ସେମାନେ ଲୋକଙ୍କୁ କଣ ସବୁ କହିଥିଲେ, ଆକ୍ରମଣ ସମୟରେ କଣ କହି ମାରୁଥିଲେ ଏମିତି ଅନେକ ପ୍ରଶ୍ନ ଏନଆଇଏ ଟିମ୍ ପଚାରିଥିବା ଜଣାପଡିଛି । ଆତଙ୍କବାଦୀଙ୍କ ଏହି ବର୍ବରୋଚିତ କାଣ୍ଡକୁ ନିଜ ଆଖିରେ ଦେଖିଛନ୍ତି ମୃତ ପ୍ରଶାନ୍ତଙ୍କ ପତ୍ନୀ ଓ ପୁଅ । ଆତଙ୍କବାଦୀଙ୍କ ଅତର୍କିତ ଗୁଳିମାଡ଼ରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିବା ବେଳେ ମୃତକଙ୍କ ମଧ୍ୟରେ ରହିଛନ୍ତି ବାଲେଶ୍ୱରର ପ୍ରଶାନ୍ତ ଶତପଥୀ, ଯିଏକି ନିଜ ପତ୍ନୀ ଓ ୮ ବର୍ଷର ପୁଅ ସହ ପହଲଗାମ୍ ବୁଲିବାକୁ ଯାଇଥିଲେ । ତେବେ କେଉଁଠି ଓ କିପରି ଏହି ଭୟଙ୍କର ଆକ୍ରମଣ ହେଲା, କେତେବେଳେ ଘଟିଲା, ସେସବୁର ଛାତିଥରା ଚିତ୍ର ବଖାଣିଥିଲେ ମୃତ ପ୍ରଶାନ୍ତଙ୍କ ପତ୍ନୀ ପ୍ରିୟଦର୍ଶିନୀ ଶତପଥୀ । ପ୍ରିୟଦର୍ଶିନୀ ଶତପଥୀ ଗଣମାଧ୍ୟମକୁ ➪ପୃଷ୍ଠା-୬

## ଅପରାଧୀଙ୍କୁ ଦଣ୍ଡଦେବା ରାଜାର ଧର୍ମ



**ନୂଆଦିଲ୍ଲୀ୨୬।୪:** ପହଲଗାମ ଆତଙ୍କୀ ହମାଲର ଜବାବ ଦେବା ରାଜା ବା ସରକାରଙ୍କ ଦାୟିତ୍ୱ। ପାକ୍ ସମର୍ଥିତ ଆତଙ୍କବାଦୀମାନେ ପହଲଗାମରେ ଯେଉଁ ଅମାନବୀୟ କାଣ୍ଡ କରିଛନ୍ତି ତାର ଦଣ୍ଡ ପାକିସ୍ତାନକୁ ଭୋଗିବାକୁ ପଡିବ। ଏଭଳି କହିଛନ୍ତି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ। ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଆମର ପରମ୍ପରା ହେଉଛି ଅହିଂସା। କିନ୍ତୁ ଭୁଲ କାମ କରୁଥିବା ଲୋକଙ୍କୁ ଦଣ୍ଡ ଦେବା ମଧ୍ୟ ସେହି ଅହିଂସାର ଏକ ନୀତି।

ଭାରତ କେବେ କୌଣସି ପଡୋଶୀ ରାଷ୍ଟ୍ର କିମ୍ବା ରାଷ୍ଟ୍ର ସମୁହକୁ ହଇରାଣ କରେନାହିଁ। କିନ୍ତୁ ଯଦି କୌଣସି ପଡୋଶୀ ରାଷ୍ଟ୍ର ନିଜର ସୀମା ଉଲଂଘନ କରି ଆମ ଉପରେ ଆକ୍ରମଣ କରୁଛି ବା ଆମ ଲୋକଙ୍କୁ ମାରୁଛି ତେବେ ଦେଶର ସରକାର ବା ରାଜା ତାକୁ ଦଣ୍ଡ ଦେବା ଉଚିତ। ମୋହନ ଭାଗବତଙ୍କ ଏହି କଥା ସ୍ପଷ୍ଟ ସଙ୍କେତ ଦେଉଛି ଯେ, ଆରଏସଏସ ମଧ୍ୟ ପାକିସ୍ତାନ ଉପରେ ଆକ୍ରମଣକୁ ସମର୍ଥନ କରୁଛି। ଗୋଟେପଟେ ପ୍ରଧାନମନ୍ତ୍ରୀ ଆରପାର ଲଢେଇ ପାଇ ➪ପୃଷ୍ଠା-୬

## ଦାରିଦ୍ର୍ୟ ଦୂରୀକରଣରେ ରେକର୍ଡ

- ଗରିବୀ ସୀମାରେଖାରୁ ଉଠିଛନ୍ତି ୧୭୧ ନିୟୁତ
- ସମନ୍ୱିତ ବିକାଶ ଉଦ୍ୟମକୁ ବିଶ୍ୱବ୍ୟାଙ୍କର ପ୍ରଶଂସା




**ନୂଆଦିଲ୍ଲୀ, ୨୬।୪ (ସଂଚାର ବ୍ୟୁରୋ) :** ଗତ ଗୋଟେ ଦଶନ୍ଧୀ ମଧ୍ୟରେ ପ୍ରାୟ ୧୭୧ ନିୟୁତ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ବିଶ୍ୱବ୍ୟାଙ୍କର ଦାରିଦ୍ର୍ୟ ସମ୍ପର୍କିତ ରିପୋର୍ଟରେ ଗରିବୀ ବିରୋଧରେ ଭାରତର ଏହି ଲଢେଇକୁ ପ୍ରଶଂସା କରାଯାଇଛି। ରିପୋର୍ଟ ଅନୁଯାୟୀ ଦୈନିକ ୨.୧୫ ଆମେରିକୀୟ ଡଲାରରୁ କମ ଖର୍ଚ୍ଚ କରୁଥିବା ଲୋକ ଦାରିଦ୍ର୍ୟ ବୋଲି ବିଶ୍ୱସ୍ତରୀୟ ମାନଦଣ୍ଡ ଧାର୍ଯ୍ୟ ହୋଇଛି। ଏହି ହିସାବରେ ୨୦୧୧-୧୨ ଦେଶର ୧୬.୨ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବେଳେ ୨୦୨୨-୨୩ରେ ଦାରିଦ୍ର୍ୟ ହାର ୨.୩ ପ୍ରତିଶତକୁ ହ୍ରାସ ପାଇଛି।

ବିଶ୍ୱବ୍ୟାଙ୍କର ଏହି ରିପୋର୍ଟ ଦେଶର ସମନ୍ୱିତ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। କେନ୍ଦ୍ର ସରକାର ଗତ ପ୍ରାୟ ଦେଢ ଦଶନ୍ଧୀ ଧରି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସମାନ୍ତରାଳ ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି। ବିଭିନ୍ନ ପ୍ରକାର ଜନକଲ୍ୟାଣକାରୀ ଯୋଜନା ସାଙ୍ଗକୁ ଅର୍ଥନୈତିକ ସଂସ୍କାର ଏବଂ ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ପହଁଚିପାରିବା ଦ୍ୱାରା ଏହା ସମ୍ଭବ ହୋଇଛି। ବିଶ୍ୱବ୍ୟାଙ୍କର ଏହି ରିପୋର୍ଟରୁ କେନ୍ଦ୍ର ସରକାର ପୂରା ଦେଶରେ ➪ପୃଷ୍ଠା-୬



ଅନୁଗୋଳ ଜିଲ୍ଲା ମହୋତ୍ସବ-୨୦୨୫ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ।

## ଓଡ଼ିଶା ଷ୍ଟାଫ ସିଲେକ୍ସନ ପାଇଁ ନୂଆ ଚ୍ୟାଲେଞ୍ଜ
### ପ୍ରିଲିମ ପାସ୍‌କଲେ ୩ଲକ୍ଷ ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) :** ଆରଆଇ, ଏଆରଆଇ, ଅମିନ ପରୀକ୍ଷା ପାଇଁ ବିବାଦୀୟ ହୋଇପଡ଼ିଥିବା ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ପାଇଁ ଏବେ ନୂଆ ଚାଲେଞ୍ଜ ଦେଖାଦେଇଛି । ଗ୍ରେଡ୍-ସିରେ ୩ ହଜାର ପଦବୀ ପାଇଁ ପ୍ରିଲିମ୍‌ରେ ପାସ୍ କରିଛନ୍ତି ପ୍ରାୟ ୩ ଲକ୍ଷ ପିଲା । ହେଲେ ପରୀକ୍ଷାର ସ୍ୱଚ୍ଛତା ନେଇ ବିବାଦ ଘେରରେ ଥିବା ଷ୍ଟାଫ ସିଲେକ୍ସନ କମିଶନ କେମିତି ଏତେ ସଂଖ୍ୟକ ପିଲାଙ୍କ ପାଇଁ ମେନ୍ ପରୀକ୍ଷା କରିବ ତାକୁ ନେଇ ଉଠିଛି ପ୍ରଶ୍ନ ।

ପ୍ରିଲିମ୍ ପରୀକ୍ଷାରେ ବିବାଦ ପରେ ମେନ୍ ପାଇଁ ସମସ୍ତେ ଯୋଗ୍ୟ । ମାତ୍ର ୯ ଜଣଙ୍କୁ ଛାଡ଼ି ପ୍ରାୟ ୩ ଲକ୍ଷ ପିଲା ଦେବେ ମୁଖ୍ୟ ପରୀକ୍ଷା । ଆରଆଇ, ଏଆରଆଇ, ଅମିନ, ଅଙ୍ଗନୱାଡି ସୁପରଭାଇଜର ଏବଂ ଏସଏଫଏସ ପ୍ରିଲିମରେ




ସ୍ୱଚ୍ଛତାକୁ ନେଇ ବାରମ୍ବାର ଆନ୍ଦୋଳନ ପରେ ଶେଷରେ ଗତ ୨୨ ତାରିଖରେ ପ୍ରକାଶ ପାଇଥିଲା ରେଜଲ୍ଟ । ପ୍ରାୟ ସମସ୍ତ ଆବେଦନକାରୀ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଷ୍ଟାଫ ସିଲେକ୍ସନ କମିଶନଙ୍କ ଏଭଳି ଫଳକୁ ନେଇ ଖୁସି ନାହାନ୍ତି ଅନେକ ପରୀକ୍ଷାର୍ଥୀ । ପରୀକ୍ଷାର୍ଥୀ କହିଛନ୍ତି, ପରୀକ୍ଷା ପରିଚାଳନା କରିଥିବା ସିଫି ନାମକ ଏକ କଳା ତାଲିକାଭୁକ୍ତ କମ୍ପାନୀ ଅନିୟମିତତା କରିଥିବାରୁ ପୂରା ପରୀକ୍ଷା ବାତିଲ କରିବା ପାଇଁ ଦାବି କରିଥିଲା ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ । ହେଲେ ତାହା ନକରି ସରକାର ଧୁଆମୂଳା ଅଧୁଆ ମୂଳାଙ୍କୁ ଏକ୍ କରିଦେଲେ। ୩ ହଜାର ପୋଷ୍ଟ ପାଇଁ ୩ ଲକ୍ଷ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରେ ଅନୁମତି ଦେଲେ ପରୀକ୍ଷାରେ ସ୍ୱଚ୍ଛତା ରହିବ କି ବୋଲି ପ୍ରଶ୍ନ କରିଛନ୍ତି । ବିବାଦୀୟ ହୋଇପଡିଥିବା ଷ୍ଟାଫ ସିଲେକ୍ସନ କମିଶନ ସଂପାଦକଙ୍କ ବିରୁଦ୍ଧରେ ➪ପୃଷ୍ଠା-୬



### କାନ ଡେରିଥା

ଯାତ୍ରାରେ ଏବେ ଶନିଦଶା ଅଛି
ଯଜ୍ଞ ହୋମ ଦରକାର
ନହେଲେ ଯାତରା ବନ୍ଦ
ହୋଇଯିବ
ମରିଯିବେ କଳାକାର
କରୋନା ଭଳି ଚିତ୍କାର...
କୋଭିଡ ଟା ସେବେ ଦାନା
ମାରିଥିଲା
ଏବେ ନିଜ ପେଟ ମାର।

■ ଦେବାଶିଷ

## ସୁଲତାଙ୍କ ଆଗଚଲା କଥାକୁ ପୃଥୀରାଜଙ୍କ ପାହାର

**ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) :** ପହେଲଗାମ୍ ଗଣହତ୍ୟା ପ୍ରସଙ୍ଗରେ ବିଜେଡିର ସାଂସଦ ସୁଲତା ଦେଓଙ୍କ ଆଗଚଲା ମନ୍ତବ୍ୟକୁ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ପାହାର ଦେଇଛନ୍ତି। ଅପମାନ ସୂଚକ ବକ୍ତବ୍ୟ ପାଇଁ ପୃଥୀରାଜ

### ହାତ ଛାଡ଼ି ଦେଲା ଦଳ

କେବଳ ସୁଲତାଙ୍କୁ ଗାଳି ଦେଇନାହାନ୍ତି, ତାଙ୍କ ଦଳ ଓ ତାଙ୍କ ନେତାଙ୍କୁ ମଧ୍ୟ ଏଥିପାଇଁ କାଠଗଡାକୁ ଟାଣିଛନ୍ତି ।

ସୋସିଆଲ ମିଡିଆରେ ଭଲିକି ଭଳି ମନ୍ତବ୍ୟ ରଖୁଥିବା ସୁଲତା ଗଣମାଧ୍ୟମକୁ କହିଥିଲେ ଯେ ପହେଲଗାମ୍‌ରେ ଆତଙ୍କବାଦୀମାନେ ଧର୍ମ ସଂକ୍ରାନ୍ତରେ ପଚାରି ଯେଉଁ ହତ୍ୟାକାଣ୍ଡ କଲେ ସେଥିରେ ସନ୍ଦେହ ରହିଛି । ଆତଙ୍କବାଦୀମାନେ



କେବେ ହେଲେ ଏତେ କମ୍ ସମୟ ମଧ୍ୟରେ ଲୋକଙ୍କ ଧର୍ମ ପଚାରି ହତ୍ୟା କରିପାରିବେ ନାହିଁ। ଏହା ପଛରେ ଆଉ କିଛି ରହିଛି । ସୁଲତାଙ୍କ ଏଇ କେଇପଦ କଥା ନିଆଁଭଳି ବ୍ୟାପି ଯାଇଥିଲା । ପହେଲଗାମ ଘଟଣାକୁ ନେଇ ସାରା ଦେଶ ଏକ ହେବା ସହିତ ଲୋକେ କ୍ରୋଧିତ ହୋଇ ଅଛନ୍ତି । ବିଶେଷକରି ହତ୍ୟାକାଣ୍ଡର ଶିକାର ହୋଇଥିବା ଲୋକଙ୍କ ପରିବାର ସଦସ୍ୟ ଆତଙ୍କବାଦୀମାନେ ଧର୍ମ ପଚାରି ସୋମନଙ୍କ ସ୍ୱାମୀ ଓ ପିତାଙ୍କୁ ଗୁଳି କରିଥିବା କହିବାପରେ ଲୋକଙ୍କ ଆକ୍ରୋଷ ଆହୁରି ବଢ଼ିବାରେ ଲାଗିଛି। ଧର୍ମ ପଚାରି ଆତଙ୍କବାଦୀଙ୍କ ହତ୍ୟା ଦେଶରେ ପ୍ରଥମଥର ହୋଇଥିବାରୁ ସମଗ୍ର ଦେଶ ଏହା ବିରୁଦ୍ଧରେ ଏକଜୁଟ ହେବାରେ ଲାଗିଛନ୍ତି ।

ଏଭଳି ସ୍ଥିତିରେ ସୁଲତାଙ୍କ ଆଗଚଲା କଥା ରାଜ୍ୟ ରାଜନୀତିକୁ ସରଗରମ କରିଛି । ତେବେ ଏ ସଂକ୍ରାନ୍ତରେ ଗଣମାଧ୍ୟମ ଆଇନ୍ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ମତ ଲୋଡିବାରୁ ପୃଥୀରାଜ କଥାରେ କଥାରେ ଏକ ପ୍ରକାର ବ୍ରହ୍ମପାହାର ଦେଇଛନ୍ତି । ମନ୍ତ୍ରୀ ସିଧାସଳଖ କହିଛନ୍ତି ମଣିଷର ହୃଦୟକୁ ନେଇ ରାଜନୀତି କରାଯାଏ । କାହାର ହୃଦୟକୁ ଦୁଃଖ, କଷ୍ଟ ଦେଇ ଉପହାସ କରିବା ଉଚିତ୍ ନୁହେଁ । ଯେଉଁମାନେ ଏଭଳି ହୃଦୟ ବିଦାରକ ➪ପୃଷ୍ଠା-୬

SANCHAR ସଂଚାର

କୁମ୍ଭୀର ପ୍ରଜନନ ଋତୁ

# ଜୁଲାଇ ୩୧ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ




**ରାଜନଗର,୨୬।୪ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନ ଚଳିତ ମଇ ୧ ତାରିଖ ଠାରୁ ଜୁଲାଇ ୩୧ ଯାଏଁ ଦୀର୍ଘ ୩ ମାସ ଧରି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନସ୍ଥଳୀ ଭାବେ ପ୍ରସିଦ୍ଧିଲାଭ କରିଛି। ମଇ ରୁ ଜୁଲାଇ ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ସମୟରେ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରହିବ। ଏହି ସମୟରେ ବଉଳା କୁମ୍ଭୀରମାନେ ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଠାବ କରି ବସା କରି ଅଣ୍ଡା ଦେଇଥାନ୍ତି। ଜୁଆର ମାଡୁନଥିବା ସ୍ଥାନରେ ଅର୍ଥାତ ସ୍ଥଳଭାଗରେ କୁମ୍ଭୀର ବସା କରି ଅଣ୍ଡା ଦେଇଥାଏ। ଏହି ସମୟରେ ମାଆ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇ ପଡ଼ିଥାନ୍ତି। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାର ଆଶଙ୍କା ଥିବାରୁ ଏହି ସମୟରେ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ କରାଯାଇଥାଏ।

# ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗରିବ ଲୋକଙ୍କ ଠିକଣା ଭଙ୍ଗା ସ୍କୁଲ ଘର



● ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଦାବି

**ପଟ୍ଟାମୁଣ୍ଡାଇ,୨୬।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳରେ ପ୍ରତ୍ୟେକ ବର୍ଷ ବନ୍ୟା ଓ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ । ବିପର୍ଯ୍ୟୟ ସମୟରେ ଗରିବ ଓ ଅସହାୟ ଲୋକଙ୍କୁ ସ୍ଥାନାନ୍ତରିତ କରି ସୁରକ୍ଷିତ ସ୍ଥାନ ରେ ରଖାଯାଏ । କିନ୍ତୁ ତରଡିପାଳ ଓ ଅଳପୁଆ ପଂଚାୟତରେ ଏହାର ବ୍ୟତିକ୍ରମ ଦେଖା ଦେଇଛି । ଅଳପୁଆ ପଂଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଦର୍ଶାଇ ବ୍ଲକ ପ୍ରଶାସନ ତିନି ବର୍ଷ ତଳେ ଭାଙ୍ଗି ଦେଇ ଚୁପ ହୋଇ ବସିଛି । ତରଡିପାଳ ପଂଚାୟତରେ ଆଜି ପର୍ଯ୍ୟନ୍ତ କୌଣସି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇ ନାହିଁ । ଉଭୟ ପଂଚାୟତରେ ଦଳିତ ମାନଙ୍କ ସଂଖ୍ୟା ଶତକଡା ଷାଠିଏ ଭାଗରୁ ଅଧିକ ଥିଲା ବେଳେ ସରକାରଙ୍କ ନୀରବତା ଓ ସ୍ଥାନୀୟ ନେତାଙ୍କ ଦାବି ଉପସ୍ଥାପନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଭୟ ପଂଚାୟତର ଗରିବ ଓ ଅସହାୟ ଲୋକଙ୍କୁ ଭଙ୍ଗା ସ୍କୁଲ ଘର କୁ ସ୍ଥାନାନ୍ତରିତ କରାଯିବା ବିସ୍ମିତ କରିଛି । ଜନସଂଖ୍ୟା ଓ ପଞ୍ଚାୟତ ର ଆୟତନ ଅନୁସାରେ ଗୋଟାଏ ବାତ୍ୟା ଆଶ୍ରୟସ୍ଥଳୀ କମ ହେଉଥିବା ବେଳେ ଜମାରୁ ନ ଥିବା ନେତା ଙ୍କ ପାରିବା ପଣିଆ କୁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଉଭୟ ପଞ୍ଚାୟତ ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ନିହାତି ଆବଶ୍ୟକ ମନେ କରି ଦଳିତ ନେତା ନିମାଇଁ ସେଠି,ପ୍ରଶାନ୍ତ ସେଠି, କୁଞ୍ଜବିହାରୀ ଜେନା, ଦୀନବନ୍ଧୁ ଜେନା, ଅଳପୁଆ ପଞ୍ଚାୟତ ର ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ସରପଞ୍ଚ ପଦ୍ମିନୀ ବେହେରା, ତରଡିପାଳ ପଞ୍ଚାୟତ ସରପଞ୍ଚ ଦେବବ୍ରତ ନାୟକ,ଯୁବନେତା ଅଭିଷେକ ବିଶ୍ୱାଳ, ସାମ୍ବାଦିକ ଭାଗୀରଥୀ ବିଶ୍ୱାଳ,ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ, ଗଣେଶ ଚନ୍ଦ୍ର ବେହେରା ପ୍ରମୁଖ ଦାବି କରିଛନ୍ତି ।

# ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ



**କେନ୍ଦ୍ରାପଡ଼ା,୨୬।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ତଥା ଉତ୍କଳ ମାଟିର ଅଗ୍ରଗଣ୍ୟ ବରପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ ତ୍ୟାଗ, ତୀତିକ୍ଷା ଓ ପ୍ରତିବଦ୍ଧତାକୁ ସ୍ମରଣ କରିବା ସହିତ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ସମାରୋହରେ ଅବସରପ୍ରାପ୍ତ ପ୍ରାଧାପକ ତପନ କୁମାର ପତି, ପଟ୍ଟାମୁଣ୍ଡାଇ କଲେଜର ଅବସରପ୍ରାପ୍ତ ଅଧକ୍ଷ ଡଃ. ନୀଳମଣି ଲେଙ୍କା, ଗବେଷକ ଡଃ. ବାସୁଦେବ ଦାସ, ନିରଞ୍ଜନ ମେକାପ, ଡଃ. ବିରଜା ପ୍ରସାଦ ରାଉତରାୟ, ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଖଣ୍ଡ ବିଖଣ୍ଡିତ ଓଡିଶାକୁ ଏକ ଭାଷା ଭିକ ରାଜ୍ୟ ଗଠନ ପାଇଁ ପାରଳା ମହାରାଜା ୧୯୩୦ ମସିହା ନଭେମ୍ବର ୧୨ ତାରିଖ ଠାରୁ ୧୯୩୧ ମସିହା ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନ ଠାରେ ପ୍ରଥମ ଗୋଲ୍ଡ ଟେବୁଲ୍ ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ପାଣିରେ ବୁଡି ଦୁଇ ଶିଶୁଙ୍କ ଅକାଳ ବିୟୋଗ

**ନିଶ୍ଚିନ୍ତକୋଇଲି,୨୬।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ଦିଲ୍ଲିପ ସାହୁଙ୍କ ଦୁଇ ବର୍ଷର ଶିଶୁପୁତ୍ର କାମେଶ୍ୱର ସାହୁ ଏବଂ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓସ୍ତପୁର ବାସିନ୍ଦା ବଳରାମ ସାହୁଙ୍କ ୪ ବର୍ଷର ଶିଶୁକନ୍ୟା ଭାଗ୍ୟଲକ୍ଷ୍ମୀ ସାହୁ ଖେଳିବାକୁ ଯାଇ ଏକ ପୋଖରୀରେ ପଡି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ବଳରାମଙ୍କ ଝିଅ ଭାଗ୍ୟଲକ୍ଷ୍ମୀ ରାମକୃଷ୍ଣପୁରସ୍ଥିତ ତାଙ୍କ ମଉସା ଘରକୁ ଆସିଥିବା ବେଳେ ଏଭଳି ଅଘଟଣ ଘଟିଛି । ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଉଭୟ ଶିଶୁଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ସାସ୍ଥ୍ୟକେନ୍ଦ୍ର ପକ୍ଷରୁ ଉଭୟ ଶିଶୁଙ୍କୁ ମୃତ ଘୋଷଣା କରାଯାଇଥିଲା । ଏଭଳି ଘଟଣାରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ,ପ୍ରାକ୍ତନ ବିଧାୟକ ପ୍ରତାପ ଜେନା ଗଭୀର ଶୋକବ୍ୟକ୍ତ କରିବା ସହ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

ସରକାରଙ୍କ ନିର୍ଦ୍ଦେଶକୁ କନିଷ୍ଠ ଯନ୍ତ୍ରୀଙ୍କ ବେଖାତିର

# ବିଦ୍ୟୁତ କାଟ ଯୋଗୁ ଉପଭୋକ୍ତା ଅତିଷ୍ଠ

**ଆଳି,୨୬।୪ (ସଂଚାର ବ୍ୟୁରୋ):** ଆଳି ଭୁଇଁପୁର ବିଦ୍ୟୁତ ସେକ୍ସନରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁ ଲୋକେ ଗରମରେ ଅତିଷ୍ଠ ହୋଇଗଲେଣି। ଗୋଟିଏ ପଟେ ଖରାକୁ ଝାଞ୍ଜି ପବନରେ ଲୋକେ ତ୍ରାହି ତ୍ରାହି ଡାକୁ ଥିବା ବେଳେ ବିଦ୍ୟୁତ କାଟ ଲୋକଙ୍କ କଷ୍ଟକୁ ଦୁଇ ଗୁଣ କରୁଛି। ଏମିତିକି ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁ ବସୁଧା ଯୋଜନାରେ ଲୋକେ ପାନୀୟ ଜଳ ସଠିକ ସମୟରେ ମିଳିପାରୁ ନଥିବା ଅଭିଯୋଗ ହୋଇଛି। ଉପଭୋକ୍ତା ଅଭିଯୋଗ କଲେ କେହି କର୍ଣ୍ଣପାତ କରୁ ନଥିବା ବେଳେ ଯନ୍ତ୍ରୀ ଭବାନୀ ପ୍ରସାଦ ମହାନ୍ତି ସରକାରଙ୍କ ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇ ଦେଇଥିବା କୁହାଯାଉଛି। ଏମିତିକି ଜଣେ ଉପଭୋକ୍ତା ସମିରି ରଞ୍ଜନ ବିଶ୍ୱାଳ ବାରମ୍ବାର ବିଦ୍ୟୁତ କାଟ ଯୋଗୁ ଅତିଷ୍ଠ ହୋଇ ବିଭାଗିୟ ଯନ୍ତ୍ରୀଙ୍କୁ ଫୋନ ମାଧମରେ ଅଭିଯୋଗ କରିବା ସହ କାହିଁକି ବିଦ୍ୟୁତ କାଟ ହୋଇଛି ବୋଲି ପଚାରିବାରୁ। ଯନ୍ତ୍ରୀ ଯୁକ୍ତି କରିବା ସହ କହିଥିଲେ ଏତେ ଯଦି କୋଟି ପତି ତାହାଲେ ଭୁବନେଶ୍ୱର ରହିବାକୁ କହିଥିଲେ ବୋଲି ଉପଭୋକ୍ତା କହିଛନ୍ତି।



ଏଠି ପ୍ରଶ୍ନ ଉଠେକି ବିଭାଗୀୟ ମନ୍ତ୍ରୀ ବାରମ୍ବାର କହୁଛନ୍ତି ବିଦ୍ୟୁତ କାଟ ହେବନି। ତାହାଲେ କାହିଁକି ବାରମ୍ବାର ବିଦ୍ୟୁତ କାଟି ଉପଭୋକ୍ତାଙ୍କୁ ଅପଦସ୍ତ କରାଯାଉଛି। କାହିଁକି ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି ଭୁଇଁପୁର ସେକ୍ସନର ଅଧିକାରୀ। କଣ ସରକାର ଓ ମନ୍ତ୍ରୀଙ୍କ ଉପରେ କି ଏମାନେ। ସମସ୍ୟାର ସମାଧାନ ନକରି କେତେ ଉପଭୋକ୍ତାଙ୍କୁ କହିବେ ଭୁବନେଶ୍ୱର ରହିବାକୁ।

ଏ ନେଇ କଳମଡା ଓ ଭୁଇଁପୁର ଉପଭୋକ୍ତା ସମୀର ରଞ୍ଜନ ବିଶ୍ୱାଳ, ନିହାର ରଞ୍ଜନ ବିଶ୍ୱାଳ, ଶୋରଜ ବିଶ୍ୱାଳ, ପ୍ରତାପ ମଲିକ, ବିଜୟ କୁମାର ବେଉରା ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା ସହ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ପାଖରେ ଦାବି କରିଛନ୍ତି । ଏ ନେଇ ଯନ୍ତ୍ରୀଙ୍କୁ ପଚାରିଲେ ଯନ୍ତ୍ରୀ ବିତଣ୍ଡା ଯୁକ୍ତି ସହ ଆସି ଦେଖା କରନ୍ତୁ ବୋଲି କହିଥିଲେ।

## ବିପୁଳ ପରିମାଣରେ ଚୋରା ମଦ ଜବତ, ୪ କୋର୍ଟ ଚାଲାଣ



**କେନ୍ଦ୍ରାପଡା,୨୬।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ବିଭାଗ ପକ୍ଷରୁ ପଟକୁରା ଓ ମହାକାଳପଡ଼ା ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ଆୟବା ଗ୍ରାମର ମିତିକା ସାହୁଙ୍କ ଠାରୁ ୫୬ ଲିଟର ବିଦେଶୀ ମଦ ଓ ଭରତ ମଳିକଙ୍କ ଠାରୁ ୨୭ ଲିଟର ଦେଶୀ ମଦ, ତାଳସଙ୍ଗା ଗ୍ରାମର ନରେନ୍ଦ୍ର ମଳିକଙ୍କ ଠାରୁ ୩୭ ଲିଟର ବିଦେଶ ମଦ ଏବଂ ଚଢେଇଗୁଆଁ ଗ୍ରାମର ରତ୍ନାକର ସାହୁଙ୍କ ଠାରୁ ୩୫ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୫୫ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା ଶ୍ରୀ ମଣ୍ଡଳ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ପଦ୍ମଲୋଚନ ନାୟକ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

**କେନ୍ଦ୍ରାପଡା,୨୬।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋରୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସେଠୀ ଓରଫ ପଣ୍ଡିତ ସେଠୀ (୬୫) ବର୍ଷରେ ପରଲୋକ ହୋଇଯାଇଛି। ଦୀର୍ଘ ଛମାସ ଧରି ଗଳାକର୍କଟ ରୋଗରେ ଆକ୍ରାନ୍ତ ହୋଇ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଗତକାଲି ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ସରପଞ୍ଚ ହରିପଦ ବେହେରା, ବସନ୍ତ କୁମାର ମଲ୍ଲିକ , ହେମନ୍ତ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ ।

ଗର୍ଭବତୀ ମହିଳା ଓ କୋମଳମତି ଶିଶୁଙ୍କ ଜୀବନ ସହ ଖେଳ

# ପୋକ ସାଲୁବାଲୁ ଖଜୁରି କୋଳି ଦିଆଯାଉଛି

**ରାଜନଗର,୨୬।୪ (ସଂଚାର ବ୍ୟୁରୋ):** ସରକାର ଗର୍ଭବତୀ, ପ୍ରସୂତି ମହିଳା ଓ ୭ ମାସରୁ ୩ ବର୍ଷ ଯାଏଁ ଶିଶୁଙ୍କୁ ପୃଷ୍ଟି ହୀନତାରୁ ରୋକିବା ପାଇଁ ସୁଷମ ଓ ପୃଷ୍ଟିସାର ଯୋଗାଇ ଦେଉଛନ୍ତି। ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ଛତୁଆ, ବାଦମଲଡୁ, ଖଜୁରୀ କୋଳି ସହିତ କୋମଳମତି ଶିଶୁଙ୍କୁ ଛତୁଆ ଓ ଭଜା ସୁଜି ଯୋଗାଇ ଦେଉଛନ୍ତି। ଗର୍ଭବତୀ, ପ୍ରସୂତି ମହିଳା ଓ କୋମଳମତି ଶିଶୁଙ୍କୁ ସୁସମ ଓ ପୃଷ୍ଟିସାର ଖାଦ୍ୟ ବଦଳରେ ନିମ୍ନମାନର ପୋକ ସାଲୁବାଲୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ରାଜନଗର ବ୍ଲକ ରଙ୍ଗଣୀ ପଂଚାୟତ ପଟାପାରିଆ ଗାଁର ଏସଟି ହାବିଟେଶନ ଅଙ୍ଗନବାଡି କେନ୍ଦ୍ରର କୋମଳମତି ଶିଶୁ ଓ ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ପୋକ ସାଲୁବାଲୁ ଖାଦ୍ୟ ସାମଗ୍ରୀ ଦିଆଯାଇଥିବା ନେଇ ଅଙ୍ଗନବାଡି କର୍ମୀ ଯଶୋଦା ହାତୀ ସୂଚନା ଦେଇଛନ୍ତି।



ସୂଚନା ମୁତବକ ଏବେ ଛତୁଆ ବଣ୍ଟନ ସମୟରେ ଏହି ଗାଁର ମମତା ଦାସ ତାଙ୍କୁ ପୋକ ସାଲୁବାଲୁ ଖଜୁରୀ କୋଳି ଦିଆଯାଇଥିବା ଦେଖାଇଥିଲେ। ଯେଉଁ ଖଜୁରୀ କୋଳି ଦିଆଯାଇଥିଲା ସେଥିରେ ପୋକ ସହିତ କାଠି, କୁଟା, ଧୁଳି ମିଶିକି ଥିଲା, ଯାହାକି କୌଣସି ପରିସ୍ଥିତିରେ ଖାଇ ହେବ ନାହିଁ। ଏଥିସହିତ ବାଦାମ ପେସ୍ତା, ସୁଜି, ଛତୁଆରେ ପୋକ ବାହାରିଥିବା ଅଭିଯୋଗ କରିଛନ୍ତି। କୋମଳମତି ଶିଶୁ ଓ ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦେବା ନାଁରେ ନିମ୍ନମାନର ଖାଦ୍ୟ ଯୋଗାଇ ଦେବାକୁ ନେଇ ସାଧାରଣରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି।

# ଶୌଚାଳୟ ପାଇଁ ଅଣ୍ଟା ଭିଡିଲା ଚାନ୍ଦୋଳ ବଜାର କମିଟି



**ଡେରାବିଶ,୨୬।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ଦ୍ୱାର ଡେରାବିଶ ବ୍ଲକ ଚାନ୍ଦୋଳ ବଜାରରେ ବହୁପ୍ରତିକ୍ଷିତ ଶୌଚାଳୟ ନିର୍ମାଣ ଦାବି ଦିର୍ଘଦିନ ଧରି ବଜାର କମିଟି କରିଆସୁଥିଲା। ଦୁଇ ବର୍ଷ ପୂର୍ବେ ତତ୍କାଳୀନ ଜିଲ୍ଲାପାଳ ବଜାର ପରିଦର୍ଶନ କରି ବସ ଷ୍ଟାଣ୍ଡ ନିକଟରେ ସରକାରୀ ଜାଗା ଚିହ୍ନଟ କରାଇ ଯାତ୍ରୀ ବିଶ୍ରାମ ଗୃହ ସହ ଶୌଚାଳୟ ନିର୍ମାଣ ନିର୍ଦ୍ଦେଶ ଦେଇଥିଲେ। ଚିହ୍ନଟ ହୋଇଥିବା ସ୍ଥାନରେ କିଛି ଅସ୍ଥାୟୀ ଦୋକାନକୁ ମଧ ଉଚ୍ଛେଦ କରାଗଲା ହେଲେ ସେହି ନିରୁପଣ ହୋଇଥିବା ସ୍ଥାନକୁ ଲାଗି ଘରବାଡ଼ି ପଟା ନଥାଇ ରାମଚନ୍ଦ୍ର ଜେନା ନାମକ ବ୍ୟକ୍ତି ଘର ନିର୍ମାଣ କରି ଶୌଚାଳୟ ପ୍ରକଳ୍ପ ବନ୍ଦ କରିବାକୁ ଯାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ପ୍ରାଶାସନର ଲିଖିତ ଜବାବ ପରେ କୋର୍ଟରୁ ନିରାଶ ହୋଇ ଶ୍ରୀଯୁକ୍ତ ଯେନା ବାରମ୍ବାର ପ୍ରକଳ୍ପ ନିର୍ମାଣରେ ବାଧା ଉପୁଜଉଥିବା ନେଇ ବଜାର କମିଟି ଡେରାବିଶ ବିଡିଓଙ୍କ ପାଖରେ ଲିଖିତ ଅଭିଯୋଗ କରିଛି କମିଟି।

ଦୈନନ୍ଦିନ ଶୌଚାଳୟ ପାଇଁ ବସ ଯାତ୍ରୀ, ଛାତ୍ରଛାତ୍ରୀ, ବ୍ୟବସାୟୀ ତଥା ସାପ୍ତାହିକ ହାଟକୁ ଆସୁଥିବା ଚାଷୀ ଓ ଗ୍ରାହକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ଶୌଚାଳୟ ନିର୍ମାଣ କରିବା ସହ ବାଧା ଉପଜଉଥିବା ବ୍ୟକ୍ତି ବିରୁଦ୍ଧରେ କାର୍ଯାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଚାନ୍ଦୋଳ ବଜାର କମିଟି। ଶତାଧିକ ବ୍ୟବସାୟିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର କମିଟିର ସଭାପତି ଶିବାଶିଷ ମହାନ୍ତିଙ୍କ ନେତୃତ୍ୱରେ ସଂପାଦକ ସୁଦୀପ୍ତ ନାୟକ, ଉପଦେଷ୍ଟା ମଣ୍ଡଳିରୁ ସରୋଜକାନ୍ତ ପଣ୍ଡା ଓ ବିଚିତ୍ରାନନ୍ଦ ନାୟକ ଉପସ୍ଥିତ ରହି ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଜାଗା ଚିହ୍ନଟ କରାଯାଇ ଶୌଚାଳୟ କାମକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ବିଡିଓ ନମିତା ବାରିକ।




## କାଶ୍ମୀରରେ ହିନ୍ଦୁଙ୍କୁ ହତ୍ୟା କରିଥିବା ଆତଙ୍କବାଦୀଙ୍କୁ କଠୋର ଦଣ୍ଡ ପାଇଁ ମଶାଲ ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ,୨୬।୪ (ସଂଚାର ବ୍ୟୁରୋ):** ସମ୍ପ୍ରତି ଜାମ୍ମୁ କାଶ୍ମୀର ପହଲଗାମ ପର୍ଯ୍ୟଟନ ସ୍ଥଳୀରେ ଆତଙ୍କବାଦୀମାନେ ନିରୀହ ଭାରତୀୟ ହିନ୍ଦୁମାନଙ୍କୁ ବର୍ବୋରୋଚିତ ଭାବେ ହତ୍ୟା କରିବା ଘଟଣାକୁ ଦେଶବ୍ୟାପି ନିନ୍ଦା କରାଯିବା ସହିତ ସମ୍ପୃକ୍ତ ଆତଙ୍କବାଦୀଙ୍କ ବିରୋଧରେ କଡା ଶାସ୍ତି ବିଧାନ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରାଯାଇଛି। ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ରାଷ୍ଟ୍ରବାଦୀ ବିଚାର ମଞ୍ଚ ପକ୍ଷରୁ କାଶ୍ମୀର ପେହେଲଗାମ ଠାରେ ଆତଙ୍କବାଦୀମାନେ ନିରୀହ ଭାରତୀୟ ହିନ୍ଦୁମାନଙ୍କୁ ବର୍ବୋରୋଚିତ ଭାବେ ହତ୍ୟା କରିବା ଘଟଣାର ପ୍ରତିବାଦ ଓ ଆତଙ୍କବାଦୀ ମାନଙ୍କୁ କଠୋର ଶାସ୍ତି ବିଧାନ ଦାବୀରେ ସ୍ଥାନୀୟ ହରପାର୍ବତୀ ମନ୍ଦିର ଠାରୁ ଏକ ମଶାଲ ଶୋଭାଯାତ୍ରା କରାଯାଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରାଯାଇଥିଲା। ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ସଞ୍ଜୟ ସାହୁ ଶଶିକାନ୍ତ ସ୍ୱାଇଁ, ମିଟୁ ମନୋଜ ନାୟକ, ଆଡ଼ଭୋକେଟ ପ୍ରମୋଦ ସାହୁ, କାଉନସିଲର ବିଦ୍ୟାଧର ସେଠୀ, ଚନ୍ଦନ ପାତ୍ର,ଯୋଗେଶ ବେହେରା, ଆଡ଼ଭୋକେଟ ଶିଶିର ମଲିକ ରାଜେନ୍ଦ୍ର ଗିରି,ପାରେଶ୍ୱର ପାତ୍ର, ରାଜକିଶୋର ସାହୁ, ନଗର ବିଜେପି ସଭାପତି ଅଶୋକ ସାହୁ ରବୀନ୍ଦ୍ର ବିଶ୍ୱାଳ, ଅଭିରାମ ସାମଲ, ବ୍ରଜ କିଶୋର ପଣ୍ଡା,ବାବନ ସାହୁ ପ୍ରମୁଖ ବହୁ ରାଷ୍ଟ୍ରବାଦୀ ବିଚାର ମଞ୍ଚ ସଦସ୍ୟମାନେ ସାମିଲ ହୋଇ ଏହି ମର୍ମନ୍ତୁଦ ଘଟଣାର ପ୍ରତିବାଦ କରିବା ସହିତ ନରସଂହାରରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ କଠୋର ଶାସ୍ତି ବିଧାନ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରିଥିଲେ ।

# ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ବିରୋଧରେ ସାମୁହିକ ଦୀପଦାନ



**କେନ୍ଦ୍ରାପଡ଼ା,୨୬।୪ (ସଂଚାର ବ୍ୟୁରୋ):** ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାରେ ରହିଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପହଲଗାମ୍ ଠାରେ ପର୍ଯ୍ୟଟକଙ୍କ ଉପରେ ବର୍ବରତାର ଆତଙ୍କବାଦୀ ଆକ୍ରମଣ ଘଟଣା ସାରା ଦେଶ ଏକ ପ୍ରକାର ସ୍ତବ୍ଧ ପାଲଟିଯାଇଛି। ଯେପରି ଭାବରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ପରିଚୟ ପଚାରି ଜଣଙ୍କ ପରେ ଜଣଙ୍କ ଏପରି ୨୬ ରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ହତ୍ୟା କରିଥିବା ବେଳେ ଅନେକ ଗୁରୁତ୍ତର ରହିଛନ୍ତି ସେହି ଘଟଣାକୁ ନେଇ ସାରା ଦେଶ ନିନ୍ଦା କରୁଛି। ଏଭଳି ସମୟରେ ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ମୃତକଙ୍କ ଆତ୍ମାର ସଦଗତି କାମନା କରି ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ନିକଟରେ ବିଦ୍ୟା ଭାରତୀ ପୂର୍ବ ଛାତ୍ର ପରିଷଦ ତରଫରୁ ସାମୁହିକ ଦୀପ ଦାନ କରାଯାଇଛି। ଏହି କାର୍ଯକ୍ରମରେ କେନ୍ଦ୍ରାପଡା ଶିକ୍ଷ୍ୟା ବିକାଶ ସମିତି ସଂକୁଳ ପ୍ରମୁଖ ବଳରାମ କର, କେନ୍ଦ୍ରାପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଗିରିଶ ଚନ୍ଦ୍ର କର, ଇଚ୍ଛାପୁର ସରସ୍ୱତୀ ଶିଶୁ ମନ୍ଦିର ସଂପାଦକ ଅଶୋକ କୁମାର ସୁଆର, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ନିରଞ୍ଜନ ସୁଆର,ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ଗୋପୀନାଥ ତ୍ରିପାଠୀ, ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଂପାଦକ ବିରେନ୍ଦ୍ର କୁମାର ସାମଲ, ପୁର୍ବ ଛାତ୍ର ପରିଷଦ ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ଦାସ, ପୁର୍ବ ଛାତ୍ର ପରିଷଦ ଜିଲ୍ଲା ସଂଯୋଜକ ମନୋରଞ୍ଜନ ସ୍ୱାଇଁ, ପୁର୍ବ ଛାତ୍ର ପରିଷଦ ଜିଲ୍ଲା ସହ ସଂଯୋଜକ ଅଭିଷେକ କର, ପୁର୍ବ ଛାତ୍ର ପରିଷଦ କାର୍ଯକର୍ତ୍ତା ଯାୟେଶ କୁମାର ନନ୍ଦ, ଆଦ୍ୟାସା ପରିଡ଼ା, ଶ୍ରୀକାନ୍ତ କୁମାର କର, ସତ୍ୟବାଦୀ କର, କରନ ସାମଲ, ବାଗ୍ମୀ ବିଶ୍ୱଜିତ୍ ବାରିକ, କ୍ଷୀତିସ କୁମାର କର ଉପସ୍ଥିତ ଥିଲେ।

କାଶ୍ମୀର ଆତଙ୍କବାଦୀ ହାମଲା

# ମୃତକଙ୍କୁ ବରିଷ୍ଠ ନାଗରିକ ମଞ୍ଚର ଶ୍ରଦ୍ଧାଞ୍ଜଳି




**ପଟ୍ଟାମୁଣ୍ଡାଇ,୨୬।୪ (ସଂଚାର ବ୍ୟୁରୋ):** କାଶ୍ମୀର ପହଲିଗାମ ପର୍ଯ୍ୟଟନସ୍ଥଳୀରେ ଆତଙ୍କବାଦୀ ହମଲାରେ ମୃତକଙ୍କୁ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି କଣ୍ଡୁରି ଚରଣ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ କୋଷାଧକ୍ଷ ଚର୍ତ୍ତୁଭୂଜ ରାଉଳ, ଉପଦେଷ୍ଟା ପ୍ରଫେସର ଦୁର୍ଯୋଧନ ପରିଡା, ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ପ୍ରଫେସର ଡ. ନରହରି ଲେଙ୍କା, ପ୍ରଫେସର ଗୋଲକ ଚନ୍ଦ୍ର ମହାରଣା, ନୃସିଂହ ପ୍ରସାଦ ଚୌଧୁରୀ ଶିକ୍ଷାବିତ ଶଚିନନ୍ଦନ ଦାସ, ଇଂ ତପନ କୁମାର ପାତ୍ର, କବି ସଚିତ୍ର କୁମାର ବେହୁରା,ଶିକ୍ଷାବିତ ସୁରେଶ ଚନ୍ଦ୍ର ଜେନା, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର,ଗାଳ୍ପିକ ପ୍ରଦୀପ ନାୟକ, ଗର୍ନ୍ଧବ ଲେଙ୍କା, ଜଗନ୍ନାଥ ନାୟକ ଓ କହ୍ନାଇ ଚରଣ ପରିଡା ପ୍ରମୁଖ ଯୋଗ ଦେଇ ଆତଙ୍କବାଦୀମାନଙ୍କ ଏପରି ବର୍ବୋରଚିତକାଣ୍ଡ ସମଗ୍ର ଦେଶର ସୁରକ୍ଷା ପାଇଁ ଏକ ଆହ୍ୱାନ ବୋଲି ମତପ୍ରକାଶ କରିବା ସହିତ କଡା ଭାଷାର ଏହାର ଦୃଢ ନିନ୍ଦା କରିଥିଲେ । ଏଥି ସହିତ ଶୋକ ସନ୍ତପ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ । ମୃତକଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ରାଜନଗରରେ ନିର୍ବାଚନୀ ବିଗୁଲ

# ସରପଞ୍ଚ ଓ ଜିଲ୍ଲା ପରିଷଦ ପଦବୀ ପାଇଁ ହେବ ନିର୍ବାଚନ

**୧୪ ପଞ୍ଚାୟତର ୧୭ ୱାର୍ଡ ସଭ୍ୟ ପାଇଁ ହେବ ନିର୍ବାଚନ**

**ଭୋଟର ତାଲିକା ପ୍ରଦର୍ଶନ ପରେ ବଢ଼ିଲା ଚର୍ଚ୍ଚା**

**ରାଜନଗର,୨୬।୪ (ସଂଚାର ବ୍ୟୁରୋ):** ରାଜନଗରରେ ପୁଣି ନିର୍ବାଚନୀ ଉଷ୍ମତା। ପଞ୍ଚାୟତ ନିର୍ବାଚନକୁ ଆଉ ୨ ବର୍ଷରୁ କମ ସମୟ ବାକି ଥିବା ବେଳେ ରାଜନଗର ବ୍ଲକରେ ଆଉଥରେ ଖାଲି ପଡ଼ିଥିବା ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ନିର୍ବାଚନ କରିବାକୁ ପକ୍ରିୟା ଆରମ୍ଭ ହୋଇଛି। ଗତକାଲି ପଞ୍ଚାୟତ ସ୍ତରରେ ଭୋଟର ତାଲିକା ପଦର୍ଶନ ପରେ ଗ୍ରୀଷ୍ମ ତାତି ଭିତରେ ନିର୍ବାଚନୀ ତାତି ଆରମ୍ଭ ହୋଇଯାଇଛି।

ରାଜନଗର ବ୍ଲକର ୩୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ପ୍ରତିହାରୀ କଂଗ୍ରେସ ଟିକେଟରେ ବିଧାନସଭା ନିର୍ବାଚନରେ ଲଢ଼ିବା ପାଇଁ ପଦରୁ ଇସ୍ତଫା ଦେଇଥିଲେ। ୧ ବର୍ଷ ହେଲା ଏହି ପଦବୀ ଖାଲି ପଡ଼ିଛି। ବେଲପାଳ ଓ ବାଲିସାହିପାଟଣା ସରପଞ୍ଚ ଅନାସ୍ଥାରେ ପଦ ହରାଇଛନ୍ତି। ୩୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟ, ବେଲପାଳ ସରପଞ୍ଚ ଓ ବାଲିସାହିପାଟଣା ସରପଞ୍ଚ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥି ସହିତ ନିକଟରେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ରାଜପୁର ପଞ୍ଚାୟତର ୧୧ ନମ୍ବର ୱାର୍ଡ ସଭ୍ୟ ସମେତ ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ସରକ୍ଷଣ ପାଇଁ ନିର୍ବାଚନ ହୋଇ ପାରିନଥିବା ବନ୍ଧପଡାର ୮ ଓ ୧୧ ନମ୍ବର, ଓସ୍ତିଆ ପଞ୍ଚାୟତର ୧୭ ନମ୍ବର, ରାଜନଗରର ୧୦ ନମ୍ବର, ସାନବଡଗୋପାଳପୁରର ୧୨ ନମ୍ବର, କଣ୍ଡିରାର ୮ ନମ୍ବର, କୋଇଲିପୁରର ୧୨ ନମ୍ବର, ଭିତରଗଡ଼ର ୧୦ ନମ୍ବର, ବ୍ରାହ୍ମଣସାହିର ୯ ନମ୍ବର, ବାଘମାରୀର ୧ ଓ ୯ ନମ୍ବର, ଡାଙ୍ଗମାଳର ୩ ନମ୍ବର, ଘଡିଆମାଳର ୧ ଓ ୨ ନମ୍ବର, ଇଶ୍ୱରପୁରର ୯ ନମ୍ବର ଓ ସାତଭାୟାର ୧ ନମ୍ବର ୱାର୍ଡ ସଭ୍ୟ ପଦବୀ ପାଇଁ ନିର୍ବାଚନ ହୋଇପାରେ। ଏହି ସବୁ ପଞ୍ଚାୟତରେ ୨୪ ତାରିଖରେ ଭୋଟର ତାଲିକା ପଦର୍ଶନ କରାଯିବା ପରେ ନିର୍ବାଚନ ହେବାର ପକ୍ରିୟା ଆରମ୍ଭ ହୋଇଛି ବୋଲି କୁହାଯାଉଛି।

ଜିପିଓଙ୍କ ସୂଚନା ମୁତାବକ ଯେଉଁ ପଞ୍ଚାୟତ ଗୁଡିକରେ ନିର୍ବାଚନ ହେବ ସେହି ପଞ୍ଚାୟତରେ ୨୪ ତାରିଖରେ ଭୋଟର ତାଲିକା ପଦର୍ଶନ କରାଯାଇଛି। ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ୩୦ ତାରିଖ ଯାଏଁ ଅଭିଯୋଗ ଗ୍ରହଣ କରାଯିବ। ୬ ମଇରେ ଫାଇନାଲ ଭୋଟର ତାଲିକା ପ୍ରକାଶ କରାଯିବ। ୧୬ ମଇରେ ଫାଇନାଲ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯିବ ବୋଲି ସୂଚନା ଦେଇଛନ୍ତି। ଫାଇନାଲ ଭୋଟର ତାଲିକା ଦାଖଲ ପରେ ରାଜ୍ୟ ନିର୍ବାଚନ କମିଶନ ସାରା ରାଜ୍ୟରେ ଖାଲି ପଡ଼ିଥିବା ପଦବୀ ପାଇଁ ନିର୍ବାଚନ ତାରିଖ ଘୋଷଣା କରିବେ ବୋଲି କୁହାଯାଉଛି।

# ଉର୍ମିଳା ମହାନ୍ତିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ମାହାଙ୍ଗା,୨୬।୪ (ସଂଚାର ବ୍ୟୁରୋ):** ବିରୂପା ପୂଜ୍ୟ ପୂଜା ପ୍ରତିଭା ସଂସଦ, ଆନୁକୂଲ୍ୟରେ ସମସରପୁର ପଞ୍ଚାୟତର ପ୍ରଥମ ମିତିସଭ୍ୟା ଉର୍ମିଳା ମହାନ୍ତିଙ୍କ ଏକାଦଶାହ ତିଥିରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ ତଥା ସାରସ୍ୱତ ସଂଗଠକ ଅଶୋକ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ଅଖିଳେଶ ପଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେବା ଓ ତ୍ୟାଗକୁ ଜୀବନର ସର୍ବଶ୍ରେଷ୍ଠ ବ୍ରତ ଭାବେ ଗ୍ରହଣ କରିଥିବା ଏହି ଧର୍ମପ୍ରାଣ, ମିଷ୍ଟଭାଷୀ ମହିଳାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ ଦେଇଥିଲେ ।

ସମ୍ମାନୀତ ଅତିଥି ଭାବେ ମାହାଙ୍ଗା ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧକ୍ଷ ବିଜୟ ମହାପାତ୍ର, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ କୁମାର କର, ପୂର୍ବତନ ସମିତିସଭ୍ୟ ଅରବିନ୍ଦ ମହାନ୍ତି, ଡାକ୍ତର ଲଳିତ କୁମାର ବେହେରା, ହିମାଂଶୁ ଶେଖର ମହାପାତ୍ର, ପଣ୍ଡିତ ମାନସ କୁମାର ମିଶ୍ର, ସମାଜସେବୀ ରବିନାରାୟଣ ମହାନ୍ତି, ବିରୂପା ପୂଜ୍ୟପୂଜା ପ୍ରତିଭା ସଂସଦର ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଡାକ୍ତର ଲିସ୍ମିତା ପ୍ରିୟଦର୍ଶିନୀ, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ସତ୍ୟଜିତ କିଶୋର ଦାସ, ପ୍ରବୀର କୁମାର ଦାସ, ଶୁଭେନ୍ଦୁ ମହାନ୍ତି, ପ୍ରମୁଖ ଯୋଗଦେଇ ଉର୍ମିଳା ଦେବୀଙ୍କ ବହୁମୁଖୀ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ ।




ଅନ୍ୟମାନଙ୍କ ମଧ୍ୟରେ ବଂଶୀଧର ରାଉତ, ଅଭିମନ୍ୟୁ ମହାପାତ୍ର, ସନ୍ତୋଷ କୁମାର ମହାନ୍ତି, ତାପସ କୁମାର ମହାନ୍ତି, ସଂଜୀବ ମହାନ୍ତି, ତାରକେଶ୍ୱର ମହାନ୍ତି, ସାମ୍ବାଦିକ ଶୈଳମଣୀ ସାହୁ ସସ୍ମିତା ମହାନ୍ତି, କବିତା ମହାନ୍ତି, ମଧୁସ୍ମିତା ମହାନ୍ତି,ପିଙ୍କି ମହାନ୍ତି ପ୍ରମୁଖ ସ୍ୱର୍ଗୀୟା ଉର୍ମିଳା ଦେବୀଙ୍କ ସ୍ମୃତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ



- ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ କରିବାରେ କସ୍ତୁରୀରଙ୍ଗନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ
- କସ୍ତୁରୀରଙ୍ଗନଙ୍କ ବିୟୋଗ ମୋ ପାଇଁ ଏକ ବ୍ୟକ୍ତିଗତ କ୍ଷତି

**ଭୁବନେଶ୍ୱର,୨୬।୪ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ତଥା ଜାତୀୟ ଶିକ୍ଷା ନୀତିର ଶିଳ୍ପୀକାର ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ତାଙ୍କର ବିୟୋଗ କେବଳ ବିଶ୍ୱ ବୈଜ୍ଞାନିକ ଓ ଶୈକ୍ଷିକ ସମୁଦାୟ ପାଇଁ ନୁହେଁ, ବରଂ ମୋ ପାଇଁ ଏକ ବ୍ୟକ୍ତିଗତ କ୍ଷତି । ମୋ ପାଇଁ ସେ ଜଣେ ପରାମର୍ଶଦାତା ଠାରୁ ବହୁତ ଅଧିକ ଥିଲେ । ବର୍ଷ ବର୍ଷ ଧରି ତାଙ୍କ ସ୍ନେହ, ଆଶୀର୍ବାଦ ଏବଂ ମାର୍ଗଦର୍ଶନ ପାଇଥିବାରୁ ମୁଁ ନିଜକୁ ପ୍ରକୃତରେ ଭାଗ୍ୟବାନ ମନେ କରୁଛି । ଡକ୍ଟର କସ୍ତୁରୀରଙ୍ଗନ ଜଣେ ବୁଦ୍ଧିଜୀବୀ ଏବଂ ପ୍ରକୃତ କର୍ମଯୋଗୀ ଓ ଦୂରଦର୍ଶୀ। ଯାହାଙ୍କ ଅବଦାନ ଆଧୁନିକ ଭାରତର ବୈଜ୍ଞାନିକ, ଶିକ୍ଷାଗତ ଏବଂ ନୀତି କ୍ଷେତ୍ରର ସ୍ଥାପତ୍ୟକୁ ଆକାର ଦେଇଥିଲା । ସେ କେବଳ ଜଣେ ପ୍ରତିଭାଶାଳୀ ବୈଜ୍ଞାନିକ କିମ୍ବା ଜଣେ ପ୍ରସିଦ୍ଧ ନୀତି ନିର୍ମାତା ନୁହଁନ୍ତି; ଶବ୍ଦର ସବୁ ଅର୍ଥରେ ସେ ଜଣେ ରାଷ୍ଟ୍ର ନିର୍ମାତା ଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରସ୍ତୁତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ତାଙ୍କ ଦୂରଦୃଷ୍ଟିର ଏକ ସ୍ଥାୟୀ ପ୍ରମାଣ। ତାଙ୍କର ବୁଦ୍ଧି, ଦୃଢ଼ ନେତୃତ୍ୱ ଏବଂ ଦେଶ ପ୍ରତି ତାଙ୍କର ନିଃସ୍ୱାର୍ଥପର ସେବା ପାଇଁ ଭାରତ ସର୍ବଦା ଋଣୀ ରହିବ। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ସରକାର ଦେଉଥିବା ସାମଗ୍ରୀକୁ ଚାଷୀଙ୍କ ପାଖରେ ପହଞ୍ଚାଅ: ମହେଶ୍ୱର

**ଭୁବନେଶ୍ୱର ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କଲେ**

**ସରକାରୀ ବିହନରେ ଚାଷ ହୋଇଥିବା କ୍ଷେତ ବୁଲି ଦେଖିଲେ**



**ଭୁବନେଶ୍ୱର,୨୬।୪ (ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ଉନ୍ନତି ପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି। ସେମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ବହୁ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏସବୁ ଯୋଜନା ତୃଣମୂଳସ୍ତରରେ ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ଏବଂ ତାହାର ସଫଳ ରୂପାୟନ ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ସେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଶ୍ରୀମତୀ ରଣଜିତା ଜୀ, ସହ କୃଷି ଅଧିକାରୀ ଶ୍ରୀମତୀ ସବିତା ଦାଶ, ସୁନିତା ମହାପାତ୍ର, ସ୍ମୃତି ରଞ୍ଜନ ତ୍ରିପାଠୀ, ନିହାର ରଞ୍ଜନ ବରାଳ, ସରୋଜ କୁମାର ମହାନ୍ତି, ସୁଜାତା ପରିଡାଙ୍କ ସମେତ ସମସ୍ତ କୃଷି କର୍ମଚାରୀ ଉପସ୍ଥିତ ଥିଲେ।

ଓଡ଼ିଶାକୁ ଖାଦ୍ୟ ଶସ୍ୟରେ ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଚାଷୀଙ୍କୁ ଆଳୁ ବିହନ, ମୁଗ, ବିରି, ସୋରିଷ, ମଶୁର ଓ ଚିନାବାଦାମ ବିହନ ମାଗଣାରେ ଯୋଗାଇ ଦେଉଛନ୍ତି। ଏଥିସହ ସାର ଓ କୀଟନାଶକ ମଧ୍ୟ ମାଗଣାରେ ପ୍ରଦାନ କରୁଛନ୍ତି। ଏସବୁ ଜିନିଷ ଚାଷୀମାନଙ୍କ ପାଖରେ ଠିକ୍ ଭାବେ ପହଂଚୁଛି କି ନାହିଁ ତାହାର ତଦାରଖ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାହୁ ଉପରୋକ୍ତ ଅଧିକାରୀମାନଙ୍କ ନିକଟରେ ଦାବି କରିଥିଲେ। ଏହାପରେ ଶ୍ରୀ ସାହୁ ବିହନ ପାଇ ଚାଷ କରିଥିବା ଜୟପୁର, ଇଡିପୁର, ଡିହପୁର, ବସନ୍ତପୁର ପ୍ରମୁଖ ଗ୍ରାମର କ୍ଷେତକୁ ଯାଇ ଫସଲ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟ ସଂଯୋଜକ ଡ. ଜଗନ୍ନାଥ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ବିଶ୍ୱାଳ, ଶିବ ପ୍ରସାଦ ମିଶ୍ର, ସୁଦର୍ଶନ ବିଶ୍ୱାଳ, ଭୁବନେଶ୍ୱର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ସ୍ୱାଇଁ, ଅଜୟ କୁମାର ସାମନ୍ତରାୟ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅକ୍ଷୟ କୁମାର ସାହୁ, ରାଜା ଖଟୁଆ, ରତ୍ନାକର ଶୁକ୍ଳା, ଅରୁଣ କୁମାର ପୁରୋହିତ, ସୁବାଶିଷ ମୁର୍ଖି, ଅଶୋକ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ।

## ରତିକାନ୍ତଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ; ସବୁ ବର୍ଗର ଲୋକ ସାମିଲ୍

# ମୋ ହାତଧରି ରାଜନୀତିରେ ଆଗକୁ ବଢ଼ିବାର ପ୍ରେରଣା ଦେଇଥିଲେ: ବାଚସ୍ପତି



**ଭୁବନେଶ୍ୱର,୨୬।୪ (ସଂଚାର ବ୍ୟୁରୋ):** ନିକଟରେ ପରଲୋକ ଗମନ କରିଥିବା ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କୁ ଶନିବାର ଦିନ ବହୁ ପ୍ରତିଷ୍ଠିତ ରାଜନେତା, ଖବରକାଗଜ ସମ୍ପାଦକ, ସାମ୍ବାଦିକ ଓ ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତି ଏକ ବିଶେଷ ସ୍ମୃତି ସଭାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଏହି ସ୍ମୃତିସଭାକୁ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପ୍ରଜ୍ଞ ଆଚାର୍ଯ୍ୟ, ପଂଚାନନ କାନୁନଗୋ ଓ ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ ଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରତିକାନ୍ତ ମହାନ୍ତିଙ୍କ ଝିଅ ପୂଜା ମହାନ୍ତି ଓ ବନ୍ଦନା ମହାନ୍ତିଙ୍କ ସମେତ ତାଙ୍କ ପରିବାରର ଅନେକ ବ୍ୟକ୍ତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ନିଜ ଶ୍ରଦ୍ଧାଞ୍ଜଳିରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ, ରତିକାନ୍ତ ମହାନ୍ତି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ। ସେ ତାଙ୍କର ହାତ ଧରି ରାଜନୀତିରେ କିପରି ଉପରକୁ ଉଠିବାକୁ ହେବ ସେ ନେଇ ତାଙ୍କର ମାର୍ଗ ଦର୍ଶନ କରିଥିଲେ ବୋଲି କହିବା ସହିତ ତାଙ୍କର ରିପୋର୍ଟିଂ ଶୈଳୀ ସବୁଠାରୁ ନିଆରା ଓ ଭିନ୍ନ ଥିଲା ବୋଲି କହିଥିଲେ । ଜଣେ ସଚ୍ଚୋଟ, ନିର୍ଭିକ ଓ ସମର୍ପିତ ସାମ୍ବାଦିକ ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ପ୍ରଦର୍ଶିତ ମାର୍ଗରେ ଆମେ ଯଦି ଚାଲିପାରିବା ତେବେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ । ଏହି ସହିତ ରତି ଭାଇଙ୍କ ସ୍ମୃତିକୁ ସବୁଦିନ ସାଇତା ପାଇଁ ରତି ଭାଇ ସ୍ମୃତି କମିଟି ଯାହା ପରାମର୍ଶ ଦେବ ବିଧାନସଭା ତାହା ସହୃଦୟତାର ସହିତ ବିଚାର କରିବ ବୋଲି ସେ କହିଥିଲେ ।

ରତିକାନ୍ତ ସହିତ ତାଙ୍କର ବେଶ୍ ଘନିଷ୍ଠତା ଥିଲା । ସେ କେବେ କିଛି କେବେ ମାଗିନଥିଲେ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ। ରତିକାନ୍ତ ସ୍ମୃତି କମିଟି ଅଧ୍ୟକ୍ଷ ରବିଦାସ ଓ ସ୍ମୃତି କମିଟି ସମ୍ପାଦକ ପ୍ରଭୁକଲ୍ୟାଣ ମହାପାତ୍ରଙ୍କ ଦ୍ୱାରା ସଂଚାଳିତ ଏହି ସ୍ମୃତିସଭାରେ ପୂର୍ବ ପ୍ରୟାଗ ହରିଚନ୍ଦନ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଂଜୟ ଦାସ ବର୍ମା, ବିଜୟ ନାୟକ, ଅନନ୍ତ ଜେନା, ସୁଦର୍ଶନ ଦାସ, ବିଜେପି ନେତା ଗୋଲକ ମହାପାତ୍ର, ସିପିଏମ୍ ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ପ୍ରଦ୍ୟୁମ୍ନ ଶତପଥୀ, ବଟକୃଷ୍ଣ ତ୍ରିପାଠୀ, ରାଜେଶ ମହାପାତ୍ର, ପ୍ରସନ୍ନ ମହାନ୍ତି, ସନ୍ଦୀପ ସାହୁ ସୁଭାଶିଷ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ସନ୍ଦୀପ ମିଶ୍ର, ପ୍ରତୋଷ ପଟ୍ଟନାୟକ, ପ୍ରସନ୍ନ ଦାଶ, ଦେବନାରାୟଣ ଷଡ଼ଙ୍ଗୀ, ମନୋରଂଜନ ମିଶ୍ର, ଅଶୋକ ସାହୁ, ଦିଲ୍ଲୀପ ସୁବୁଦ୍ଧି, ମାଧବାନନ୍ଦ ବେହୁରା, ମିଶ୍ର, ବିଭୂତି କର, ପବିତ୍ର ମହାରଥ, ସାମାଜଂନ ପଟ୍ଟନାୟକ, ବିବେକ ଜେନା, ରମେଶ ସ୍ୱାଇଁ, ସଂଜୟ ଜେନା, ଅକ୍ଷୟ କୁମାର ସାହୁ, ବିରୂପାକ୍ଷ ତ୍ରିପାଠୀ, ଯଯାତି ମହାନ୍ତି, ଗିରିଜା ଶଙ୍କର ଦାଶ, ଜିଲ୍ଲାପ ବିଶୋଇ, ସିରାଜ ଅହମଦ, ଜ୍ଞାନରଂଜନ ଦାସ, ବିପିନ୍ ସିଂହ, ପ୍ରଦୀପ ରାଉତ, ପବିତ୍ର ସେନାପତି, ପାର୍ଥସାରଥୀ ଜେନା, ଦେବଦତ୍ତ ପାତ୍ର, ଦେବ ମହାନ୍ତି, ଦୀପକ ମହାପାତ୍ର, ଚିନ୍ମୟ ମହାପାତ୍ର, ଅପୂର୍ବ ମହାନ୍ତି, ସାରଦା ବେହେରା, ଅବିନାଶ ମିଶ୍ର, ପ୍ରିୟରଂଜନ ସାହୁ, ସଂଜୟ ଦାସ, ଭାଗବତ ତ୍ରିପାଠୀ, ସୁରେଶ କର, ଦୀପକ କୁମାର କର, ଅରବିନ୍ଦ କୁଅଁର, ସୁକାନ୍ତ ମହାନ୍ତି, ରିଖାଜ ମହମ୍ମଦ, ଲୋପାମୁଦ୍ରା ଜେନା, ନଳିନୀ ସାହୁ, ସୂର୍ଯ୍ୟକାନ୍ତି ନାୟକ, ଇଂଜିନିୟର ଲଳିତ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଅନେକ ମତ ବ୍ୟକ୍ତ କରିଥିଲେ। ରତି ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉନ୍ମୋଚିକା ଭାବେ ଉପସ୍ଥିତ ରହିଥିଲେ ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ। ତାଙ୍କ କର କମଳରେ ଏହି ସ୍ମରଣୀକାକୁ ଉନ୍ମୋଚିତ କରାଯାଇଥିଲା।

# ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ



**ଦିଗପହଣ୍ଡି,୨୬।୪ (ସଂଚାର ବ୍ୟୁରୋ) :** ଦିଗପହଣ୍ଡି ବ୍ଲକ କଇଠଡ଼ା ପଞ୍ଚାୟତ ଗୁଣ୍ଡପଡ଼ା ଗ୍ରାମର ଇଂ. ଏ ଏଣ୍ଡୁପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶନିବାର ମଧ୍ୟାହ୍ନରେ ଦିଗପହଣ୍ଡି ପୋଲିସ ବ୍ରହ୍ମପୁର ବଡ ଡାକ୍ତରଖାନାରେ ପହଞ୍ଚି ଥିଲା। ଅପମୃତ୍ୟୁ ମାମଲା ନଂ. ୧୫/୨୫ ଅନୁଯାୟୀ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସେ ଶୁକ୍ରବାର ଭୀଷ୍ମଗିରି ଗ୍ରାମରେ ରହୁଥିବା ଭଉଣୀ ଘରକୁ ଯାଇଥିଲେ। ରାତିରେ ସେ ଆକସ୍ମିକ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା କହିଛନ୍ତି।

# ଏପ୍ରିଲ ୨୯ରୁ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି



**ପୁରୀ,୨୬।୪ (ସଂଚାର ବ୍ୟୁରୋ) :** ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତିକୁ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି । ୨୯ ଏପ୍ରିଲ ଠାରୁ ଜୁନ ୨୭ ତାରିଖ ପର୍ଯ୍ୟନ୍ତ ବିଶେଷ ନୀତି ଥିବା କାରଣରୁ ମରାମତି କାର୍ଯ୍ୟ ବନ୍ଦ ରଖାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ସେହିପରି ତେବେ ରଥଯାତ୍ରା ପରଦିନ ଠାରୁ ଭିତର ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଭଣ୍ଡାର ଗୃହରେ ୯ଟି ବିମ ସ୍ଥାପନ କରାଯାଇଥିବାବେଳେ ଆଉ ୫ଟି ବିମ ଲଗାଯିବାକୁ ରହିଛି ।

ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବାହାର ଓ ଭିତର ଚନ୍ଦନଯାତ୍ରା, ସ୍ନାନଯାତ୍ରା ଓ ଅନବସର ନୀତି ଯୋଗୁଁ ୨୯ ତାରିଖ ଠାରୁ ଜୁନ ୨୭ ପର୍ଯ୍ୟନ୍ତ ବନ୍ଦ ରହିବ ରତ୍ନ ଭଣ୍ଡାର ମରାମତି କାର୍ଯ୍ୟ । ଜୁନ ୨୮ ଠାରୁ ପୁଣି ମରାମତି କରାଯାଇ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଭଣ୍ଡାରର ଭିତର ଓ ବାହାରେ ପ୍ରାୟ ୨୭୭ ଖଣ୍ଡ ପଥର ଲଗାଯାଇଛି । ୯ଟି ବକ୍ସ ବିମ ମଧ୍ୟ ସ୍ଥାପନ କରାଯାଇଛି । ବାକିଥିବା ଆଉ ୫ଟି ବିମ ମଧ୍ୟ ଲଗାଯିବ । ଲେଜର ସ୍କାନିଂ ରିପୋର୍ଟ ଅନୁସାରେ ବୈଷୟିକ କାର୍ଯ୍ୟ କରାଯାଉଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ତେବେ ରତ୍ନ ଭଣ୍ଡାର ଅମୂଲ୍ୟ ଦେଉଳର ବାହାର ପାର୍ଶ୍ୱକ କେମିକାଲ ୱାସିଂ କରାଯିବା ସହ ମରାମତି ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ରଥଯାତ୍ରା ପରେ ବାକି କାମ ସାରିବାକୁ ଲକ୍ଷ୍ୟ ରଖିଛି ଏଏସଆଇ । ଗତବର୍ଷ ଡିସେମ୍ବର ୧୭ ତାରିଖରୁ ଭିତର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଏସଆଇକୁ ବର୍ତ୍ତମାନ ସୁଦ୍ଧା ୧୯୩ ଘଣ୍ଟା ୫ ମିନିଟ ସମୟ ମିଳିଛି । ନୀତିକାନ୍ତି ହେତୁ ମରାମତି କାମ ଅନେକ ସମୟରେ ବନ୍ଦ ରହିଛି । ସେପଟେ ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ମରାମତିକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ସେବାୟତ । ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ବସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଏସଆଇ ଓ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ସମେତ ଦେଉଳ କରଣ, ତଡ଼ଉ କରଣ, ଭଣ୍ଡାର ମେକାପ ଆଦି ଯୋଗ ଦେଇଥିଲେ ।

# ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

**ଦିଗପହଣ୍ଡି,୨୬।୪ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମଶରେ ଘଟିଛି ଲଜ୍ଜାଜନକ ତଥା ହୃଦୟ ବିଦାରକ ଘଟଣା। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ୪ ବର୍ଷର ଶିଶୁକନ୍ୟାଙ୍କ କ୍ଷତାକ୍ତ ମୃତଦେହକୁ ଶନିବାର ସକାଳେ ପାଟପୁର ପୋଲିସ ଜବତ କରି ଛାନ୍‌ଭିନ୍ ଚଳାଇଛି। ତାଙ୍କୁ ବଳାତ୍କାର ପରେ ଜଘନ୍ୟ ଭାବେ ହତ୍ୟା କରାଯାଇଥିବା ଗ୍ରାମବାସୀ ପୋଲିସକୁ କହିଛନ୍ତି। ମୃତକ ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମର ଅଶୋକ ସ୍ୱାଇଁଙ୍କ ଶିଶୁକନ୍ୟା। ଅଶୋକ ଖଲିଙ୍ଗି ଗ୍ରାମ ଚନ୍ଦନନଗରର ରାଧା ନାହାକଙ୍କ ଝିଅକୁ ବିବାହ କରିଛନ୍ତି। ଗତ ୧୮ ତାରିଖରୁ ଚାଲିଥିବା ଯାତ୍ରା ଦେଖିବାକୁ ଶିଶୁକନ୍ୟା ଜଣକ ମା' ସହ ଅଜା ଘର ଗାଁକୁ ଆସିଥିଲେ। ଶୁକ୍ରବାର ଥିଲା ଯାତ୍ରାର ଉଦ୍‌ଯାପନ ଦିବସ। ଖୁସି ମନରେ ଯାତ୍ରା କମିଟି କର୍ମକର୍ତ୍ତା ସଦସ୍ୟ ବୃନ୍ଦ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରୁଥିବା ବେଳେ ସନ୍ଧ୍ୟାରେ ଶିଶୁକନ୍ୟା ଜଣକ ଘର ନିକଟରେ ସାଙ୍ଗସାଥୀଙ୍କ ସହ ଖେଳୁଥିବା ବେଳେ ଆକସ୍ମିକ ଭାବେ ନିଖୋଜ ହୋଇଯାଇଥିଲେ। ଏନେଇ ଯାତ୍ରା କମିଟି ପକ୍ଷରୁ ମାଇକ ଯୋଗେ ସୂଚନା ଦିଆଯାଇଥିଲା।ପରେ ପାଟପୁର ଥାନାକୁ ନିଖୋଜ ସମ୍ପର୍କରେ ଖବର ଦିଆଯିବା ପରେ ପାଟପୁର ପୋଲିସ ଟିମ୍ ଗାଁରେ ପହଞ୍ଚି ସବିଶେଷ ତଦନ୍ତ କରି ଫେରିଥିଲେ। ପରିବାର ଲୋକେ ରାତି ସାରା ଉଜାଗର ରହି ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ଗ୍ରାମର କିଛି ବ୍ୟକ୍ତି ଶନିବାର ସକାଳେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ଶିଶୁକନ୍ୟାଙ୍କ ମୃତଦେହ ଦେଖିଥିଲେ। ଏନେଇ ପାଟପୁର ଥାନା କୁ ଖବର ଦିଆଯାଇଥିଲା। ଆଇଆଇସି ଦୀପ୍ତିରଞ୍ଜନ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଆସିକା ଏସଡିପିଓ ସନ୍ତୋଷ କୁନାର ଜେନା ଛତ୍ରପୁରରୁ ଆସିଥିବା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ଦାରା ତଦନ୍ତ ପରେ ଶିଶୁକନ୍ୟାଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଅମାନବୀୟ ଛାତିଥରା ଲୋମହର୍ଷକ ବର୍ବୋରଚିତ ହତ୍ୟା ଘଟଣାର ପର୍ଦ୍ଦାଫାଶ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପୋଲିସ ଘଟଣାସ୍ଥଳରୁ କିଛି ସାମଗ୍ରୀ ଜବତ କରିଛନ୍ତି। ଖବରପାଇ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଗ୍ରାମରେ ପହଞ୍ଚି ଗ୍ରାମବାସୀ ଏବଂ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ଆଲୋଚନା କରି ଫେରିଛନ୍ତି।

## ନବ ଦାସ ହତ୍ୟା ମାମଲା

# ଗୋପାଳ ସ୍ତ୍ରୀଙ୍କ ବୟାନ ରେକର୍ଡ କଲା କ୍ରାଇମ୍‌ବ୍ରାଞ୍ଚ



**ବ୍ରହ୍ମପୁର,୨୬।୪ (ସଂଚାର ବ୍ୟୁରୋ) :** ରାଜ୍ୟର ପୂର୍ବତନ ସ୍ୱାସ୍ଥମନ୍ତ୍ରୀ ସ୍ୱର୍ଗତ ନବ ଦାସ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ପୁଣି ଥରେ ତନାଘନା। ବ୍ରହ୍ମପୁରରେ ଜାରି ରହିଥିବା ତଦନ୍ତର ତୃତୀୟ ଦିନରେ ଗିରଫ ଅଭିଯୁକ୍ତ ପୋଲିସ ଏ.ଏସ୍.ଆଇ ଗୋପାଳଙ୍କ ପତ୍ନୀଙ୍କୁ ପଚରାଉଚରା କରିଛି କ୍ରାଇମବ୍ରାଞ୍ଚ ଟିମ୍। ଶନିବାର କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ସହରର ଆଙ୍କୁଲି ସ୍ଥିତ ଗୋପାଳ ଦାସଙ୍କ ଘରେ ତାଙ୍କ ପତ୍ନୀ ଜୟନ୍ତୀ ଦାସଙ୍କୁ ପଚରାଉଚରା କରିବା ସହିତ ବୟାନ ରେକର୍ଡ କରିଛି। ବ୍ରହ୍ମପୁର ସହରରେ ଗତ ତିନି ଦିନ ମଧ୍ୟରେ କ୍ରାଇମବ୍ରାଞ୍ଚ ମୋଟ ୧୧ ଜଣଙ୍କୁ ପଚରାଉଚରା କରିଛି। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ଧରି ଅଭିଯୁକ୍ତ ଗୋପାଳଙ୍କ ପତ୍ନୀଙ୍କୁ ପଚରାଉଚରା କରିଥିଲା କ୍ରାଇମବ୍ରାଞ୍ଚ। ରାଜ୍ୟର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସ ହତ୍ୟାକାଣ୍ଡ ଘଟଣାରେ ଝାରସୁଗୁଡା ପରେ ବ୍ରହ୍ମପୁର ସହରରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ଗତ ତିନି ଦିନ ଧରି ଖୋଳତାଡ଼ ଜାରି ରଖିଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସ ହତ୍ୟାକାଣ୍ଡ ଘଟଣା ଘଟିବା ପୂର୍ବରୁ ଏହି ଘଟଣାରେ ଗିରଫ ଏକମାତ୍ର ଅଭିଯୁକ୍ତ ପୋଲିସ ଏ.ଏସ୍.ଆଇ ଗୋପାଳ ଦାସଙ୍କ ସିଡିଆର୍ ମୁତାବକ ବ୍ରହ୍ମପୁରକୁ ଆସିଥିବା କ୍ରାଇମବ୍ରାଞ୍ଚ ଟିମ୍ ପାଖାପାଖି ୧୧ ଜଣଙ୍କୁ ଡାକି ଅଭିଯୁକ୍ତ ଗୋପାଳ ଦାସ କଣ କଥାହୋଇଥିଲେ ସେ ନେଇ ପଚରାଉଚରା କରିଛି।



# ସିଆରପି ଫ୍ଲାଏଓଭରରେ ଜଳିଗଲା ଟ୍ରଲର

**ଭୁବନେଶ୍ୱର,୨୬।୪ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ସିଆରପି ଓଭରବ୍ରିଜରେ ଉପରେ ଜଳିଗଲା ଟ୍ରଲର । ଜେସିବି ଲୋଡ଼ କରି କଟକରୁ ଖୋର୍ଦ୍ଧା ଯାଉଥିବା ଟ୍ରଲର ଗାଡି ଜଳିଯାଇଛି। ଓଭର ଲୋଡିଂ ସହ ସଟ ସର୍କିଟ କରଣରୁ ଗାଡିରେ ନିଆଁ ଲାଗିଥିବା ଅନୁମାନ କରିଛି ଅଗ୍ନିଶମ ବିଭାଗ । ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଗାଡି ଚାଳକ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ଘଟଣା ସ୍ଥଳରେ ନୟାପଲ୍ଲୀ ଥାନା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

# ସ୍ତ୍ରୀ ଜମିକୁ ନିଜ ନାଁରେ କରିବାକୁ ଚାହୁଁଥିଲା ସ୍ୱାମୀ, ରାଜି ନହେବାରୁ ସ୍ତ୍ରୀ ଓ ଦୁଇ ପୁଅଙ୍କୁ ମରଣାନ୍ତକ ଆକ୍ରମଣ

**ଜଟଣୀ ୨୬।୪(ସଂଚାର ବ୍ୟୁରୋ):** ସ୍ତ୍ରୀ ଓ ଦୁଇ ପୁଅକୁ ନୃସିଂହ ଭାବରେ ହାଣିଲା ସ୍ୱାମୀ। ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ଗଜପତି ନଗର ରେଡଙ୍ଗ କଲୋନୀ ରୋଡରେ। ଶୁକ୍ରବାର ରାତିରେ ଅମୂଲ୍ୟ ସାହୁ ସ୍ତ୍ରୀ ଓ ଦୁଇ ପୁଅକୁ ଏକ ଧାରୁଆ ଅସ୍ତ୍ରରେ ହାଣିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ବିବାହ ଦିନ ଠାରୁ ଅମୂଲ୍ୟ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ ବୋଲି ମହିଳାଙ୍କ ଭାଇ ଅଭିଯୋଗ କରିଛନ୍ତି । ଅମୂଲ୍ୟ ନିଜ ସ୍ତ୍ରୀଙ୍କ ନାଁରେ ଥିବା ଜମିକୁ ନିଜ ନାଁରେ କରିବା ପାଇଁ କହିଥିଲେ । ସ୍ତ୍ରୀ ରାଜି ନ ହେବାରୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ।

# କଲରାପତରିଆ ବାଘ ଆକ୍ରମଣରେ ଶିଶୁ ଗୁରୁତର

**ଉମରକୋଟ,୨୬।୪(ସଂଚାର ବ୍ୟୁରୋ) :** କିଛି ଦିନର ବ୍ୟବଧାନ ପରେ ପୁଣିଥରେ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଦେଖା ଦେଇଛି କଲରାପତରିଆ ବାଘର ଆତଙ୍କ । ଶୁକ୍ରବାର ସନ୍ଧ୍ୟା ସମୟରେ ଏକ କଲରା ପତରିଆ ବାଘ ଜଣେ ଶିଶୁଙ୍କୁ ରକ୍ତାକ୍ତ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ସୀମାନ୍ତ କାଂକେର ଜିଲ୍ଲା ଦୁଧୱା ସାରୋନା ଅଞ୍ଚଳର ଆଚିଡୋଙ୍ଗରି ଗାଁରେ ଶୁକ୍ରବାର ସନ୍ଧ୍ୟା ସମୟରେ ୬ବର୍ଷର ଶିଶୁ ନମନ କୁମାର ମାଡ଼କାମ ଘର ବାହାରେ ଖେଳୁଥିଲେ। ଏହି ସମୟରେ ଗାଁପାଖ ଜଙ୍ଗଲ ମଧ୍ୟରୁ ଏକ କଲରାପତରିଆ ବାଘ ଆସି ନମନ କୁମାର ମାଡ଼କାମକୁ ଆକ୍ରମଣ କରିଥିଲା । ଆକ୍ରମଣ ସମୟରେ ପିଲାଟିର ଚିତ୍କାର ଶୁଣି ପରିବାର ସଦସ୍ୟମାନେ ବାହାରକୁ ଆସି ପାଟି କରି କୌଣସି ପ୍ରକାରେ ପିଲାଟିକୁ ବାଘ କବଳରୁ ଛଡ଼େଇ ନେଇଥିଲେ। ପରେ ବାଘଟି ପାଖରେ ଥିବା ଜଙ୍ଗଲ ମଧ୍ୟକୁ ପଳେଇ ଯାଇଥିଲା। ଛୁଆଟିକୁ ତୁରନ୍ତ ପରିବାର ଲୋକେ କାଂକେର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କଲରାପତରିଆ ବାଘ ଆକ୍ରମଣରେ ଛୁଆର ବେକ, ହାତ ଏବଂ ପେଟରେ ଗଭୀର ଆଘାତ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ଗତ ବର୍ଷେ ଏହି ଅଞ୍ଚଳରେ ଏକ ଶିଶୁ କୁ ବାଘ ଆକ୍ରମଣ କରିଥିଲା ଯାହା ଫଳରେ ତାହାର ମୃତ୍ୟୁ ହୋଇଥିଲା। ଅନେକ ଆହତ ମଧ୍ୟ ହୋଇଥିଲେ ।

# ଗର୍ଭବତୀ ନାବାଳିକାଙ୍କ ନାମରେ ରହିଛି ମାଆ ଓ ଶିଶୁ ସୁରକ୍ଷା କାର୍ଡ

**ନବରଙ୍ଗପୁର,୨୬।୪ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଏବେ ୩ ମାସର ଗର୍ଭବତୀ। ତାଙ୍କ ନାମରେ ରହିଛି ମାଆ ଓ ଶିଶୁ ସୁରକ୍ଷା କାର୍ଡ। ଜଣେ ଗର୍ଭବତୀ ନାବାଳିକା ଏହି କାର୍ଡ ପାଇବାକୁ ଯୋଗ୍ୟ ନୁହନ୍ତି। ଏହି ଘଟଣା ଜଣାପଡ଼ିବା ପରେ ନାବାଳିକାଙ୍କୁ ଉଦ୍ଧାର କରି ଶୁକ୍ରବାର ଜିଲା ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରାଯାଇଛି। ଥାନାରେ ମାମଲା ରୁଜୁ ସହ ଘଟଣାର ତଦନ୍ତ କରିବାକୁ ଜିଲା ଶିଶୁ କଲ୍ୟାଣ କମିଟି ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକାଙ୍କୁ ଉତ୍ତମ ଚିକିତ୍ସା, ରକ୍ଷଣାବେକ୍ଷଣ ପାଇଁ ସଖୀ ୱାନ ଷ୍ଟପ କେନ୍ଦ୍ରର ସ୍ୱଳ୍ପ ରହଣି ପାଇଁ ଚିଠି କରି ଦର୍ଶାଇଛନ୍ତି। ନାବାଳିକାଙ୍କୁ କିଭଳି ମାଆ ଓ ଶିଶୁ ସୁରକ୍ଷା କାର୍ଡ ମିଳିଲା ତାହାର ତଦନ୍ତ କରାଯିବ ବୋଲି ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭପ୍ରିୟଦର୍ଶିନୀ କହିଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଆଲାମ ଖାନ ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ପୂର୍ବରୁ ଯୁବକ ଜଣକ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ନବରଙ୍ଗପୁର ଥାନାରେ ୨୦୨୪ ଫେବୃଆରୀ ୯ରେ କେସ୍ ନମ୍ବର ୬୯/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ସେତେବେଳେ ଏ ସମ୍ପର୍କରେ ପୋଲିସ ଶିଶୁ କଲ୍ୟାଣ କମିଟିକୁ ଜଣାଇ ନ ଥିଲା। କୋର୍ଟରେ ନାବାଳିକା ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିବା ଏବଂ ତାଙ୍କୁ ଅପହରଣ ହୋଇ ନ ଥିବା ନେଇ ବୟାନ ଦେଇଥିଲେ। ପରେ କେସ୍ ବନ୍ଦ ହୋଇଯାଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢ଼ିଉଠିଥିଲା। ଏବେ ନାବାଳିକା ଜଣକ ୩ ମାସର ଗର୍ଭବତୀ। ନାବାଳିକାଙ୍କ ନାମରେ ସେଠାକାର ଆଶାକର୍ମୀ ମାଆ ଓ ଶିଶୁ ସୁରକ୍ଷା କାର୍ଡ କରାଇ ଦେଇଥିଲେ। ଏହି ଖବର ଜଣାପଡ଼ିବା ପରେ ଚାଇଲ୍ଡଲାଇନ ସଂଯୋଜକ ଚିନ୍ମୟୀ ନାୟକ ଓ ନମୁଚି ବିଷୋଇ ନାବାଳିକାଙ୍କୁ ଆଣି ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରିଥିଲେ। କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭ ପ୍ରିୟଦର୍ଶିନୀ, ସଭ୍ୟ ଅନିତା ହୋତା, ବିଜୟଲକ୍ଷ୍ମୀ ସାହୁ, ସନ୍ତୋଷ ଷଡ଼ଙ୍ଗୀ ଓ ରବୀନ୍ଦ୍ର ପଧାନ ନାବାଳିକାଙ୍କ ସହ କଥା ହୋଇ ତାଙ୍କୁ ଥାନାକୁ ପଠାଇଥିଲେ। ଥାନାରେ ପୋକ୍‌ସୋ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରୀ ଚିକିତ୍ସା ଓ ସ୍ୱଳ୍ପ ରହଣି ପାଇଁ ୱାନ ଷ୍ଟପରେ ରହିବାକୁ ଚିଠି ନମ୍ବର ୭୦୭-ସିଡବ୍ଲ୍ୟୁସି-୨୦୨୫ରେ ଦର୍ଶାଇଛନ୍ତି।



# ସଂରକ୍ଷଣ ବିବାଦ ପଦୋନ୍ନତି ବାଧାପ୍ରାପ୍ତ




**ଭୁବନେଶ୍ୱର,୨୬।୪:** ବିଧି ବ୍ୟବସ୍ଥା ସଂକ୍ରାନ୍ତରେ ସରକାରୀ କଳର ତ୍ରୁଟି ଯୋଗୁ ସରକାରୀ ଚାକିରିରେ ପଦୋନ୍ନତି କ୍ଷେତ୍ରରେ ଏବେ ବହୁ ବିଭାଗରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ଆଶାୟୀ ପ୍ରାର୍ଥୀମାନେ କିଏ କେଉଁ ରୋଷ୍ଟର ପଏଣ୍ଟରେ ପଦୋନ୍ନତି ଭିତ୍ତିକ ନିଯୁକ୍ତି ପାଇବ ସେଥିଘେନି ଚାଲିଥିବା ବିବାଦ ଯୋଗୁ ବହୁ କର୍ମଚାରୀ ଅବସର ଗ୍ରହଣ କରୁଥିଲେ ମଧ୍ୟ ପଦୋନ୍ନତି ପାଇପାରୁ ନାହାନ୍ତି । ତେବେ ଇତିମଧ୍ୟରେ ଏକ ନିର୍ଦ୍ଦିଷ୍ଟ ମାମଲାରେ ଓଡ଼ିଶା ହାଇକୋର୍ଟ ଅନ୍ତରୀଣ ଆଦେଶରେ ପରିବର୍ତ୍ତନ ଆଣିଥିବାରୁ ଉଭୟ ବର୍ଗର ବଞ୍ଚିତ ପ୍ରାର୍ଥୀମାନେ ପଦୋନ୍ନତି ପାଇପାରିବେ ବୋଲି ଆଶା ସଂଚାର ହୋଇଛି ।

ନିର୍ମାଣ ବିଭାଗ ୩୦୦ରୁ ଅଧିକ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ପଦବୀ (ଏଇଇ) ପଦୋନ୍ନତି ଭିତ୍ତିରେ ପୂରଣ ହେବା କଥା । ଏଥିଲାଗି ଗତବର୍ଷ ସେପ୍ଟେମ୍ବର ମାସରେ ଡିପିସି ହୋଇଥିଲେ ମଧ ନିଷ୍ପତ୍ତିରେ ତ୍ରୁଟିଥିବା ଦର୍ଶାଇ ସରକାର ଗତ ମାର୍ଚ୍ଚ ୬ ତାରିଖରେ ପୁଣି ଏକ ଡିପିସି ବସାଇବାରୁ ଏଭଳି ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି । ସଂରକ୍ଷିତ ବର୍ଗର ପ୍ରାର୍ଥୀମାନଙ୍କୁ ଯୋଗ୍ୟତା ଆଧାରରେ ଅଣସଂରକ୍ଷିତ ଆସନରେ ନିଯୁକ୍ତି ଓ ପଦୋନ୍ନତି ଦିଆଯାଇପାରିବ ବୋଲି ପୂର୍ବରୁ ଗତବର୍ଷ ମଇ ୬ ତାରିଖରେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଏକ ସ୍ପଷ୍ଟୀକରଣ ଜାରି କରିଥିଲା। ପରେ ଏହାକୁ ୧୩.୦୬.୨୦୨୪ରେ ପ୍ରତ୍ୟାହାର କରିନିଆଯିବା ପରେ ୨୭.୦୨.୨୦୨୫ରେ ଅନ୍ୟଏକ ସ୍ପଷ୍ଟୀକରଣରେ ପ୍ରତ୍ୟାହୃତ ହୋଇଥିବା ସ୍ପଷ୍ଟୀକରଣ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିଲା । ଆଇନ୍ ବିଭାଗ ମଧ ଏ ସଂକ୍ରାନ୍ତରେ ମତ ଦେଇଥିଲେ । ଏଭଳି ଗୋଳିଆଘଣ୍ଟା ଅବସ୍ଥାରେ ନିର୍ମାଣ ବିଭାଗ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ ପଦୋନ୍ନତି କ୍ଷେତ୍ରରେ ବିଭ୍ରାଟ ଉପୁଜିଛି ।

ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ଅଣ ସଂରକ୍ଷିତ ଆସନରେ ପଦୋନ୍ନତି ପାଇପାରିବେ ନାହିଁ ବୋଲି ଯୁକ୍ତି ବାଢ଼ି ହାଇକୋର୍ଟରେ ଅନେକଗୁଡ଼ିଏ ମାମଲା ରୁଜୁ ହୋଇଛି। ଏଥିରୁ ଅଧିକାଂଶରେ ହାଇକୋର୍ଟ ମଧ ରହିତାଦେଶ ଦେଇଛନ୍ତି। ତେବେ ନିକଟରେ ନିର୍ମାଣ ବିଭାଗର ଏଇଇ ପଦୋନ୍ନତି ମାମଲାର ଶୁଣାଣି କରି ଅନ୍ୟତମ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ପୂର୍ବ ରହିତାଦେଶରେ ପରିବର୍ତ୍ତନ ଆଣିଛନ୍ତି। ସଂଶୋଧିତ ଆଦେଶରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ଯେଉଁମାନେ ଆବେଦନକାରୀମାନଙ୍କ ଠାରୁ ନିଜ ଯୋଗ୍ୟତା ଭିତ୍ତିରେ ଚାକିରିରେ ବରିଷ୍ଠ ଓ ଆଉ ଯେଉଁମାନେ ଆସନ୍ତା ଜୁନ୍ ୩୦ ସୁଦ୍ଧା ଚାକିରିରୁ ଅବସର ଗ୍ରହଣ କରିବେ ସେମାନଙ୍କ ସପକ୍ଷରେ ପଦୋନ୍ନତି ଆଦେଶ ଦିଆଯାଇପାରିବ ।

ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ସୁବିର ପାଲିତ ଓ ବି.ବି. ମହାନ୍ତି ଲଢ଼ୁଥିବାବେଳେ ପ୍ରତିପକ୍ଷରେ ଥିବା ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ପଦୋନ୍ନତିରୁ ବଞ୍ଚିତ ଯନ୍ତ୍ରୀମାନଙ୍କ ପକ୍ଷରୁ ପ୍ରହଲ୍ଲାଦ କୁମାର ସିଂହ ଓ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ଓ ବେସରକାରୀ ପ୍ରତିପକ୍ଷଙ୍କ ପକ୍ଷରୁ ପୂର୍ବର ରହିତାଦେଶ ବଦଳାଇବା ପାଇଁ ହାଇକୋର୍ଟଙ୍କ ନିକଟରେ ଯୁକ୍ତି ଦର୍ଶାଯାଇଥିଲା ।

ଏଭଳି ମାମଲା ବିଭିନ୍ନ ବିଭାଗରେ ବଢ଼ୁଥିବା ବେଳେ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ବହୁ ଯୋଗ୍ୟ ପ୍ରାର୍ଥୀ ଡିପିସି ଅନୁମୋଦନ ସତ୍ତ୍ୱେ ଉଚ୍ଚ ପାହ୍ୟାକୁ ପଦୋନ୍ନତି ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ପଦୋନ୍ନତି ଓ ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ସ୍ପଷ୍ଟ ଆଇନ୍ ପ୍ରଣୟନ କରିବା ଲାଗି ବିଭିନ୍ନ ମହଲରୁ ଦାବି ହେଉଛି । (ତଥ୍ୟ)

# ସିବିଆଇ ତଦନ୍ତ ନିଷ୍ପତ୍ତିରେ ବିଳମ୍ବ

ନବ ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ନିମନ୍ତେ ତାଙ୍କ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଛି। ସ୍ୱର୍ଗତ ନବ ଦାସଙ୍କ ପତ୍ନୀ ଓ ପୁଅ ବିଶାଳ ଏବଂ ଝିଅ ଦୀପାଳି ଦାସ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ନିବେଦନ ରଖିଛନ୍ତି। ସେମାନଙ୍କୁ ନିଶ୍ଚିତ ଭାବେ ନ୍ୟାୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଏହା ସହିତ ସେମାନେ ପରିବାର ସଦସ୍ୟଙ୍କ ସୁରକ୍ଷା ଲାଗି ମଧ୍ୟ ସରକାରଙ୍କ ସହାୟତା ମାଗିଛନ୍ତି। କାରଣ ସେମାନେ ଆଶଙ୍କା କରୁଛନ୍ତି, ନବ ଦାସଙ୍କ ହତ୍ୟା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଛି ଏବଂ ଷଡ଼ଯନ୍ତ୍ରକାରୀମାନେ ସବୁ ପ୍ରମାଣ ନଷ୍ଟ କରିବାକୁ ଚାହୁଁଛନ୍ତି। କିନ୍ତୁ ଏ ଯାବତ ରାଜ୍ୟ ସରକାର ନବ ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ଘୋଷଣା କରି ନାହାଁନ୍ତି। ଅନ୍ୟ ପକ୍ଷରେ କ୍ରାଇମବ୍ରାଞ୍ଚ ପକ୍ଷରୁ ପୁନର୍ବାର ଏହାର ଖୋଳତାଡ଼ କରାଯାଉଛି। ଅଭିଯୁକ୍ତ ଗୋପାଳ ଦାସଙ୍କ ପତ୍ନୀଙ୍କ ସମେତ ମୋଟ ୧୧ ଜଣଙ୍କୁ ଜେରା କରାଯାଇଛି। ଏହାକୁ ଦେଖିଲେ ନବ ଦାସ ହତ୍ୟା ଘଟଣାର ତଦନ୍ତ ଏକ ଫାର୍ସ ଭଳି ମନେ ହେଉଛି। ଉଲ୍ଲେଖ ଯୋଗ୍ୟ ଯେ, ନବ ଦାସଙ୍କ ହତ୍ୟା ଘଟଣାକୁ ଦୀର୍ଘ ଦୁଇ ବର୍ଷରୁ ଅଧିକ କାଳ ବିତିଗଲାଣି। ଏତେ ଦିନ ପରେ ସିବିଆଇ ତଦନ୍ତରୁ କ'ଣ ସୁଫଳ ମିଳିବ, ପ୍ରକୃତ ଅପରାଧୀ ବା ଷଡ଼ଯନ୍ତ୍ରକାରୀ ଧରାପଡ଼ିବେ କି ନାହିଁ ତାହା ସନ୍ଦେହରେ। କିନ୍ତୁ ଯାହା ବି ହେଲେ ହତ୍ୟା ରହସ୍ୟ ଉପରୁ ପରଦା ହଟିବା ଉଚିତ। ସତ କ'ଣ ତାହା ଓଡ଼ିଶାବାସୀ ଜାଣିବା ଉଚିତ। ଇତିମଧ୍ୟରେ ନବ ଦାସ ହତ୍ୟା ମାମଲାର ତଦନ୍ତ ଫାଇଲ ପୁନର୍ବାର ଖୋଲିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହାର ସାନି ତଦନ୍ତ ଆରମ୍ଭ କରାଯାଇଛି। ନବ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳ ଏବେ ଜେଲରେ। ସେ ଡ୍ୟୁଟିରେ ଥିବା ବେଳେ ନିଜ ସର୍ଭିସ ରିଭଲଭରରୁ ଗୁଳି କରି ନବ ଦାସଙ୍କୁ ହତ୍ୟା କରିଥିଲା। ଘଟଣାସ୍ଥଳରୁ ହିଁ ସେ ରିଭଲଭର ସହ ଧରାପଡ଼ିଥିଲା। ହତ୍ୟାକାରୀକୁ ଧରିବା ପାଇଁ ପୋଲିସକୁ କିଛି କଷ୍ଟ କରିବାକୁ ପଡ଼ିନଥିଲା। ତା'ର ପଲିଗ୍ରାଫିକ ଟେଷ୍ଟ ମଧ୍ୟ କରାଯାଇଥିଲା। ସବୁ ତଥ୍ୟ ଏବେ କ୍ରାଇମବ୍ରାଞ୍ଚ ନିକଟରେ ରହିଛି। କିନ୍ତୁ ସରକାର ବଦଳିବା ପରେ ଘଟଣାର ସାନି ନିର୍ଦ୍ଦେଶ ଦିଆଯାଇଛି। ଏବେ ପ୍ରଶ୍ନ ଉଠୁଛି ହତ୍ୟା ଘଟଣା ପରେ



ନବ ଦାସଙ୍କ ପରିବାର ପକ୍ଷରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାହିଁକି ଅନୁରୋଧ କରାଗଲା ନାହିଁ? ନବୀନଙ୍କ ଉପରେ ସେମାନଙ୍କର ଭରସା ନଥିଲା ନା ସିବିଆଇ ତଦନ୍ତ ଦାବି ନକରିବାକୁ ସେମାନଙ୍କ ଉପରେ ଚାପ ଥିଲା। ନା କିଛି ଭୟ ରହିଥିଲା? ଏ ସମ୍ପର୍କରେ ନବ ଦାସଙ୍କ ପରିବାର ସଦସ୍ୟମାନେ ସ୍ପଷ୍ଟ କରିବା ଉଚିତ। ଏଥିନେଇ ସେମାନେ ଚାହିଁଥିଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇପାରିଥାନ୍ତେ। ସିବିଆଇ ତୁଳନାରେ ରାଜ୍ୟ ପୋଲିସ କ୍ରାଇମବ୍ରାଞ୍ଚର ଦକ୍ଷତା ଯେ, କମ ସେ କଥା ନୁହେଁ। କିନ୍ତୁ ସମ୍ଭବତଃ ତଦନ୍ତରେ ନିରପେକ୍ଷତା ଏବଂ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସେମାନେ ସିବିଆଇର ସହାୟତା ଚାହିଁଛନ୍ତି। ଯଦି ସିବିଆଇ ବାସ୍ତବରେ ତଦନ୍ତ ଭାର ହାତକୁ ନିଏ ତେବେ ହତ୍ୟା ରହସ୍ୟ ଯେ, ଉନ୍ମୋଚିତ ହେବ ତାହାର କି କିଛି ଗ୍ୟାରେଣ୍ଟି ନାହିଁ। ଅତୀତରେ ଏଭଳି ଅନେକ ଘଟଣାରେ ସିବିଆଇ ତଦନ୍ତ ବିଫଳ ହୋଇଛି। ତଥାପି ସିବିଆଇ ତଦନ୍ତ ନିମନ୍ତେ ଏହି ମାମଲା ପୁରା ଫିଟ। ଯଦି ମୂଳରୁ ଏହାର ସିବିଆଇ ତଦନ୍ତ ହୋଇଥାଆନ୍ତା ତେବେ ଏତେ ଦେଳବ୍ଲକୁ ହତ୍ୟା ରହସ୍ୟ ଉନ୍ମୋଚିତ ହୋଇସାରନ୍ତାଣି। ଯିଏ ବି ଏଥିରେ ସମ୍ପୃକ୍ତ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ରାଜ୍ୟର ଜଣେ ପ୍ରଭାବଶାଳୀ ନେତା, ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଜଣେ ସାଧାରଣ ଏଏସଆଇ ଦିନ ଦ୍ୱିପ୍ରହରରେ ସର୍ବ ସମକ୍ଷରେ ଗୁଳି କରି ହତ୍ୟା କରିବା ଅତ୍ୟନ୍ତ ବିସ୍ମୟଜନକ ଏବଂ ଏକ ଅସ୍ୱାଭାବିକ ଘଟଣା। ହତ୍ୟାର କାରଣ ସମ୍ପର୍କରେ ଗୋପାଳ ଯାହା କହିଛି ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। କାଳେ ନବ ଦାସଙ୍କୁ ଲୋକେ ତାଙ୍କୁ ମାରିଦେବେ ସେଥିପାଇଁ ସେ ତାଙ୍କୁ ଆଗୁଆ ମାରିଦେଲା ବୋଲି ଗୋପାଳ ଯାହା କହିଛି ତାହା ଗ୍ରହଣୀୟ ନୁହେଁ। ଗୋପାଳ ଜଣେ ପାଗଳ ନୁହେଁ। ଏଭଳି ପରିସ୍ଥିତିରେ ହତ୍ୟା ରହସ୍ୟ ଟିକେ ଜଟିଳ ଲାଗୁଛି। ହତ୍ୟା ପରେ ତଦନ୍ତ ମଧ୍ୟ ଠିକ ବାଟରେ ଚାଲିନି। ଅନେକ ତଥ୍ୟ ପ୍ରମାଣକୁ ଲୁଚାଇବାକୁ ପ୍ରୟାସ କରାଯାଇଛି। ନବ ଦାସଙ୍କ ହତ୍ୟା ସମୟରେ କୋଭିଡ କଟକଣା ହଟିଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ତାଙ୍କ ରକ୍ତ ଭିଜା ସାର୍ଟକୁ କାହିଁକି ପୋଡ଼ି ଦିଆଗଲା ତାହା ଏକ ବଡ଼ ପ୍ରଶ୍ନ। ଗୁଳି ନବଙ୍କ ଛାତିରେ ଲାଗିବା ପରେ ତାଙ୍କର ତତ୍କାଳ ମୃତ୍ୟୁ ହୋଇଯିବା କଥା। ତାଙ୍କୁ ହସ୍ପିଟାଲ ନିଆଗଲା। ସେଠାରେ ଦୀର୍ଘ ସମୟ ରହିବା ପରେ ତାଙ୍କୁ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଗଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କୁହାଗଲା। ତାଙ୍କ ମୃତ୍ୟୁ ଘୋଷଣା ବିଳମ୍ବ ହେବାରେ କିଛି ଅସ୍ୱାଭାବିକତା ନାହିଁ। କିନ୍ତୁ ଅନେକଙ୍କ ମତରେ ତାଙ୍କର ସ୍ପଟରେ ବା ଝାରସୁଗୁଡ଼ା ହସ୍ପିଟାଲରେ ହିଁ ମୃତ୍ୟୁ ହୋଇଥିବ। ସେଠାରୁ ତାଙ୍କ ଶବକୁ କାହିଁକି ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଗଲା? ଏହା ପଛରେ କ'ଣ କାରଣ ଥାଇପାରେ? ସମ୍ଭବତଃ ନବ ଦାସଙ୍କ ହତ୍ୟା ପଛରେ ଏକ ବିରାଟ ଷଡ଼ଯନ୍ତ୍ର ଲୁଚି ରହିଛି। ଏଥିରେ ଗୋପାଳକୁ କେବଳ ମୋହରା ବନାଯାଇଛି। ଗୋପାଳ ଗୁଳିରେ ନବଙ୍କ ମୃତ୍ୟୁ ଘଟିଛି ସତ୍ୟ, ମାତ୍ର ତାଙ୍କୁ କେହି ଏଥିପାଇଁ ପ୍ରରୋଚିତ ବା ଭୟଭୀତ କରିଥାଇପାରେ। ଗୋପାଳର ପଲିଗ୍ରାଫ ଟେଷ୍ଟ ରିପୋର୍ଟରେ ଏଭଳି କିଛି ତଥ୍ୟ ମିଳିଛି ଯାହା ସନ୍ଦେହକୁ ଆହୁରି ଘନୀଭୂତ କରିଛି। ହତ୍ୟାର କାରଣ କ'ଣ ତାହା ବି ଆଉ ଏକ ପ୍ରଶ୍ନ। ରାଜନୈତିକ ଦୃଷ୍ଟିରୁ ଗୋପାଳକୁ ହତ୍ୟା କରାଯାଇଛି ନା ଏହା ପଛରେ କିଛି ବ୍ୟବସାୟିକ ଶତ୍ରୁତା ରହିଛି? ନବ ଦାସଙ୍କର ଏକ ବିରାଟ ଆର୍ôଥକ ସାମ୍ରାଜ୍ୟ ରହିଥିଲା। ସେ ନିଜେ ଜଣେ ବିବାଦୀୟ ବ୍ୟକ୍ତି ଥିଲେ। କେବଳ ଜଣେ କ୍ୟାବିନେଟ ମନ୍ତ୍ରୀଭାବେ ତାଙ୍କର ସୁରକ୍ଷା ବ୍ୟବସ୍ଥା ନଥିଲା। ତାଙ୍କର ବ୍ୟକ୍ତିଗତ ସୁରକ୍ଷା କର୍ମୀ ମଧ୍ୟ ଥିଲେ। ଏହା ସତ୍ତ୍ୱେ ତାଙ୍କୁ କିପରି ହତ୍ୟା କରାଗଲା? ଏ ସମ୍ପର୍କରେ ବିରୋଧୀ ମୂଳରୁ ସିବିଆଇ ତଦନ୍ତ ଦାବି କରୁଥିଲେ। କିନ୍ତୁ ତାଙ୍କ ପରିବାର ସଦସ୍ୟଙ୍କ ସମର୍ଥନ ବା ସହଯୋଗ ନମିଳିବାରୁ ଏହା ସମ୍ଭବ ହେଲା ନାହିଁ। ନବଙ୍କ ସ୍ଥାନରେ ଝାରସୁଗୁଡ଼ା ବିଧାନସଭା ଆସନ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ତାଙ୍କ ଝିଅ ଦୀପାଳି ଦାସ ବିଧାୟିକା ହୋଇଥିଲେ। ସେ ମଧ୍ୟ ନିଜ ବାପାଙ୍କ ହତ୍ୟା ରହସ୍ୟ ଉନ୍ମୋଚନ ନେଇ ସେତେଟା ଆଗ୍ରହ ପ୍ରକାଶ କରିନଥିଲେ। କିନ୍ତୁ ଗତ ନିର୍ବାଚନରେ ସେ ପରାଜିତ ହେବା ପରେ ନିଜ ବାପାଙ୍କ ହତ୍ୟା ରହସ୍ୟ ଉନ୍ମୋଚନ ଲାଗି ଦାବି କରୁଛନ୍ତି। ସେତେବେଳେ ସେ କାହିଁକି ମୁହଁ ଖୋଲୁନଥିଲେ? ତାଙ୍କ ଉପରେ କିଛି ରାଜନୈତିକ ଚାପ ରହିଥିଲା କି? ତାଙ୍କୁ କ୍ଷମତାର ଲୋଭ ଦେଖାଇ ବା ଭୟଭୀତ କରି କେହି ତାଙ୍କ ମୁହଁ ବନ୍ଦ କରିବାକୁ କେହି ଚେଷ୍ଟା କରିଥିଲେ ବୋଲି ମନେ ହେଉଛି। ଯଦି କେହି ସେଭଳି କରିଥିବେ ତେବେ ସେ ନିଶ୍ଚୟ ଜଣେ ପ୍ରଭାବଶାଳି ଏବଂ କ୍ଷମତାଶାଳି ବ୍ୟକ୍ତି ହୋଇଥିବେ। ସେ ନିଜ କ୍ଷମତା ବଳରେ ହତ୍ୟା ରହସ୍ୟକୁ ଚାପି ରଖିଥାଇପାରନ୍ତି। ତେଣୁ ଘଟଣାର ସିବିଆଇ ତଦନ୍ତ ନିହାତି ଜରୁରୀ। ଅଧିକ କାଳ ବିଳମ୍ବ ନକରି ହତ୍ୟା ଘଟଣାର ସିବିଆଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେଲେ ସତ୍ୟ ପଦାକୁ ଫିଟିବ।

# ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ



## ଆଶୁତୋଷ ନାୟକ

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ। ବିଶ୍ୱ ବ୍ୟାପି ସମସ୍ୟା ଭାବେ ଏହା ଉଭା ହୋଇଛି। ଆନ୍ତଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ। ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟଙ୍କୁ ହତ୍ୟା କରିବା। ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ। ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ। ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ।ଦୟା, କ୍ଷମା, ସହନଶୀଳତା, ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ। ଆତଙ୍କବାଦର ଫରାସୀ ଶବ୍ଦ 'ଟେରୋରିଜମେ 'ଯାହା ଲାଟିନ କ୍ରିୟା ଟେରେରେ ରୁ ଆସୁଅଛି। ଏହାର ଅର୍ଥ ଭୟ ଦେଖାଇବା।ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି। 'ହାନସ ଯେ ମୋର୍ଗେନଥାଉ' ମତରେ 'ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ'। ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ। ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ। ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ। ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ। ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ, ଖେଳେ ରକ୍ତର ପୈଶାଚିକ ହୋଲି। ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା। ହିଂସା ହୁଏ ତାର ଅଳଙ୍କାର। ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି।ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି।'ମାନବ ପିଶାଚ କରିଅଛି ଆଜି ଭାରତ ମାକୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଲୀ ବାନ୍ଧି 'ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା।

ଆତଙ୍କବାଦୀମାନେ ଜାମ୍ମୁକାଶ୍ମୀରର ପହଲଗ୍ରାମରେ ଧର୍ମ ପଚାରି କେବଳ ହିନ୍ଦୁମାନଙ୍କୁ ଅତ୍ୟନ୍ତ ନିର୍ମମ ନୃଶଂସ ଭାବରେ ହତ୍ୟା କଲେ ଏହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ।

ଏହା ସମଗ୍ର ମାନବସମାଜ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଆତଙ୍କବାଦୀମାନେ ଯେପରି ଧର୍ମ ପଚାରି ହିନ୍ଦୁମାନଙ୍କୁ ଟାର୍ଗେଟ କରି ଅତ୍ୟନ୍ତ ନିଷ୍ଠୁର ଭାବେ ବଳପୂର୍ବକ ଗୋଡ଼ାଇ ଗୋଡ଼ାଇ ହତ୍ୟା କଲେ ଏହା ଅତ୍ୟନ୍ତ ହୃଦୟବିଦାରକ ଏବଂ ଅମାନବୀୟ। ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ଆମ ଦେଶର ବିଭିନ୍ନ ଧର୍ମ ସମ୍ପ୍ରଦାୟ ମଧ୍ୟରେ ବିଭାଜନ ସୃଷ୍ଟି କରିବା ଏବଂ ଆମ ଦେଶର ଅର୍ଥନୀତିକୁ ଦୁର୍ବଳ କରିଦେବା।ବିଧର୍ମୀ ନରପିଶାଚ କାପୁରୁଷ ଆତଙ୍କବାଦୀମାନେ ୨୭ଜଣ ନିରୀହ ପ୍ରଯ୍ୟଟକଙ୍କୁ ଯେପରି ନିର୍ମମ, ବର୍ବର ଭାବରେ ଗୋଡ଼ାଇ ଗୋଡ଼ାଇ ଅମାନବୀୟ ଭାବେ ହତ୍ୟା କଲେ ଏହାର ପ୍ରତିଶୋଧ ଭାରତ ନିଶ୍ଚିତ ଭାବେ ନେବ। ଆତଙ୍କବାଦୀମାନଙ୍କୁ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚରମବାଣୀ ଶୁଣାଇ ସାରିଛନ୍ତି ପୃଥିବୀର ଯେକୌଣସି ସ୍ଥାନରେ ଲୁଚିଲେ ମଧ୍ୟ ସେମାନଙ୍କୁ ସମୂହ ବିନାଶ କରାଯିବ ଏବଂ ଅତିଶୀଘ୍ର ଦୃଢ଼ ହସ୍ତରେ ଦମନ କରାଯିବ। ଆତଙ୍କବାଦୀମାନେ ଯେପରି କାପୁରୁଷ ଭାବରେ ରାତ୍ରିର ଅନ୍ଧକାରରେ ଆମ ଦେଶର ସୀମା ଭିତରକୁ ପ୍ରବେଶ କରି ନିରୀହ ବ୍ୟକ୍ତିଙ୍କ ରକ୍ତରେ ହୋଲି ଖେଳିଲେ ଏବଂ ଧ୍ୱଂସର ତାଣ୍ଡବଲୀଳା ରଚିଲେ ଏହାକୁ ଆମ ଦେଶ କେବେବି ବରଦାସ୍ତ କରିବନି।ରକ୍ତର ଜବାବ ରକ୍ତରେ ଦିଆଯିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଆତଙ୍କବାଦ ଭାରତ ତଥା ବିଶ୍ୱ ପାଇଁ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ। ଆତଙ୍କବାଦ କୌଣସି ଏକ ରାଷ୍ଟ୍ରର ଉନ୍ନତିର ପ୍ରତିବନ୍ଧକ। ଆମ ରାଷ୍ଟ୍ର ଭାରତ ସଦାସର୍ବଦା ଶାନ୍ତିପ୍ରିୟ। ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାର ଉତ୍ସ। ବିଶ୍ୱର ଅନେକ ରାଷ୍ଟ୍ର ଭାରତକୁ ଆଦର୍ଶ ମନେକରନ୍ତି। ଆମ ରାଷ୍ଟ୍ର ଭାରତ ଦେବଭୂମି, ପୁଣ୍ୟଭୂମି, ଅନେକ ମହାପୁରୁଷଙ୍କ ଆବିର୍ଭାବ ହେଇଚି ଏଠାରେ। ରକ୍ତାକ୍ତ ସଂଘର୍ଷକୁ ଭାରତ ନାପସନ୍ଦ କରେ। ଅହିଂସା ଓ ଭାତୃତ୍ୱ ଆମ ରାଷ୍ଟ୍ର ଭାରତର ନୀତି ଓ ଆଦର୍ଶ। 'ବସୁଧୈବ କୁଟୁମ୍ବକମ୍ ' ଅର୍ଥାତ ସାରା ବିଶ୍ୱକୁ ଆମେ ନିଜର ପରିବାର ମାନିଥାଉ। ବନ୍ୟା, ବାତ୍ୟା, ମରୁଡି, ଭୂସ୍ଖଳନ, ଭୂମିକମ୍ପ, ସୁନାମି ପରି ପ୍ରାକୃତିକ ବିପତ୍ତି ସମୟରେ ପଡୋଶୀ ରାଷ୍ଟ୍ର ମାନଙ୍କୁ ସଦାସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି ଆମ ରାଷ୍ଟ୍ର ଭାରତ। ଅତିଥି ଦେବୋ ଭବଃ ନୀତି ଓ ଆଦର୍ଶରେ ଭାରତ ପରିଚାଳିତ।

ଇତିହାସର ପୃଷ୍ଠାକୁ ଆଲୋଚନା ଏବଂ ପ୍ରଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆମ ଦେବଭୂମି, ପୂର୍ଣ୍ୟଭୂମି, ମାତୃଭୂମି ଭାରତ ସର୍ବଦା ଶାନ୍ତିପ୍ରିୟ, ନୀତି, ଆଦର୍ଶ, ନୈତିକତାକୁ ପ୍ରାଧାନ୍ୟ ଦିଏ।ସେଥିପାଇଁ ଆମ ରାଷ୍ଟ୍ର ଶ୍ରେଷ୍ଠ ଓ ମହାନ। ଆମେ



ଭାରତବାସୀ ସେଥିପାଇଁ ଗର୍ବିତ। ଭୟଙ୍କର ମହାମାରୀ କରୋନା ସମୟରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରକୁ ସହାୟତା କରି ଉଦାହରଣ ସୃଷ୍ଟି କରିଥିଲା ଆମ ରାଷ୍ଟ୍ର ଭାରତ। ଏହାକୁ କୌଣସି ରାଷ୍ଟ୍ର ଅସ୍ୱୀକାର କରିପାରିବ ନାହିଁ। ଭାରତର ପଡୋଶୀ ରାଷ୍ଟ୍ର ଯେପରି ଚୀନ, ପାକିସ୍ତାନ, ଆଫଗାନିସ୍ଥାନ, ନେପାଳ, ବାଂଲାଦେଶ, ଭୁଟାନ ପରି ଅନେକ ରାଷ୍ଟ୍ରଙ୍କ ବିପତ୍ତି ସମୟରେ ଆମ ରାଷ୍ଟ୍ର ଭାରତ ଯଥାସମ୍ଭବ ସାହାଯ୍ୟ କରି ବନ୍ଧୁତ୍ୱର ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି।ସେଥିପାଇଁ ଆମ ରାଷ୍ଟ୍ର ଭାରତ ସର୍ବଶ୍ରେଷ୍ଠ। ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାଦାୟୀ।

ଆମ ରାଷ୍ଟ୍ର ଭାରତ କୌଣସି ପରିସ୍ଥିତିରେ ଆମର ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶ୍ୱାସଘାତ କରିନଥାଏ। କିନ୍ତୁ ଚୀନ, ପାକିସ୍ଥାନ, କାନାଡ଼ା ପରି ରାଷ୍ଟ୍ର ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଭାରତ ବିରୁଦ୍ଧରେ ଆତଙ୍କବାଦୀଙ୍କ ଦ୍ୱାରା ଷଡଯନ୍ତ୍ର କରୁଛନ୍ତି। ଆତଙ୍କବାଦୀଙ୍କ କ୍ଷମତା ଏବଂ କାୟାବିସ୍ତାର ପାଇଁ ସେମାନଙ୍କୁ ପାଣ୍ଠି ଯୋଗାଉଛନ୍ତି ଏବଂ ଭାରତ ବିରୁଦ୍ଧରେ ବିଭିନ୍ନ ଅସାମାଜିକ କାର୍ଯ୍ୟ, ଦେଶବିରୋଧୀ ଗତିବିଧି ଚାଲୁରଖିଛନ୍ତି। ବନ୍ଧୁତ୍ୱ ପରି ପବିତ୍ର ଶବ୍ଦକୁ ଏହିପରି ରାଷ୍ଟ୍ର କଳଙ୍କିତ କରୁଛନ୍ତି। ଏହିପରି ରାଷ୍ଟ୍ର ଆତଙ୍କୀ ସଙ୍ଗଠନ ମାନଙ୍କୁ ବିପୁଳ ପାଣ୍ଠି ଯୋଗାଉଛନ୍ତି ଯେପରି ଆତଙ୍କବାଦୀ ମାନେ ଆମ ଦେଶରେ ବିପୁଳ କ୍ଷତି ଘଟାଇବେ ଏବଂ ଆମ ଅର୍ଥନୀତିକୁ ଦୁର୍ବଳ କରିବେ। ଏହାହିଁ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ।

କ୍ଷମତା ମୋହରେ ଅନ୍ଧ ହୋଇ ପାକିସ୍ଥାନର ମନ୍ତ୍ରୀମଣ୍ଡଳ, ଶାସନ ବ୍ୟବସ୍ଥା, ସରକାର ସମସ୍ତେ ନିଜ ସେନାର ଗୁଲାମୀ କରିଥାନ୍ତି।ପ୍ରକୃତ କ୍ଷମତା ପାକିସ୍ଥାନର ସେନା ହାତରେ ରହିଥାଏ। ରିମୋଟ କଂଟ୍ରୋଲ ସେନା ହାତରେ ରହିଥାଏ। ସେନାର ଇସାରାରେ ସବୁକିଛି ହୋଇଥାଏ ପାକିସ୍ଥାନରେ। ପାକିସ୍ଥାନ ସରକାର ନିଜ ସେନାର ପ୍ରରୋଚନାରେ ଆତଙ୍କବାଦୀଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦିଏ ଏବଂ ତାଙ୍କର ହର୍ତ୍ତା କର୍ତ୍ତା ଦୈବ୍ୟ ବିଧାତା ସାଜିଥାଏ। ବଡ଼ ବଡ଼ ପ୍ରମୁଖ ଆତଙ୍କବାଦୀ ସଙ୍ଗଠନ ପାଇଁ ବିଶ୍ୱଦରବାରରେ ଓକିଲାତି କରେ ପାକିସ୍ଥାନ। ଏହା ଆମ ପଡୋଶୀ ରାଷ୍ଟ୍ର ପାକିସ୍ଥାନର ଅସଲ ଚରିତ୍ର।

ମୁମ୍ବାଇ ଆକ୍ରମଣରେ ଧରାପଡ଼ିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ।

ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ୍ୱ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ। ' ସେଣ୍ଟର ଫ୍ରୋ ରିସର୍ଚ୍ଚ ଷ୍ଟଡି ' ପାକିସ୍ଥାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୋଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଉର୍ଦ୍ଧ୍ୱ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି। ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮, ୮୪୨ରୁ ଉର୍ଦ୍ଧ୍ୱ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା।୨୦୧୬ସେପ୍ଟେମ୍ବର୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ।

ପାକିସ୍ଥାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେଉଛନ୍ତି। ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ। ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ। ସେଥିପାଇଁ ଆମ ଭାଗବତ ରେ କୁହାଯାଇଛି

*'ଆପଣା ହସ୍ତେ ଜିହ୍ୱା ଛେଦି,*
*କେ ଅଛି ତାର ପ୍ରତିବାଦୀ '*

ଭାରତରେ କ୍ରମାଗତ ଭାବେ ହେଉଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାରତୀୟ ସେନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା।ଏହାର ମୁଖ୍ୟ କାରଣ ଥିଲା ଆତଙ୍କବାଦୀଙ୍କ ଉରି ଆକ୍ରମଣ ଘଟଣା।୨୦୧୬ମସିହା ୧୮ସେପ୍ଟେମ୍ବର ବିଳମ୍ବିତ ରାତିରେ ଉରି ଉତ୍ତର କାଶ୍ମୀରର ବାରମୂଳା ଜିଲ୍ଲାରେ ଭାରତୀୟ ଯବାନଙ୍କ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ କରିଥିଲେ ପାକିସ୍ଥାନର ଆତଙ୍କବାଦୀ।। ଶୈତାନ ଅମାନବୀୟ ପିଶାଚ ଆତଙ୍କବାଦୀ ମାନେ ନିଦରେ ଶୋଇଥିବା ଭାରତୀୟ ଯବାନଙ୍କୁ ହତ୍ୟା କରିଥିଲେ।ଏହି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ନିଜର ରଣକୌଶଳ ପ୍ରସ୍ତୁତ କରିଥିଲା ଯେତେବେଳେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ ଏବଂ କହିଥିଲେ ବ୍ୟର୍ଥ ଯିବନି ଆମର ବୀର ଯବାନଙ୍କ ବଳିଦାନ।

ଶତ୍ରୁପକ୍ଷ ସୀମାରେ ପଶି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଉଛି ସର୍ଜିକାଲ ଷ୍ଟ୍ରାଇକ। ଏହି ପ୍ରଧତିରେ ସର୍ବଦା ଇସ୍ରାଏଲ ପରି ରାଷ୍ଟ୍ର ନିଜ ଶତ୍ରୁକୁ ଦମନ କରିଥାଏ। ୨୦୧୬ମସିହା ସେପ୍ଟେମ୍ବର୨୪ ତାରିଖରେ ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ ପାଇଁ ରଣନୀତି ରଚିଥିଲା ଆମ ଭାରତୀୟ ସେନା। ଆଉ ସେତେବେଳେ ପାକିସ୍ଥାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରକୁ ସଂପୂର୍ଣ୍ଣ ଧ୍ୱଂସଂ କରିବାକୁ ଭାରତର ଘାତକ କମାଣ୍ଡୋମାନେ ୨୦୧୬ମସିହା ସେପ୍ଟେମ୍ବର ୨୮ଏବଂ ୨୯ ମଧ୍ୟରାତ୍ରିରେ କରିଥିଲେ ଭୟଙ୍କର ଆକ୍ରମଣ।

ଆଖିପିଛୁଳାକେ ଆତଙ୍କୀ ଶିବିରକୁ ଧ୍ୱଂସଂ କରିଦେଇଥିଲେ ଆମ ଭାରତୀୟ ସେନା ଏବଂ ଏହି ଅପେରସନରେ ଅନେକ ଆତଙ୍କବାଦୀ ମୃତାହତ ହୋଇଥିଲେ। ସାରା ବିଶ୍ୱ ଦେଖିଥିଲା ଭାରତର ସାମରିକ ଶକ୍ତି। ରକ୍ତର ପ୍ରତିଶୋଧ ରକ୍ତରେ ନେଇଥିଲେ ଆମ ଦେଶର ଲଢୁଆ ବୀର ସାହସୀ ଯବାନ। ସର୍ବଦା ଶାନ୍ତିରେ ବିଶ୍ୱାସ ରଖୁଥିବା ଭାରତକୁ ଉସକାଇଥିଲେ ଆତଙ୍କବାଦୀ ମାନେ।ଅନେକ ଆତଙ୍କୀ ଶିବିର ନିଜର ଅସ୍ତିତ୍ୱ ହରାଇଥିଲା।ଭାରତର ଲଢୁଆ ବୀର ଯବାନଙ୍କ ପ୍ରତିରୋଧ କରିବାର ସାମର୍ଥ କାପୁରୁଷ ଆତଙ୍କବାଦୀଙ୍କର ନଥିଲା।ପାଖାପାଖି ୩ଘଣ୍ଟାର ସର୍ଜିକାଲ ଷ୍ଟ୍ରାଇକ ପରେ ପାକିସ୍ଥାନ ଅଧିକୃତ କାଶ୍ମୀରର ସମସ୍ତ ଆତଙ୍କୀ ଶିବିର ଜଳିପୋଡି ପାଉଁଶ ହୋଇ ଯାଇଥିଲା। ଭାରତୀୟ ଯବାନଙ୍କ ବୀରତ୍ୱର ଅମର ଗାଥା ଇତିହାସର ସୁନେଲି ଅକ୍ଷରରେ ଲିପିବଦ୍ଧ ହୋଇରହିବ।

୩୨ମାସ ଭିତରେ ଜମ୍ମୁଅଞ୍ଚଳରେ ସହିଦ ହୋଇଥିବା ଯବାନଙ୍କ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି। ଆମ ଦେଶର ଲଢୁଆ ବୀର ସାହସୀ ଯବାନଙ୍କ ବଳିଦାନ ଯେପରି ବ୍ୟର୍ଥ ନଯାଉ ସେଥିପାଇଁ ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପଡ଼ିବ ଏବଂ ଆଉ ଥରେ ସର୍ଜିକାଲ ଷ୍ଟ୍ରାଇକ ପରି ବଡ଼ ଅପେରସନ କରିବାକୁ ପଡ଼ିବ। ଏହା ହୋଇପାରିଲେ ଆମର ସହିଦ ଯବାନଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।


**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ-୭୦୨୦୬୧୧୩୦**


# ଆଧ୍ୟାତ୍ମିକ ଆନନ୍ଦ



## କିଶୋର କୁମାର ଜେନା

ଶ୍ରୀକୃଷ୍ଣ କହିଛନ୍ତି ଯେଉଁମାନେ ତଥାକଥିତ ପୂର୍ଣ୍ୟରୂପକ ସିଡ଼ିରେ ଉଠୁ ଉଠୁ ଇନ୍ଦ୍ରପଦ ପ୍ରାପ୍ତ କରିଥାନ୍ତି ସେମାନଙ୍କ ପୁଣ୍ୟର ଫଳ ଶେଷ ହୋଇଯିବା ମାତ୍ରେ ଇନ୍ଦ୍ରତ୍ୱର ତେଜ କମିଆସେ। ସେହି ସ୍ୱର୍ଗକାମୀ ବ୍ୟକ୍ତି ବା ଦେବତା ଭୋଗ ଶେଷ ହୋଇଗଲେ ପୁଣି ମର୍ତ୍ତ୍ୟଲୋକକୁ ଖସିଆସେ। ପ୍ରଭୁ କହିଛନ୍ତି "ହେ ଅର୍ଜ୍ଜୁନ ବୈଦିକ ଅନୁଷ୍ଠାନ କଲେ କଣ ହେବ? ଯିଏ ମୋ ସ୍ୱରୂପକୁ ଜାଣେନା। ଲାଗି ଚାଉଳକୁ ଫିଙ୍ଗି ଦେଇ ତଷୁକୁ ସାଇତି ରଖିବା ଭଳି ସବୁ ନିରର୍ଥକ। ମତେ ଛାଡ଼ି ବେଦୋକ୍ତ ଧର୍ମ ନିଷ୍ଫଳ। ତୁମେ ଆଉ କିଛି ଜାଣି ନପାରିଲେ ମଧ ମତେ କେବଳ ଜାଣି ରଖ'

ସାଂସାରିକ ବିଷୟ ଭୋଗ ଏବଂ ଆଧ୍ୟାତ୍ମିକ ଆନନ୍ଦ କିପରି ସଫଳତାର ସହ ଲାଭ କରିବା ଘେନି ଯେଉଁ ଗୁପ୍ତ ତତ୍ତ୍ୱଟି ରହିଛି ତାହାର ବର୍ଣ୍ଣନା ମଧ କରାଯାଇଛି। ଆମର ଜୀବନ ଶକ୍ତି ମୁଖ୍ୟତଃ ତିନିଟି ମାର୍ଗରେ ବ୍ୟୟ ହୋଇଥାଏ। ପ୍ରଥମଟି ହେଉଛି ସମାଜରେ ବା ଜୀବନ ଯାପନରେ ଆମର ଯେଉଁ ସ୍ଥିତି ରହିଛି ସେଥିରେ ଉନ୍ନତି କରିବାରେ ଏବଂ ଅଧିକ କିଛି ଲାଭ କରିବା ନିମନ୍ତେ ଆମେ ଶକ୍ତିର ବ୍ୟବହାର କରିଥାଉ। ଦ୍ୱିତୀୟଟି ହେଉଛି ଆମର ଯାହା ଅଛି ତାହା କିପରି ସୁରକ୍ଷିତ ହୋଇ ରହିବ ସେଥିନିମନ୍ତେ ମଧ ଶକ୍ତିର ବ୍ୟୟ କରିଥାଉ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପରିବାର ଭୟକୁ କିପରି ଦୂର କରାଯାଇପାରିବ ସେଥି ନିମନ୍ତେ ଅଧିକ ଶକ୍ତିର ବ୍ୟୟ କରିଥାଉ। ଯଦିଓ ଏସବୁ ହେଉଛି ଅଳିକ। ଘରଟିଏ ନିର୍ମାଣ କଲେ ତାହାର ସୁରକ୍ଷା ଏବଂ ଉତ୍ତମ ଭାବେ ତାହାର ବ୍ୟବହାର କିପରି କରାଯାଇପାରିବ ସେଥିନିମନ୍ତେ ଆମେ ବ୍ୟସ୍ତ ହେଉ। ଆମେ ଅର୍ଥ ଉପାର୍ଜନ କରୁ ଏବଂ ତାହାକୁ କିପରି ସୁରକ୍ଷିତ ଭାବେ ରଖିବୁ ସେଥି ନିମନ୍ତେ କାର୍ଯ୍ୟକରୁ। ଏସବୁ ଅଳିକ। ଏହା ସତ୍ତ୍ୱେ ଏଥି ନିମନ୍ତେ ଆମର ଶକ୍ତି, ସମୟ ଏବଂ ଚିନ୍ତା ସବୁ ବ୍ୟୟ କରିଥାଉ। ଏଥି ନିମନ୍ତେ ଆମକୁ ବାରମ୍ବାର ମର୍ତ୍ତ୍ୟରେ ଜନ୍ମ ନେବାକୁ ପଡ଼େ। ଯଦି ଏସବୁ ଠାରୁ ଧ୍ୟାନକୁ ଟାଣି ଆଣି କେବଳ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସବୁ ଶକ୍ତି ଏବଂ ସମୟର ବ୍ୟୟ କରାଯିବ ତାହାଲେ ସଂସାର ସାଗରରୁ ମୁକ୍ତି ମିଳିବ। ଏହା ନକରି ଆଧ୍ୟାତ୍ମିକ ଜ୍ଞାନ ଅର୍ଜନ ବେଳେ ଆମେ ଯଦି ଭାବୁ ଯେ ଈଶ୍ୱର ଆରାଧନାରେ ସବୁ ସମୟ ଦେଇଦେଲେ ମୋର ସାଂସାରିକ ସାମଗ୍ରୀ ଗୁଡ଼ିକ କିପରି ସୁରକ୍ଷିତ ରହିବ? ତାହାର ସୁରକ୍ଷା ମଧ ଏକ କର୍ତ୍ତବ୍ୟ। ଏଥିରୁ କିପରି ମୁଁ ନିଜକୁ ଦୂରେଇ ରଖିପାରିବି? "ଯିଏ ମୋ ପ୍ରତି ନିଜର ମନକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିଦିଏ ତାହାର ସବୁ କିଛି ମୁଁ ବୁଝେ।'

ଜାତସ୍ୟ ଧ୍ରୁବ ମୃତ୍ୟୁ। ଏହା ଜାଣି ମଧ ତାହାକୁ ଭୁଲିଯାଇ ଆମେ ନଜାଣିବାର ଅଭିନୟ କରି ଏପରି ବ୍ୟବହାର କରିଥାଉ ଯେ ସତେ ଯେପରି ସ୍ଥାୟୀ ଭାବେ ଏଠାରେ ବାସ କରିବାକୁ ଆସିଛୁ। ଅଭିନୟ ଅତି ନିଖୁଣଭାବେ କରିଥାଉ। ଆମର ଅଭିନୟରୁ ଜଣାପଡ଼େ ଯେ ଏହି ଦୁନିଆରେ ଯେତେ ସବୁ ଆନନ୍ଦଦାୟକ ଦ୍ରବ୍ୟ ଅଛି ତାହାକୁ ଅନନ୍ତକାଳ ନିମନ୍ତେ ଉପଭୋଗ କରିବା ହେଉଛି ଆମର ଅଧିକାର। ଏହି ଜୀବନରେ ଅନ୍ତନାହିଁ ବୋଲି ଆମର ବ୍ୟବହାରରୁ ଜଣାପଡ଼ିଥାଏ। ପୃଥିବୀରେ ଯେତେ ସବୁ ଆନନ୍ଦପୂର୍ଣ୍ଣ ଦ୍ରବ୍ୟ ରହିଛି, ପର୍ଯ୍ୟାପ୍ତ ପରିମାଣରେ ତାହାକୁ ଦଖଲ କରିବାକୁ ଆମେ ଚାହୁଁ। ଅଳ୍ପରେ ତୁଷ୍ଟ ହେବାକୁ ଆମେ ଚାହୁଁନା।

ଆମ ଭିତରୁ ଅନେକ ଜାଣନ୍ତି ଯେ ସନ୍ତୋଷ ହେଉଛି ମାନସିକ ସ୍ଥିତିରେ ପରିବର୍ତ୍ତନ ବା ଏକ ଅନୁଭୂତି। ଯଦି ଜଣେ ବ୍ୟକ୍ତିଙ୍କର ଅନ୍ୟମାନଙ୍କ ପାଖରେ ଥିବା ଦ୍ରବ୍ୟଟି ନଥାଏ ଏବଂ ତାହାକୁ ଲାଭ କରିବା ପାଇଁ ସେ ବହୁତ ଚିନ୍ତା କରନ୍ତି ତେବେ ସେ କ୍ଷେତ୍ରରେ ତାଙ୍କ ମନରେ କିପରି ସନ୍ତୋଷ ପ୍ରବେଶ କରିବ? ମୋର ନାହିଁ ମୋର ନାହିଁ ବୋଲି ଯଦି ସବୁବେଳେ ସେ କହେ ତେବେ ତାକୁ ଶାନ୍ତି ମିଳିବ କି? ତେଣୁ ଈଶ୍ୱରଙ୍କ ଆଶୀର୍ବାଦରୁ ଆମକୁ ଯାହା ମିଳିଛି ସେଥିରେ ଆମେ ତୁଷ୍ଟ ହୋଇ ତାହାକୁ ଉପଭୋଗ କଲେ ଶାନ୍ତି ମିଳିବ। ସନ୍ତୋଷ ହେଉଛି ଏକ ସହଜାତ ପ୍ରବୃତ୍ତି। ଏହା ଆକାଶରୁ ଖସି ପଡ଼େନାହିଁ। ଏହି କଳିଯୁଗରେ ଆମେ ଅନ୍ୟକୁ ଅନୁକରଣ କରି ଆମୋଦ ପ୍ରମୋଦ ମଧ୍ୟରେ ଜୀବନ ବିତାଇବା ମଧ୍ୟରେ ମଜ୍ଜି ରହୁଛେ।


**ଆଇନଜୀବୀ, ବଙ୍ଗାଳିସାହି, କଟକ**
**ମୋବାଇଲ୍: ୭୩୨୫୯୦୪୯୨୭/୭୩୭୭୪୩୯୦୭୭**


# ପିଲାଙ୍କୁ ଶିକ୍ଷା

## ଡକ୍ଟର ମେଘନା ମିଶ୍ର

ଆପଣଙ୍କ ପିଲା ଅର୍ଥାତ୍ ଆପଣଙ୍କ ଜୀବନ, ଆପଣଙ୍କ ସ୍ୱପ୍ନ ଏବଂ ଆପଣଙ୍କର ଭବିଷ୍ୟତ କହିଲେ ଅତ୍ୟୁକ୍ତି ହେବନାହିଁ। ଉଚିତ ଏବଂ ଆନନ୍ଦମୟ ତଥା ସମାଜ ପ୍ରତି ସମର୍ପିତ ଶିକ୍ଷା ପ୍ରଦାନ କରିବା ବାପା-ମାଆ ଓ ଅଭିଭାବକଙ୍କ ପ୍ରଥମ ଓ ମୁଖ୍ୟ ଜୀବନ ଧର୍ମ। ଆସନ୍ତୁ ଜାଣିବା ବିଭିନ୍ନ ବୟସର ପିଲାମାନଙ୍କୁ କିପରି ଆପଣ ସତଶିକ୍ଷା ପ୍ରଦାନ କରିବେ ଯାହାଦ୍ୱାରା ସେ ସମାଜ ଓ ଦେଶର ମଙ୍ଗଳ ପାଇଁ ଜଣେ ଯଥାର୍ଥ ନାଗରିକ ଭାବେ ନିଜକୁ ପ୍ରତୀୟମାନ କରିପାରିବେ।

ଦୁଇରୁ ପାଞ୍ଚବର୍ଷ ପିଲା - ସାଧାରଣତଃ ଛୋଟ ପିଲା ମାଟଶି ପିଣ୍ଡୁଳା ସଦୃଶ। ତାକୁ ଯେପରି ଗଢ଼ିବା ସେ ବଡ଼ ହେଲେ ସେହିପରି ହେବ। କିନ୍ତୁ ବେଳେବେଳେ ମା'-ବାପାଙ୍କର ଅତିରିକ୍ତ ସ୍ନେହ ପିଲାମାନଙ୍କୁ ଏତେ ବିଗାଡ଼ି ଦିଏ ଯେ ସେମାନେ ପ୍ରତ୍ୟେକ କଥାକୁ ଜିଦ୍‌ଧରି ବସନ୍ତି। ଖେଳନା ଗୁଡ଼ିକୁ ଏଣେତେଣେ ଫିଙ୍ଗିବା ବା ନୂଆ ଖେଳନା କିଣା ହେବା ଜିଦିରେ ପୁରୁଣା ଖେଳନାକୁ ଭାଙ୍ଗି ଘରଦ୍ୱାର ଅସନା କରିଥାନ୍ତି। ଯେତେ ବୁଝାଇଲେ ମଧ ଆଦୌ ବୁଝି ନଥାନ୍ତି। ଯଦି ଆପଣଙ୍କ ପିଲା ଏହିପରି କରୁଥାଏ, ତେବେ ସେ କ୍ଷେତ୍ରରେ ଆପଣ ତାକୁ ବୁଝାଇବା ପରିବର୍ତ୍ତେ ତା ସହିତ ଏକ ନୂଆ ଧରଣର ଖେଳ ଖେଳନ୍ତୁ। ସିଏ ଖେଳନାଗୁଡ଼ିକୁ ଏତେ ତେଣେ ଫିଙ୍ଗୁଥିବା ସମୟରେ ଆପଣ ତାଙ୍କୁ କୁହନ୍ତୁ ଯେ, ବାବା ତୋତେ ଏତିକି ସମୟ ଦିଆଗଲା ତୁ ସେହି ସମୟ ଭିତରେ ସବୁଯାକ ଖେଳନାକୁ ଗୋଟାଇ ସାଇତି କରି ରଖିଲେ ମୁଁ ତୋତେ ଏଇୟ ଦେବି। ଏହିପରି କରିବା ଦ୍ୱାରା ଆପଣଙ୍କ ପିଲା ଜିନିଷଗୁଡ଼ିକୁ ସାଇତି କରି ରଖାଯାଏ ତାହା ଜାଣିବା ସହିତ କମ୍ ସମୟ ଭିତରେ କିପରି ଅଧିକ କାମ କରାଯାଇ ପାରିବ ତାହା ମଧ ତାର ଅଭ୍ୟସାରେ ପରିଣତ ହୋଇଯିବ।

ଛଅରୁ ଆଠ ବର୍ଷର ପିଲା - ଏହି ବୟସରେ ପିଲାମାନେ ସାଧାରଣତଃ ଚଗଲା ପ୍ରଭୃତିର ହୋଇଥାନ୍ତି। ସ୍କୁଲ ଗଲାବେଳେ କାନ୍ଦିବା, ହୋମୱାର୍କ ଠିକ୍ ସମୟରେ ନକରିବା ଯେପରି ତାଙ୍କର ଏକ



ଅଭ୍ୟାସରେ ପରିଣତ ହୋଇଯାଏ। ପାଠପଢ଼ା ଛାଡ଼ି ଟିଭି ଦେଖିବା, କମ୍ପ୍ୟୁଟର କିମ୍ବା ଭିଡ଼ିଓଗେମ୍‌ରେ ଖେଳିବାକୁ ସେମାନେ ଅଧିକ ପସନ୍ଦ କରିଥାନ୍ତି। ତେଣୁ ପିଲାଙ୍କର ଏଭଳି ଅଭ୍ୟାସକୁ ବଦଳାଇବା ପାଇଁ ଆପଣ ସେମାନଙ୍କୁ ଟିଭି, କମ୍ପ୍ୟୁଟର, ଭିଡ଼ିଓଗେମ୍, ଇଣ୍ଟରନେଟ୍, ଆଇପଡ଼, ମୋବାଇଲ ଫୋନ ଭଳି ଇଲେକ୍ଟ୍ରୋନିକ୍ ଜିନିଷ ଗୁଡ଼ିକ ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ପାଠପଢ଼ାର ବୋଝକୁ ହାଲ୍‌କା କରିବା ପାଇଁ ଆପଣ ସେମାନଙ୍କୁ ମଝିରେ ମଝିରେ ବିଜ୍ଞାନମେଳା, ପୁସ୍ତକମେଳା କିମ୍ବା କୌଣସି ଦର୍ଶନୀୟ ସ୍ଥାନକୁ ବୁଲେଇବା ପାଇଁ ନେଇଯାଇପାରିବେ। ଏହାଦ୍ୱାରା ସେମାନଙ୍କର ବୁଲିବା ହୋଇଯିବ ଏବଂ କେତେକ ନୂଆ କଥା ମଧ ଜାଣିପାରିବେ। ଆଠରୁ ଦଶ ବର୍ଷର ପିଲା - ଏହି ବୟସରେ ଆପଣ ପିଲାଙ୍କୁ ଦାୟିତ୍ୱବାନ କିପରି ହେବା କଥା ସେ ବିଷୟରେ ଶିକ୍ଷା ଦେଇପାରିବେ। ସେଥିପାଇଁ ଆପଣ ସେମାନଙ୍କୁ ଘରର ଛୋଟମୋଟ କାମ ଯେପରିକି ଫ୍ରିଜ୍‌ରେ ପରିବା ରଖିବା, ନିଜ ଡ୍ରେସକୁ ଥାକରେ ଭାଙ୍ଗି ରଖିବା, ବଗିଚାରେ ପାଣି ଦେବା, ପୋଷା ବିଲେଇ ବା କୁକୁରକୁ ଖାଇବା ପାଇଁ ଦେବା, ଝରକା ଓ କବାଟରେ ଲାଗିଥିବା କାଚକୁ ସଫା କରିବା ପାଇଁ କୁହନ୍ତୁ। ଏହିପରି କରିବାଦ୍ୱାରା ଆପଣଙ୍କ ଉପରେ ଥିବା କାମର ବୋଝ କିଛି ମାତ୍ରାରେ କମିଯିବା ସହିତ ଆପଣଙ୍କ ପିଲା ମଧ ଦାୟିତ୍ୱବାନ ହୋଇଯିବ।

ଦଶରୁ ବାର ବର୍ଷର ପିଲା - ବୟସ ବଢ଼ିବା ସହିତ ପିଲାଙ୍କର ଦୁଷ୍ଟାମି ମଧ ଧୀରେ ଧୀରେ ବଢ଼ିବାକୁ ଲାଗିଥାଏ। ଦୁଷ୍ଟାମି ଏତେମାତ୍ରାରେ ବଢ଼ିଯାଏ ଯେ, ସାଙ୍ଗସାଥୀ ଭିତରେ ମାଡ଼ଗୋଳ ଲାଗି ମୁଣ୍ଡ ଫଟାଫଟି ହେବା, ବ୍ୟାଟ୍‌ବଲ ଖେଳି କାହା ଘରର ଝରକା କାଚ ଭାଙ୍ଗିବା କିମ୍ବା ଟିଭି ରିମୋଟ୍‌କୁ ଚିପି ଚିପି ଖରାପ କରିବାକୁ ସେମାନଙ୍କୁ ଯେମିତି ଭଲ ଲାଗେ। ତେଣୁ ସେମାନଙ୍କୁ ଏଥିରୁ ବାରଣ କରିବା ପାଇଁ ତାଙ୍କୁ କୌଣସି ଶାରୀରିକ ଦଣ୍ଡ ନଦେଇ ତାଙ୍କ ପକେଟ୍ ମନିରୁ କିଛି କିଛି ପଇସା କାଟି ରଖନ୍ତୁ। ପଇସା କାଟିବା ଦ୍ୱାରା ସେମାନେ ଏ ବିଷୟରେ ବୁଝିପାରିବେ ଏବଂ ପୁନର୍ବାର କୌଣସି ଜିନିଷ ଭାଙ୍ଗିବା ପାଇଁ ଭୟ ମଧ କରିବେ।

ଏହିପରି କେତେକ ସାଧାରଣ ଉପାୟ ମାଧ୍ୟମରେ ଆପଣ ନିଜ ପିଲାକୁ ଶୃଙ୍ଖଳିତ ତଥା ମାର୍ଜିତ କରିପାରିବେ। କୌଣସି ଶାରୀରିକ ଦଣ୍ଡ ଦ୍ୱାରା ଆପଣଙ୍କ ପିଲା କେବଳ ଯେ ଦାୟିତ୍ୱ ସମ୍ପନ୍ନ ହେବ ତାହା ନୁହେଁ ଏଥି ସହିତ ସେ ତା'ର କାମକୁ ସଠିକ୍ ଭାବେ କିପରି କରିପାରିବ ତାହା ମଧ ସେ ଧୀରେ ଧୀରେ ଶିଖିଯାଇପାରିବ। ପିଲାଟିର ଉତ୍ତମ ବନ୍ଧୁ ହୁଅନ୍ତୁ ଏବଂ ଆପଣଙ୍କର ନିଜ ଜୀବନର ଉତ୍ତମ ଜୀବନଚର୍ଯ୍ୟା ଓ ମାନବିକତା ପିଲାଟିର ଜୀବନକୁ ପ୍ରଭାବିତ କରିବା ସହ ସମାଜର ମଙ୍ଗଳ ଗଠନରେ ସେ ଯେପରି ନିରନ୍ତର ବ୍ରତୀ ରହିବ ସେ ଦିଗଟିକୁ ଦାୟିତ୍ୱବାନ ଭାବେ ନିର୍ବାହ କରନ୍ତୁ।


**ନିର୍ଦ୍ଦେଶିକା, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ**

## ଦେଶ ଛାଡିବେନି ପାକିସ୍ତାନୀ ହିନ୍ଦୁ:ଏମ୍‌ଇଏ



**ନୂଆଦିଲ୍ଲୀ,୨୬।୪:** ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଗୁରୁବାର ସ୍ପଷ୍ଟ କରିଛି ଯେ ପାକିସ୍ତାନୀ ନାଗରିକଙ୍କ ପାଇଁ ସମ୍ପ୍ରତି ଭିଜା ସେବା ସ୍ଥଗିତ କରାଯିବା ସତ୍ତ୍ୱେ ହିନ୍ଦୁ ପାକିସ୍ତାନୀ ନାଗରିକଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଦୀର୍ଘକାଳୀନ ଭିଜା (ଏଲ୍‌ଟିଭି) ବୈଧ ରହିବ। ଏକ ସରକାରୀ ପ୍ରେସ ବିଜ୍ଞପ୍ତିରେ, ଏମ୍‌ଇଏ କହିଛି, 'ପାକିସ୍ତାନୀ ନାଗରିକଙ୍କ ପାଇଁ ଭିଜା ସେବା ସ୍ଥଗିତ ରଖିବା ପାଇଁ ଭାରତ ସରକାରଙ୍କ ୨୪ ଏପ୍ରିଲ ନିଷ୍ପତ୍ତି ସମ୍ପର୍କରେ ସ୍ପଷ୍ଟ କରାଯାଇଛି ଯେ ଉକ୍ତ ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଥିବା ଭିଜା ପ୍ରତ୍ୟାହାର ହିନ୍ଦୁ ପାକିସ୍ତାନୀ ନାଗରିକଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଦୀର୍ଘକାଳୀନ ଭିସା (ଏଲ୍‌ଟିଭି) ଉପରେ ପ୍ରଯୁଜ୍ୟ ନୁହେଁ। ଏହି ଏଲ୍‌ଟିଭି ବୈଧ ରହିଛି।' ମଙ୍ଗଳବାର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ତୁରନ୍ତ ପ୍ରଭାବରେ ପାକିସ୍ତାନୀ ନାଗରିକମାନଙ୍କୁ ସମସ୍ତ ଭିଜା ସେବା ସ୍ଥଗିତ କରିବା ପାଇଁ ଭାରତ ନିଷ୍ପତ୍ତି ନେଇଛି, ଯେଉଁଥିରେ ୨୫ ଜଣ ଭାରତୀୟ ନାଗରିକ ଏବଂ ଜଣେ ନେପାଳୀ ନାଗରିକ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ବୈସାରଣ ତୃଣଭୂମିରେ ହୋଇଥିବା ଏହି ଆକ୍ରମଣକୁ ୨୦୧୯ରେ ପୁଲୱାମା ଆକ୍ରମଣ ପରେ ଉପତ୍ୟକାର ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରାଯାଉଛି। 'ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା କ୍ୟାବିନେଟ କମିଟି (ସିସିଏସ୍) ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ସମସ୍ତ ଭିଜା ସେବା ତୁରନ୍ତ ପ୍ରଭାବରୁ ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛନ୍ତି,' ଏମ୍‌ଇଏ ତାଙ୍କ ବିବୃତ୍ତିରେ କହିଛି। ଏହା ଆହୁରି ଉଲ୍ଲେଖ କରିଛି, 'ଭାରତ ଦ୍ୱାରା ପାକିସ୍ତାନୀ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ବୈଧ ଭିସଜା ୨୭ ଏପ୍ରିଲରୁ ପ୍ରତ୍ୟାହାର କରାଯାଇଛି। ତଥାପି, ପାକିସ୍ତାନୀ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ମେଡିକାଲ ଭିଜା ୨୯ ଏପ୍ରିଲ ପର୍ଯ୍ୟନ୍ତ ବୈଧ ରହିବ।'

# ଇରାନ ବନ୍ଦରରେ ଭୟଙ୍କର ବିସ୍ଫୋରଣ

## ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି, ୫୧୬ ଆହତ



**ତେହରାନ,୨୬।୪:** ଇରାନର ପୋର୍ଟ ବନ୍ଦର ଆବାସ ସହରର ଏକ ବଡ଼ ବିସ୍ଫୋରଣ ହୋଇଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ସରକାରୀ ଗଣମାଧ୍ୟମ ଅନୁଯାୟୀ, ବିସ୍ଫୋରଣରେ ୫୧୬ ଜଣ ଆହତ ହୋଇଛନ୍ତି। ସୋସିଆଲ ମିଡିଆରେ ବିସ୍ଫୋରଣ ର ଭିଡିଓ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି । ବିସ୍ଫୋରଣ ପରେ କିପରି ଆକାଶରେ କଳା ଧୂଆଁର ଏକ ବିରାଟ ମେଘ ଦେଖିବାକୁ ମିଳିଛି । ତେବେ ବିସ୍ଫୋରଣର ୩ ଘଣ୍ଟା ପରେ କୌଣସି ମୃତ୍ୟୁକୁ ଆନୁଷ୍ଠାନିକ ଭାବରେ ଘୋଷଣା ହୋଇନାହିଁ ।

ଏହି ବିସ୍ଫୋରଣ ଏକ ଭୟଙ୍କର ବିସ୍ଫୋରଣ ଥିଲା ବୋଲି ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା ଅଧୀକାରୀ ମେହେରଦ କହିଛନ୍ତି । ତେବେ ଏହି ବିସ୍ଫୋରଣରେ ୫୧୬ କୁ ବଢ଼ିଛି ଆହାତଙ୍କ ସଂଖ୍ୟା। ଏହି ଆହାତ ମାନଙ୍କୁ ହୋର୍ମଜଗାନ ପ୍ରଦେଶର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ରାଜାଇ ବନ୍ଦରରେ ଏହି ବିସ୍ଫୋରଣ ହୋଇଛି । ରିଲିଫ ଏବଂ ଉଦ୍ଧାର ଦଳ ଘଟଣାସ୍ଥଳକୁ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି । ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ମେହରଦାଦ ହାସନଜାଦେହ କହିଛନ୍ତି ବିସ୍ଫୋରଣରେ ଅନେକ ଲୋକ ଆହତ ହୋଇଛନ୍ତି। ରିଲିଫ୍ କର୍ମୀମାନେ ଘଟଣାସ୍ଥଳକୁ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି, ଯେତେବେଳେ ସେଠାରୁ ଅନ୍ୟ ଲୋକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାକୁ ପ୍ରୟାସ କରାଯାଉଛି । ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷ ଏହି ବିସ୍ଫୋରଣର କାରଣକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହାଁନ୍ତି କିମ୍ବା କୌଣସି ମୃତ୍ୟୁ ହୋଇଥିବା ସୂଚନା ମିଳିନାହିଁ । ଏହି ବନ୍ଦର ଇରାନର ରାଜଧାନୀ ତେହେରାନରୁ ପ୍ରାୟ ୧,୦୫୦କିଲୋମିଟର ଦକ୍ଷିଣ-ପୂର୍ବରେ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ନିକଟରେ ରହିଛି ଯେଉଁଥିରେ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ବାଣିଜ୍ୟ ଗତି କରେ ।

ତେବେ ବିସ୍ଫୋରଣର କେନ୍ଦ୍ରସ୍ଥଳ ଏହି ବନ୍ଦରରେ ରଖାଯାଇଥିବା କଣ୍ଟେନରଗୁଡ଼ିକର ଅଞ୍ଚଳ ଥିଲା। କଣ୍ଟେନରରେ କ'ଣ ରଖାଯାଇଥିଲା। ଯାହା ଫଳରେ ବଡ଼ ବିସ୍ଫୋରଣ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ସୂଚନାଯୋଗ୍ୟ ଯେ ଏହି ବିସ୍ଫୋରଣ ଏପରି ସମୟରେ ଘଟିଛି ଯେତେବେଳେ ଇରାନ ଏବଂ ଆମେରିକା ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଓମାନରେ ତୃତୀୟ ପର୍ଯ୍ୟାୟ ଆଲୋଚନା ଚାଲିଥିଲା। ଏପରି ପରିସ୍ଥିତିରେ ଏହି ଘଟଣାର ରାଜନୈତିକ ଏବଂ ଅନ୍ତର୍ଜାତୀୟ ପ୍ରଭାବ ଉପରେ ମଧ୍ୟ ନଜର ରଖାଯାଇଛି ।

### ସିନ୍ଧୁ ନଦୀରେ ଆମ ପାଣି ବହିବ ନଚେତ୍ ତାଙ୍କ ରକ୍ତ

## ପାକିସ୍ତାନୀଙ୍କୁ ତତାଉଛନ୍ତି ବିଲାୱାଲ



**ନୂଆଦିଲ୍ଲୀ,୨୬।୪:** ଭାରତ ସିନ୍ଧୁ ଜଳ ଚୁକ୍ତି ବାତିଲ୍ କରିବା ପରେ ପାକିସ୍ତାନରେ ନେତାଙ୍କ ନିଦ ହଜିଯାଇଛି । ବିଳିବିଲେଇଲେଣି ପାକିସ୍ତାନୀ ନେତା। ପାକିସ୍ତାନ ପିପୁଲ୍ସ ପାର୍ଟିର ମୁଖ୍ୟ ବିଲାୱାଲ ଭୁଟ୍ଟୋ-ଜର୍ଦାରୀ ଏକ ଗଣ ସାମାବେଶରେ ଉଦବୋଧନ ଦେଇ କହିଛନ୍ତି, ସିନ୍ଧୁ ନଦୀ ପାକିସ୍ତାନର ଥିଲା ଓ ପାକିସ୍ତାନର ରହିବ । ସିନ୍ଧୁ ନଦୀ ପାଇଁ ଆଗରୁ ଲଢ଼େଇ ହୋଇଛି । ପୁଣି ଏବେ ଲଢ଼େଇ ହେବ । ସିନ୍ଧୁ ନଦୀରେ ଆମର ପାଣି ବହିବ । ଅର୍ଥାତ ସିନ୍ଧୁ ନଦୀର ପାଣି ପାକିସ୍ତାନର ବୋଲି ସେ କହିବାକୁ ଚାହିଁଛନ୍ତି। ଯଦି ଏହା ନହୁଏ, ସିନ୍ଧୁ ନଦୀରେ ସେମାନଙ୍କ (ଭାରତର) ରକ୍ତ ବହିବ ବୋଲି ସେ ଚେତାବନୀ ଦେଇଛନ୍ତି । ପହଲଗାମ୍ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିବା ବେଳେ ବିଲାୱାଲ ଏଥିରେ ଘିଅ ଢ଼ାଳିଛନ୍ତି। ସିନ୍ଧୁ ସଭ୍ୟତା ପାକିସ୍ତାନର ବୋଲି ସେ କହିଛନ୍ତି । ଏହି ଚୁକ୍ତି ବାତିଲ୍ ପରେ ପାକିସ୍ତାନରେ ଜଳ ସଙ୍କଟ ଦେଖାଯିବାର ଆଶଙ୍କା ରହିଛି । ଏପରିକି ଚାଷ ବହୁତ କ୍ଷତିଗ୍ରସ୍ତ ହେବ । ତେଣୁ ପାକିସ୍ତାନ ଲୋକଙ୍କୁ ତତାଉଛନ୍ତି ନେତା ।

ଭାରତ ସିନ୍ଧୁ ଜଳ ଚୁକ୍ତି ବାତିଲ୍ କରିଥିବାରୁ ଏହାର ସମାଲୋଚନା କରିଛନ୍ତି ବିଲାୱାଲ୍ । ସିନ୍ଧୁ ନଦୀ ଜଳ ପାକିସ୍ତାନର ଓ ଆମେ ଏଥିରେ ବୁଝାମଣା କରିବାକୁ ଚାହୁଁନାହୁଁ ବୋଲି ଲୋକଙ୍କୁ କହିଛନ୍ତି ବିଲାୱାଲ୍ । ସେ ଏହି କଥା କହିବାର ଦନକ ପୂର୍ବରୁ ପାକିସ୍ତାନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଖ୍ୱଜା ଆସିଫ୍ ସ୍ୱୀକାର କରିଥିଲେ ଯେ, ପାକିସ୍ତାନ ଆତଙ୍କବାଦୀ ସଂଗଠନକୁ ଅର୍ଥ ଯୋଗାଇବା ସହ ସମର୍ଥନ କରୁଛି ।

ସିନ୍ଧୁ ଚୁକ୍ତି ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ବିଭାଜନକୁ ଆଧାର କରି ହୋଇଥଲା ଏହି ଐତିହାସିକ ଚୁକ୍ତି। ବିଶ୍ୱବ୍ୟାଙ୍କର ମଧ୍ୟସ୍ଥତାରେ ଭାରତରୁ ପାକିସ୍ତାନକୁ ପ୍ରବାହିତ ସିନ୍ଧୁ ନଦୀ ଓ ତାର ଉପନଦୀମାନଙ୍କ ଜଳକୁ ଉଭୟ ଦେଶ ମଧ୍ୟରେ ଆବଣ୍ଟିତ କରାଯାଇଥିଲା। ୧୯୬୦ ମସିହା ସେପ୍ଟେମ୍ବର ୧୯ରେ ପାକିସ୍ତାନର କରାଚୀରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଆୟୁବ ଖାଁଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ଚୁକ୍ତି ଅନୁସାରେ ପୂର୍ବ ପଟର ୩ଟି ନଦୀ ବିସ୍, ରାବୀ ଓ ସତଲେଜ ପାଣି ଉପରେ ଭାରତର ନିୟନ୍ତ୍ରଣ ରହିଲା। ପଶ୍ଚିମ ପଟର ୩ଟି ନଦୀ ସିନ୍ଧୁ, ଚେନାବ ଓ ଝେଲମ ଉପରେ ରହିଲା ପାକିସ୍ତାନର ନିୟନ୍ତ୍ରଣ। ଯେହେତୁ ପାକିସ୍ତାନର ନଦୀଗୁଡ଼ିକର ଅଧିକାଂଶ ଭାଗ ପାଣି ଭାରତରୁ ଆସେ, ତେଣୁ ପଶ୍ଚିମ ପଟର ନଦୀମାନଙ୍କ ପାଣିକୁ ଭାରତ ଜଳସେଚନ, ଜଳବିଦ୍ୟୁତ୍ ଉତ୍ପାଦନ, ଜଳ ପରିବହନ ଓ ମତ୍ସ୍ୟ ପାଳନ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବ ବୋଲି ଚୁକ୍ତିରେ ପ୍ରସ୍ତାବ ରହିଥିଲା।

### ପାକିସ୍ତାନୀ କହିଲେ- କୁଆଡେ ଯିବୁନି, ଏଇଠି ମରିବୁ




**ନୂଆଦିଲ୍ଲୀ,୨୬।୪:** ଭାରତ ଛାଡିବାକୁ ଡେଡଲାଇନ୍ ଦେବା ପରେ ଶରଣାର୍ଥୀଙ୍କ ମଧ୍ୟରେ ଭାଲେଣି। ଭାରତରେ ରହୁଥିବା ପାକିସ୍ତାନୀ ନାଗରିକ କରିବେ ବା କ'ଣ। ଗୋଟିଏ ପଟେ ପାକିସ୍ତାନ ନାଗରିକତା କିନ୍ତୁ ଆସିଛନ୍ତି ଧାର୍ମିକ ଭିସାରେ । ପହଲଗାମ ଆତଙ୍କୀ ଆକ୍ରମଣକୁ ନେଇ ଭାରତ ପାକିସ୍ତାନ ତିକ୍ତତା ଭିତରେ ଏବେ ବଳି ପଡିଛନ୍ତି ଏମାନେ। ଦୀର୍ଘ ଦିନ ଧରି ଏଠାରେ ରହୁଥିବା ଲୋକମାନେ ଏବେ ପାକିସ୍ତାନ ଫେରିବାକୁ ନାରାଜ। ସେଠାରେ ମରିବା ବଦଳରେ ନିଜ ମାଟିରେ ମରିବା ଭଲ ବୋଲି କହିଛନ୍ତି ।

ପାକିସ୍ତାନ ନାଗରିକଙ୍କ ପାଇଁ ଭାରତରେ ରହିବା ଏବେ ମୁସ୍କିଲ । ସେମାନଙ୍କ ମୁଣ୍ଡରେ ଦେଶ ଛାଡ଼ିବାର ଖଣ୍ଡା ଝୁଲୁଛି। ହିନ୍ଦୁ ହୋଇଥିଲେ ମଧ୍ୟ ଦେଶ ଛାଡିବାର ଘାରିଛି ଭୟ । ପାକିସ୍ତାନରୁ ସଂଘର୍ଷ କରି ଭାରତ ଆସିଥିଲେ, ହେଲେ ଏବେ ଭାରତ ଛାଡିବାକୁ ସେମାନଙ୍କୁ ବାଧ୍ୟ କରାଯାଉଛି । ମିଳିଛି ୪୮ ଘଣ୍ଟାର ଡେଡଲାଇନ୍ । ଫଳରେ ସେମାନେ କ'ଣ କରିବେ କିଛି ବୁଝି ପାରୁନାହାନ୍ତି ।

ରାଜସ୍ଥାନରେ ପାକିସ୍ତାନରୁ ଅନେକ ହିନ୍ଦୁ ପରିବାର ଅଛନ୍ତି ଯେଉଁମାନେ ସର୍ଟ ଟର୍ମ ଭିସାରେ ଏଠାକୁ ଆସିଛନ୍ତି। ପାଖାପାଖି ୧୨୦୦୦ରୁ ଅଧିକ ପାକିସ୍ତାନୀ ନାଗରିକ ସ୍ୱଳ୍ପକାଳୀନ ଭିସାରେ ଜୈସଲମର ଆସିଥିଲେ । କିଏ ବାହାଘର ପାଇଁ ଆସିଥିଲା ତ ଆଉ କିଏ ନିଜ ପରିବାର ନେଇ ଏଠାରେ ବସବାସ କରିବାକୁ । ସେହିପରି ଆଉ କିଏ ବ୍ୟବସାୟ କରି ଭଲ ଦୁଇ ପଇସା ରୋଜଗାର କରିବା ପାଇଁ ।

ଏବେ ଏମାନଙ୍କୁ ଘର ଖାଲି କରିବାକୁ କୁହାଯାଇଛି । ବିଭିନ୍ନ ସେଲ୍ଟରରେ ରହୁଥିବା ପାକିସ୍ତାନ ନାଗରିକଙ୍କୁ ଛାଡିବାକୁ ବାଧ୍ୟ କରାଯାଇଛି । ଫଳରେ ଚିନ୍ତାରେ ଅନେକ ଲୋକ ଖାଇବା ପିଇବା ଛାଡି ଦେଇଛନ୍ତି । ରାମ ରାଜ୍ୟରେ ଯଦି ସ୍ଥାନ ମିଳିବ ନାହିଁ ତେବେ ଆମେ କୁଆଡେ ଯିବୁ । ଆମର ଦୋଷ କ'ଣ। ଆମେ ବିଷ ଖାଇ ଆତ୍ମହତ୍ୟା କରିବୁ ପଛେ ପାକିସ୍ତାନ ଫେରିବୁ ନାହିଁ ବୋଲି କହିଛନ୍ତି ।

### ଆଡଭାଇଜାରି ଜାରି କଲା ଡିଜିସିଏ




**ନୂଆଦିଲ୍ଲୀ, ୨୬।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣର ଭାରତର କଡ଼ା ଜବାବର ପ୍ରତିଶୋଧ ସ୍ୱରୂପ ପାକିସ୍ତାନ ଭାରତୀୟ ବିମାନ ପାଇଁ ତାର ଆକାଶ ସୀମା ବନ୍ଦ କରିଦେଇଛି। ଏପରି ପରିସ୍ଥିତିରେ, ଭାରତର ଆନ୍ତର୍ଜାତୀୟ ବିମାନଗୁଡ଼ିକୁ ଆରବ ସାଗର ଦେଇ ଏକ ଲମ୍ବା ରାସ୍ତା ନେବାକୁ ପଡିବ। ଏହି ପରିପ୍ରେକ୍ଷୀରେ, ଡିଜିସିଏ ସମସ୍ତ ଏୟାରଲାଇନ୍ସ ପାଇଁ ପାଞ୍ଚଟି ପ୍ରମୁଖ ପରାମର୍ଶ ମଧ୍ୟ ଜାରି କରିଛି। ଡିଜିସିଏ ଆଡଭାଇଜରିରେ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେଇଛନ୍ତି। ଏଥିରେ ଯାତ୍ରୀଙ୍କ ସୁବିଧାଠାରୁ ଆରମ୍ଭ କରି ବିମାନ ଭିତରେ କ୍ୟାଟରିଂ ସେବା, ଗ୍ରାହକ ସେବା ଏବଂ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ପର୍ଯ୍ୟନ୍ତ ନିର୍ଦ୍ଦେଶାବଳୀ ଅନ୍ତର୍ଭୁକ୍ତ। ପ୍ରକୃତରେ, ପହଲଗାମ ଆକ୍ରମଣ ପରେ, ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିବା ଭଳି ଅନେକ ବଡ଼ ପଦକ୍ଷେପ ନେଇଛି। ପ୍ରତିଶୋଧ ସ୍ୱରୂପ, ପାକିସ୍ତାନ ମଧ୍ୟ ଭାରତୀୟ ବିମାନ ପାଇଁ ତାର ଆକାଶ ସୀମା ବନ୍ଦ କରିଦେଇଛି। ଏପରି ପରିସ୍ଥିତିରେ, ୟୁରୋପ, ମଧ୍ୟ ଏସିଆ ଏବଂ ପଶ୍ଚିମ ଦେଶଗୁଡ଼ିକରେ ପହଞ୍ଚିବା ପାଇଁ, ଭାରତୀୟ ବିମାନଗୁଡ଼ିକୁ ଏବେ ଆରବ ସାଗର ଦେଇ ଯିବାକୁ ପଡିବ। ଏହା ଯାତ୍ରାକୁ ବହୁତ ଲମ୍ବା କରିବ ଏବଂ ଯାତ୍ରୀମାନଙ୍କୁ ବିମାନରେ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିପାରେ। ଏହି ଜିନିଷଗୁଡ଼ିକୁ ଧ୍ୟାନରେ ରଖି, ଡିଜିସିଏ ପକ୍ଷରୁ ଏକ ଆଡ୍ଭାଇଜରି ଜାରି କରିଛି। ଏଥିରେ ୫ଟି ଜିନିଷ ଉପରେ ଧ୍ୟାନ ଦେଇଥିଲେ ଏବଂ କହିଥିଲେ, ଡିଜିସିଏ ତାଙ୍କ ପରାମର୍ଶଦାତାରେ କହିଛନ୍ତି ଯେ ପାକିସ୍ତାନ ଭାରତୀୟ ବିମାନ ପାଇଁ ତାର ଆକାଶ ମାର୍ଗ ବନ୍ଦ କରିଦେଇଛି। ଏହା ବିମାନ କମ୍ପାନୀଗୁଡ଼ିକର ଗତିବିଧିକୁ ପ୍ରଭାବିତ କରିବ। ଅନେକ ଆନ୍ତର୍ଜାତୀୟ ଏବଂ ଘରୋଇ ବିମାନଗୁଡ଼ିକର ରୁଟ୍ ପରିବର୍ତ୍ତନ ହୋଇପାରେ, ଯାହା ଫଳରେ ଯାତ୍ରା ସମୟ ଅଧିକ ଏବଂ ଯାନ୍ତ୍ରିକ ସମସ୍ୟା ସୃଷ୍ଟି ହୁଏ।

## ଜମ୍ମୁ-କାଶ୍ମୀର କୁଲଗାମରେ ୨ ଆତଙ୍କୀ ସହଯୋଗୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ



**କୁଲଗାମ,୨୬।୪:** ଜମ୍ମୁ-କାଶ୍ମୀର କୁଲଗାମରେ ପୋଲିସ ଓ ସିଆରପିଏଫ ମିଳିତ ଚଢ଼ଉ କରି ଆତଙ୍କବାଦୀଙ୍କ ୨ ଜଣ ସହଯୋଗୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ମଧ୍ୟ ଜବତ ହୋଇଛି। ଅଧିକାରୀକ ବୟାନ ଅନୁସାରେ କେମୋହ ର ମଟଲାହାମା ଚୌକରେ ଯାଞ୍ଚ କାଳରେ ୨ ଜଣ ଲୋକଙ୍କୁ ରୋକା ଯାଇଥିଲା ଓ ପରେ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ବିଲାବଲ ଅହମଦ ଭଟ୍ଟ ଓ ମହମଦ ଇସ୍ମାଇଲ ଭଟ୍ଟ ଭାବେ ଚିହ୍ନଟ କରାଯାଇଛି। ଉଭୟ ଥୋକେରପାରାର ବାସିନ୍ଦା ଓ ଯାଞ୍ଚ ସମୟରେ ସୁରକ୍ଷା ବଳ ସେମାନଙ୍କ ନିକଟରୁ ୨ଟି ପିସ୍ତଲ, ୨ଟି ପିସ୍ତଲ ମ୍ୟାଗଜିନ ସମେତ ୨୫ ରାଉଣ୍ଡ ପିସ୍ତଲ ଗୁଳି ଓ ଗୋଳାବାରୁଦ ଜବତ କରିଛନ୍ତି । କେମୋହ ପୋଲିସ ଥାନାରେ ଏ ନେଇ ବିଭିନ୍ନ ଧାରାରେ ମକଦ୍ଦମା ରୁଜୁ ହୋଇଥିବା ବେଳେ ସେମାନଙ୍କୁ ପଚରା ଉଚରା କରାଯାଉଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଅଧିକାରୀମାନେ ଏବେ ଆକ୍ସନ ମୋଡରେ ଥିବା ବେଳେ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କ ବିରୋଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହେଉଛି। ଏହି କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀଙ୍କ ଘର ଉପରେ ବୁଲଡୋଜର ଚଳାଯାଇଥିବା ବେଳେ ସେମାନଙ୍କ ଠିକଣା ଉପରେ ଚଢ଼ଉ କରି ଶତାଧିକ ଲୋକଙ୍କୁ ସନ୍ଦେହରେ ଗିରଫ କରାଯାଇଛି। ଅଧିକାରୀଙ୍କ ଅନୁସାରେ ସୁରକ୍ଷା ବଳ ଏବେ କାଶ୍ମୀର ଘାଟିର ସବୁ ସ୍ଥାନରେ ଆତଙ୍କବାଦୀ ଓ ସେମାନଙ୍କ ସହଯୋଗୀଙ୍କୁ ତଲାସ କରୁଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଗତ ୪୮ ଘଣ୍ଟାରେ ୫ ଆତଙ୍କବାଦୀ ଓ ସେମାନଙ୍କ ସହଯୋଗୀଙ୍କ ଘର ମାଟିରେ ମିଶାଇ ଦିଆଯାଇଛି।

## ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ, ୩ ଶ୍ରମିକ ମୃତ



**ଉତ୍ତରପ୍ରଦେଶ,୨୬।୪:** ସହାରନପୁର ଦେଓବନ୍ଦ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ । ଏଭଳି ଦୁର୍ଘଟଣା ଆଜି ଘଟିଥିବା ସୂଚନା ମିଳିଛି । ବିସ୍ଫୋରଣରେ ଅନେକ ଲୋକ ଖଣ୍ଡବିଖଣ୍ଡିତ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ୩ଟି ଲୋକଙ୍କ ମୃତ୍ୟୁ ହୋଇଛି ବୋଲି ସ୍ପଷ୍ଟ କରାଯାଇଛି । ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳ ଲୋକାରଣ୍ୟ ହୋଇପଡିଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି । ଦେଓବନ୍ଦର ମୁଜଫରନଗ ଜଙ୍ଗଲର ବାଣ କାରଖାନାରେ ଆଜି ସକାଳ ପ୍ରାୟ ୬ଟା ସମୟରେ ଭୟଙ୍କର ବିସ୍ଫୋରଣ ଘଟିଛି । ବିସ୍ଫୋରଣର ଶବ୍ଦ ଏତେ ଜୋର ଥିଲା ଯେ ଗାଁର ଆଖପାଖ ଲୋକ ଘଟଣା ଜାଣିବା ପାଇଁ ସେଠାରେ ପହଞ୍ଚିଥିଲେ । ବିସ୍ଫୋରଣ ଧୂଆଁରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ଗାଁଲୋକ ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକଙ୍କ ଖଣ୍ଡବିଖଣ୍ଡିତ ଶରୀର ପଡିଥିବା ଦେଖିବାକୁ ପାଇଥିଲେ । ବିସ୍ଫୋରଣ ଏକ ଷଡଯନ୍ତ୍ର ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଯାହାଫଳରେ ଗାଁଲୋକ ରାସ୍ତାକୁ ଅବରୋଧ କରିଥିଲେ । ଘଟଣାସ୍ଥଳରେ ପୋଲିସ ତୁରନ୍ତ ପହଞ୍ଚି ମୃତ ଦେହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି ।

## ଦୁର୍ଘଟଣାରେ, ୬ ସଫେଇ କର୍ମଚାରୀ ମୃତ, ୫ ଗୁରୁତର

**ମୁମ୍ବାଇ,୨୬।୪:** ହରିୟାଣାର ନୁଁହ ଜିଲ୍ଲାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୬ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ପୋଲିସ ସୂଚନା ଅନୁଯାୟୀ, ଏକ ପିକଅପ ଭ୍ୟାନର ଚାଳକ ନିୟନ୍ତ୍ରଣ ହରାଇ ଏକ୍ସପ୍ରେସୱେରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଧକ୍କା ଦେଇଥିଲେ। ୬ ଜଣ ସଫେଇ କର୍ମଚାରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ନୁହଁ ଓ ଗୁରୁଗ୍ରାମର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ପାଇଁ ପଠାଯାଇଛି। ତେବେ ମୃତକଙ୍କ ପରିଚୟ ଏଯାଏଁ ମିଳିନି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପିକଅପ ଭ୍ୟାନଟି ଅତ୍ୟଧିକ ବେଗରେ ଚାଲୁଥିଲା ଏବଂ ଚାଳକ ରାସ୍ତାରେ ଥିବା ସଫେଇ କର୍ମଚାରୀଙ୍କୁ ଦେଖି ନ ପାରିବାରୁ ଏହି ଦୁର୍ଘଟଣା ଘଟିଛି।

## ବିଦେଶରେ ବିରୋଧ ପ୍ରଦର୍ଶନ ବେକ କାଟିବାକୁ ଧମକ ଦେଲେ ପାକ୍ ଦୂତାବାସ ଅଧିକାରୀ




**ଲଣ୍ଡନ,୨୬।୪:** ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କୀ ହମଲାକୁ ନେଇ ସବୁଠି କ୍ରୋଧର ନିଆଁ ଜଳୁଛି । ପ୍ରତିଶୋଧ ନିଆଁରେ ଜଳୁଛନ୍ତି ଦେଶବାସୀ। ଏହି ଆକ୍ରମଣକୁ ନେଇ ବିଦେଶରେ ବି ବିରୋଧ ପ୍ରଦର୍ଶନ ହୋଇଛି । ସାରା ବିଶ୍ୱରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ପାକିସ୍ତାନ ବିରୋଧରେ ଆକ୍ରୋଶ ଦେଖିବାକୁ ମିଳିଛି । ଲଣ୍ଡନରେ ରହୁଥିବା ପ୍ରବାସୀ ଭାରତୀୟ ପହଲଗାମ ଆତଙ୍କୀ ଆକ୍ରମଣ ବିରୋଧରେ ପ୍ରଦର୍ଶନ କରିଥିଲେ । ଲଣ୍ଡନ ସ୍ଥିତ ପାକିସ୍ତାନ ହାଇକମିଶନ ବାହାରେ ଜୋରଦାର ନାରାବାଜି କରିଛନ୍ତି । ଏହାପରେ ପାକିସ୍ତାନ ଦୂତାବାସ ଆତଙ୍କୀ ଇଙ୍ଗିତ କରୁଥିବା ଦେଖିବାକୁ ମିଳିଛି । ଲଣ୍ଡନ ସ୍ଥିତ ପାକିସ୍ତାନ ହାଇକମିଶନ ବାହାରେ ଗର୍ଜନ କରିଛନ୍ତି ପ୍ରବାସୀ । ନାରାବାଜି ଦେବା ସହ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ପହଲଗାମ ଆତଙ୍କୀ ଆକ୍ରମଣକୁ ନିନ୍ଦା କରିଛନ୍ତି ।

## ପାକିସ୍ତାନକୁ ଦୁଇ ଭାଗ କରିଦିଅ, ପିଓକେକୁ ଭାରତ ସହିତ ମିଶାଇ ଦିଅ

● ପିଏମ୍ ମୋଦୀଙ୍କୁ ରେବନ୍ତଙ୍କ ଅପିଲ୍



**ନୂଆଦିଲ୍ଲୀ,୨୬।୪:** ପିଓକେକୁ ଭାରତ ସହିତ ମିଶାଇ ଦିଅ। ପାକିସ୍ତାନକୁ ଦୁଇ ଭାଗ କରିଦିଅ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ। ପହଲଗାମ ଆତଙ୍କବାଦୀ ହମ୍‌ଲା ବିରୋଧରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ନେତୃତ୍ୱରେ ଶୁକ୍ରବାର ହାଇଦ୍ରାବାଦରେ ଏକ ଶୋଭାଯାତ୍ରା ବାହାରିଥିଲା। ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ଏବଂ ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, "ପିଓକେକୁ ଭାରତ ସହିତ ମିଶ୍ରଣ କରିବାକୁ ହେଲେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

## ସେନା ଅଭିଯାନର ଲାଇଭ୍ ରିପୋର୍ଟିଂ ହେବନି

### ମିଡିଆକୁ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା



**ନୂଆଦିଲ୍ଲୀ,୨୬।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଯାଇଛି। ଏହାରି ଭିତରେ କେନ୍ଦ୍ର ସରକାର ଶନିବାର ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ କଟକଣା ଜାରି ରହିଛନ୍ତି । ଡିଫେନ୍ସ ଅପରେସନ୍ସ ଓ ସୁରକ୍ଷାବଳଙ୍କ ଗତିବିଧିର ଲାଇଭ୍ କଭରେଜ୍‌ରୁ ବଞ୍ଚିତ ରହିବାକୁ କୁହାଯାଇଛି । ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି ହୋଇଛି । ଏଥିରେ ସରକାର ତର୍କ ରଖିଛନ୍ତି ଯେ, ଲାଇଭ୍ ରିପୋର୍ଟିଂ ଦ୍ୱାରା ଅଜଣାତରେ ଶତ୍ରୁମାନଙ୍କୁ ଫାଇଦା ମିଳୁଛି । ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲା ପରେ ପ୍ରତିରକ୍ଷା ମାମଲା ଉପରେ ରିପୋର୍ଟିଂକୁ ନଜରରେ ରଖି ଏହି ମାର୍ଗଦର୍ଶିକା ଜାରି ହୋଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ କୁହାଯାଇଛି, ରାଷ୍ଟ୍ରୀୟ ସୁରକ୍ଷା ପାଇଁ ସମସ୍ତ ଗଣମାଧ୍ୟମ, ସମାଚାର ଏଜେନ୍ସି ଏବଂ ସ୍ପେଶାଲ ମିଡିଆ ୟୁଜର୍ସମାନେ ପ୍ରତିରକ୍ଷା ସମ୍ବନ୍ଧୀୟ ଅଭିଯାନ ବେଳେ ଧ୍ୟାନର ସହିତ ରିପୋର୍ଟିଂ କରିବା ସହ ଆଇନ ଓ ନିୟମକୁ ପାଳନ କରିବା ଦରକାର। ସେନା ଅପରେସନ ବେଳେ କୌଣସି ରିୟଲ ଟାଇମ୍ କଭରେଜ୍ କିମ୍ବା ଲାଇଭ୍ ଦୃଶ୍ୟ ପ୍ରସାରଣ ବା ସୂତ୍ରରୁ ଆଧାରିତ ସୂଚନା ଉପରେ ରିପୋର୍ଟିଂ ନହେବା ଉଚିତ୍ ।

### ଲମ୍ବଡିଆଁରେ ଗୁରୁଙ୍କ ରେକର୍ଡ ଭାଙ୍ଗିଲେ ଶିଷ୍ୟ

# ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ସାଇଲି ମନୋନୀତ

**ନୂଆଦିଲ୍ଲୀ,୨୬।୪:** ରେକର୍ଡ ବ୍ରେକର ସାଇଲି ସିଂହ। କିମ୍ବଦନ୍ତୀ ଅଞ୍ଜୁ ବବି ଜର୍ଜଙ୍କ ରେକର୍ଡ ଭାଙ୍ଗିଲେ ଲଙ୍ଗଜମ୍ପର ସାଇଲି। ପ୍ରଥମ ଭାରତୀୟ ଭାବେ ଆଥଲେଟିକ୍ସରେ ୱାର୍ଲ୍ଡ ଚାମ୍ପିଅନ୍‌ସିପ ପଦକ ଜିତିଥିବା ଅଲିମ୍ପିଆନ ଅଞ୍ଜୁ। ତାଙ୍କ ରେକର୍ଡ ଭାଙ୍ଗି ଇତିହାସ ରଚିବା ସହ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ସାଇଲି। ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଗ୍ୟତା ପାଇଁ ଲଙ୍ଗଜମ୍ପରେ ୬.୪୧ମିଟର ମାର୍କ ରହିଥିଲା। ୬.୪୫ ମିଟର ଡେଇଁ ମାର୍କ ସେଟ୍ କରିଥିଲେ ସାଇଲି। ଫଳରେ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଉତ୍ତରପ୍ରଦେଶର ସାଇଲିଙ୍କୁ ଯୋଗ୍ୟତା ମିଳିଛି। ଏର୍ଣ୍ଣାକୁଲମର ମହାରାଜ କଲଜେ ଗ୍ରାଉଣ୍ଡରେ ଜାତୀୟ




ଫେଡରେସେନ କପ୍ ଆଥଲେଟିକ୍ସରେ ଏହି ରେକର୍ଡ କରିଛନ୍ତି ସାଇଲି। ଏହା ସହିତ ତାଙ୍କ ପ୍ରଶିକ୍ଷକ ଏବଂ ଅଭିଜ୍ଞ ଲଙ୍ଗଜମ୍ପର ଅଞ୍ଜୁ ବବି ଜର୍ଜ କରିଥିବା ୨୩ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ୨୦୦୨ରେ ଅଞ୍ଜୁ କରିଥିବା ୬.୫୯ ମିଟରର ରେକର୍ଡକୁ ପଛରେ ପକାଇ ଦେଇଛନ୍ତି ୨୧ ବର୍ଷୀୟା ସାଇଲି।

୨୦୨୩ରେ ୬.୭୬ ମିଟର ସାଇଲିଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଯାହା ଜଣେ ଭାରତୀୟ ଭାବେ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୟାସ ଥିଲା। ପୂର୍ବରୁ କେବେଳ ଅଞ୍ଜୁ ବବି ୬.୮୩ ଜାତୀୟ ରେକର୍ଡ କରିଥିଲେ। ରେକର୍ଡ ଭାଙ୍ଗିବା ସହିତ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ ଯୋଗ୍ୟତା ହାସଲ କରିବା ପରେ ସାଇଲିଙ୍କୁ ମେଡାଲ ପିନ୍ଧାଇଲେ ଅଞ୍ଜୁ। ସେ କହିଥିଲେ, ''ମୁଁ ଜାଣିଥିଲି ସେ ମୋର ରେକର୍ଡ ଭାଙ୍ଗିବେ। ଏହା ମୋ ପାଇଁ ଏକ ଉପହାର। ସାଇଲି ମୋ ଜାତୀୟ ରେକର୍ଡ ଭାଙ୍ଗନ୍ତୁ ମୁଁ ସେ ଅପେକ୍ଷାରେ ରହିଛି।'' ଦକ୍ଷିଣ କୋରିଆର ଗୁମି ଠାରେ ଆଗାମୀ ମେ' ୨୭ରୁ ୩୧ ତାରିଖ ମଧ୍ୟରେ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବ। ଏଥିପାଇଁ ଭାରତୀୟ ଆଥଲେଟିକ୍ ସଂଘ (ଏଏଫ୍ଆଇ) ପକ୍ଷରୁ ୫୯ଜଣିଆ ଦଳ ଘୋଷଣା କରାଯାଇଛି। ଗତ ସଂସ୍କରଣରେ ଭାରତ ୬ଟି ସ୍ୱର୍ଣ୍ଣ ସହ ମୋଟ ୨୭ଟି ପଦକ ଜିତିଥିଲା। ଏଥର ଦଳ ପୂର୍ବ ପଦକ ରେକର୍ଡ଼ ଭଙ୍ଗ କରିବ ବୋଲି ଏଏଫ୍ଆଇ ଆଶାବାଦୀ ରହିଛି। ସାଇଲି ସିଂହ ଓ ଆନ୍‌ସି ସୋଜାନ (ଲଙ୍ଗଜମ୍ପ), ପୂଜା (ହାଇଜମ୍ପ) ପାଇଁ ମହିଳା ବର୍ଗରେ ଯୋଗ୍ୟତା ଅର୍ଜନ କରିଛନ୍ତି।

### କଳିଙ୍ଗ ସୁପର କପ ୨୦୨୫

## ପ୍ରଥମ କ୍ୱାର୍ଟର କେରଳ ବ୍ଲାଷ୍ଟର୍ସ-ମୋହନ ବାଗାନ, ଦ୍ୱିତୀୟ କ୍ୱାର୍ଟର ଏଫ୍‌ସି ଗୋଆ-ପଞ୍ଜାବ ଟକ୍କର

**ଭୁବନେଶ୍ୱର,୨୬।୪:** କଳିଙ୍ଗ ସୁପର କପ୍‌ରେ ଆଜିଠୁ କ୍ୱାର୍ଟର ଫାଇନାଲ ଖେଳାଯିବ। ଆଜି ୨ଟି ମ୍ୟାଚ୍ ରହିଛି। ପ୍ରଥମ ମ୍ୟାଚ୍ କେରଳ ବ୍ଲାଷ୍ଟର୍ସକୁ ମୋହନ ବାଗାନ ଏସ୍‌ଜି ଏବଂ ଦ୍ୱିତୀୟ ମ୍ୟାଚ୍ ଏଫ୍‌ସି ଗୋଆକୁ ପଞ୍ଜାବ ଭେଟିବ। ଆଇ-ଲିଗ୍ ଦଳ ଚର୍ଚ୍ଚିଲ ବ୍ରଦର୍ସ ଓହରି ଯିବାରୁ ଆଇଏସ୍ଏଲ୍ ଚାମ୍ପିଅନ ମୋହନ ବାଗାନ ବାଇ ପାଇ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ତେଣୁ ପ୍ରି-କ୍ୱାର୍ଟର ମ୍ୟାଚ୍ ଦଳ ଖେଳି ନଥିଲା। କିନ୍ତୁ କେରଳ ବ୍ଲାଷ୍ଟର୍ସ ୨-୦ ଗୋଲରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଥିଲା। ଆଇଏସ୍ଏଲରେ ମୋହନ ବାଗାନର ପ୍ରଦର୍ଶନ ବେଶ ଉନ୍ନତ ରହିଥିଲା। ଦଳ ଲିଗ୍ ପର୍ଯ୍ୟାୟରେ ଟେବୁଲ ଟପ୍ପର ହେବା ସହ ଶେଷରେ ଚାମ୍ପିଅନ ହୋଇଥିଲା। ତଥାପି କେରଳ ବ୍ଲାଷ୍ଟର୍ସର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ସେମି ଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ସେମିତି ଦ୍ୱିତୀୟ କ୍ୱାର୍ଟରରେ ଗୋଆ ଓ ପଞ୍ଜାବ ମୁହାଁମୁହିଁ ହେବେ। ପ୍ରି-କ୍ୱାର୍ଟରରେ ଗୋଆ ୩-୦ ଗୋଲରେ ଆଇ-ଲିଗ୍ ଦଳ ଗୋକୁଲମ କେରଳକୁ ପରାଜିତ କରିଥିଲା। ସେହିପରି ପଞ୍ଜାବ ଘରୋଇ ଓଡ଼ିଶା ଏଫ୍‌ସି ଦଳକୁ ହରାଇଥିଲା। ଉଭୟ ଦଳ ପୂର୍ବ ମ୍ୟାଚ୍‌ରେ ୩ଟି ଲେଖାଏଁ ଗୋଲ୍ ଦେବାରେ ସଫଳ ହୋଇଥିଲେ। ଦୁଇ ଦଳ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ ରହିଛନ୍ତି। ୨୭ ତାରିଖରେ ତୃତୀୟ କ୍ୱାର୍ଟର ଇଣ୍ଟର କାଶୀ ଓ ମୁମ୍ବାଇ ସିଟି ଏବଂ ଅନ୍ତିମ କ୍ୱାର୍ଟର ନର୍ଥଇଷ୍ଟ ୟୁନାଇଟେଡ୍ ଓ ଜାମସେଦପୁର ମଧ୍ୟରେ ଖେଳାଯିବ। ଆସନ୍ତା ୩୦ରେ ସେମି ଫାଇନାଲ ଏବଂ ମେ' ୩ ତାରିଖରେ ଟାଇଟଲ ଲଢ଼େଇ ହେବ।

### ବୈଭବ ସୂର୍ଯ୍ୟବଂଶୀଙ୍କୁ ବୀରେନ୍ଦ୍ର ସେହବାଗଙ୍କ ବଡ଼ ପରାମର୍ଶ

## ପ୍ରଶଂସା ନୁହେଁ ଖେଳ ଉପରେ ଧ୍ୟାନ ଦିଅ

**ନୂଆଦିଲ୍ଲୀ, ୨୬।୪:** ଚଳିତ ଆଇପିଏଲରେ ଖୁବ୍ ଚର୍ଚ୍ଚାରେ ଅଛନ୍ତି ୧୪ ବର୍ଷୀୟ ଖେଳାଳି ବୈଭବ ସୂର୍ଯ୍ୟବଂଶୀ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବା ବିହାରର ଏହି ଖେଳାଳି ଏତେ କମ୍ ବୟସରେ ଆଇପିଏଲରେ ଖେଳୁଥିବାରୁ ସମସ୍ତଙ୍କ ନଜର ମଧ ତାଙ୍କରି ଉପରେ ରହିଛି। ସେ ଯଶସ୍ୱୀ ଜୟସ୍ୱାଲଙ୍କ ସହିତ ଇନିଂସ୍ ଓପ୍ କରୁଛନ୍ତି। ଦୁଇଟି ମ୍ୟାଚରେ ବଡ଼ ସଟ୍ ଖେଳି ସମସ୍ତଙ୍କ ଦୃଷ୍ଟିଆକର୍ଷଣ ମଧ



କରିଛନ୍ତି। ଆଇପିଏଲରେ ସେ ଖେଳିଥିବ. ପ୍ରଥମ ବଲରେ ଛକା ମାରିଥିଲେ। ତେଣୁ ପଡ଼ିଆକୁ ଆସିଲେ ବୈଭବଙ୍କ ପାଇଁ ଖୁବ୍ ତାଳି ବାଜୁଛି। ତେବେ ଅନେକ ପ୍ରଶଂସା ଓ ଲୋକପ୍ରିୟତା ବୈଭବଙ୍କ କ୍ୟାରିୟର ପାଇଁ ଶୁଭଙ୍କର ନୁହେଁ ବୋଲି ପୂର୍ବତନ ଓପ୍ନର ବୀରେନ୍ଦ୍ର ସେହବାଗ ଚେତାଇ ଦେଇଛନ୍ତି। ଯଦି ନିୟମିତ ଭାବେ ଏଭଳି ପ୍ରଶଂସା ପାଇବାକୁ ଚାହାନ୍ତି ତେବେ ବୈଭବ ନିଜ ଖେଳ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। କାରଣ ଏତେ କମ୍ ବୟସରେ ତାଙ୍କୁ ବହୁତ ଲୋକପ୍ରିୟତା ମିଳିଛି। ସବୁବେଳେ ଲୋକେ ତାଙ୍କ ଠାରୁ ଭଲ ସ୍କୋର ଓ ବଡ଼ ସଟ୍ ଆଶା କରିବେ। ଆଉ ଯଦି ଲୋକଙ୍କ ଆଶା ପୂରଣ କରିବା ଏବଂ ଲୋକଙ୍କ ଠାରୁ ପ୍ରଶଂସା ପାଇବା ଲୋଭରେ ରହିବେ ତେବେ ବୈଭବଙ୍କ କ୍ୟାରିୟର ବେଶି ଲମ୍ବା ହେବ ନାହିଁ। ସେ ବିରାଟ କୋହଲିଙ୍କ ଭଳି ଲମ୍ବା ସମୟ ଯାଏ ଖେଳିବାର ମାନସିକତା ରଖିବା ଦରକାର। ବିରାଟ ୧୯ ବର୍ଷ ବୟସରୁ ଖେଳ ଆରମ୍ଭ କରି ଏଯାଏ ଖେଳୁଛନ୍ତି। ସବୁ ଆଇପିଏଲରେ ବିରାଟ ଖେଳିଛନ୍ତି। ବୈଭବ ତାଙ୍କରି ପଥ ଅନୁସରଣ କରି ନିଜକୁ ଲମ୍ବା କ୍ୟାରିୟର ପାଇଁ ପ୍ରସ୍ତୁତ କରିବାକୁ ସେହବାଗ ପରାମର୍ଶ ଦେଇଛନ୍ତି।

## ଆଇପିଏଲ୍ ଯୋଗୁଁ କ୍ଷତିଗ୍ରସ୍ତ ହେଉଛି ଭାରତୀୟ କ୍ରିକେଟ୍: ସୁନୀଲ ଗାଭାସ୍କର

**ମୁମ୍ବାଇ, ୨୬।୪:** ଭାରତର ଅନ୍ୟତମ ମହାନ କ୍ରିକେଟିୟର ତଥା ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ଇଣ୍ଡିଆନ ପ୍ରିମିୟର ଲିଗ୍ ସମ୍ପର୍କରେ ଏକ ବଡ଼ ବୟାନ ଦେଇଛନ୍ତି ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସୁନୀଲ ଗାଭାସ୍କର ସ୍ପୋର୍ଟଷ୍ଟାରରେ ଲେଖିଥିବା ତାଙ୍କ ସ୍ତମ୍ଭରେ ଆଇପିଏଲର ପ୍ରଶଂସା କରିଥିଲେ କିନ୍ତୁ ଏହି ଟି-୨୦ ଟୁର୍ଣ୍ଣାମେଣ୍ଟ ଏବଂ ଭାରତରେ ଘରୋଇ



କ୍ରିକେଟ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ପାର୍ଥକ୍ୟ ମଧ ଦର୍ଶାଇଥିଲେ। ଏହା ଦ୍ୱାରା ଭାରତୀୟ କ୍ରିକେଟ କେତେକ କ୍ଷତି ସହୁଥିବା ସେ ଲେଖିଛନ୍ତି ।

ଗାଭାସ୍କର ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, "ଏହି ଆଇପିଏଲ୍ ପୁଣି ଥରେ ଦେଖାଇଛି ଯେ ଗୋଟିଏ ପ୍ରଦର୍ଶନ ଜଣେ ଅଜଣା ଖେଳାଳିଙ୍କ ପାଇଁ ଉଚ୍ଚ ସମ୍ମାନ ଆଣିପାରେ। ଏହା ଜାତୀୟ ଚାମ୍ପିଅନସିପ୍, ରଣଜୀ ଟ୍ରଫିର ପ୍ରଦର୍ଶନର ସମ୍ପୂର୍ଣ୍ଣ ବିପରୀତ, ଯେଉଁଠାରେ ସର୍ବୋତ୍ତମ ପ୍ରଦର୍ଶନକାରୀ ଖେଳାଳିମାନେ ଖବରର ଶିରୋନାମା ହୁଅନ୍ତି ନାହିଁ।" ପୂର୍ବତନ ଭାରତୀୟ ବ୍ୟାଟସମ୍ୟାନ୍ ଏହା ମଧ ଲେଖିଛନ୍ତି ଯେ "ଆଇପିଏଲର ଏକ ଭଲ ସିଜିନ୍ ଜଣେ ଖେଳାଳିଙ୍କ ପାଇଁ ସେତିକି ଲାଭଦାୟକ ହୋଇପାରେ ଯେତିକି ତାଙ୍କର ସମଗ୍ର ରଣଜୀ ଟ୍ରଫି କ୍ୟାରିଅର ଦେଇପାରିବ ନାହିଁ।" "ଏହା କ୍ଷତରେ ଲୁଣ ମାରିବା ପରି, ଯେଉଁମାନେ ସମଗ୍ର ସିଜିନ୍ ପାଇଁ ଘରୋଇ କ୍ରିକେଟ୍ ଖେଳନ୍ତି ସେମାନେ ଜଣେ ଅଣକ୍ୟାପ୍ଡ ଆଇପିଏଲ୍ ଖେଳାଳିଙ୍କ ସର୍ବନିମ୍ନ ବେସପ୍ରାଇସ୍ ୩୦ ଲକ୍ଷ ଟଙ୍କା ମଧ ରୋଜଗାର କରନ୍ତି ନାହିଁ। ଯଦି ମୁମ୍ବାଇ ଭଳି ଅନ୍ୟ ସଂଘଗୁଡ଼ିକ ରଣଜୀ ଖେଳାଳିମାନଙ୍କୁ ବିସିସିଆଇ ଦ୍ୱାରା ଦିଆଯାଇଥିବା ଦେୟ ସହିତ ମେଳ ଖାଏ, ତେବେ ଏହି ଅସନ୍ତୁଳନକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ।"

## ମୋଟେଇ ପରୀକ୍ଷାରେ ଫେଲ ମାରିଲା ଜାଡେଜାଙ୍କ ବ୍ୟାଟ୍

**ଚେନ୍ନାଇ,୨୬।୪:** ଚେନ୍ନାଇ ସୁପରକିଙ୍ଗ୍‌ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ରବିନ୍ଦ୍ର ଜାଡେଜାଙ୍କ ବ୍ୟାଟ୍ ମୋଟେଇ ପରୀକ୍ଷାରେ ଫେଲ ମାରିଛି। ଶୁକ୍ରବାର ୪ନଂ ସ୍ଥାନରେ ଜାଡ଼େଜା ବ୍ୟାଟିଂ କରିବାକୁ ଆସିଥିଲେ। ପଡ଼ିଆ ଅମ୍ପାୟାର ତାଙ୍କ ବ୍ୟାଟ୍ ପରୀକ୍ଷା କରିଥିଲେ। ମାତ୍ର ବ୍ୟାଟ୍‌ଟି ଆବଶ୍ୟକତାଠୁ ଅଧିକ ମୋଟା ରହିଥିଲା। ତାଙ୍କୁ ବ୍ୟାଟ୍




ପରିବର୍ତ୍ତନ କରିବାକୁ ପଡ଼ିଥିଲା। ସେ ୨୧ ରନ କରି ଆଉଟ୍ ହୋଇଥିଲେ। ଚଳିତ ସିଜନରେ ମ୍ୟାଚ୍ ସମୟରେ ଖେଳାଳିଙ୍କ ବ୍ୟାଟ୍ ମାପ କରାଯାଉଛି। ନିୟମ ଅନୁଯାୟୀ ବ୍ୟାଟ୍‌ର ଲମ୍ବା ୩୮ଇଞ୍ଚ କିମ୍ବା ୯୬.୫୨ ସେଣ୍ଟି ମିଟର ଠାରୁ ଅଧିକ ହୋଇ ପାରିବନାହିଁ। ଠିକ୍ ସେହିପରି ବ୍ୟାଟ୍‌ର ବ୍ଲେଡ୍ ପ୪.୨ଇଞ୍ଚ(୧୦.୮ସେମି) ଚଉଡ଼ା, ୨.୬ଇଞ୍ଚ (୬.୭ସେମି) ମୋଟା ଓ ଏଜ ୧.୫୬(୪.୦ସେମି)ଠୁ ଅଧିକ ହୋଇପାରିବ ନାହିଁ। ଜାଡ଼େଜାଙ୍କ ବ୍ୟାଟ୍ ପୂର୍ବରୁ ସୁନୀଲ ନାରାଏନ୍ ଓ ଆନରିଚ ନର୍ଜ(କୋଲକାତା ନାଇଟ ରାଇଡର୍ସ)ଙ୍କ ବ୍ୟାଟ୍ ମଧ ମୋଟେଇ ପରୀକ୍ଷାରେ ବିଫଳ ହୋଇଛି।

# କେଉଁଠୁ ଆସନ୍ତି ଚିୟରଗାର୍ଲ୍ସ; କିଏ କରେ ଡ୍ରେସ୍ ଖର୍ଚ୍ଚ? କେତେ ମିଳିଥାଏ ଦରମା

**ନୂଆଦିଲ୍ଲୀ,୨୬।୪:** ଆଇପିଏ ୨୦୨୫। ଦମ୍ଦାର୍ ଫର୍ମରେ ସବୁ ଟିମ୍। ଟ୍ରଫି ହାତେଇବାକୁ ଚଳାଇଛନ୍ତି ପ୍ରୟାସ୍। କୁହାଯାଏ କେବଳ ବଲ୍ ଏବଂ ବ୍ୟାଟ୍ ଜରିଆରେ ମ୍ୟାଚ୍‌କୁ ରୋମାଞ୍ଚକର କରାଯାଇପାରିବନି। ଲାଇଭ୍ ମ୍ୟାଚ୍‌କୁ ରୋମାଞ୍ଚକର କରିଥାନ୍ତି ଚିୟରଗାର୍ଲ। ଏମାନଙ୍କ କଠିନ ପରିଶ୍ରମ ମ୍ୟାଚ୍‌ର ମଜା ବଢ଼ାଇଥାଏ। କିନ୍ତୁ IPL ପାଇଁ ଚିୟରଗାର୍ଲଙ୍କୁ କିପରି କରାଯାଏ ଚୟନ ? ସେମାନଙ୍କର ପୋଷାକ ଖର୍ଚ୍ଚ କିଏ ବହନ କରେ ? ଆଉ ସେମାନଙ୍କୁ କେତେ ମିଳେ ଦରମା ? ଆସନ୍ତୁ ଜାଣିବା ଚିୟରଗାର୍ଲଙ୍କ ବିଷୟରେ କିଛି ରୋଚକ କଥା? ଚିୟରଗାର୍ଲଙ୍କ ଚୟନ ପ୍ରକ୍ରିୟା ବହୁତ ଜଟିଳ। ପ୍ରଥମେ ଏକ ଅଡିସନ୍ ହୁଏ, ତା'ପରେ ଆବେଦନକାରୀଙ୍କର ସାକ୍ଷାତକାର ନିଆଯାଏ। ସେମାନଙ୍କର ଦକ୍ଷତା ମୂଲ୍ୟାଙ୍କନ କରିବା ପରେ ହିଁ କେହି ଜଣେ ହୋଇପାରିଥାନ୍ତି ଚିୟରଗାର୍ଲ। ଜଣେ ଚିୟରଗାର୍ଲର ହେବା ପାଇଁ ଆବେଦନକାରୀମାନଙ୍କୁ ଡ୍ୟାନ୍ସ କରିବା ଜଣା ଥିବା ଆବଶ୍ୟକ। ସେମାନଙ୍କର ମଡେଲିଂ ସ୍କିଲ୍ ମୂଲ୍ୟାଙ୍କନ କରାଯାଏ ଏବଂ ସେମାନେ ଷ୍ଟେଜ୍‌ରେ ପ୍ରଦର୍ଶନ କରିବାର ଚାପକୁ ସମ୍ଭାଳି ପାରିବେ କି ନାହିଁ ତାହା ଦେଖିବା ପାଇଁ ମଧ ସେମାନଙ୍କୁ ପରୀକ୍ଷା




କରାଯାଏ। ଏବେ ପ୍ରଶ୍ନ ଆସୁଛି ଚିୟରଗାର୍ଲଙ୍କୁ ଡ୍ରେସ୍ ପାଇଁ କିଏ ଟଙ୍କା ଦିଏ ? ରିପୋର୍ଟ ଅନୁଯାୟୀ ଚିୟରଗାର୍ଲ ପିନ୍ଧୁଥିବା ପୋଷାକର ଖର୍ଚ୍ଚ ଟିମ୍ ସ୍ପନସର୍ ଉଠାଇଥାନ୍ତି। ଚିୟରଲିଡରଙ୍କ ୟୁନିଫର୍ମରେ ବଡ଼ ବଡ଼ କମ୍ପାନୀର ଲୋଗୋ ଚିତ୍ରିତ ହୋଇଥାଏ। ସାଧାରଣତଃ ଟିମ୍ ମ୍ୟାନେଜମେଣ୍ଟ ସ୍ପନସର୍ଙ୍କ ସହିତ ମିଶି ଚିୟରଗାର୍ଲଙ୍କ ଡ୍ରେସ୍ ଡିଜାଇନ୍ କରିବାରେ ସାହାଯ୍ୟ କରିଥାଏ।

ତେବେ IPL ଚିୟରଗାର୍ଲଙ୍କ ଦରମା କେତେ? ଆଇପିଏଲ୍‌ରେ ଜଣେ ଚିୟରଗାର୍ଲଙ୍କ ଦରମା ଫ୍ରାଞ୍ଚାଇଜ୍ ଏବଂ ବ୍ୟକ୍ତିଗତ ଚୁକ୍ତିନାମା ଉପରେ ନିର୍ଭର କରି ଭିନ୍ନ ହୋଇଥାଏ। ଯଦି ଜଣେ ଚିୟରଗାର୍ଲ ପୁରା ସିଜିନ୍ ପାଇଁ ପ୍ରଦର୍ଶନ କରନ୍ତି, ତେବେ ସେ ସାଢେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ। ଯଦି କୌଣସି ଟିମ୍ ଫାଇନାଲରେ ପହଞ୍ଚିଥାଏ, ତେବେ ଜଣେ ଚିୟରଗାର୍ଲ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ। ଏହାବ୍ୟତୀତ ସେମାନେ ଟିମ୍ ସହ ଟ୍ରାଭେଲ୍ କରିବା ପରି ସୁବିଧା ପାଇଥାନ୍ତି। ଏବେ ସମସ୍ତଙ୍କ ମନରେ ପ୍ରଶ୍ନ ଆସୁଥିବ କେଉଁ ଟିମ୍ ଚିୟରଗାର୍ଲଙ୍କୁ ସବୁଠାରୁ ଅଧିକ ଦରମା ଦେଇଥାଏ ? ଆଇପିଏଲ୍‌ର ୧୦ଟି ଟିମ୍ ସେମାନଙ୍କ ମ୍ୟାଚ୍ ପାଇଁ ଚିୟରଲିଡର୍ସଙ୍କୁ ନିଯୁକ୍ତି ଦିଅନ୍ତି। ରିପୋର୍ଟ ଅନୁଯାୟୀ ମୁମ୍ବାଇ ଇଣ୍ଡିଆନ୍ସର ଜଣେ ଚିୟରଗାର୍ଲଙ୍କୁ ପ୍ରତି ମ୍ୟାଚ୍ ପାଇଁ ୨୦ହଜାର ଟଙ୍କା ଦରମା ମିଳିଥାଏ। ଏହାର ଅର୍ଥ ହେଉଛି ସେ ଗୋଟିଏ ସିଜିନରେ ୨ ଲକ୍ଷ ୮୦ ଟଙ୍କା ରୋଜଗାର କରିପାରିବେ। ଯଦି ମୁମ୍ବାଇ ଇଣ୍ଡିଆନ୍ସ ଦଳ ପ୍ଲେଅଫରେ ପହଞ୍ଚିଯାଏ ତେବେ ଚିୟରଗାର୍ଲଙ୍କ ଆୟ ମଧ ବୃଦ୍ଧି ପାଇବ। ଏହା ପଛକୁ ରହିଛି ଚେନ୍ନାଇ ସୁପର କିଙ୍ଗ୍ସ। ଟିମ୍ ଜଣେ ଚିୟରଲିଡରଙ୍କୁ ପ୍ରତି ମ୍ୟାଚ୍ ପାଇଁ ଦେଇଥାଏ ୧୭ ହଜାର ଟଙ୍କା ଦରମା। ସିଏସକେ ଚିୟରଗାର୍ଲ ଗୋଟିଏ ସିଜିନରେ ୨ ଲକ୍ଷ ୩୮ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ। ଲିଷ୍ଟରେ ସାମିଲ ରହିଛି କୋଲକାତା ନାଇଟ୍ ରାଇଡର୍ସ। ଆଇପିଏଲ ୨୦୨୫ରେ ଟିମ୍ ନିଜର ଚିୟରଗାର୍ଲଙ୍କୁ ସବୁଠାରୁ ଅଧିକ ଟଙ୍କା ଦେଉଛି। ରିପୋର୍ଟ ଅନୁସାରେ, କେକେଆରର ଜଣେ ଚିୟରଗାର୍ଲ ପ୍ରତି ମ୍ୟାଚ୍ ପାଇଁ ୨୪ ରୁ ୨୫ ହଜାର ଟଙ୍କା ଦେଇଥାଏ। ଏହାର ଅର୍ଥ ହେଉଛି ସେମାନଙ୍କର ଚିୟରଗାର୍ଲ ଗୋଟିଏ ସିଜିନରେ ୩ଲକ୍ଷ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ। ଯଦି ତାଙ୍କ ଦଳ ପ୍ଲେଅଫରେ ପହଞ୍ଚିଯାଏ, ତେବେ ତାଙ୍କର ରୋଜଗାର ଆହୁରି ବୃଦ୍ଧି ପାଇବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦାରିଦ୍ର୍ୟ ...

ଲୋକଙ୍କ ଜୀବନ ଧାରଣର ମାନରେ ଉନ୍ନତି ହୋଇଥିବା ଦର୍ଶାଉଛି।

ବିଶ୍ୱବ୍ୟାଙ୍କର ଏହି ରିପୋର୍ଟ ଅନୁଯାୟୀ ଦେଶର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ୨୦୧୧-୧୨ରେ ୧୮.୪ ପ୍ରତିଶତରୁ ୨୦୨୨-୨୩ରେ ୨.୮ ପ୍ରତିଶତକୁ ହ୍ରାସ ପାଇଛି। ସେହିଭଳି ସହରାଞ୍ଚଳରେ ଦାରିଦ୍ର ହାର ସେହି ସମୟ ମଧ୍ୟରେ ୧୦.୭ ପ୍ରତିଶତରୁ ୧.୧ ପ୍ରତିଶତକୁ ହ୍ରାସ ପାଇଛି। ସେହିଭଳି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଦାରିଦ୍ର୍ୟତାର ପାର୍ଥକ୍ୟ ବାର୍ଷିକ ୧୬ ପ୍ରତିଶତ ହାରରେ ହ୍ରାସ ପାଇଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଦ୍ରାରିଦ୍ର୍ୟର ପ୍ରଭେଦ ୭.୭ ପ୍ରତିଶତରୁ ୧.୭ ପ୍ରତିଶତକୁ ହ୍ରାସ ପାଇଛି।

ସବୁଠୁ ଉଲ୍ଲେଖନୀୟ କଥା ହେଉଛି ନିମ୍ନ-ମଧ୍ୟବିତ୍ତ ଶ୍ରେଣୀରେ ଦାରିଦ୍ର୍ୟ ହାର ସବୁଠୁ ଅଧିକ ହ୍ରାସ ପାଇଛି। ନିମ୍ନ ମଧ୍ୟବିତ୍ତ ଶ୍ରେଣୀରେ ୨୦୧୧-୧୨ରେ ଦେଶର ୬୧.୮ ପ୍ରତିଶତ ଲୋକଙ୍କ ଦୈନିକ ୩.୬୫ ଆମେରିକୀୟ ଡଲାର ଖର୍ଚ୍ଚ କରିବାକୁ ସାମର୍ଥ୍ୟ ନଥିଲା। ଏହି ସଂଖ୍ୟା ୨୦୨୨-୨୩ ବେଳକୁ ୨୮.୧ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଏହି ଶ୍ରେଣୀର ୩୭୮ ନିୟୁତ ଲୋକ ଗରିବୀ ସୀମାରେଖା ଉପରକୁ ଉଠୁଛନ୍ତି। ଦାରିଦ୍ର୍ୟ ହ୍ରାସ କରିବାରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶର ପ୍ରଦର୍ଶନ ସବୁଠାରୁ ପ୍ରଶଂସନୀୟ ଥିଲା ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟରେ କୁହାଯାଇଛି।

### ଜବାବୀ ...

ଗ୍ରାଉଣ୍ଡ ଆଟାକକୁ ନେଇ ପ୍ରମାଦ ଗଣୁଛି ପାକିସ୍ତାନ ।

ଆଗକୁ କିଛି ବଡ ଘଟଣା ଘଟିବାକୁ ଯାଉଥିବା ମଧ୍ୟ ଅନୁମାନ କରାଯାଉଛି । କାରଣ ପାକିସ୍ତାନ ସୀମାକୁ ଲାଗି ରହିଥିବା ପଞ୍ଜାବର ଅମ୍ରିତସର, ଫିରୋଜପୁର, ଗୁରଦାସପୁର, ପଠାନକୋଟ ଅଂଚଳର କୃଷକମାନଙ୍କୁ ବିଏସଏଫ ୨ ଦିନ ମଧ୍ୟରେ ଗହମ ଫସଲ କାଟିନେବାକୁ କହିଛି । ଏଥିସହ ସମ୍ପୃକ୍ତ ଅଞ୍ଚଳକୁ ଖାଲି କରିଦେବା ପାଇଁ ଗ୍ରାମମାସୀଙ୍କୁ ଅନୁରୋଧ କରାଯାଇଛି । ଗୁରୁଦ୍ୱାରରେ ମଧ୍ୟ ଏ ନେଇ ଘୋଷଣା କରାଯାଇଛି । କୃଷକମାନେ ମଧ୍ୟ ଏଥିରେ ତତ୍ପରତା ଦେଖାଇବା ଆରମ୍ଭ କରିଛନ୍ତି । ପଞ୍ଜାବର ପଠାନକୋଟରୁ ଫାଜିଲିକା ପର୍ଯ୍ୟନ୍ତ ୫୫୩ କିଲୋମିଟର ଲମ୍ବା ସୀମାରେଖାରେ ଭାରତୀୟ ସେନାର ଗତିବିଧି ବଢ଼ିଯାଇଛି । ବିଏସଏଫ ଯବାନମାନେ ଗ୍ରାମକୁ ଯାଇ ଗ୍ରାମବାସୀ ଆବଶ୍ୟକ ସତର୍କତା ପନ୍ଥା ଆପଣାଇବାକୁ କହୁଛନ୍ତି। ଯଦି କୌଣସି ଅପରିଚିତ ବ୍ୟକ୍ତି କିମ୍ବା ସନ୍ଦେହ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଦେଖିବ ତେବେ ପୋଲିସ ଓ ବିଏସଏଫ ଯବାନଙ୍କୁ ଜଣାଇବାକୁ କୁହାଯାଇଛି। ସମ୍ପୂର୍ଣ୍ଣ ଅଂଚଳଗୁଡିକରେ ହାଇଆଲର୍ଟ ଜାରୀ ରଖାଯାଇଛି । ଫିରୋଜପୁରର କାଲୁୱାଲା ଗ୍ରାମକୁ ଖାଲି କରି ଦିଆଯାଇଛି ।

ସେପଟେ ତନ ତନ କରି ଯାଞ୍ଚ କରୁଛି ସେନା। ଆତଙ୍କୀ ନେଟୱର୍କ ଉପରେ ହେଉଛି ସାଂଘାତିକ ପ୍ରହାର। ଗଳିକନ୍ଦିରେ ଚାଲିଛି ସର୍ଚ୍ଚ ଅପରସେନ । ଉପତ୍ୟକାରେ ଦିନ ରାତି ସର୍ଚ୍ଚ ଅପରେସନ୍ ଚାଲିଛି। ଏଯାବତ ୧୭୫ ଜଣଙ୍କୁ ଉଠାଇନେଇଛି ଫୋର୍ସ। ସେମାନଙ୍କୁ ଗୁଡ଼ାଇ ତୁଡ଼ାଇ ଚାଲିଛି ପଚରାଉଚରା। ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଥିବା ଆଉ ତିନି ଜଣ ଆତଙ୍କବାଦୀଙ୍କ ଘରକୁ ଧ୍ୱଂସ କରିଦିଆଯାଇଛି। ଗତକାଲି ରାତିରେ ଜମ୍ମୁ-କାଶ୍ମୀରର ସୋପିଆନ, ପୁଲୱାମା ଓ କୁଲଗାମରେ ୩ ଲସ୍କର ଆତଙ୍କୀଙ୍କ ଘର ମାଟିରେ ମିଶିଛି । ଏହିସବୁ ଘରେ ରହି ଆତଙ୍କବାଦୀଙ୍କୁ ସମର୍ଥନ ଓ ପ୍ରୋତ୍ସାହନ ମିଳିଥିବା ଖବର ମିଳିଛି । ରାତିରେ ସର୍ଚ୍ଚ ଅପରେସନ ପରେ ସୁରକ୍ଷାବାହିନୀ ଆଇଇଡି ସାହାଯ୍ୟରେ ଘରଗୁଡିକୁ ଉଡାଇ ଦେଇଛି ।

ଲସ୍କର ଆତଙ୍କବାଦୀ ଅହସନ ଅହମ୍ମଦ ଶେଖ୍ର ପୁଲୱାମା ମୁରାନରେ ଥିବା ଦୁଇ ମହଲା କୋଠାକୁ ଉଡାଇ ଦିଆଯାଇଛି । ସେହିପରି ଲସ୍କର ଆତଙ୍କୀ ଜାକିର୍ ଗାନିର କୁଲଗାମସ୍ଥିତ ଘର ଏବଂ ସୋପିଆନ ଜିଲ୍ଲା ଚୋଟିପୋରାରେ ଥିବା ଆତଙ୍କବାଦୀ ଶାହିଦ୍ ଅହମ୍ମଦର ବାସଭବନକୁ ସୁରକ୍ଷାକର୍ମୀମାନେ ଆଇଇଡି ସାହାଯ୍ୟରେ ମାଟିରେ ମିଶାଇ ଦେଇଛନ୍ତି । ଏହି ୩ ଆତଙ୍କୀ ଫେରାର୍ ଥିବାବେଳେ ସମସ୍ତଙ୍କୁ ବିରୋଧରେ ଏକ ମାମଲା ରୁଜୁ ହୋଇଛି ।

### ପ୍ରଶାନ୍ତଙ୍କ ...

କହିଥିଲେ, ''ଦିନ ସାଢେ ୧୨ଟା ଆକ୍ରମଣ ହୋଇଥିଲା । ମୁଁ, ମୋ ସ୍ୱାମୀ ଓ ପୁଅ ରୋପ୍‌ୱେରେ ବୁଲୁଥିଲୁ । ହଠାତ୍ ବାଣ ଫୁଟିବା ଭଳି ଢୋ ଢା ଶବ୍ଦ ହୋଇଥିଲା। ଆତଙ୍କବାଦୀମାନେ ଅତର୍କିତ ଭାବେ ଅନ୍ଧାଧୁନ୍ଦ ଗୁଳିବର୍ଷା କରିଥିଲେ । ପ୍ରଶାନ୍ତଙ୍କ ବାମ ମୁଣ୍ଡରେ ଗୁଳି ବାଜିଥିଲା । ମୋ ଆଖି ସାମ୍ନାରେ ସବୁ ଘଟିଥିଲା ।''

### ସୁଲତାଙ୍କ ...

ଘଟଣାକୁ ନେଇ ଉପହାସ କରୁଛନ୍ତି ସେମାନଙ୍କର ରାଜନୀତିରେ ରହିବାର କୌଣସି ଯୋଗ୍ୟତା ନାହିଁ । ଏଭଳି କୁତ୍ସିତ ମାନସିକର ବ୍ୟକ୍ତି, ତାଙ୍କ ଦଳ ଓ ତାଙ୍କ ନେତାଙ୍କୁ ଧନ୍ୟ କହିବ । ଏଭଳି ନେତାଙ୍କୁ ଲୋକେ ସବୁଦିନ ପାଇଁ ପ୍ରତ୍ୟାଖାନ କରିଦେବା ଉଚିତ୍ ବୋଲି ପୃଥୀରାଜ ରୋକଠୋକ କହିଛନ୍ତି।

ତେବେ ସୁଲତାଙ୍କ ଏଭଳି ବୟାନବାଜି ଆଜି ଖୋଦ ବିଜେଡିକୁ ଅକଳରେ ପକାଇଥିବାବେଳେ ଦଳର ବରିଷ୍ଠ ନେତା ଏଭଳି ବକ୍ତବ୍ୟକୁ ସମାଲୋଚନା କରିଛନ୍ତି । ଯଦିଓ ସୁଲତା ତାଙ୍କ ବକ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଛନ୍ତି କିନ୍ତୁ ଏହି ଘଟଣାରେ ସୋସିଆଲ ମିଡିଆରେ ତାଙ୍କୁ କଟୁ ସମାଲୋଚନା କରାଯାଉଛି ।

### ବଲାଙ୍ଗୀର...

ଅଲଟିମେଟମ ଦେଇଛନ୍ତି ।

ସେହିଭଳି କଟକ ଓ ଭୁବନେଶ୍ୱରରୁ ମଧ୍ୟ ଚିହ୍ନଟ ହୋଛନ୍ତି ପାକିସ୍ତାନୀ । କଟକରେ ୩ଜଣ ପାକିସ୍ତାନୀ ରହିଥିବା ପୋଲିସ ସୂଚନା ଦେଇଛି । କଟକରେ ଆଉ ପାକିସ୍ତାନୀ ଅଛନ୍ତି କି ନାହିଁ ସେନେଇ ଚିହ୍ନଟ ପ୍ରକ୍ରିୟା ଚାଲିଛି । ସେହିଭଳି ଭୁବନେଶ୍ୱରର ଚିନ୍ତାମଣୀର ଅଞ୍ଚଳରେ ରହୁଥିବା ନଗମା ୟୁସୁଫ ୨୦୦୮ରୁ ପାକିସ୍ତାନରୁ ଆସିଥିଲେ। ଇଣ୍ଟରନେଟରୁ ଭଲପାଇ ମହମ୍ମଦ ନିଜୁମୁଦ୍ଦିନଙ୍କୁ ବାହା ହେବା ପାଇଁ ଲଙ୍ଗଟର୍ମ ଭିସା ଧରି ଭୁବନେଶ୍ୱର ଆସିଥିଲେ । ୧୭ ବର୍ଷ ଧରି ସେ ଭୁବନେଶ୍ୱରରେ ରହୁଥିଲେ । ଗତ ଡିସେମ୍ବରରୁ ତାଙ୍କ ଭିସା ଅବଧି ସରିଲାଣି । ଗତ ଫେବୃଆରୀରେ ସେ ଏକଜିଟ ପର୍ମିଟ ପାଇଁ ଆବେଦନ କରିଥିଲେ । ଏବେ ତାଙ୍କୁ ଲିଭ ଇଣ୍ଡିଆ ନୋଟିସ ଜାରି ହୋଇଛି ।

ସେପଟେ ବାଲେଶ୍ୱରରେ ବି ଜଣେ ପାକିସ୍ତାନୀଙ୍କୁ ଚିହ୍ନଟ କରାଯାଇଛି। ସେ ହେଲେ ରାଜିଆ ସୁଲତାନା। ଗତ ୫୫ ବର୍ଷରୁ ଅଧିକ ସମୟ ଧରି ସୋର ପଠାଣ ମହଲାରେ ରହୁଛନ୍ତି । ସେ ସ୍ଥାନୀୟ ସେକ ସମସୁଦ୍ଦିନଙ୍କୁ ବିବାହ କରିଥିବାବେଳେ ଆଜି ତାଙ୍କୁ ଭାରତ ଛାଡିବା ଲାଗି ନୋଟିସ ଜାରି କରାଯାଇଛି।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ରାଜ୍ୟର ଅନ୍ୟ ଜିଲ୍ଲାରେ ବର୍ଷ ବର୍ଷ ଧରି ଏଭଳି ରହୁଥିବା ପାକିସ୍ତାନୀଙ୍କୁ ଚିହ୍ନଟ କରି ସେମାନଙ୍କୁ ନିଜ ଦେଶକୁ ଫେରାଇଦେବାକୁ ପ୍ରକ୍ରିୟା ଜାରି ରହିଛି ।

### ୧୪ ଆତଙ୍କବାଦୀଙ୍କ...

ହିଜବୁଲରେ କାମ କରୁଛି ଅନନ୍ତନାଗର ଆତଙ୍କୀ ଜୁବେର ଅହମ୍ମଦ। ୨୦୨୧ରୁ ହିଜବୁଲରେ କାର୍ଯ୍ୟରତ ଆତଙ୍କବାଦୀ ହାରୁନ୍ ରାସିଦ ଗନି । ୨୦୨୧ରୁ ଲସ୍କର ପାଇଁ କାମ କରୁଛି ସୁପୋର ଜିଲ୍ଲାର ଆଦିଲ ରେହମାନ। ୨୦୨୩ରୁ ଲସ୍କରରେ କାର୍ଯ୍ୟରତ ପୁଲୱାମାର ଆତଙ୍କୀ ହାରିସ୍ ନାଜିର। ୨୦୧୯ରୁ ଲସ୍କର-ଏ-ତୋଇବାରେ କାମ କରୁଛି ଆତଙ୍କୀ ସୋପିଆନର ନାସିର ଅହମ୍ମଦ ।

### ଦମ୍...

ବାଜିବାକ୍ଷଣି ଯୁଦ୍ଧବିମାନ ତୁରନ୍ତ ଉଡାଣ ଭରିବାକୁ ଥିବାରୁ ଏୟାର ବେସରେ ବ୍ୟବସ୍ଥା ହୋଇଛି ଏକାଧିକ ଓଆରପି। ସେପଟେ କେବଳ ବାୟୁସେନା ନୁହେଁ ସମୁଦ୍ରରେ ସଜାଗ ହେଲାଣି ନୌସେନା ଯୋଦ୍ଧା । ଆରବ ସାଗରରେ ମିଡିୟମ ରେଞ୍ଜ ସର୍ଫେସ ଟୁ ଏୟାର ମିଶାଇଲ୍ ପରୀକ୍ଷଣ କରିଛି ଇଣ୍ଡିଆନ ନାଭିର ମିଶାଇଲ ଧ୍ୱଂସକାରୀ ଆଇଏନ୍ଏସ୍ ସୁରତ । ଯାହାର କ୍ଷମତା ରହିଛି ୭୦ କିଲୋମିଟର ।

### ଅପରାଧୀଙ୍କୁ ...

ପ୍ରସ୍ତୁତ ହେଉଥିବା ବେଳେ ଆରଏସଏସ ମୁଖ୍ୟଙ୍କ ଏଭଳି ବୟାନ ଆଗାମୀ ଦିନରେ ଏକ ଯୁଦ୍ଧର ସମ୍ଭାବନାକୁ ଇଙ୍ଗିତ କରୁଛି।

ସେହିଭଳି କିଛି ଲୋକ ଅଛନ୍ତି ଯେଉଁମାନେ କେବେ ବି ବଦଳିବେ ନାହିଁ।

ତେଣୁ ସେମାନଙ୍କୁ ଠାରୁ ଅଧିକ କିଛି ଆଶା ନକରି ସେଭଳି ଗୁଣ୍ଡାକୁ ଶାସ୍ତି ଦିଆଯିବା ଉଚିତ। ରାବଣର ଉଦାହାରଣ ଦେଇ ସେ କହିଥିଲେ ଯେ, ରାବଣ ପାଖରେ ମଧ୍ୟ ଭଲ ଲୋକ ହେବାର ସବୁ ଲକ୍ଷ୍ୟଣ ଥିଲା।

କିନ୍ତୁ ସେ ଖରାପ ରାସ୍ତା ଆପଣେଇ ଥିଲା। ତେଣୁ ତାର କଲ୍ୟାଣ ପାଇଁ ତାର ସଂହାର କରିଥିଲେ ଭଗବାନ। ଏହା ହିଂସା ନୁହେଁ, ଏହା ମଧ୍ୟ ଏକ ପ୍ରକାର ଅହିଂସା।

### ଓଡ଼ିଶା ...

ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ପରୀକ୍ଷାର୍ଥୀ। ଆରଆଇ, ଅମିନ ପରୀକ୍ଷା ବେଳେ ସେଣ୍ଟରକୁ ନେଇ ତ୍ରୁଟି ବିଚ୍ୟୁତି କଥାକୁ ସ୍ୱୀକାର କରିଛନ୍ତି ସରକାର । ଷ୍ଟାଫ ସିଲେକ୍ସନ କମିଶନ ପାଖରେ ମାନବ ସମ୍ବଳ ଓ ଭିତ୍ତିଭୂମିର ଅଭାବ ଯୋଗୁ ମୂଳ ସଂସ୍ଥା ଆଉଟସୋର୍ସିଂ କରୁଛି ନହେଲେ ଆଉଟ୍ ସୋର୍ସିଂ ସଂସ୍ଥା ପୁଣିଥରେ ଆଉଟ୍ ସୋର୍ସିଂ କରୁଛନ୍ତି । ଯେଉଁଥିପାଇଁ ପରୀକ୍ଷାରେ ସ୍ୱଚ୍ଛତା ରହୁନି।

## ସ୍ୱାମୀର କଟୁରୀ ଚୋଟରେ ସ୍ତ୍ରୀ ଗୁରୁତର, ଟଙ୍କା ପାଇଁ କଲା ମରଣାନ୍ତକ ଆକ୍ରମଣ

**ଚାନ୍ଦବାଲି,୨୬।୪(ସଂଚାର ବ୍ୟୁରୋ):** ଟଙ୍କା ପାଇଁ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଝଗଡା । ପରେ ଏକ କଟୁରୀରେ ସ୍ୱାମୀ ସ୍ତ୍ରୀକୁ କଲା ମରଣାନ୍ତକ ଆକ୍ରମଣ । ଗୁରୁତର ଅବସ୍ଥାରେ ସ୍ତ୍ରୀ ପ୍ରଥମେ ତିହିଡି ମେଡିକାଲରେ ଚିକିତ୍ସିତ ହେବା ପରେ ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅଭିଯୋଗ ମୁତାବକ, ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ସ୍ତ୍ରୀ ଅର୍ଥ ନ ଆଣିବାରୁ ସ୍ତ୍ରୀକୁ କଟୁରୀରେ ଆକ୍ରମଣ କରିଛି ସ୍ୱାମୀ । ସ୍ତ୍ରୀକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ତିହିଡି ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଏମିତି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଘଣ୍ଟେଶ୍ୱର ଫାଣ୍ଡି ଅଧୀନ ବଜାରପୁର ପଂଚାୟତ ବାଲିଆପାଳ ଗ୍ରାମରେ । ସୂଚନା ମୁତାବକ ଖଗେଶ୍ୱର ନାଉରି ସ୍ତ୍ରୀକୁ ଦୀର୍ଘବର୍ଷ ହେବ ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଦେଇ ଆସୁଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏ ନେଇ ଅନେକ ଥର ଭଦ୍ର ଲୋକେଙ୍କ ମାଧ୍ୟମ ରେ ସମାଧାନ କରାଯାଇ ଥିଲା । ଆଜି କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ୱାମୀ ଖଗେଶ୍ୱର ଉତ୍ୟକ୍ତ ହୋଇ ସ୍ତ୍ରୀ - କୁ ଏକ କଟୁରୀ ସାହାଯ୍ୟ ରେ ମୁଣ୍ଡ ବେକ ଏବଂ ହାତକୁ ଆକ୍ରମଣ କରିଥିଲେ। ଖବର ପାଇ ଗ୍ରାମବାସୀ ପହଂଚି ଯିବାରୁ ସ୍ୱାମି ଖଗେଶ୍ୱର କଟୁରୀ ଧରି ଗ୍ରାମବାସୀମାନଙ୍କୁ ଆକ୍ରମଣ କରିବାକୁ ଧମକ ଦେଇ ଦୌଡ଼ି ପଳାଇ ଯାଇଥିଲା । ସ୍ତ୍ରୀକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ତିହିଡି ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି ।

## ଠାବ ହେଲା ବଡ଼ ମାଓ ଡମ୍ପ୍

**ବୌଦ୍ଧ,୨୬।୪(ସଂଚାର ବ୍ୟୁରୋ):** ନକ୍ସଲ ବିରୋଧୀ ଅଭିଯାନରେ ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା। ବଡ଼ ମାଓ ଡମ୍ପ ଠାବ କଲେ ସୁରକ୍ଷାକର୍ମୀ। ମନମୁଣ୍ଡା ଥାନା ଅନ୍ତର୍ଗତ କନାଗୁନ୍ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏହି ମାଓ ଡମ୍ପିଂ ଠାବ ହୋଇଛି। ଏସପିଙ୍କ ନେତୃତ୍ୱରେ ମାତାକୁପା ସଂରକ୍ଷିତ ଜଙ୍ଗଲରେ ଏସଓଜି, ଡିଭିଏଫ ଏବଂ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡର ମିଳିତ ସର୍ଚ୍ଚ ଅପରେସନ ଏହି ସୁଫଳ ମିଳିଛି। ସୁରକ୍ଷାବାହିନୀ ଦ୍ୱାରା ୩୬ ଡେଟୋନେଟର, ୩୩ ଜିଲେଟିନ, ନକ୍ସଲ ୟୁନିଫର୍ମ ସହ ଅନ୍ୟ ମାଓ ସାମଗ୍ରୀ ଜବତ।

ସୂଚନାଥାଉକି, ଦେଶରେ ଚାଲିଛି ବଡ଼ ଧରଣର ମାଓ ଦମନ ଅଭିଯାନ। କେନ୍ଦ୍ର ସରକାରଙ୍କ ମାଓ ବିରୋଧୀ ଅଭିଯାନ ପରେ ଲାଲ୍ ବାହିନୀ ଥରହର ହୋଇଛି। ନିକଟରେ ଆରମ୍ଭ ହୋଇଥିବା ଅପରେସନରେ ତେଲଙ୍ଗାନା ଓ ଛତିଶଗଡ଼ ସୀମାନ୍ତରେ ଦୁଇ ହଜାରରୁ ଅଧିକ ମାଓବାଦୀ ଠୁଳ ହୋଇଥିବା ବେଳେ ସେମାନଙ୍କୁ ଘେରିଛନ୍ତି ତିନି ରାଜ୍ୟର ସୁରକ୍ଷାବଳ। ଜଙ୍ଗଲ ସହ ପାଖାପାଖି ୫ଟି ଅଞ୍ଚଳକୁ ଘେରି ରହିଛନ୍ତି ତେଲଙ୍ଗାନା, ଛତିଶଗଡ଼ ଓ ମହାରାଷ୍ଟ୍ରର ୨୦ ହଜାର ଯବାନ ଅପରେସନରେ ସାମିଲ ହୋଇଛନ୍ତି । ଏହି ତିନି ରାଜ୍ୟରେ ଆରମ୍ଭ ହୋଇଛି ନକ୍ସଲ ନିପାତ ଅଭିଯାନ।

# ସୋଆକୁ ସିଏସ୍ଆର୍ ସମ୍ମାନ



**ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍ସେସ୍ ରିଭ୍ୟୁ' ପକ୍ଷରୁ ସିଏସ୍ଆର୍ ସମ୍ମାନ ପ୍ରଦାନ କରାଯାଇଛି। ନିକଟରେ ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍ଆର୍ ସମ୍ମାନ ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ 'ସିଏସ୍ଆର୍ ଏମିନେଂଟ ଫାଉଣ୍ଡିଙ୍ଗ୍ ଡାଇରେକ୍ଟର ଅଫ୍ ଲିଡିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟକୁ 'ସିଏସ୍ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି।

ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି - ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ 'ସିଏସ୍ଆର୍ ଲିଡିଂ ଇନ୍ଷ୍ଟିଚ୍ୟୁଟ୍ ଫର ଏକ୍ସିଲେନ୍ସ ଇନ୍ କ୍ୟାରିୟର ଡେଭଲପମେଣ୍ଟ' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ସୋଆକୁ ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରଶଂସିତ କରାଯାଇଛି।

ନୂଆଦିଲ୍ଲୀର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଅଫିସର-ଅନ୍-ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ଓ ଆଡିସନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ସିଏସ୍ଆର୍‌ର ଅଧକ୍ଷ ଡକ୍ଟର ଏସ୍.କେ. ସଚଦେବଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।

## ସରକାରୀ ନିର୍ଦ୍ଦେଶକୁ ବ୍ଲକ ପ୍ରଶାସନର ଖୁଲମଖୁଲ୍ଲା ଉଲ୍ଲଙ୍ଘନ

# ଡହ ଡହ ଖରାରେ ଚାଲୁଛି ନିର୍ମାଣ କାମ

**କାକଟପୁର/ଅସ୍ତରଙ୍ଗ, ୨୬।୪ (ସଂଚାର ବ୍ୟୁରୋ):** ସକାଳ ସୂର୍ଯୋଦୟ ପରେ କାମ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଭିତରେ କାମ ବନ୍ଦ ହେବ। ପୁନର୍ବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ କରାଯିବ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ମଧରେ ସରକାରଙ୍କ ନିର୍ଦ୍ଦେଶକୁ ଖୁଲମଖୁଲ୍ଲା ଉଲଘଂନ କରୁଛନ୍ତି ବ୍ଲକ ପ୍ରଶାସନିକ ବିଭାଗୀୟ ଅଧିକାରୀ, ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ ଓ ଠିକାଦାର। ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମ କରାଉଛନ୍ତି, ତାହା ପୁଣି ଦିନ ସାରା। ଶନିବାର ଦିନ ୧ଘ ୧୪ମିନିଟ ସମୟରେ ଡହ ଡହ ଖରାରେ ଅସ୍ତରଙ୍ଗ ବ୍ଲକ ପରିସରରେ ନିର୍ମାଣ ହେଉଥିବା କୋଠାରେ କାମ କରୁଛନ୍ତି ଶ୍ରମିକ।

ଗୁରୁତ୍ୱପୂର୍ଣ୍ଣ ହେଉଛି, ସରକାରୀ ନିର୍ମାଣ କାମରେ ବି ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଅସ୍ତରଙ୍ଗ ବ୍ଲକ ପ୍ରଶାସନ ବିଭାଗୀୟ ଯନ୍ତ୍ରୀ ନିଜ ଘରେ ରହୁଥିବା ବେଳେ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହେଉଥିବା କୋଠା ହେଉ, ନଚେତ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ବିଦ୍ୟାଳୟ କାମ ହେଉଥିବା ବେଳେ ଯନ୍ତ୍ରୀମାନେ କାର୍ଯ୍ୟ ତଦାରଖ କରିବାକୁ



## ପେଟପାଟଣା ପାଇଁ ଶ୍ରମିକ ନାଚାର, ଚୁପ ବସିଛି ଶ୍ରମ ବିଭାଗ

ଯାଉନାହାନ୍ତି, ପେଟି ଠିକାଦାରମାନେ ଶ୍ରମିକ ମାନଙ୍କୁ ଡହ ଡହ ଖରାରେ କାମରେ ଲଗାଉଛନ୍ତି। ହେଲେ ଜିଲ୍ଲା ଶ୍ରମ ବିଭାଗ ପୂରା ନିଦାବିଷ୍ଟ ହୋଇ ବସିଛି। ନା ପଞ୍ଜିକୃତ ଠିକାଦାରଙ୍କ ନିର୍ମାଣସ୍ଥଳରେ ଯାଞ୍ଚ ହେଉଛି, ନାଁ ସାଧାରଣ କାର୍ଯ୍ୟସ୍ଥଳରେ।

ଗତ ମାର୍ଚ୍ଚ ମାସ ଆରମ୍ଭରୁ ହଠାତ ଗ୍ରୀଷ୍ମ ପ୍ରବାହ ହେବାରୁ ନିର୍ମାଣ ସ୍ଥଳରେ ଶ୍ରମିକଙ୍କ କାମ କରାଇବା ସମୟରେ ସରକାର କଟକଣା ଜାରି କଲେ। ମଧାହ୍ନ ସମୟରେ କୌଣସି ପ୍ରକାର କାମ କରାଯିବନି। ହେଲେ ଗୋଟେ ପଟେ ପ୍ରଶାସନିକ ଅଧିକାରୀ ନିୟମ କରୁଥିବା ବେଳେ ଖୁଲମ୍ ଖୁଲ୍ଲା ନିୟମ ଉଲ୍ଲଙ୍ଘନ କରି ଅସ୍ତରଙ୍ଗ ବ୍ଲକ ପ୍ରଶାସନ କାର୍ଯ୍ୟାଳୟ ମଧରେ ନିର୍ମାଣଧୀନ କୋଠା ନିର୍ମାଣରେ ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମରେ ଲଗାଯାଉଛି। ଯଦି କୌଣସି ଶ୍ରମିକଙ୍କର କିଛି ଅସୁବିଧା ହୁଏ କିଏ ଦାୟୀ ରହିବେ ? କାମ ସାରିବା ଟାର୍ଗେଟ ନେଇ ଠିକାଦାର ଲଗାତାର କାମ ଜାରି ରଖୁଛନ୍ତି। ଶ୍ରମିକଙ୍କ ସ୍ୱାସ୍ଥ୍ୟ ଚିନ୍ତା ନ କରି ଠିକାଦାର ଜବରଦସ୍ତ କାମ କରାଉଛନ୍ତି। ଡହ ଡହ ଖରାରେ ଶ୍ରମିକ ଯମାନେ ବାଲି, ସିମେଣ୍ଟ ଗୋଳାଉଛନ୍ତି, ମହିଳାମାନେ ଇଟା ବୋହୁଛନ୍ତି। ପେଟପାଟଣା ପାଇଁ ଅନ୍ୟ ଉପାୟ ନ ପାଇ ଶ୍ରମିକ କାମ କରୁଛନ୍ତି। ଖରା ଅଧିକ ହେଲେ ମଧ ମୁହଁ ଖୋଲିବାକୁ ସାମ୍ନା କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଏ ଯାବତ କୌଣସି ତତ୍ପରତା ଦେଖିବାକୁ ମିଳିନି। ଏପରିକି ଶ୍ରମ କାର୍ଯ୍ୟାଳୟର ଟିମ୍ ଏ ନେଇ ସଚେତନ ମଧ କରାଯାଉନଥିବା ଅଭିଯୋଗ ହୋଇଛି।

ଏ ନେଇ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀଙ୍କୁ ଯୋଗାଯୋଗ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇନାହିଁ। ଏ ନେଇ କିଛି ସମାଜସେବୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ପଂଚାୟତରାଜ ମନ୍ତ୍ରୀ, ଶ୍ରମ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଟୁଇଟି ମାଧ୍ୟମରେ ଜଣାଇ ଦିଆଯାଇଛି।



# ଗୋପ ବ୍ଲକ କ୍ଷେତ୍ର ପରିଦର୍ଶନ କଲେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ

**ଗୋପ, ୨୬।୪ (ସଂଚାର ବ୍ୟୁରୋ):** ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତର ସଫଳ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କଲେ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସର୍ବୋଚ୍ଚ ଅଧିକାରୀ ତଥା ଶ୍ରୀ ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଏହି କ୍ଷେତ୍ର ପଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକର କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନକୃଷି ବିଭାଗର ବରିଷ୍ଠ ଅଧିକାରୀ, ଗୋପ ବ୍ଲକ୍ ଉନ୍ନୟନ ଅଧିକାରୀଣୀ ଛବିରାଣୀ ସାହୁ ଏବଂ ନିମାପଡା ଡିଏସପି ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶାସକ ପ୍ରଥମେ ଗୋପ ବ୍ଲକର ବେଦପୁର ପଞ୍ଚାୟତ ବାଲିକନ୍ଦଳ ଗ୍ରାମର ଯାଆଁଳ ଉତ୍ପାଦନ କେନ୍ଦ୍ର ଦେଖିବା ପରେ ବଡତାର ପଞ୍ଚାୟତ ମଲ୍ଲଗ୍ରାମ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ଓ ବନ୍ତଳୀଗ୍ରାମ ପଞ୍ଚାୟତ ବଇରୀପୁର ଗ୍ରାମର ଦୁଗ୍ଧ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ଶ୍ରୀଯୁକ୍ତ ଅରବିନ୍ଦ ପାଢ଼ୀ ଉଭୟ କୃଷି ଉଦ୍ୟୋଗକୁ ଭରପୁର ପ୍ରଶଂସା କରିଥିଲେ ଏବଂ ଉଦ୍ୟୋଗ ଓ କୃଷି କ୍ଷେତ୍ରରେ ଉଦ୍ୟୋଗୀ ମାନଙ୍କୁ ଆହୁରି ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ ।

# ଡାଳ ପଡ଼ି ଜଣେ ମୃତ

**ନାଉଗାଁ, ୨୬।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଏରେଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମକୁ ଜଣେ ବ୍ୟକ୍ତି ଗଛ କାଟିବାକୁ ଆସି ଗଛ ତଳେ ଛିଡା ହୋଇଥିବା ବେଳେ ଗଛ ଡାଳ ପଡ଼ିବା ହେତୁ ମୃତ୍ୟୁବରଣ କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ ନିଆଳି ଥାନା ଅନ୍ତର୍ଗତ ନାଟି ଗ୍ରାମର କୁଶନି ଖଟୁଆଙ୍କ ପୁଅ ଲିଙ୍ଗା (୪୫) ବୋଲି ଜଣାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଏହି ଗ୍ରାମର ଶରତ ସାହୁଙ୍କ ବାଡିରେ ଗଛ କଟା ହେଉଥିଲା। ଜଣେ ବ୍ୟକ୍ତି ଗଛ ଉପରେ ଚଢ଼ି ଗଛ ଡାହି ଗୁଡିକୁ କାଟୁଥିବା ବେଳେ ଗଛ ଡାହିରେ ବନ୍ଧା ହୋଇଥିବା ରଶିକୁ ଲିଙ୍ଗା ତଳେ ଛିଡା ହୋଇ ଧରିଥିଲେ। ହେଲେ ହଠାତ୍ ଏକ ଡାହି ତଳକୁ ଖସି ପଡ଼ି ଲିଙ୍ଗା ଉପରେ ପଡ଼ିଥିଲା। ଯାହାଫଳରେ ଲିଙ୍ଗା ଅତି ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାଯାଇଛି।

# ବିଶ୍ୱ ମ୍ୟାଲେରିଆ ନିରାକରଣ ଦିବସ



**ବାଲିଅନ୍ତା, ୨୬।୪ (ସଂଚାର ବ୍ୟୁରୋ) :** ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ବିଶ୍ୱ ମ୍ୟାଲେରିଆ ନିରାକରଣ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ। ମ୍ୟାଲେରିଆ ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଭୂମିକା ନେଇ ଶ୍ରୀ ତ୍ରିପାଠୀ ସଚେତନ କରାଇଥିଲେ। ଫାର୍ମାସିଷ୍ଟ ଶରତ ଚନ୍ଦ୍ର ପ୍ରଧାନ ଚିକିତ୍ସା ପ୍ରଣାଳୀ ସଂପର୍କରେ ସଚେତନ କରାଇଥିଲେ। ୨୫ ଜଣ ସନ୍ଦିଗ୍ଧଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା।

# ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ କିସ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) :** କିସ୍ ପକ୍ଷରୁ ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କ ପ୍ରତି ଆଜି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି । ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟର ୧୦ ହଜାର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମହମବତୀ ଜାଳି ନିରବ ପ୍ରାର୍ଥନା କରିଥିଲେ। ଛାତ୍ରଛାତ୍ରୀମାନେ ଆତଙ୍କବାଦୀ ଆକ୍ରମଣରେ ନିହତ ବ୍ଯକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ସାମନ୍ତ ଆତଙ୍କବାଦୀଙ୍କ ଏହି ବର୍ବର ଓ ଅମାନବିକ କାର୍ଯ୍ୟର ଦୃଢ଼ ନିନ୍ଦା କରିବା ସହ ମୃତକଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ । କିସ୍ ବିଶ୍ୱବିଦ୍ୟାଳୟର ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀମାନେ ନିଜ ନିଜ ଘରକୁ ଚାଲିଯିବା ପୂର୍ବରୁ ଆଜି ଏହି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା।

# ଆଇନ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଖୋର୍ଦ୍ଧା, ୨୬।୪ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ୍ଚନ୍ଦନ ନିଜ ନିର୍ବାଚ୍ଚନ ମଣ୍ଡଳୀ ଚିଲିକା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡ଼ିକ ହେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୧୭.୨୬ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ 'ହଜ ଠାରୁ ଦୀନବନ୍ଧୁପୁର ଭାୟା କାଲୁନିଆରୀ ଓ ଗମେଇ ରାସ୍ତା ନିର୍ମାଣ, ୫୧୩.୧୮ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ପଣସଡ଼ିହ(ଶାଳିଆ ଡ୍ୟାମ)ଠାରୁ ନୀଳାଦ୍ରିପ୍ରସାଦ ଭାୟା ବରକୋଲି ରାସ୍ତା ନିର୍ମାଣ, ୬୮୮.୭୨ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନୀଳାଦ୍ରିପ୍ରସାଦ ଠାରୁ ପଣସଡ଼ିହ ଭାୟା ବରକୋଳି ରାସ୍ତାର ୧୦.୨୦ କି.ମି. ଠାରେ ଶାଳିଆ ୱାଟର ଚ୍ଚାନେଲ ଉପରେ ସୁଉଚ୍ଚ ସେତୁ ନିର୍ମାଣ, ୩୧୫.୨୮ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଏନଚ୍ -୫ ଠାରୁ ରାହାଣବେଳି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଓ ପୂର୍ତ୍ତ ବିଭାଗ ପକ୍ଷରୁ ୧୪.୭୮ କୋଟି ଟଙ୍କା ଅଟକଳ ବ୍ୟୟରେ ସୁନାଖଳା ଠାରୁ ଆୟତପୁର ରାସ୍ତାର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ଗୁଡ଼ିକ ହେବା ଦ୍ୱାରା ଚିଲିକା ନିର୍ବାଚ୍ଚନ ମଣ୍ଡଳୀର ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଉପକୃତ ହେବା ସହ ଗମନାଗମନ କ୍ଷେତ୍ରରେ ସୁଦୃଢ଼ ହୋଇପାରିବ।



ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ର, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ଚିଲିକା ବ୍ଲକ ଉପାଧକ୍ଷ ଅରୁଣ ପଟ୍ଟନାୟକ, ସମାଜସେବୀ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ମାଧବ ପ୍ରଧାନ,୧୪ ନଂ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ତପନ ପ୍ରଧାନ, ବିଭିନ୍ନ ଗ୍ରାମର ସରପଞ୍ଚଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ୩ ଦୋକାନ, ସରକାରୀ ସହାୟତା ଦାବି

**କୋଣାର୍କ, ୨୬।୪ (ସଂଚାର ବ୍ୟୁରୋ):** ଶୁକ୍ରବାର ବିଳମ୍ବିତ ରାତ୍ରିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି କୋଣାର୍କ ବସଷ୍ଟାଣ୍ଡ ମୁଖ୍ୟ ପ୍ରବେଶ ରାସ୍ତା ପାର୍ଶ୍ୱରେ ଥିବା ୩ଜଣ ବ୍ୟବସାୟୀଙ୍କ ଦୋକାନ ଜଳି ଭସ୍ମୀଭୂତ ହେବା ସହିତ ଲକ୍ଷାଧିକ ଟଙ୍କା ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ବସଷ୍ଟାଣ୍ଡ ମୁଖ୍ୟ ପ୍ରବେଶ ରାସ୍ତା ପାର୍ଶ୍ୱରେ କୋଣାର୍କ ଏନଏସି ଅଧିନସ୍ଥ ଡାଳିମ୍ବଗୋରଡି ଗ୍ରାମର ଲିଙ୍ଗରାଜ ବେଉରା ଦୀର୍ଘ ଦିନ ଧରି ଫଳ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେକ ବାଣପଦା ଗ୍ରାମର ଲିଙ୍ଗରାଜ ନାୟକ ମଟର ବ୍ୟବସାୟ ଓ ସୁବାଷ ଚନ୍ଦ୍ର ଗୋଛାୟତ ଫାଷ୍ଟଫୁଡ୍ ଦୋକାନ କରି ପରିବାର



ପ୍ରତିପୋଷଣ କରୁଥିଲେ। ଗତକାଲି ବିଳମ୍ବିତ ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ଏହି ୩ଜଣ ବ୍ୟବସାୟୀଙ୍କ ଦୋକାନ ଘର ଭସ୍ମୀଭୂତ ହୋଇଛି। ଏହି ଅଗ୍ନିକାଣ୍ଡରେ ବ୍ୟବସାୟୀ ମାନଙ୍କ ଲକ୍ଷାଧିକ ଟଙ୍କା ସାମଗ୍ରୀ ନଷ୍ଟ ହୋଇଛି। ଖବର ପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ତୁଷାରକାନ୍ତି ପରିଜା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସବୁ ପୋଡି ପାଉଁଶ ହୋଇଯାଇଛି। ଏହି ଘଟଣାକୁ ନେଇ କୋଣାର୍କ ଥାନାରେ ଅଭିଯୋଗ ହେବା ସହ ଗୋପ ତହସିଲଦାର ଓ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଦୋକାନୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ କୋଣାର୍କ ବସଷ୍ଟାଣ୍ଡ ବ୍ୟବସାୟୀ ସଂଘର ସଭାପତି ପଦ୍ମଚରଣ ବେଉରା ଓ ସଦସ୍ୟମାନେ ପୁରୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ସ୍କୁଟିକୁ ପିଟିଲା କାର, ୩ ଗୁରୁତର



**ବାଲିଅନ୍ତା, ୨୬।୪ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଧୀନ ହଂସପାଳ-ଅଭୟମୁଖୀ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବାଲିଅନ୍ତା ମହାତ୍ମା ସେତୁ ନିକଟରେ ଆଜି ଭୋର ୫ଟା ସମୟରେ ଦ୍ରୁତବେଗରେ ଯାଉଥିବା ଏକ ଅଲଟୋ କାର ସ୍କୁଟିକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ଜଣ ଯୁବକ ଆହତ ହୋଇଛନ୍ତି। ଆହତମାନେ ମଞ୍ଚେଶ୍ୱର ଥାନା ଅଧୀନ ନହରକଣ୍ଟା ଗ୍ରାମର ହେମନ୍ତ କୁମାର ଗୁରୁ, ସାହିଲ ବାରିକ ଓ ସଚ୍ଚିନ ଗୁରୁ (୨୦)। ହେମନ୍ତଙ୍କ ଅବସ୍ଥା ଅଧିକ ସଂକଟାପର୍ଣ୍ଣ ଥିବା ବେଳେ ସାହିଲ ଗୋଡ଼ ଭାଙ୍ଗି ଯାଇଛି। ସେହିପରି ଦୁର୍ଘଟଣା ଘଟାଇଥିବା ଚାଳକ ମଧ ଲୋକଙ୍କ ମାଡ଼ରେ ଗୁରୁତର ହୋଇଛି। ବାଲିଅନ୍ତା ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ଦୁର୍ଘଟଣା ଘଟିଥିଲେ ମଧ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରେ ଅହେତୁକ ବିଳମ୍ବ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଗାଡ଼ି ଚାଳକକୁ ଥାନାରେ ରଖି ପଚରାଉଚରା କରୁଛି।

## ଚାଷୀଙ୍କ ଧାନବିକ୍ରି ପ୍ରାପ୍ୟ ପ୍ରସଙ୍ଗ

# ଲ୍ୟାମ୍ପସ ଘେରାଉ ପରେ ଏମଡିଙ୍କ ଦେଖା ମିଳୁନି

**ନବରଙ୍ଗପୁର/ରାଇଘର, ୨୬।୪ (ସଂଚାର ବ୍ୟୁରୋ) :** ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ରାଇଘର ଲ୍ୟାମ୍ପ୍ ଘେରାଉ ପରେ ଏମ୍‌ଡି ନିରାକାର ରାଉତଙ୍କ ଦେଖା ମିଳୁନି। ଧାନବିକ୍ରି ବାବଦ ସମସ୍ତ ତଥ୍ୟ ଚାଷୀଙ୍କୁ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କେଉଁ ମିଲରଙ୍କୁ ଧାନ ଦିଆଯାଇଛି, ସେଥିରୁ କେତେଜଣ ଚାଷୀଙ୍କ ଟ୍ରାଞ୍ଜିଟ୍ ପାସ୍ ହୋଇଛି ଏବଂ ବଳକା କେତେଜଣ ଚାଷୀଙ୍କ ହୋଇନି, ସେସବୁ ତଥ୍ୟ ୨୪ ତାରିଖ ଅର୍ଥାତ୍ ଗୁରୁବାର ଦିନ ଚାଷୀଙ୍କୁ ଦେବେ ବୋଲି ଲ୍ୟାମ୍ପ୍ସ ଏମ୍‌ଡି ଶ୍ରୀ ରାଉତ କହିଥିଲେ। ମଣ୍ଡିରେ ୩୪୪ଜଣ ଚାଷୀ ଗତ ଫେବୃଆରୀ ୨୨ ତାରିଖରେ ୧୪ ହଜାର ୨୦୦ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଅଥଚ ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଧାନବିକ୍ରି ଟଙ୍କା ମିଳିନଥିବାରୁ କଂଗ୍ରେସ ପକ୍ଷରୁ ଦୁଇ ଦୁଇଥର ଲ୍ୟାମ୍ପସ୍ ଘେରାଉ କରାଯାଇଥିଲା। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକଙ୍କୁ ପଚାରିବାରୁ କହିଛନ୍ତି, ୩୪୪ଜଣ ଚାଷୀ ନୁହନ୍ତି। ୩୪୪ ଟୋକନ୍‌ରେ ୯୪ଜଣଚାଷୀ ୧୪ ହଜାର ୨୦୦ କୁଇଣ୍ଟାଲ ଧାନ ବିକିଥିଲେ। ଦୁଇଦିନ ହେଲା ଚାଷୀମାନେ ବାରମ୍ବାର ଲ୍ୟାମ୍ପସକୁ ଯାଇ ଏମ୍‌ଡିଙ୍କୁ ନପାଇ ନିରାଶ ହୋଇ ଫେରୁଥିବା କଂଗ୍ରେସ ନେତା ସନରାଜ ଗଣ୍ଡ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଚାଷୀ ମହଲରେ ମଧ ଅସନ୍ତୋଷ ପ୍ରକାଶ ପାଇଛି।



## ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ

# ଭାଷାଭିତ୍ତିକ ରାଜ୍ୟ ଗଠନରେ ପାରଳା ରାଜାଙ୍କ ଅବଦାନ ଅତୁଳନୀୟ

**ଖୋର୍ଦ୍ଧା, ୨୬।୪ (ସଂଚାର ବ୍ୟୁରୋ):** ପିଲାଦିନରୁ ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବ ସୁଖ, ପ୍ରାଚୁର୍ଯ୍ୟ, ରାଜକୀୟ ଐଶ୍ୱର୍ଯ୍ୟ ଛାଡ଼ି ସାଧାରଣ ଲୋକଙ୍କ ସହ ମିଶନ୍ତି । ଲୋକଙ୍କ ସମସ୍ୟା କଣ ଅଛି ସେ ସମ୍ବନ୍ଧରେ ଅବଗତ ହୁଅନ୍ତି । ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଗଢିବାରେ ଉତ୍କଳ ମଣି ଗୋପବନ୍ଧୁ, ମଧୁସୂଦନ ଦାସ ଏବଂ ଫକୀରମୋହନ ସେନାପତିଙ୍କ ସହ ଉତ୍କଳ ସମ୍ମିଳନୀରେ ସେ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ୧ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ଦେବାରେ ଗଜପତିଙ୍କ ଅତୁଳନୀୟ ଅବଦାନ ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀ କୃଷ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜନ୍ମ ଜୟନ୍ତୀରେ ମୁଖ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସାଫାଲ୍ୟ ମଣ୍ଡିତ ପ୍ରଧାନ ପ୍ରକାଶ କରିଛନ୍ତି। ତାଙ୍କର ତ୍ୟାଗ ଆଦର୍ଶ ରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ସୁଖ୍ୟାତି ଅର୍ଜନ କରିବ ବୋଲି ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ, ସାହିତ୍ୟିକ, ଲେଖକ ତଥା ଅବସର ପ୍ରାପ୍ତ, ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଗୋପାଳ କୃଷ୍ଣ ଦାସ ଯୋଗଦେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଇତିହାସରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ତ୍ୟାଗ, କର୍ତ୍ତବ୍ୟ ସର୍ବାଗ୍ରେ ରହିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ, ଖୋର୍ଦ୍ଧା, କିଶୋର କୁମାର ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଯୋଗଦେଇ ଗଜପତି ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଦେବଙ୍କ ତ୍ୟାଗ ଆଦର୍ଶରେ ବ୍ରତିହେଲେ ଆମ ରାଜ୍ୟ ଏକ ସୁନ୍ଦର ଓଡ଼ିଶା ଭାବେ ଗଢ଼ି ଉଠିବ ବୋଲି କହିଥିଲେ । ଏଥିରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ, କ୍ରୀଡାବିତ୍, ଯୁବକ ସମାଜ, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧିବୃନ୍ଦ ଯୋଗଦେଇଥିଲେ ।



# ପ୍ରାଣୀମାନଙ୍କ କଷ୍ଟକୁ ବୁଝିବା ଆବଶ୍ୟକ: ସୋଆ ଉପସଭାପତି



**ଭୁବନେଶ୍ୱର, ୨୬।୪ (ସଂଚାର ବ୍ୟୁରୋ) :** ପ୍ରାଣୀମାନେ ନିଜର ସମସ୍ୟା ଓ କଷ୍ଟକୁ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ମନୁଷ୍ୟମାନଙ୍କୁ ସେମାନଙ୍କ ସମସ୍ୟାକୁ ଠିକ୍ ଭାବେ ବୁଝିବା ସହ ସକାରାତ୍ମକ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି। ସେମାନଙ୍କ ଯତ୍ନ ନେବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତି ଦାସ।

ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ ହଜବ୍ୟାଣ୍ଡରୀ (ଆଇଭିଏସ୍ଏଏଚ୍) ପକ୍ଷରୁ ଶନିବାର ବିଶ୍ୱ ଭେଟେରିନାରୀ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ବିଶ୍ୱବିଦ୍ୟାଳୟର ସଦ୍ୟତମ ଅନୁଷ୍ଠାନ ଆଇଭିଏସ୍ଏଏଚ୍‌ର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ଏହା ଛାତ୍ରଛାତ୍ରୀ ଏବଂ ଶିକ୍ଷାନୁଷ୍ଠାନର ସଦସ୍ୟମାନଙ୍କ ପ୍ରଚେଷ୍ଟା ଦ୍ୱାରା ସମ୍ଭବପର ହୋଇପାରିଛି ବୋଲି କହିଥିଲେ।

ଚଳିତ ବର୍ଷର ବିଶ୍ୱ ଭେଟେରିନାରୀ ଦିବସର ପ୍ରସଙ୍ଗ "ଆନିମଲ୍ ହେଲ୍‌ଥ ଟେକ୍ସ ଏ ଟିମ୍" ଉପରେ ଆଲୋକପାତ କରି ଶ୍ରୀମତି ଦାସ କହିଥିଲେ ପ୍ରାଣୀମାନଙ୍କ ଯତ୍ନ ନେବା ପାଇଁ ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ସୋଆ ଆଇଭିଏସ୍ଏଏଚ୍ ପକ୍ଷରୁ ପରିଚାଳନା କରାଯାଉଥିବା ଗୃହପାଳିତ ପଶୁମାନଙ୍କର ଫାର୍ମରେ ଉତମ ଯତ୍ନ ନିଆଯାଉଛି ବୋଲି କହିବା ସହ ଏଥି ନିମନ୍ତେ ସେ ନିଜର ଖୁସି ବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ମୁମ୍ବାଇସ୍ଥିତ ଚି. ୟୁନିଭର୍ସିଟି ଅଫ୍ ଭେଟେରିନାରୀ ଆକ୍ୟୁପଙ୍କଚରର ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ଅକ୍ଷୟ ଶାହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରାଣୀମାନଙ୍କ ଚିକିତ୍ସା ଓ ଯତ୍ନ ନିମନ୍ତେ ଆକ୍ୟୁପଙ୍କଚର ଚିକିତ୍ସାର ମଧ ଅନେକ ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରି ପଶୁଙ୍କ ସ୍ୱାସ୍ଥ୍ୟ ମଣିଷଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ସୋଆ ଆଇଭିଏସ୍ଏଏଚ୍‌ର ପ୍ରଫେସରମାନଙ୍କ ଦ୍ୱାରା ରଚିତ ବିଭିନ୍ନ ପୁସ୍ତକ ଅତିଥିମାନେ ଉନ୍ମୋଚିତ କରିଥିବା ବେଳେ ବିଶିଷ୍ଟ ପ୍ରାଣୀ ବିଜ୍ଞାନୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




# ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା

■ ମୃତକଙ୍କ ପାଇଁ ମହମବତୀ ଶୋଭାଯାତ୍ରା

**କାକଟପୁର/ଅସ୍ତରଙ୍ଗ, ୨୬।୪ (ସଂଚାର ବ୍ୟୁରୋ):** କାଶ୍ମୀର ପହଲଗାମରେ ହୋଇଥିବା ନିରୀହ ପର୍ଯ୍ୟଟକଙ୍କ ଉପରେ ଆତଙ୍କୀ ଆକ୍ରମଣକୁ ନିନ୍ଦା କରି ବିଜେପି ଦଳ ତରଫରୁ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ରାକେଶ ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଶତାଧିକ ବିଜେପି କର୍ମୀ ଏକାଠି ହୋଇ ଏହି ଘଟଣାକୁ ନିନ୍ଦା କରିଥିଲେ। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଓଡ଼ିଆ ପୁଅ ପ୍ରଶାନ୍ତ ଶତପଥୀଙ୍କ ଆତ୍ମାର ସଦଗତି କାମନା କରିଥିଲେ। ଗୁଳିରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ ଙ୍ ଅମର ଆତ୍ମାର ସଦଗତି ଉଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ପାକିସ୍ତାନୀ ବିରୋଧୀ ନାରା ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମ ରେ ଯୁବ ସଂଗଠନ ଆଦିତ୍ୟ ଜେନା, ମାଗୁଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ସହ ସମାନ ସୁଯୋଗ ଦେବା ଆମର ଲକ୍ଷ୍ୟ

- ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ବୀର ଭୂମି ଢେଙ୍କାନାଳର ଅନେକ ଅବଦାନ ଅଛି
- ଓଡ଼ିଶା ଏବଂ ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ଜରୁରୀ
- ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଆଧ୍ୟାତ୍ମିକ ବିକାଶ ଓ କୌଶଳକୁ ଜାତୀୟ ଶିକ୍ଷା ନୀତି -୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି
- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସ୍କୁଲ ଭିତ୍ତିଭୂମି ମଜଭୂତ୍ ହୋଇଛି



**ଭୁବନେଶ୍ୱର,୨୬।୪ (ସଂଚାର ବ୍ୟୁରୋ):**ଭାରତକୁ ଏକବିଂଶ ଶତାବ୍ଦୀର ବିଶ୍ୱ ଜ୍ଞାନ ଶକ୍ତିରେ ପରିଣତ କରିବାକୁ ହେଲେ ଆମକୁ ସମାନ ଶିକ୍ଷା ଓ ସମାନ ସୁଯୋଗକୁ ସୁନିଶ୍ଚିତ କରିବାକୁ ହେବ । ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ ବୋଲି ଢେଙ୍କାନାଳ ଜିଲ୍ଲା ଡୁମୁସିଙ୍ଗା-ଶ୍ରୀମୂଳା ସ୍ଥିତ ପିଏମ ଶ୍ରୀ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଭିଡିଓ ମେସେଜ ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି । ପ୍ରାଚୀନ ଯୁଗରୁ ଆମର ଢେଙ୍କାନାଳ ବୀରଭୂମି ନାମରେ ଖ୍ୟାତ । ଢେଙ୍କାନାଳ ଜିଲ୍ଲା ଶହୀଦ ବୀର ବାଜି ରାଉତ, ପବିତ୍ର ମୋହନ ପ୍ରଧାନ, ସଂଗ୍ରାମୀ ମହେଶ ଚନ୍ଦ୍ର ସୁବାହୁ ସିଂହ, ସାରଙ୍ଗଧର ଦାସ, ତୀର୍ଥବାସୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବେଣୁଧର ପଣ୍ଡାଙ୍କ ସଂଗ୍ରାମୀ ଭୂମି। ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ ଭାରତର ସ୍ୱାଧୀନତା ସଂଗ୍ରାମର ଅଂଶବିଶେଷ । ଶିକ୍ଷାର ବିକାଶ ଓ ପ୍ରସାର ପାଇଁ ଏହି ବୀର ଭୂମିର ଅନେକ ଅବଦାନ ଅଛି । ଏହି ଅଞ୍ଚଳରେ ସ୍ଥାପିତ ହୋଇଥିବା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ଏକ ସମ୍ମାନାସ୍ପଦ ଅନୁଷ୍ଠାନରେ ଖ୍ୟାତି ଲାଭ କରିଛି । ପଞ୍ଚସଖା ସରକାରୀ ହାଇସ୍କୁଲ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ପିଏମ ଶ୍ରୀସ୍କୁଲରେ ବିକଶିତ ହେବାକୁ ଯାଉଛି। ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ନିଷ୍ଠା ଓ ପରିଶ୍ରମ ଏହି ସ୍କୁଲକୁ ଢେଙ୍କାନାଳ ଜିଲ୍ଲାରେ ତଥା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

ଓଡ଼ିଆ ଜାତି ଶାନ୍ତି ଓ ଅହିଂସା ଆନ୍ଦୋଳନ ବଳରେ ସାରା ବିଶ୍ୱକୁ ଆଲୋକବର୍ତ୍ତିକା ଦେଖାଇଛି । ପରିବର୍ତ୍ତିତ ସମୟରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ, ଆଧ୍ୟାତ୍ମିକ ବିକାଶ ଓ କୌଶଳକୁ ମଧ୍ୟ ଜାତୀୟ ଶିକ୍ଷା ନୀତି -୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ଭିତ୍ତିଭୂମି ମଜଭୂତ୍ ହୋଇଛି । ଜାତୀୟ ଶିକ୍ଷା ନୀତି ଅଧୀନରେ ସମଗ୍ର ଶିକ୍ଷା ଅଭିଯାନ ସ୍କୁଲରେ ଡ୍ରପ ଆଉଟ୍ ହ୍ରାସ କରିବା ଦିଗରେ ବିଶେଷ ସହାୟକ ହୋଇଛି । ସ୍ମାର୍ଟ କ୍ଲାସରୁମ୍, ଶୌଚାଳୟ, ପାନୀୟ ଜଳ ସୁବିଧା, କମ୍ପ୍ୟୁଟର, ଇଣ୍ଟରନେଟ୍ ସଂଯୋଗ, ପାଠାଗାର, ଖେଳ ପଡ଼ିଆ ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ ହୋଇଛି । ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଗୁଣାତ୍ମକ ଶିକ୍ଷା ସହ ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାଥମିକତା ଦେବାକୁ ହେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ସ୍କୁଲ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ବିକଶିତ କରିବାର ଦାୟିତ୍ୱ ନେଇଛନ୍ତି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତି ଗ୍ରାମ ପଞ୍ଚାୟତରେ ଏକ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଓ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା, ପଞ୍ଚସଖା ଶିକ୍ଷା ସେତୁ ଅଭିଯାନରେ ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଆଗ୍ରହ ବଢ଼ାଇବାରେ ବିଶେଷ ସହାୟକ ହୋଇଛି ବୋଲି କହିଥିଲେ ଶ୍ରୀ ପ୍ରଧାନ ।

ସେ ଆହୁରି ମଧ୍ୟ କହିଥିଲେ ଯେ ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି । ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ବହି ଯୋଗାଇ ଦେବା ପାଇଁ ସରକାର 'ଭାରତୀୟ ଭାଷା ପୁସ୍ତକ ଯୋଜନା' ଆରମ୍ଭ କରିବା ପାଇଁ ଯାଉଛନ୍ତି । ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବାକୁ ହେବ । ତେବେ ଯାଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ପାଇଁ ଆହ୍ୱାନ ଦେଇଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ।

ଶ୍ରୀ ପ୍ରଧାନ ଭିଡ଼ିଓ ବାର୍ତ୍ତାରେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ନାଗରିକ ଏବଂ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ଜାତୀୟ ଶିକ୍ଷା ନୀତିର ଶିଳ୍ପକାର ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।



## ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୨୬।୪ (ସଂଚାର ବ୍ୟୁରୋ):** ନବଉତ୍କଳର ନିର୍ମାତା, ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର କର୍ଣ୍ଣଧାର, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ, ଦାନବୀର ରୂପେ ସର୍ବଜନବିଦିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୧୮୯୨ ମସିହା ଅପ୍ରେଲ ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ରାଜପରିବାରରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପିତା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ଓ ମାତା ରାଧାମଣି ଦେବୀଙ୍କର କୋଳମଣ୍ଡନ କରିଥିଲେ । ୧୯୨୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଥିଲା ଅତୁଳନୀୟ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ତଥା ସୁଶାସକ ଭାବେ ତାଙ୍କର ନାମ ଚିରଦିନ ପାଇଁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଆଜି ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡ଼ାମ, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ସ୍ତ୍ରୀଙ୍କ ଉପରେ ରାଗି ଜାଳିଦେଲେ କାର

**ପାଟଣା,୨୬।୪ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ପିଚ୍ଛୁଳାବେଡ଼ା ଜଙ୍ଗଲ ଭିତରେ ଶନିବାର ଏକ କାର୍ ଜଳୁଥିବା ଦେଖିବାକୁ ମିଳିଛି। ଜଙ୍ଗଲ ଭିତରେ ଏକ ମାରୁତି ସୁଜୁକି ଏକ୍ସଟ୍ରା କାର୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ବାଘ ଦଫା ଗ୍ରାମର ତରଣି ସେନ ମହାନ୍ତ ଓ ତାଙ୍କ ସ୍ତ୍ରୀ ପିଚ୍ଛୁଳା ବେଡ଼ା ଶ୍ୱଶୁର ବଳଭଦ୍ରଙ୍କଙ୍କ ଘରକୁ ଆସିଥିବାବେଳେ ଦମ୍ପତିଙ୍କ ମଧ୍ୟରେ କଳହରୁ ତରଣି ଉତ୍କ୍ଷିପ୍ତ ହୋଇ କାର୍‌ଟିକୁ ଜଙ୍ଗଲକୁ ନେଇ ଜାଳି ଦେଇଥିବା ଖବର ମିଳିଛି। ଏନେଇ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଦ୍ୱିତୀୟ ବିବାହ ପାଇଁ ପୁଅକୁ ହତ୍ୟା ଘଟଣା:
## ବାପା ସମେତ ୫ ଗିରଫ



**ଯାଜପୁର,୨୬।୪ (ସଂଚାର ବ୍ୟୁରୋ):** ଦ୍ୱିତୀୟ ବିବାହ ପାଇଁ ଜନ୍ମ କଲା ବାପା ପୁଅକୁ ହତ୍ୟା କରିବା ଘଟଣା, ବାପା ସମେତ ୫ଜଣ ଗିରଫ । ବାପା ସମେତ ପରିବାରର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ଯାଜପୁର ଜିଲ୍ଲା ଜେନାପୁର ପୋଲିସ। ୨ଦିନ ତଳେ ଜେନାପୁର ଥାନା ଚାରଗୋଠ ଗାଁ ନିକଟ ପଥର ଖାଦାନ ଭିତରୁ ବାଳକର ମୃତଦେହ ଉଦ୍ଧାର ହୋଇଥିଲା। ମୃତ ନାବାଳକର ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଜେନାପୁର ପୋଲିସ ଘଟଣାର ତଦନ୍ତ ଚଳାଇଥିଲା । ପାରିବାରିକ ବିବାଦ ଯୋଗୁ ଗାଁର ବାଉରୀବନ୍ଧୁ ରାଉତ ନିଜ ୫ବର୍ଷର ପୁଅକୁ ଅପହରଣ ସହ ହତ୍ୟା କରି ଫିଙ୍ଗିଦେଇଥିବା ଅଭିଯୋଗ ପରେ ପୁଲିସ ବାଉରୀବନ୍ଧୁ ଓ ତାର ପରିବାରର ୪ଜଣ ସଦସ୍ୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା । ଆଜି ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ମନୀଷ ଅଗ୍ରୱାଲଙ୍କ ପାଇଁ ବଢ଼ିଲା ଅଡୁଆ

### ଆଗୁଆ ଜାମିନ୍ ଆବେଦନକୁ ଖାରଜ କଲେ ହାଇକୋର୍ଟ

**କଟକ,୨୬।୪ (ସଂଚାର ବ୍ୟୁରୋ):** ମାଲକାନଗିରିର ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ପାଇଁ ବଢ଼ିଲା ଅଡୁଆ, ଆଗୁଆ ଜାମିନ୍ ଆବେଦନକୁ ଖାରଜ କଲେ ହାଇକୋର୍ଟ। ନ୍ୟାୟ ଅପେକ୍ଷାରେ ତତ୍କାଳୀନ ଜିଲ୍ଲାପାଳ ଙ୍କ ପିଏ ଦେବ ନାରାୟଣ ପଣ୍ଡା ଙ୍କ ପରିବାର। ଗତ ୨୦୧୯ ମସିହା ଡ଼ିସେମ୍ବର ୨୭ ତାରିଖ ରେ ଦେବ ନାରାୟଣ ପଣ୍ଡା ସବୁ ଦିନ ଭଳି ସେଦିନ ମଧ୍ୟ ଡିୟୁଟି କରିବା ପାଇଁ ବାହାରିଥିଲେ । ମଧ୍ୟାହ୍ନ ଭୋଜନ କରିବା ପାଇଁ ତାଙ୍କ ପତ୍ନୀ ବନଜା ପଣ୍ଡା ଫୋନ କରିଥିଲେ । ସେ ଫୋନ ଉଠାଇ ନ ଥିଲେ । ରାତି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଶେଷରେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ତା ପର ଦିନ ଅର୍ଥାତ ୨୮ ତାରିଖ ରେ ମାଲକାନଗିରି ଡ୍ୟାମ ରୁ ତାଙ୍କ ଶବ ମିଳିଥିଲା। ଏହା ପରେ ପରିବାର ଲୋକେ ହତ୍ୟା କରାଯାଇ ଡ୍ୟାମ ରେ ଫିଙ୍ଗି ଦିଆ ଯାଇଛି ବୋଲି ଅଭିଯୋଗ କରିଥିଲେ। ଏଥି ମଧ୍ୟରେ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ନାରାୟଣ ପଣ୍ଡା ଙ୍କ ପରିବାର ଙ୍କୁ ନ୍ୟାୟ ମିଳି ପାରିନାହିଁ। ନ୍ୟାୟ ପାଇଁ ମାଲକାନଗିରି ଠାରୁ ଆରମ୍ଭ କରି ଉଚ୍ଚ ନ୍ୟାୟଳୟ ଓ ସୁପ୍ରିମ କୋର୍ଟ ର ଦ୍ୱାରସ୍ଥ ହୋଇଛନ୍ତି । ନ୍ୟାୟ ମିଳିବ ବୋଲି ଆଶା ରଖିଛନ୍ତି ନାରାୟଣ ପଣ୍ଡା ଙ୍କ ପତ୍ନୀ ବନଜା ପଣ୍ଡା । ଆଉ କହିଛନ୍ତି ଦୁର୍ନୀତି କୁ ବିରୋଧ କରିବାରୁ ତତ୍କାଳୀନ ଜିଲ୍ଲାପାଳ ଙ୍କ ସମେତ ତାଙ୍କ ଅଫିସ ର କର୍ମଚାରୀ ମିଶି ତାଙ୍କ ସ୍ୱାମୀ କୁ ହତ୍ୟା କରି ଆତ୍ମହତ୍ୟା ର ରୂପ ଦେଉଛନ୍ତି । କୋର୍ଟ ରେ ଉପସ୍ଥିତ ହେବା ପାଇଁ କୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ସେମାନେ କୋର୍ଟ କୁ ଅବମାନନା କରି କୋର୍ଟ ରେ ହାଜର ହେଉନାହାନ୍ତି। କୋର୍ଟ ରେ ହାଜର ହେଲେ ସବୁ ସତ ପଦାକୁ ଆସିବ । ଟଙ୍କା ବଳ ରେ ତତ୍କାଳୀନ ଜିଲ୍ଲାପାଳ ଘଟଣା କୁ ଚପେଇ ଦେବା ପାଇଁ ଚେଷ୍ଟା କରୁଛନ୍ତି । କୋର୍ଟ ଉପରେ ଭରସା ଅଛି ମୋତେ ନ୍ୟାୟ ମିଳିବ ବୋଲି ନାରାୟଣ ପଣ୍ଡା ଙ୍କ ପତ୍ନୀ ବନଜା ପଣ୍ଡା କହିଛନ୍ତି ।

## କୁଲାଡ ବ୍ୟାଘ୍ରଦେବୀ ମନ୍ଦିରରୁ ଚୋରି



**ଭଞ୍ଜନଗର,୨୬।୪ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅର୍ନ୍ତଗତ କୁଲାଡ ବ୍ୟାଘ୍ରଦେବୀ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦେବୀଙ୍କ ୩୫ ଟି ରୂପା ଆଖି, ୩ ଟି ସୁନା ଚିତା, ୨ ଟି ରୂପା ଭୁଲର୍ତା ଚୋରି ହୋଇଛି। ଯାହାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। କିନ୍ତୁ ଦୁର୍ବୃତ୍ତ ମାନେ ଆହୁରି ଅନେକ ଅଳଙ୍କାରକୁ ଛାଡି ଚାଲି ଯାଇଛନ୍ତି। ସୂଚନା ଯୋଗ୍ୟ ଯେ, ୪ ଜଣ ଦୁର୍ବୃତ୍ତ ଶୁକ୍ରବାର ରାତି ପ୍ରାୟ ୩ଟା ସମୟରେ ମନ୍ଦିର ମଧ୍ୟରେ ମୁଖା ପିନ୍ଧି ପଶିଥିଲେ। ପରେ କ୍ୟାମେରାକୁ ଉପରକୁ କରିଦେଇଥିଲେ। ପରେ ଠାକୁର ଘର କବାଟ ଭାଙ୍ଗି ଅଳଙ୍କାର ଚୋରି କରିନେଇଥିଲେ। ଖବର ପାଇ ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଖୋର୍ଦ୍ଧାରେ ମୁଖ୍ୟ ଶାସନ ସଚିବ



**ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ):** ମୁଖ୍ୟ ଶାସନ ସଚିବ ଶୁକ୍ରବାର ଖୋର୍ଦ୍ଧା ଗସ୍ତ କରିଛନ୍ତି। ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟର ମୁଖ୍ୟ ଶାସନସଚିବ ମନୋଜ ଆହୁଜା ପହଞ୍ଚି କୃଷି ବିଭାଗର ନିର୍ଦ୍ଦେଶକ ଶୁଭମ ସକ୍ସେନା, ରାଜସ୍ୱ ବିଭାଗଦ୍‌ର ଯୁଗ୍ମ ସଚିବ ପ୍ରଦୀପ ସାହୁ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଉପ ଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଜିଲା ମୁଖ୍ୟକୃଷି ଅଧିକାରୀ ରବି ନାରାୟଣ ସେନାପତି ଏବଂ ଅନ୍ୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେମୁଖ୍ୟ ଶାସନ ସଚିବ ଆହୁଜା ରାଜ୍ୟରେ କୃଷକ ପଞ୍ଜିକରଣ ଓ କଲମ-୨ ପ୍ରଜାଖାନା ସଂଶୋଧନ ଉପରେ ସମୀକ୍ଷା କରିଥିଲେ। ଏଥିସହିତ ଜିଲାରେ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ।

### ସୁଆର ମହାସୁଆର ପରେ ପୁଷ୍ପାଳକ ସେବକଙ୍କୁ ଚେତାବନୀ
## ଦୀଘା ଜଗନ୍ନାଥ ମନ୍ଦିର ଆଳତୀ, ପୂଜାରେ ଯୋଗଦେଲେ ବାସନ୍ଦ

**ପୁରୀ,୨୬।୪ (ସଂଚାର ବ୍ୟୁରୋ):** ସୁଆର ମହାସୁଆର ପରେ ପୁଷ୍ପାଳକ ସେବକଙ୍କୁ ମିଳିଛି ବାସନ୍ଦ ଚେତାବନୀ। ଦୀଘା ଜଗନ୍ନାଥ ମନ୍ଦିର ଆରତୀ, ପୂଜାରେ ଯୋଗଦେଲେ ସେମାନଙ୍କୁ ନିଯୋଗ ବିରୋଧୀ କାର୍ଯ୍ୟ ଅଭିହିତ କରାଯାଇ ବାସନ୍ଦ କରାଯିବ। ଏନେଇ ଶ୍ରୀମନ୍ଦିର ପୁଷ୍ପାଳକ ନିଯୋଗ ସଂପାଦକଙ୍କ ଦସ୍ତଖତରେ ନିର୍ଦ୍ଦେଶ ଜାରି ହୋଇଛି। ତେବେ ନିକଟରେ ସୁଆର ମହାସୁଆର ସେବକଙ୍କୁ ବି ବାସନ୍ଦ ଚେତାବନୀ ହୋଇଥିଲା। ଦୀଘା ମନ୍ଦିର ପ୍ରତିଷ୍ଠାରେ ରୋଷ କାର୍ଯ୍ୟରେ ଯୋଗଦେଲେ ବାସନ୍ଦ ଚେତାବନୀ ଦିଆଯାଇଥିଲା। ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦିଘାରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିର ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟାରେ ଉଦଘାଟନ ହେବ। ଏହି କାର୍ଯ୍ୟକ୍ରମରେ ପୁରୀ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ଅବଢ଼ା ଓ ଶୁଖିଲା ମହାପ୍ରସାଦ ପ୍ରସ୍ତୁତକାରୀଙ୍କ ଏକ ନିର୍ଦ୍ଦେଶ ଜାରି ହୋଇଛି। ଏହି ଉଦ୍ଘାଟନୀ ଦିନ ରୋଷ କାର୍ଯ୍ୟରେ ସାମିଲ ହେବାକୁ ମନା କରାଯାଇଛି। ସାମିଲ ହେଲେ ସମ୍ପୃକ୍ତ ସୁପକାର ସଭ୍ୟଙ୍କୁ ନିଯୋଗରୁ ବାସନ୍ଦ କରାଯିବ। ଅର୍ଥାତ ଶ୍ରୀମନ୍ଦିର ରୋଷ କାର୍ଯ୍ୟରୁ ତାଙ୍କୁ ସବୁଦିନ ପାଇଁ ବାରଣ କରାଯିବ। ସୁଆର ମହାସୁଆର ନିଯୋଗ ସମ୍ପାଦକଙ୍କ ଦସ୍ତଖତରେ ସୂଚନା ଜାରି କରାଯାଇଛି। ନିଉ ଦୀଘା ରେଳଷ୍ଟେସନ ନିକଟରେ ୨୦ ଏକର ଜାଗାରେ ୨ ଶହ ୫୦ କୋଟି ଟଙ୍କା ବ୍ୟୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଅନୁକରଣରେ ନୂତନ ଅନ୍ୟ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ଶେଷ ହୋଇଛି । ଆସନ୍ତା ପବିତ୍ର ଅକ୍ଷୟ ତୃତୀୟାରେ ଏହି ନୂତନ ଜଗନ୍ନାଥ ମନ୍ଦିରରେ ଭଗବାନ ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କରିବେ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି । ମମତା ବାନାର୍ଜୀ ଡିସେମ୍ବର ୨୦, ୨୦୧୮ ମସିହାରେ ଦୀଘାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭଳି ଏଠାରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ ବୋଲି ଉଚ୍ଚ ପ୍ରଶାସନିକ ବୈଠକରେ ଘୋଷଣା କରିଥିଲେ । ୨୦୨୨ ମସିହାରେ ପ୍ରଥମେ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ବଙ୍ଗ ସରକାର ୨ ଶହ କୋଟି ଟଙ୍କା ଅର୍ଥ ମଞ୍ଜୁର କରି ଖୁବଶୀଘ୍ର ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୬୫ ଫୁଟ ଉଚ୍ଚର ଏହି ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ହିଡ଼କୋ ସଂସ୍ଥା ହାତକୁ ନେଇଥିବାବେଳେ ରାଜସ୍ଥାନର ନାମୀ ମାର୍ବଲ ପଥରରେ ଶ୍ରୀଜଗନ୍ନାଥ ମନ୍ଦିର ସହ ଆଠଟି ମନ୍ଦିର ନିର୍ମିତ ହୋଇଛି ।

## ୪ ଦିନ କାଳବୈଶାଖୀ, ତାତି ଓ ଆର୍ଦ୍ରତା ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



**ଭୁବନେଶ୍ୱର,୨୬।୪ (ସଂଚାର ବ୍ୟୁରୋ):** ଆଜିଠୁ ୪ ଦିନ କାଳବୈଶାଖୀ ବର୍ଷା । ଆଜି ଅପରାହ୍ନରେ ମାଲକାନଗିରି, ଗଞ୍ଜାମ, କୋରାପୁଟ ଓ ମୟୂରଭଞ୍ଜରେ ବିଜୁଳି, ଘଡ଼ଘଡ଼ିର ଆଶଙ୍କା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବ । ସେହିପରି ଝାରସୁଗୁଡ଼ା, ବୌଦ୍ଧ, ସମ୍ବଲପୁର ଓ ବଲାଙ୍ଗୀରକୁ ହିଟୱେଭ ପାଇଁ ୟେଲୋ ଚେତାବନୀ ଜାରି କରାଯାଇଛି। ତାତି ଓ ଆର୍ଦ୍ରତା ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆଜିଠୁ ଏପ୍ରିଲ ୩୦ ତାରିଖ ଯାଏ ବିଜୁଳି ଘଡଘଡି ସହ ବର୍ଷା, କୁଆପଥର ସହ ଝଡ ପବନର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାସହ ୨ ଦିନ ଭିତରେ ୨ ରୁ ୫ ଡିଗ୍ରୀ ତାପମାତ୍ରା ମଧ୍ୟ ହ୍ରାସ ପାଇବ। ଆସନ୍ତାକାଲି କାଳବୈଶାଖୀ ପାଇଁ ୭ ଜିଲ୍ଲା କୋରାପୁଟ, ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକକୁ ଅରେଞ୍ଜ ୱାର୍ଣ୍ଣିଂ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଏସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ । ସେହିପରି ବିଜୁଳି, ଘଡ଼ଘଡ଼ି ଓ ପବନ ପାଇଁ ୧୮ ଜିଲ୍ଲାକୁ ଦିଆଯାଇଛି ୟେଲୋ ୱାର୍ଣ୍ଣିଂ । ୩୦ ତାରିଖ ଯାଏ କାଳବୈଶାଖୀ ଆଶଙ୍କା ରହିଛି । ୩ ଦିନରେ ତାପମାତ୍ରାରେ ବଡ଼ ଧରଣର ପରିବର୍ତ୍ତନର ସମ୍ଭାବନା ନାହିଁ । ଏହାପରେ ଦିନ ତାପମାତ୍ରାରେ ୩ରୁ ୫ ଡିଗ୍ରି ସେଲସିୟସ ହ୍ରାସ ହୋଇପାରେ ।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଓଖଲା 'ବର୍ଜ୍ୟରୁ ଶକ୍ତି' ପ୍ଲାଣ୍ଟ ପରିଦର୍ଶନ



**ନୂଆ ଦିଲ୍ଲୀ,୨୬।୪:** ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଦିଲ୍ଲୀ ନଗର ନିଗମ ଦ୍ୱାରା ପରିଚାଳିତ ଓଖଲାରେ ଥିବା ଅତ୍ୟାଧୁନିକ ବର୍ଜ୍ୟବସ୍ତୁରୁ ଶକ୍ତି ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ଏହି ପ୍ଲାଣ୍ଟ ବର୍ତ୍ତମାନ ପ୍ରତିଦିନ ପ୍ରାୟ ୨୦୦୦ ମେଟ୍ରିକ୍ ଟନ୍ (ଏମ୍ଟି) ପୌର କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରେ ଏବଂ ପ୍ରାୟ ୨୩ ମେଗାୱାଟ୍ (ଏମ୍ଟି) ସବୁଜ ଶକ୍ତି ଉତ୍ପାଦନ କରେ।

ମନ୍ତ୍ରୀ ଉପସ୍ଥିତ ଅଧିକାରୀଙ୍କ ସହିତ ପ୍ଲାଣ୍ଟର କାର୍ଯ୍ୟକାରିତା, ପ୍ରଯୁକ୍ତିବିଦ୍ୟା ଏବଂ କାର୍ଯ୍ୟକ୍ଷମ ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଏହି ପ୍ଲାଣ୍ଟ କ୍ଷମତାକୁ ୩,୦୦୦ ମେଟ୍ରିକ୍ ଟନ୍ ଅପବ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ୩୦ ମେଗାୱାଟ୍ ଶକ୍ତି ଉତ୍ପାଦନକୁ ବିସ୍ତାର କରାଯାଇପାରିବ ଏବଂ ସେ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ପ୍ଲାଣ୍ଟର ଦକ୍ଷତା ଏବଂ ପ୍ରଭାବଶାଳୀତାରେ ପ୍ରଭାବିତ ହୋଇ, ମନ୍ତ୍ରୀ ଡକ୍ଟର ମହାପାତ୍ର ପ୍ରକାଶ କରିଥିଲେ ଯେ ଏପରି ଏକ ପଦକ୍ଷେପ ଆମ ରାଜ୍ୟରେ ସ୍ୱଚ୍ଛ ଶକ୍ତି ଉତ୍ପାଦନରେ ଯୋଗଦାନ ଦେବା ସହିତ ବର୍ଜ୍ୟବସ୍ତୁ ପରିଚାଳନା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ସେ ନିଶ୍ଚିତ କରିଥିଲେ ଯେ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଧାରଣାକୁ କାର୍ଯ୍ୟକାରୀ କରିବା ପାଇଁ ଗମ୍ଭୀରତାର ସହ ବିଚାର କରାଯିବ। ଓଖଲା ବର୍ଜ୍ୟବସ୍ତୁରୁ ଶକ୍ତି ପରିଚାଳନା ପ୍ଲାଣ୍ଟର ପ୍ରକଳ୍ପ ପରିଚାଳନା ମୁଖ୍ୟ ସନ୍ଦୀପ ଦତ୍ତା, ଦିଲ୍ଲୀ ନଗର ନିଗମର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏହି ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଏବଂ ଗସ୍ତ ସମୟରେ ଡକ୍ଟର ମହାପାତ୍ରଙ୍କ ସହିତ ଥିଲେ। ମନ୍ତ୍ରୀ ଡାଃ ମହାପାତ୍ର ଏକ ସ୍ୱଚ୍ଛ ଏବଂ ସବୁଜ ଭାରତର ଲକ୍ଷ୍ୟ ସହିତ ସମନ୍ୱୟ ରଖି, ଅପଚୟକୁ ଏକ ମୂଲ୍ୟବାନ ଶକ୍ତି ସମ୍ପଦରେ ପରିଣତ କରିବାରେ ମହାନଗର ନିଗମ ଏବଂ ପ୍ଲାଣ୍ଟ ପରିଚାଳନା ଦଳର ଅଭିନବ ପଦ୍ଧତି ପାଇଁ ସେମାନଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ।

# ଡିଏମଏଫ୍ ପାଣ୍ଠି ଖର୍ଚ୍ଚ ହୋଇପାରୁନି

**ଭୁବନେଶ୍ୱର,୨୬।୪:** ରାଜ୍ୟର ଖଣିଜ ସମୃଦ୍ଧ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ସତ୍ତ୍ୱେ, ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମ୍ଏଫ୍.) ପାଣ୍ଠିର ପ୍ରାୟ ୫୯ ପ୍ରତିଶତ ରାଜ୍ୟରେ ବ୍ୟବହାର ହୋଇନାହିଁ । ଜାତୀୟ ଡିଏମ୍ଏଫ୍ ପୋର୍ଟାଲରେ ଉପଲବ୍ଧ ସୂଚନା ଅନୁଯାୟୀ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ରାଜ୍ୟ ମୋଟ ୩୦,୦୫୦.୦୧ କୋଟି ଟଙ୍କାର ଡିଏମ୍ଏଫ୍ ପାଣ୍ଠି ସଂଗ୍ରହ ହୋଇଛି।

ଖଣିଜ ସମୃଦ୍ଧ ଅଞ୍ଚଳର ନିରନ୍ତର ସାମାଜିକ ଏବଂ ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟରେ ଡିଏମ୍ଏଫ୍ ପାଣ୍ଠିରୁ ୧୨,୪୦୨.୮୯ କୋଟି ଟଙ୍କା ବ୍ୟୟ କରାଯାଇଛି, ଯାହାର ଅର୍ଥ ହେଉଛି ଜିଲ୍ଲାଗୁଡ଼ିକରେ ୧୭,୬୪୭.୬୨ କୋଟି ଟଙ୍କା ଖର୍ଚ୍ଚ ହୋଇପାରିନାହିଁ । ତଥ୍ୟ ଦର୍ଶାଉଛି ଯେ ଏପର୍ଯ୍ୟନ୍ତ ୨୫,୯୪୨.୭୧ କୋଟି ଟଙ୍କା ମୂଲ୍ୟର ମୋଟ ୩୦,୯୪୭ଟି ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି, ଯେଉଁଥିରୁ ୬୦୩୨.୪୧ କୋଟି ଟଙ୍କା ମୂଲ୍ୟର ୧୭,୮୮୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ୧୭,୪୯୧.୯୩ କୋଟି ଟଙ୍କା ମୂଲ୍ୟର ୮୭୯୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ବିଭିନ୍ନ ପର୍ଯ୍ୟାୟରେ ରହିଛି। ୨୧୯୨.୧୯ କୋଟି ଟଙ୍କା ମୂଲ୍ୟର ଆଉ ୩୨୬୭ଟି ପ୍ରକଳ୍ପ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଯୋଜନା ଏବଂ କାର୍ଯ୍ୟକାରିତା ସମୟରେ, ୧୩୮.୪୩ କୋଟି ଟଙ୍କାର ୬୯୭ଟି ବିକାଶମୂଳକ ପ୍ରକଳ୍ପ ବିଭିନ୍ନ କାରଣରୁ ବାତିଲ କରାଯାଇଛି । ୩୦ଟି ଜିଲ୍ଲା ମଧ୍ୟରୁ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୨,୪୦୧.୭୧ କୋଟି ଟଙ୍କା ସଂଗ୍ରହ କରାଯାଇଛି, ଏହା ପଛକୁ ରହିଛି ସୁନ୍ଦରଗଡ଼ ଜିଲ୍ଲା, ଯେଉଁଠାରେ ୮୨୫୭.୧୭ କୋଟି ଟଙ୍କାର ଡିଏମଏଫ ପାଣ୍ଠି ସଂଗ୍ରହ କରାଯାଇଛି । ଡିଏମ୍ଏଫ୍ ପାଣ୍ଠିରୁ ଅନୁଗୁଳ ଜିଲ୍ଲାରେ ୩୮୫୭.୧୮ କୋଟି ଟଙ୍କା, ଯାଜପୁର ଜିଲ୍ଲାରେ ୨୪୩୪.୫୫ କୋଟି ଟଙ୍କା ଏବଂ ଝାରସୁଗୁଡ଼ା ଜିଲ୍ଲାରେ ୧୫୪୯.୩୨ କୋଟି ଟଙ୍କା ସଂଗ୍ରହ କରାଯାଇଛି । ଅବଶିଷ୍ଟ ଜିଲ୍ଲାଗୁଡ଼ିକ ଏ ପର୍ଯ୍ୟନ୍ତ ୧୦୦ କୋଟି ଟଙ୍କାରୁ କମ୍ ଡିଏମଏଫ ସଂଗ୍ରହ କରିଛନ୍ତି ।



କେନ୍ଦୁଝର, ସୁନ୍ଦରଗଡ଼ ଏବଂ ଯାଜପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଡିଏମ୍ଏଫ୍ ପାଣ୍ଠିରୁ ଯଥାକ୍ରମେ ୯୫୦୯.୯୬ କୋଟି ଟଙ୍କା, ୮୧୮୧.୦୫ କୋଟି ଟଙ୍କା ଏବଂ ୨୯୧୬.୮୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଜାତୀୟ ପୋର୍ଟାଲ ଅନୁଯାୟୀ, ଡିଏମ୍ଏଫ୍ ପାଣ୍ଠିର ଉପଯୋଗ କ୍ଷେତ୍ରରେ ଏହି ତିନୋଟି ଜିଲ୍ଲା ଶୀର୍ଷ ତିନୋଟି ସ୍ଥାନରେ ରହିଛନ୍ତି ।

ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମକେକେକେୱାଇ) ଡିଏମଏଫଗୁଡ଼ିକୁ ପାନୀୟ ଜଳ, ପରିବେଶ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ, ସ୍ୱାସ୍ଥ୍ୟସେବା, ଶିକ୍ଷା, ମହିଳା ଏବଂ ଶିଶୁ କଲ୍ୟାଣ, ବୟସ୍କ ଏବଂ ଭିନ୍ନକ୍ଷମଙ୍କ କଲ୍ୟାଣ, ଦକ୍ଷତା ବିକାଶ ଏବଂ ଜୀବିକା ସୃଷ୍ଟି, ପରିମଳ, ଆବାସ, କୃଷି ଏବଂ ପଶୁପାଳନ ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରରେ ପାଣ୍ଠି ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଛି ଯାହା ଖଣି ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଜୀବନରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ ।

ପିଏମକେକେକେୱାଇ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଜାନୁଆରୀ, ୨୦୨୪ରେ ସଂଶୋଧିତ ପିଏମକେକେକେୱାଇ ମାର୍ଗଦର୍ଶିକା ଜାରି କରିଛନ୍ତି । ଏହି ନିର୍ଦ୍ଦେଶାବଳୀର କେତେକ ପ୍ରମୁଖ ବୈଶିଷ୍ଟ୍ୟ ମଧ୍ୟରେ ସିଧାସଳଖ ପ୍ରଭାବିତ କ୍ଷେତ୍ର ଏବଂ ଉଚ୍ଚ ପ୍ରାଥମିକତା କ୍ଷେତ୍ରରେ ଅତି କମରେ ୭୦ ପ୍ରତିଶତ ଡିଏମଏଫ ପାଣ୍ଠିର ଉପଯୋଗ, ସିଆଣ୍ଡଏଜି ଦ୍ୱାରା ଡିଏମଏଫ ଆକାଉଣ୍ଟଗୁଡିକର ବାଧ୍ୟତାମୂଳକ ଅଡିଟ୍, ନିର୍ବାଚିତ ପ୍ରତିନିଧି ଯଥା ସାଂସଦ, ବିଧାୟକ ଏବଂ ଏମଏଲସିଙ୍କୁ ପରିଚାଳନା ପରିଷଦରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗ ସମାଧାନ, ଅନୁପାଳନ ବ୍ୟବସ୍ଥା ଏବଂ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସ୍ତରୀୟ ମନିଟରିଂ କମିଟି ପ୍ରତିଷ୍ଠା ଅନ୍ତର୍ଭୁକ୍ତ। ପିଏମ୍‌କେକେକେୱାଇ ନିର୍ଦ୍ଦେଶାବଳୀ ୨୦୨୪ ପ୍ରଦାନ କରେ ଯେ ଗ୍ରାମ ସଭା/ ସ୍ଥାନୀୟ ସଂସ୍ଥା ଏକ ସମ୍ଭାବ୍ୟ ଯୋଜନା ପ୍ରସ୍ତୁତିରେ ସାହାଯ୍ୟ କରିପାରିବେ । ଆହୁରି, ଏହି ମାର୍ଗଦର୍ଶିକାରେ ଏହା ମଧ୍ୟ କୁହାଯାଇଛି ଯେ ଅନୁସୂଚିତ ଅଞ୍ଚଳରେ ଡିଏମ୍ଏଫ୍ ପାଣ୍ଠିର ଉପଯୋଗ ଅନୁସୂଚୀତ ଅଞ୍ଚଳ ଏବଂ ଆଦିବାସୀ ଅଞ୍ଚଳର ପ୍ରଶାସନ ସମ୍ବନ୍ଧୀୟ ସମ୍ବିଧାନର ଅନୁସୂଚୀ ୫ ଏବଂ ଅନୁସୂଚୀ ୬ ସହିତ ପଠାଯାଇଥିବା ଧାରା ୨୪୪ରେ ଥିବା ବ୍ୟବସ୍ଥା ଏବଂ ପଞ୍ଚାୟତ ଅଧିନିୟମ, ୧୯୯୬ ଏବଂ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ଅଧିବାସୀ ଅଧିନିୟମ, ୨୦୦୬ର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବ । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଖୁବ୍ ଶୀଘ୍ର ଲଞ୍ଚ ହେବ ବିଏମ୍‌ଡବ୍ଲ୍ୟୁର ଆର୧୩୦୦ ଆରଟି ବାଇକ୍

**ନୂଆଦିଲ୍ଲୀ, ୨୬।୪:** ବିଏମ୍‌ଡବ୍ଲ୍ୟୁ ମୋଟୋରୋଡ୍‌ର ଲେଜେଣ୍ଡାରୀ ଟୁରିଂ ସିରିଜ୍ ଖୁବ୍ ଶୀଘ୍ର ଏକ ନୂଆ ଧମାକା ସୃଷ୍ଟି କରିବାକୁ ଯାଉଛି। ଜର୍ମାନ ଅଟୋ ଜାଏଣ୍ଟ ବିଏମ୍‌ଡବ୍ଲ୍ୟୁ ଏପ୍ରିଲ୍ ୨୯, ୨୦୨୫ରେ ବିଶ୍ୱ ସ୍ତରରେ ଏହାର ନୂଆ ଆର୧୩୦୦ ଆରଟିକୁ ଉନ୍ମୋଚନ କରିବାକୁ ଯାଉଛି। ଏହି ବାଇକ୍ ପୂର୍ବରୁ ଥିବା ଆର୧୨୫୦ ଆରଟିର ଜାଗା ନେବ ଏବଂ ଏକ ନୂଆ ଉପାୟରେ ଟୁରିଂ ଏକ୍ସପେରିୟନ୍ସକୁ ରିଡିଜାଇନ୍ କରିବ।

ଏଥି ସହ ଜାଣିରଖନ୍ତୁ ଯେ ଏହି ନୂଆ ଟୁରର୍ ବାଇକକୁ ଲଙ୍ଗ ରାଇଡ୍ସକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ଯେଉଁଥିରେ ସ୍ପୋର୍ଟି ଷ୍ଟାଇଲିଂ, କମଫରଟେବଲ ଫିଚର୍ସ ଏବଂ ଏକ ଦମଦାର୍ ଇଞ୍ଜିନର କମ୍ବିନେସନ୍ ମିଳିବ। ନୂଆ ବିଏମ୍‌ଡବ୍ଲ୍ୟୁ ଆର୧୩୦୦ ଆରଟି ରେ ସେହି ସମାନ ଇଞ୍ଜିନ୍ ରହିବ, ଯାହା ନିକଟରେ ଆର ୧୩୦୦ ଜିଏସ (୧୩୦୦ ସିସି ବକ୍ସର-ଟ୍ୱିନ୍ ଇଞ୍ଜିନ୍)ରେ ପ୍ରଦାନ କରାଯାଇଥିଲା। ଏହି ଇଞ୍ଜିନ୍ ୭,୭୫୦ଆରପିଏମରେ ୧୪୫ବିଏଚପିର ମ୍ୟାକ୍ସିମମ୍ ପାୱାର ଏବଂ



୬,୫୦୦ଆରପିଏମରେ ୧୪୯ଏନଏମର ପିକ୍ ଟର୍କ ଜେନେରେଟ୍ କରିଥାଏ। ଏଥି ସହ ଇଞ୍ଜିନକୁ ୬-ସ୍ପିଡ୍ ଗିୟରବକ୍ସରେ ଆଡ୍ କରାଯାଇଛି। କିଛି ରିପୋର୍ଟ ଅନୁସାରେ ବିଏମ୍‌ଡବ୍ଲ୍ୟୁ ଏହି ମଡେଲରେ ଅଟୋମେଟିକ୍ ଟ୍ରାନ୍ସମିସନ୍ ଉପରେ ମଧ କାମ କରୁଛି, ଯାହା ରାଇଡିଂ ଏବଂ ଅଧିକ ରିଲାକ୍ସିଂ କରିପାରିବ। ଏହି ପାୱାରଟ୍ରେନ୍ ଆର୧୩୦୦ ଆରଟି କୁ ଲଙ୍ଗ ଡିସଟାନ୍ସ ଟୁରିଙ୍ଗରେ ପରଫେକ୍ଟ ଚଏସ୍ କରିଥାଏ। ଯାହା ପାୱାର, ଷ୍ଟେବିଲିଟି ଏବଂ ଏଫିସିଏନ୍ସିର ଉନ୍ନତ ବାଲାନ୍ସ ମିଳିବ। ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ଫୁଲ୍ ଡିଜାଇନ୍ ସାମ୍ନାକୁ ଆସିନାହିଁ। କିନ୍ତୁ ସ୍ପାଏ ସଟ୍ ଏବଂ ଟିଜରରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଇନଫରମେସନ୍ ମିଳିଛି। ବାଇକରେ ଏକ ଭର୍ଟିକାଲ୍ ଷ୍ଟାକ୍ ଏଲଇଡି ହେଡଲାଇଟ୍ ସେଟଅପ୍ ଏବଂ ଡିଆରଏଲ ଦିଆଯାଇଛି। ନୂଆ ମଡେଲ୍ ଟ୍ରାନ୍ସପରେଣ୍ଟ ଭାଇଜର ଏବଂ ବୁମେରାଂ ଭଳି ସେପର ଫେୟାରିଂ ସହିତ ଆସିବ। ଫେୟାରିଂ ନିଶ୍ଚିତ ଭାବରେ ଆଉଟଗୋଇଂ ଆର ୧୨୫୦ ଆରଟିଠାରୁ ଭିନ୍ନ ହେବ। ଡିଜାଇନରେ ଏରୋଡାଇନାମିକ୍ସକୁ ବିଶେଷ ଧ୍ୟାନରେ ରଖାଯାଇଛି, ଯାହା ଦ୍ୱାରା ହାଇ-ସ୍ପିଡ୍ ଟୁରିଂ ସମୟରେ ସ୍ଥିରତା ଏବଂ କମଫର୍ଟ ପ୍ରଦାନ କରେ।

ବିଏମ୍‌ଡବ୍ଲ୍ୟୁ ଆର୧୩୦୦ ଆରଟି କେବଳ ଏକ ପାୱାରଫୁଲ୍ ଇଞ୍ଜିନ ସହିତ ନୁହେଁ ବରଂ ଦମଦାର୍ ଫିଚର୍ସ ସହିତ ଆସିଥାଏ, ଯାହା ଏହାକୁ ଏକ ପ୍ରିମିୟମ୍ ଏବଂ ହାଇ-ଟେକ୍ ଟୁରିଂ ବାଇକ୍ କରିଥାଏ। ଏଥିରେ ଏକ ବଡ଼ ଟିଏଫଟି ଡିସପ୍ଲେ ଅଛି, ଯାହା ସ୍ମାର୍ଟଫୋନ୍ କନେକ୍ଟିଭିଟିକୁ ସପୋର୍ଟ କରେ। ଚଲାଇବା ଅଭିଜ୍ଞତାକୁ ଆହୁରି ଉନ୍ନତ କରିବା ପାଇଁ, ଏଥିରେ ରେନ୍, ରୋଡ୍ ଏବଂ ଡାଇନାମିକ୍ ଭଳି ଏକାଧିକ ରାଇଡିଂ ମୋଡ୍ ସାମିଲ୍ କରାଯାଇଛି। ସେଫ୍ଟି ଦୃଷ୍ଟିରୁ, ଏଥିରେ ଟ୍ରାକ୍ସନ୍ କଣ୍ଟ୍ରୋଲ ଏବଂ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍ (ଏବିଏସ) ସୁବିଧା ଅଛି। କିଛି ରିପୋର୍ଟରେ ଏହା ମଧ କୁହାଯାଇଛି ଯେ ଏଥିରେ ରିମୋଟ୍ କିଲେସ୍ ଏଣ୍ଟ୍ରି ଏବଂ ହିଟେଡ୍ ସିଟ୍ ଭଳି ଲଗଜରୀ ଫିଚର୍ସ ମଧ ପ୍ରଦାନ କରାଯାଇପାରିବ।

ବିଏମ୍‌ଡବ୍ଲ୍ୟୁ ଏପର୍ଯ୍ୟନ୍ତ ଆର୧୩୦୦ ଆରଟି ର ଅଫିସିଆଲି ପ୍ରାଇସ୍ ଘୋଷଣା କରିନାହିଁ, କିନ୍ତୁ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହାର ଏକ୍ସ-ଶୋରୁମ୍ ପ୍ରାଇସ୍ ଭାରତରେ ୨୫ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। ଏହି ବାଇକ୍ ୨୯ ଏପ୍ରିଲ୍ ୨୦୨୫ରେ ବିଶ୍ୱ ସ୍ତରରେ ଲଞ୍ଚ ହେବ ଏବଂ ୨୦୨୫ ମଧଭାଗ କିମ୍ବା ଶେଷ ସୁଦ୍ଧା ଭାରତରେ ଏହା ଉପଲବ୍ଧ ହେବ ବୋଲି ଆଶା କରାଯାଉଛି। ଏହାର ଦମଦାର୍ ପରଫରମାନ୍ସ, ଆଡଭାନ୍ସ ଫିଚର୍ସ ଏବଂ ଆକର୍ଷଣୀୟ ଡିଜାଇନ୍ ଯୋଗୁଁ ରାଇଡର୍ସଙ୍କୁ ଉନ୍ନ ଏକ୍ସପେରିୟନ୍ସ ମିଳିପାରିବ। ଏଥି ସହ ଏହି ବାଇକ୍ ସେହି ବାଇକ୍ ଲଭର୍ସଙ୍କ ପାଇଁ ଏକ ପରଫେକ୍ଟ ଚଏସ୍ ହୋଇପାରେ ଯେଉଁମାନେ ପାୱାର, ଷ୍ଟାଇଲ୍ ଏବଂ କମ୍ଫର୍ଟ ଚାହାଁନ୍ତି।



## ଆଜିର ସୁନା ଦର

କିଛି ଦିନ ପୂର୍ବରୁ ସୁନା ଦର ଅଚାନକ ଲକ୍ଷେ ଟଙ୍କାରେ ପହଞ୍ଚିଥିଲା। ତାପରେ ଧିରେ ଧିରେ ସୁନା ଦର ଖସିବାରେ ଲାଗିଛି। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୨୧୦, ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୦୨୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୨୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୦୨୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୨୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୦୨୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୩୧୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୧୭୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୨୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୦୨୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮,୨୧୦ ଓ ୯୦,୦୨୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୯୦୦ ଟଙ୍କା ହୋଇଛି।

## ଏୟାରଟେଲ ଆଣିଲା ପ୍ଲାନ
# ରୋମିଙ୍ଗ ରିଚାର୍ଜ ବିନା ବି ଚାଲିବ ଫୋନ

**ନୂଆଦିଲ୍ଲୀ, ୨୬।୪:** ଏୟାରଟେଲ୍ ଏହାର ଉପଭୋକ୍ତାଙ୍କ ପାଇଁ ଏକ ନୂତନ ଏବଂ ସ୍ୱତନ୍ତ୍ର ରିଚାର୍ଜ ଯୋଜନା ପ୍ରଚଳନ କରିଛି, ଯାହା ସକ୍ରିୟ ହେବା ପରେ, ସମ୍ପୂର୍ଣ୍ଣ ୩୬୫ ଦିନ ପାଇଁ ଆପଣଙ୍କୁ ଇଣ୍ଟରନେଟର ଚିନ୍ତା ରହିବ ନାହିଁ ବିଶେଷ କଥା ଯେ ଏହି ଯୋଜନା କେବଳ ଭାରତରେ ନୁହେଁ ବରଂ ବିଶ୍ୱର ୧୮୯ଟି ଦେଶରେ କାମ କରିବ। କମ୍ପାନୀ ଏହାକୁ ଇଣ୍ଟରନ୍ୟାସନାଲ ରୋମିଂ (IR) ପ୍ଲାନ୍ ଭାବରେ ଲଞ୍ଚ କରିଛି। ବିଶେଷ କଥା ହେଉଛି ଏହି ଯୋଜନା ମାଧ୍ୟମରେ ଆପଣଙ୍କୁ ବିମାନ ଯାତ୍ରା ସମୟରେ ମଧ କଲ୍ ଏବଂ ଇଣ୍ଟରନେଟର ସୁବିଧା ମିଳିବ। ଏହାର ଅର୍ଥ




ହେଉଛି ଦେଶରେ ହେଉ, ବିଦେଶରେ ହେଉ କିମ୍ବା ବିମାନରେ ହେଉ, ଆପଣ ସବୁଠି ସଂଯୋଗ ପାଇବେ। ସୂଚନା ଅନୁଯାୟୀ, ଏୟାରଟେଲର ଏହି ନୂତନ ଯୋଜନା ୪୦୦୦ ଟଙ୍କାରେ ଉପଲବ୍ଧ। ଏଥିରେ ଉପଭୋକ୍ତାମାନେ ଆନ୍ତର୍ଜାତୀୟ ସ୍ତରରେ ୫ଜିବି ଡାଟା ଏବଂ ମୋଟ ୧୦୦ ମିନିଟ୍ ଇନକମିଂ ଏବଂ ଆଉଟଗୋଇଂ କଲିଂର ସୁବିଧା ପାଆନ୍ତି। କେବଳ ଏତିକି ନୁହେଁ, ଆପଣ ବିମାନରେ ଯାତ୍ରା କରିବା ସମୟରେ ୨୫୦ଏମବି ଡାଟା ମଧ ବ୍ୟବହାର କରିପାରିବେ, କିନ୍ତୁ ଏହି ସୁବିଧା କେବଳ କିଛି ନିର୍ଦ୍ଦିଷ୍ଟ ଏୟାରଲାଇନ୍ସରେ ଉପଲବ୍ଧ ହେବ। ଯଦି ଆମେ ଭାରତରେ ଏହାର ଲାଭ ଉପରେ ନଜର ପକାଇବା, ତେବେ ଏହି ଯୋଜନା ଅଧୀନରେ, ଆପଣ ସାରା ବର୍ଷ ପାଇଁ ଅସୀମିତ କଲିଂ, ପ୍ରତିଦିନ ଦେଢ଼ ଜିବି ହାଇ-ସ୍ପିଡ୍ ଡାଟା ଏବଂ ପ୍ରତିଦିନ ୧୦୦ଟି ମାଗଣା ଏସଏମଏସ ପାଇବେ। ଏହାର ଅର୍ଥ ହେଉଛି ଉପଭୋକ୍ତା ବାରମ୍ବାର ରିଚାର୍ଜ କରିବା ଆବଶ୍ୟକତା ନାହିଁ । ଯେଉଁମାନେ ପ୍ରାୟତଃ ବିଦେଶ ଯାତ୍ରା କରନ୍ତି, ସେମାନଙ୍କୁ ଧ୍ୟାନରେ ରଖି ଏୟାରଟେଲ୍ ଏହି ଯୋଜନା ଡିଜାଇନ୍ କରିଛି। ଏହି ଯୋଜନା ମାଧ୍ୟମରେ, ଉପଭୋକ୍ତାମାନଙ୍କୁ ପ୍ରତ୍ୟେକ ଥର ବିଦେଶ ଯିବା ସମୟରେ ଏକ ନୂତନ ରୋମିଂ ପ୍ୟାକ୍ କିଣିବାକୁ ପଡିବ ନାହିଁ।

# ବାଣିଜ୍ୟ ସମ୍ପର୍କ ଛିନ୍ନ କରି ଦେଲେ ଭାରତ-ପାକିସ୍ତାନ: କାହାର ହେବ ବେଶି କ୍ଷତି ?

**ନୂ ଆ ଦି ଲ୍ଲୀ , ୨ ୬ । ୪ :** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ କୂଟନୈତିକ ଉତ୍ତେଜନା ତୀବ୍ର ଭାବରେ ବୃଦ୍ଧି ପାଇଛି। ପ୍ରତିକ୍ରିୟା ସ୍ୱରୂପ, ଭାରତ ଦ୍ୱିପାକ୍ଷିକ ବାଣିଜ୍ୟକୁ ସମ୍ପୂର୍ଣ୍ଣ ସ୍ଥଗିତ କରିବା ଆଡ଼କୁ ଅଗ୍ରସର ହେଉଥିବା ଜଣାପଡ଼ିଛି।




ଉଭୟ ଦଶର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କରିଡର-ଅଟାରୀ-ୱାଘା ସୀମା ବନ୍ଦ କରି ଦେଇଛି। ଭାରତ ସରକାରଙ୍କ ଏହି ନିଷ୍ପତ୍ତି ଏହା ସୂଚାଇ ଦେଉଛି ଭାରତ ପାକିସ୍ତାନ ସହିତ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି। ଭାରତ ଓ ପାକିସ୍ତାନ ଦୁଇ ପଡ଼ୋଶୀ ଦେଶ ହୋଇଥିଲେ ବି ଉଭୟଙ୍କର ବିଚାରଧାରା ଅଲଗା ଅଲଗା ହୋଇଥିବାରୁ ଦୁହିଁଙ୍କ ଭିତରେ ସବୁବେଳେ ଅହି-ନକୂଳର ସମ୍ପର୍କ ରହି ଆସିଛି। ପାକିସ୍ତାନୀ ଧର୍ମୀୟ ଭାବନାର ଅନ୍ଧକାର ଭିତରେ ବୁଡ଼ି ରହିଥିବା ବେଳେ ଭାରତ ଏକ ସ୍ୱଚ୍ଛ ମୁକ୍ତ ଓ ସ୍ୱାଧୀନ ବିଚାରାଧାର ସହ ଆଗକୁ ବଢୁଛି। ତେଣୁ ଦୁଇ ଦେଶ ମଧ୍ୟରେ ସବୁବେଳେ ଉତ୍ତେଜନା ପୂର୍ଣ୍ଣ ସ୍ଥିତି ଲାଗି ରହିଛି। ଏଥିପାଇଁ ଦୁଇ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ସୀମିତ ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବାର୍ଷିକ ହାରାହାରି ପ୍ରାୟ ୫୦୦ ମିଲିଅନ ଡଲାର ବ୍ୟବସାୟ ହେଉଛି। ହେଲେ ପାକିସ୍ତାନ ସହିତ ସମ୍ପୂର୍ଣ୍ଣ ବ୍ୟବସାୟ ବନ୍ଦ କରିଦେବା ନିଷ୍ପତ୍ତି ଉଭୟ ଦେଶକୁ ସାମାନ୍ୟ ପ୍ରଭାବିତ କରିବ। ଭାରତର କିଛି ଶିଳ୍ପ ଏବଂ ଗ୍ରାହକ ବର୍ଗ ଉପରେ ଅଳ୍ପ ପ୍ରଭାବ ପଡ଼ିବ। ଭାରତର ପଞ୍ଜାବ ଅମୃତସରରୁ ୨୮ କିଲୋମିଟର ଏବଂ ପାକିସ୍ତାନର ଲାହୋରରୁ ୨୪ କିଲୋମିଟର ଦୂରରେ ଅବସ୍ଥିତ ଅଟାରୀ-ୱାଘା ବର୍ଡର, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ପାଇଁ ଏକମାତ୍ର ସ୍ଥଳପଥ ହୋଇଆସିଛି। ଏହା କେବଳ ବ୍ୟବସାୟ ପାଇଁ ନୁହେଁ ବରଂ ଏହା ସାଂସ୍କୃତିକ ଏବଂ ଐତିହାସିକ ଗୁରୁତ୍ୱ ପାଇଁ ମଧ୍ୟ ବେଶ୍ ଗୁରୁତ୍ୱ ବହନ କରୁଛି। ତେବେ ବାଣିଜ୍ୟିକ ଦୃଷ୍ଟିକୋଣରୁ, ଏହି ଚେକପୋଷ୍ଟ ଉଭୟ ଦେଶର ଅର୍ଥନୀତିକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ରିଜର୍ଭ ବ୍ୟାଙ୍କ କିଣିଲା ୫୭ ଟନ୍ ସୁନା: ଭଣ୍ଡାରରେ ଅଛି ୮୭୯ ଟନ୍

**ମୁମ୍ବାଇ, ୨୬।୪:** ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ଲାଗି ରହିଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ସୁନା ଭଣ୍ଡାରକୁ ମଜଭୁତ କରିବାରେ ଲାଗିଛି। ୨୦୪-୨୫ରେ ଏହା ୫୭.୫ଟନ୍ ସୁନା କିଣିଛି। ୨୦୧୭ ପରେ ଏହା ଦ୍ୱିତୀୟ ଥର ପାଇଁ ଏତେ ପରିମାଣର ସୁନା କିଣିଛି। ଭୂରାଜନୈତିକ ସଙ୍କଟ, ଆମେରିକୀୟ ଡଲାର ମୂଲ୍ୟରେ ଅସ୍ଥିରତା, ଆମେରିକା ସରକାରୀ ବଣ୍ଡ୍‌କୁ ନେଇ ଚିନ୍ତା ଆଦି କାରଣକୁ ନେଇ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କ ସୁନା କିଣା ବଢ଼ାଇଛନ୍ତି। ୨୦୨୫ ମାର୍ଚ୍ଚ ସୁଦ୍ଧା ତଥ୍ୟ ଅନୁସାରେ ରିଜର୍ଭ ବ୍ୟାଙ୍କ ଭଣ୍ଡାରରେ ୮୭୯.୬ ଟନ୍ ସୁନା ରହିଛି ଯାହା ବର୍ଷକ ପୂର୍ବେ ୮୨୨.୧ ଟନ୍ ଥିଲା। ୨୦୨୧-୨୨ରେ ଏହା ୬୬ ଟନ୍, ୨୦୨୨-୨୩ରେ ୩୫ ଟନ୍ ଓ ୨୦୨୩-୨୪ରେ ୨୭ ଟନ୍ ସୁନା କିଣିଥିଲା। ଆମେରିକା ଟ୍ରେଜେରି ଉପରୁ ନିର୍ଭରଶୀଳତା କମାଇବା ଲାଗି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କିଣା ଉପରେ ଧ୍ୟାନ ଦେଇଛନ୍ତି। ପ୍ରତିବର୍ଷ ଅଧିକରୁ ଅଧିକ ସୁନା କିଣାଯାଉଥିବାରୁ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ଭାଗ ୧୧.୮ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ଗତବର୍ଷ ୮.୭ ପ୍ରତିଶତ ଥିଲା। ସୁନା କିଣିବାରେ ବିଶ୍ୱର ଶ୍ରେଷ୍ଠ ୧୦ଟି ଦେଶ ମଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରହିଛି। ଗତବର୍ଷ ଜାନୁଆରିରୁ ନଭେମ୍ବର ପର୍ଯ୍ୟନ୍ତ ପ୍ରତି ମାସରେ ରିଜର୍ଭ ବ୍ୟାଙ୍କ ହାରାହାରି ଭାବେ ୬.୬ ଟନ୍ ସୁନା କିଣିଥିଲା। କେବଳ ଫେବ୍ରୁଆରି ଓ ଡିସେମ୍ବରରେ ଏହା ସୁନା କିଣିନଥିଲା।

# ଅନନ୍ତ ଅମ୍ବାନୀ ହେବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଏଗଜ୍ୟୁକୁଟିଭ ଡାଇରେକ୍ଟର

## ମେ ୧ରେ ମିଳିବ ଦାୟିତ୍ୱ



ମୁମ୍ବାଇ ୨୬।୪: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ) ଅନନ୍ତ ଅମ୍ବାନୀଙ୍କୁ କମ୍ପାନୀର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଏଗଜ୍ୟୁକୁଟିଭ ଡାଇରେକ୍ଟର) ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଯୁକ୍ତି ୧ ମେ ୨୦୨୫ରୁ ପ୍ରଭାବୀ ହେବ ଓ ଏହି ନିଯୁକ୍ତି ୫ ବର୍ଷ ଅବଧି ନିମନ୍ତେ କରାଯାଇଛି। ସେୟାରଧାରୀଙ୍କ ମଞ୍ଜୁରୀ ପରେ ଏହି ନିଯୁକ୍ତିକୁ ଚୂଡ଼ାନ୍ତ ରୂପ ମିଳିବ। ଏହି ପଦକ୍ଷେପ ରିଲାଏନ୍ସ ର ଦୀର୍ଘକାଳୀକ ଉତ୍ତରାଧିକାର ଯୋଜନାରେ ନିଆଯାଇଛି। ଅନନ୍ତ ଅମ୍ବାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ମୁକେଶ ଅମ୍ବାନୀଙ୍କ କନିଷ୍ଠ ପୁତ୍ର ଅଟନ୍ତି, ପୂର୍ବରୁ କମ୍ପାନୀରେ ଅଣ କାର୍ଯ୍ୟକାରୀ ନିର୍ଦ୍ଦେଶକ ରୂପେ କାମ କରୁଥିଲେ। ଏବେ ସେ କମ୍ପାନୀର କାର୍ଯ୍ୟକାରୀ ନେତୃତ୍ୱ ଅଂଶ ପାଲଟିବେ। ଅନନ୍ତ ଅମ୍ବାନୀ ରିଲାଏନ୍ସ ସମୂହର ଅନ୍ୟ କମ୍ପାନୀମାନଙ୍କ ବୋର୍ଡରେ ମଧ ସାମିଲ ଅଛନ୍ତି। ଏଥିରେ ସେ ଜିଓ ପ୍ଲାଟଫର୍ମସ, ରିଲାଏନ୍ସ ରିଟେଲ ଭେଞ୍ଚର୍ସ, ରିଲାଏନ୍ସ ନ୍ୟୁ ଏନର୍ଜୀ ଓ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜୀ ଓ ରିଲାଏନ୍ସ ଫାଉଣ୍ଡେସନ ବୋର୍ଡରେ ମଧ ସଦସ୍ୟ ଅଛନ୍ତି। ଅନନ୍ତ ଅମ୍ବାନୀ ଆମେରିକାର ବ୍ରାଉନ ୟୁନିଭର୍ସିଟିରୁ ସ୍ନାତକ ଡିଗ୍ରି ହାସଲ କରିଛନ୍ତି। ଅମ୍ବାନୀ ପରିବାରର ପିଲାଙ୍କ ମଧରୁ ଅନନ୍ତ ଅମ୍ବାନୀ ପ୍ରଥମ ସଦସ୍ୟ ଯିଏ ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ନିଯୁକ୍ତି ମିଳିଛି।

# କାର୍ କିଣା ୧୨% ପରିବାରରେ ସୀମିତ



**ନୂଆଦିଲ୍ଲୀ, ୨୬।୪:** ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ବଢ଼ିବା ସହ ବହୁ ଧନୀ ରାଷ୍ଟ୍ରକୁ ପଛରେ ପକାଇଛି। କିନ୍ତୁ ବିକାଶର ସେହି ଲାଭ ସମାଜର ସବୁ ବର୍ଗ ପାଖରେ ସମାନ ଭାବେ ପହଞ୍ଚିପାରିନାହିଁ। ତାହାର ଏକ ବଳିଷ୍ଠ ଉଦାହରଣ ହେଉଛି କାର୍ କିଣା। କାର୍ କିଣିବା ଦେଶର ମାତ୍ର ୧୨ ପ୍ରତିଶତ ଧନୀ ପରିବାର ଭିତରେ ସୀମିତ ରହିଯାଇଛି। ଯେଉଁମାନଙ୍କ ବାର୍ଷିକ ଆୟ ୧୨ ଲକ୍ଷ ଟଙ୍କାରୁ ଅଧିକ, କେବଳ ସେମାନେ ହିଁ କାର୍ କିଣିପାରୁଛନ୍ତି। ଅବଶିଷ୍ଟ ୮୮ ପ୍ରତିଶତ ପରିବାର ଛୋଟ କାର୍ କିଣିବାକୁ ମଧ ସକ୍ଷମ ନୁହନ୍ତି ବୋଲି ମାରୁତି ସୁଜୁକିର ଅଧ୍ୟକ୍ଷ ଆର୍ ସି ଭାର୍ଗବ କହିଛନ୍ତି।

ବିଭିନ୍ନ ସମୟରେ ଘୋଷଣା ହେଉଥିବା ନିୟାମକ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପରେ ଛୋଟ କାର୍ ଦାମ୍ ଏତେ ବଢ଼ିଯାଇଛି ଯେ ତାହାକୁ ସାଧାରଣ ଲୋକ କିଣିବା ସମ୍ଭବ ହେଉନାହିଁ। ଭାରତରେ ପ୍ରତି ୧୦୦୦ ଲୋକଙ୍କ ମଧରୁ ୩୪ ଜଣଙ୍କ ପାଖରେ କାର୍ ରହିଛି। ଭାରତ ପାଖାପାଖି କୌଣସି ଦେଶରେ କାର୍ ସାନ୍ଦ୍ରତା ଏତେ କମ୍ ନାହିଁ। ଯେଉଁ ଦେଶରେ ୮୮ ପ୍ରତିଶତ ପରିବାର କାର୍ କିଣିପାରୁନାହାନ୍ତି,

**୧୨ ଲକ୍ଷ ଆୟ କରୁଥିବା ପରିବାର କିଣୁଛନ୍ତି**

**ପ୍ରତି ୧୦୦୦ ଲୋକରେ ୩୪ କାର୍**

ସେଠାରେ ଅଟୋମୋବାଇଲ୍ ଶିଳ୍ପର ଅଭିବୃଦ୍ଧି ଦ୍ରୁତ ଗତିରେ ବଢ଼ିବା ଆଶା କରାଯାଇନପାରେ ବୋଲି ଭାର୍ଗବ କହିଛନ୍ତି। ବଜେଟ୍‌ରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ରିହାତି ଘୋଷଣା ଦ୍ୱାରା କାର୍ ବିକ୍ରି ବଢ଼ିବା ଆଶା କରାଯାଇନପାରେ ବୋଲି ସେ କହିଛନ୍ତି। ଏକ ପରିବାରର ଅନେକ ଆବଶ୍ୟକତା ରହିଛି। କୌଣସି ପରିବାର ନିଜର ସମସ୍ତ ସଞ୍ଚିତ ଅର୍ଥକୁ କାର୍ କିଣିବା ଲାଗି ରଖନ୍ତି ନାହିଁ ବୋଲି ସେ କହିଛନ୍ତି। ଲୋକମାନଙ୍କ ଅଭିଳାଷ ବଢ଼ିଥିବାରୁ ବଡ଼ କାର୍ ଓ ଏସ୍‌ୟୁଭି ବିକ୍ରି ବଢୁଥିବା ଚର୍ଚ୍ଚାକୁ ମଧ ସେ ଖଣ୍ଡନ କରିଛନ୍ତି। ଲୋକମାନେ ଛୋଟ କାର୍ କିଣିପାରୁନାହାନ୍ତି। ତାହା ବାସ୍ତବ ସତ ବୋଲି ସେ କହିଛନ୍ତି। ଜାପାନରେ ମୋଟରସାଇକଲ୍ ଚଢୁଥିବା ଲୋକମାନଙ୍କ କାର୍ ସ୍ୱପ୍ନ ପୂରଣ କରିବା ଲାଗି ୬୬୦ ସିସି ଇଞ୍ଜିନ ଥିବା ଛୋଟ କାର୍ ପ୍ରଚଳନ କରାଯାଇଥିଲା। ତାହା ବେଶ୍ ସଫଳ ହୋଇଥିଲା। ଭାରତରେ ସେହି ଧରଣର ବିକଳ୍ପ ଆବଶ୍ୟକ ରହିଛି ବୋଲି ଭାର୍ଗବ କହିଛନ୍ତି।

# ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଜିଓ ପ୍ଲାଟଫର୍ମସର ନେଟ୍ ଲାଭରେ ବୃଦ୍ଧି

**ମୁମ୍ବାଇ, ୨୬।୪:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ୍ ଉଦ୍ୟୋଗ ଜିଓ ପ୍ଲାଟଫର୍ମସ ଆଜି ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ବା ଶେଷ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରିଛି। ଜାନୁୟାରୀରୁ ମାର୍ଚ୍ଚ ୨୦୨୫ ଯାଏଁ ରହିଥିବା ଏହି ତ୍ରୟମାସରେ ଜିଓ ପ୍ଲାଟଫର୍ମସର ନେଟ ଲାଭ ୨୫.୭ ପ୍ରତିଶତ ବୃଦ୍ଧି ପାଇ ୭,୦୨୨ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି। କମ୍ପାନୀ ଗତ ବର୍ଷ ସମାନ ସମୟରେ ୫,୫୮୭ କୋଟି ଟଙ୍କାର ନେଟ ଲାଭ ହାସଲ କରିଥିଲା।



**୨୫.୭ ପ୍ରତିଶତ ବଢ଼ି ହେଲା ୭,୦୨୨ କୋଟି ଟଙ୍କା**

ମାର୍ଚ୍ଚ ୨୦୨୫ ତ୍ରୈମାସିକରେ ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ରାଜସ୍ୱ (ଆରପୁ) ୧୩.୫ ପ୍ରତିଶତ ବୃଦ୍ଧି ପାଇ ୨୦୬.୨ ଟଙ୍କା ହୋଇଛି, ଯାହା ମାର୍ଚ୍ଚ ୨୦୨୪ ତ୍ରୈମାସିକରେ ୧୮୧.୭ ଟଙ୍କା ରହିଥିଲା। ଏହି ତ୍ରୈମାସିକରେ ଜିଓ ୬୧ ଲକ୍ଷରୁ ଅଧିକ ଉପଭୋକ୍ତା ଯୋଡିବା ସହିତ ମାର୍ଚ୍ଚ ୩୧ ସୁଦ୍ଧା ଜିଓର ମୋଟ ଉପଭୋକ୍ତା ସଂଖ୍ୟା ୪୮.୮୨ କୋଟି ରହିଥିଲା। ଜିଓର ୫ଜି ଉପଭୋକ୍ତା ସଂଖ୍ୟା ମାର୍ଚ୍ଚ ଶେଷ ସୁଦ୍ଧା ୧୯ କୋଟିରୁ ଅଧିକ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଜିଓର ପ୍ରତି ଉପଭୋକ୍ତା ହାରାହାରି ମାସିକ ଡାଟା ବ୍ୟବହାର ୩୩.୬ ଜିବି ହୋଇଥିବା ବେଳେ ମୋଟ ଡାଟା ଟ୍ରାଫିକ ଗତ ବର୍ଷ ତୁଳନାରେ ୧୯.୬ ପ୍ରତିଶତ ବୃଦ୍ଧି ପାଇ ଚତୁର୍ଥ ତ୍ରୈମାସିକରେ ୪୮.୯ ବିଲିଅନ ଜିବି ହୋଇଥିବା ଜଣାପଡିଛି ।

ମାର୍ଚ୍ଚ ୩୧, ୨୦୨୫ ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ, ଜିଓର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୨୨ ପ୍ରତିଶତ ବୃଦ୍ଧି ପାଇ ୨୬,୧୨୦ କୋଟି ଟଙ୍କା ହୋଇଛି ଯାହା ପୂର୍ବ ବର୍ଷ ଏହି ଅବଧିରେ ୨୧,୪୩୪ କୋଟି ଟଙ୍କା ଥିଲା। ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଜିଓ ପ୍ଲାଟଫର୍ମସର ପରିଚାଳନାଗତ ରାଜସ୍ୱ ପ୍ରାୟ ୧୭ ପ୍ରତିଶତ ବୃଦ୍ଧି ପାଇ ୧,୨୮,୨୧୮ କୋଟି ଟଙ୍କା ହୋଇଛି ଯାହା ଆର୍ଥିକ ବର୍ଷ ୨୦୨୩-୨୪ ରେ ୧,୦୯,୫୫୮ କୋଟି ଟଙ୍କା ରହିଥିଲା।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପାଇଁ ଜନ ପ୍ରତିନିଧିଙ୍କ ନିଷ୍କ୍ରିୟତା ଅଭିଯୋଗ

# ଡାକ୍ତର ନାହାନ୍ତି: ଯନ୍ତ୍ରଣାରେ ରୋଗୀ ଚେତା ଶୂନ୍ୟ

- ନର୍ସିଂ ଅଫିସର ଭରସାରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର
- ଡାକ୍ତର ନିଯୁକ୍ତି ଦାବି କଲେ ପଞ୍ଚାୟତ ବାସୀ
- ଏଇ ହେଉଛି ଆମ ରୂପାନ୍ତରଣ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

**ଫୁଲବାଣୀ,୨୬।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀ ପଡ଼ା ବ୍ଲକ ପାହାଡ଼ ପର୍ବତ ଘେରା ବିଲକ୍ଷବାଡ଼ି ପଞ୍ଚାୟତ ଠାରେ ଥିବା ଏକ ମାତ୍ର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଯାହା ଉପରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୫ଶହ ରୁ ୩ହଜାର ରୁ ଊର୍ଦ୍ଧ୍ୱ ଆବାଳ ବୃଦ୍ଧ ବନିତା ନିର୍ଭର କରିଥାନ୍ତି ସେହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ଶୂନ୍ୟ, ଯନ୍ତ୍ରଣାରେ ରୋଗୀ ଚେତା ଶୂନ୍ୟ। ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର। ଏପଟେ ଅଞ୍ଚଳବାସୀ ଚିକିତ୍ସା ଭଳି ମୌଳିକ ସେବା ପାଇବାକୁ ବିକଳ। ସୂଚନା ଅନୁସାରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତି ମାସ ବହୁ ସଂଖ୍ୟାରେ ଗର୍ଭବତୀ ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁ ଡାକ୍ତର ନ ଥିବା ଯୋଗୁଁ ଅଧିକାଂଶ ଗର୍ଭବତୀ ଙ୍କୁ ପ୍ରସବ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଉଛି ବେଳେ ବେଳେ ଏମିତି ଅନେକ ଖବର ଶୁଣିବାକୁ ମିଳୁଛି ଯାହା ଅତ୍ୟନ୍ତ ଦୁଃଖ ଦାୟକ ଓ ହୃଦୟ ବିଦାରକ ଛୁଆ ଅଧା ଜନ୍ମ ଅବସ୍ଥାରେ ମଧ୍ୟ ଫୁଲବାଣୀ ଡାକ୍ତର ଖାନା। ନିଆଯାଉଛି। ରୋଗୀ ଅଧା ରାସ୍ତାରେ ଆମ୍ବୁଲାନ୍ସ ରେ ପ୍ରସବ ହେଇ ଛୁଆ ଓ ମାଁ ଭାଗ୍ୟବଳେ ଜୀବିତ ରହୁଛନ୍ତି କିମ୍ବା ଆବଶ୍ୟକ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କରୁଛନ୍ତି। ଖଜୁରୀ ପଡ଼ା ଡାକ୍ତରଖାନା ରେ



ବହୁ ସଂଖ୍ୟକ ଡାକ୍ତର। କିନ୍ତୁ ବିଲକ୍ଷବାଡ଼ି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣଦେଖା କରାଯାଉଛି ଯାହା ଫଳରେ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏବେ ରେଫର୍ ପାଇଁ ମଧ୍ୟ ଆମ୍ବୁଲାନ୍ସ ନ ଥିବା ଜଟିଳ ସମସ୍ୟା ନେଇ ଦୁଃଖ ପ୍ରକାଶ କରିଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ। ପ୍ରଶାସନ କୁ ଅଞ୍ଚଳ ବାସୀ ଙ୍କ ନିବେଦନ ଡାକ୍ତରଖାନା କୋଠା ସୌନ୍ଦର୍ଯ୍ୟ କରଣ ଯେତିକି ଗୁରୁତ୍ୱ ତା ଠାରୁ ଅଧିକା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଉଛି ରୋଗୀ କୁ ଆବଶ୍ୟକତା ଅନୁସାରେ ଚିକିତ୍ସା ସେବା ଯୋଗାଇ ଦେବା।। ଏମିତି ସ୍ୱାସ୍ଥ୍ୟ ବିଭାଗର ବିକଳ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ନେଇ ସ୍ଥାନୀୟ ଜନସାଧାରଣଙ୍କ ମନ ରେ ଉଦବେଗ ପ୍ରକାଶ ପାଇଛି କ୍ଷ। ଯାହାଫଳରେ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଜିଲ୍ଲା ପ୍ରଶାସନ ର ଉଦାସୀନତା କୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ନୀରବଦ୍ରଷ୍ଟା ପ୍ରଶାସନ ସ୍ୱାସ୍ଥ୍ୟ କେନ୍ଦ୍ର ରୂପାନ୍ତରଣ କାର୍ଯ୍ୟରେ ଯେତିକି ଗୁରୁତ୍ୱ ଦେଉଛି ସ୍ୱାସ୍ଥ୍ୟ ସେବା ର ମୂଳଦୁଆ ତାଠାରୁ ଅଧିକ ଦୁର୍ବଳ ହେବାରେ ଲାଗିଛି। ଦୀର୍ଘ ଦିନ ହେଲାଣି ବହୁ ଥର ଦାବି ସତ୍ତ୍ୱେ ଏ ପର୍ଯ୍ୟନ୍ତ ଡାକ୍ତର ନିଯୁକ୍ତି ଦେଇନାହାନ୍ତି। ଡାକ୍ତରଙ୍କୁ ନିଯୁକ୍ତି ନ କରିବା ସ୍ପଷ୍ଟ ହୋଇଯାଇଛି ଯେ ସ୍ଥାନୀୟ ଅଞ୍ଚଳ ପ୍ରତି ରାଜ୍ୟ ତଥା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କେତେ ତଦନ୍ତ ଓ କେତେ ଦାୟିତ୍ୱ। ସ୍ୱାସ୍ଥ୍ୟ ବିଭାଗର ବୈମାତୃକ ମନୋଭାବ ଯୋଗୁଁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି ହେଲେ ଅଞ୍ଚଳ ବାସି ଭାରି ସଜାଗ, ଅସନ୍ତୋଷ କୁ ନିଜ ମନ ଭିତରେ ଚାପି ରଖିଛନ୍ତି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ ସ୍ଥାନାନ୍ତର କେନ୍ଦ୍ରରେ ପରିଣତ ହୋଇଥିବା ବେଳେ ବର୍ତ୍ତମାନ ତାହା ବି ସମ୍ଭବ ନୁହେଁ। ବିଲକ୍ଷବାଡ଼ି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ନିଯୁକ୍ତି ପାଇଁ ପଞ୍ଚାୟତ ବାସୀ ଦୃଢ଼ ଦାବି କରିଛନ୍ତି। ଅନୁସାରେ ପ୍ରଶାସନିକ ଅଧିକାରୀ ଙ୍କ ଅବହେଳା ଓ ଉପଯୁକ୍ତ ଡାକ୍ତରଙ୍କ ଅଞ୍ଚଳ ବାସି ଙ୍କ ପ୍ରତି ଆନ୍ତରିକତା ର ଅଭାବ ଯୋଗୁଁ ସୁନ୍ଦର ସ୍ୱାସ୍ଥ୍ୟ କେନ୍ଦ୍ର ବର୍ତ୍ତମାନ ରୋଗୀ ଶୂନ୍ୟ ହେବାକୁ ଯାଉଛି। ଜନତାଙ୍କ ପାଇଁ ମୁଖ୍ୟ ହେଉଛି ସ୍ୱାସ୍ଥ୍ୟ ସେବା ହେଲେ କିଭଳି ମିଳୁଛି ତାହା ବଲବାଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ଉଦାହରଣ ସୃଷ୍ଟି କରିଛି। ସ୍ଥାନୀୟ ଡାକ୍ତରଖାନା ରେ ଖାଲି ଥିବା ଡାକ୍ତର ପଦବୀ ପୂରଣ, ସହ ଅନ୍ୟ ସ୍ୱାସ୍ଥ୍ୟ ଗତ ଆବଶ୍ୟକତା ପୂରଣ କରି ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜନତାଙ୍କ ପ୍ରତି ଦାୟିତ୍ୱ ସମ୍ପର୍ଣ୍ଣ ଥିବା ପ୍ରମାଣିତ କରନ୍ତୁ।

# ପାଞ୍ଚ ବାଇକ ଉଦ୍ଧାର, ତିନି କୋର୍ଟ ଚାଲାଣ

**କଳିଙ୍ଗନଗର,୨୬।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ପୋଲିସ ବର୍ଗଙ୍କ ଛକ ରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ସନ୍ଦେହରେ ଏକ ନମ୍ବର ବିହୀନ ବାଇକରେ ଦୁଇଜଣ ଯାଉଥିବା ବେଳେ ଅଟକ ରଖିଥିଲେ, ସେମାନଙ୍କୁ ପଚରାଉଚୁରା କରିବା ପରେ ସେମାନେ ପେସାଦାର ବାଇକ ଲୁଟେରା ବୋଲି ଜଣା ପଡ଼ିଥିଲା, ସେ ଦୁଇଜଣ ହେଲେ କଡ଼ାପାଳ ଗାଁର ଦିଲ୍ଲୀପ ନାୟକଙ୍କ ପୁଅ ଜଗବନ୍ଧୁ ନାୟକ (୨୪) ଓରଫ କଳିଆ, ରବୀନ୍ଦ୍ର ବାରିକଙ୍କ ପୁଅ ନିରଞ୍ଜନ ବାରିକ (୨୭) ଦୁଇଜଣ ପୂର୍ବରୁ ଚାରୋଟି ବାଇକ ଚୋରୀ କରି ବଇଗାମାଳ ଗାଁରେ ଗ୍ୟାରେଜ କରିଥିବା ଗଗନ ବିହାରୀ ମଲ୍ଲିକ ଙ୍କ ପୁଅ ସଂଗ୍ରାମ ମଲ୍ଲିକ (୨୬) ଓରଫ ଗୁଡୁ କୁ ଦେଇଥିଲେ, ଗ୍ୟାରେଜ ମାଲିକ ସଂଗ୍ରାମ ବାଇକଗୁଡ଼ିକର ପାର୍ଟସ ଗୁଡ଼ିକୁ ଖୋଲି ବିକିବା ପାଇଁ ଅଲଗା ଅଲଗା କରି ରଖିଥିଲା, ପୋଲିସ ତଲାସ କରି କଳା ରଙ୍ଗର ହିରୋହୁଣ୍ଡା ସ୍ପ୍ଲେଣ୍ଡର ବାଇକ ନମ୍ବର ଓଡି୦୪-୦୭୩୬, ହିରୋ ଗ୍ଲାମର ବ୍ଲାକ ବ୍ଲୁ ନମ୍ବର ଓଡି୦୪ଏକ୍ସ୩୩୧୧, ହିରୋ ସ୍ପ୍ଲେଣ୍ଡର ପ୍ଲସ ବ୍ଲାକ ବ୍ଲୁ ଓଡି୦୯ଇ-୮୭୬୩, ବାଇଁଗଣ ପ୍ଲାଷ୍ଟିନା ସିଲଭର ବ୍ଲାକ ଓଆର୦୯ଏଲ-୩୮୧୦, ହିରୋ ହୁଣ୍ଡା ସିଡ଼ି ଡିଲକ୍ସ ବ୍ଲାକ ବ୍ଲୁ ଓଆର୦୨ବିଏନ-୨୬୨୭ ବାଇକ ଗୁଡ଼ିକୁ ଜବତ କରିଥିଲେ, ଏହି ବାଇକ ଚୋରୀ ରେ ଅଭିଯୁକ୍ତ ତିନି ଜଣଙ୍କୁ ଗିରଫ କରି କେସ ନମ୍ବର ୧୨୫/୨୫ ରେ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଛନ୍ତି।



## ପଞ୍ଚାୟତସ୍ତରୀୟ ସଂଘଗୃହ ଉଦଘାଟିତ



**କଳିଙ୍ଗନଗର,୨୬।୪ (ସଂଚାର ବ୍ୟୁରୋ):** ଆଜି ଧୂଳିଗଡ଼ ପଂଚାୟତ ର ମାନଗୋବିନ୍ଦପୁର ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଏକ ପଞ୍ଚାୟତ ସ୍ତରୀୟ ସଂଘଗୃହ ଉଦଘାଟନ ହୋଇ ଯାଇଛି, ଏହି ସଭାଗୃହଟିକୁ ଓଡିଶା ସରକାରଙ୍କର ମାନ୍ୟବର ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ଼କ୍ଟର ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦଘାଟନ କରିଥିଲେ, ସୂଚନା ଥାଉକି ପଞ୍ଚାୟରେ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କର କୌଣସି ଏକ ବୈଠକ କରିବା ପାଇଁ ପୂର୍ବରୁ ସଭା ଗୃହ ନ ଥିଲା ଏହି ବିରାଟ ସଭାଗୃହ ଟି ହେବା ଫଳରେ ସମସ୍ତ ମହିଳା ମାନଙ୍କର ଯେ କୌଣସି ତାଲିମ, କାର୍ଯ୍ୟକ୍ରମ, ସଭାପାଇଁ ଆଉ ଅସୁବିଧା ହେବନାହିଁ, ଏହି ଗୃହ ଟିର ଶୁଭ ଉଦଘାଟନ ହେବା ଦ୍ୱାରା ପଂଚାୟତର ସମସ୍ତ ମହିଳା ବହୁତ ଆନନ୍ଦିତ ହୋଇଥିଲେ, ଏହି ଅବସରରେ ହୋଇଥିବା ବୈଠକରେ ବିଜେପି ସରକାର ମା ମାନଙ୍କର ଓ ଲୋକଙ୍କ ସରକାର ବୋଲି କହିବା ସହ ସରକାରଙ୍କୁ ମାତ୍ର ବର୍ଷେ ହୋଇନାହିଁ ବହୁତ କିଛି ଉନ୍ନତିମୂଳକ ଜନ ହିତକର କାମ ହେଲାଣି ପାଞ୍ଚ ବର୍ଷ ଭିତରେ ଗ୍ରାମାଞ୍ଚଳରେ ବାକି ଥିବା ସମସ୍ତ ଉନ୍ନତି ମୂଳକକାମ ଶେଷ ହେବା ସହ ବିକଶିତ ଗାଁ ବିକଶିତ ଓଡ଼ିଶା ର ନାରା ନିଶ୍ଚିତ ସଫଳ ହେବ ବୋଲି ମନ୍ତ୍ରୀ କହିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ବି ଡି ଓ ପ୍ରଦୀପ କୁମାର ସେଠୀ, ସରପଞ୍ଚ ମାନସ ରଣା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ କାଶ୍ମୀର ପହଲଗାମ୍‌ରେ ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ଯାଜପୁର ରୋଡ଼,୨୬।୪(ସଂଚାର ବ୍ୟୁରୋ):** କାଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ମାନଙ୍କ ଗୁଳି ମାଡ଼ରେ ସହିଦ ହୋଇଥିବା ହିନ୍ଦୁମାନଙ୍କୁ ଗୋପବନ୍ଧୁ ଛକ ଠାରେ ବଜରଙ୍ଗ ଦଳ ଯାଜପୁର ଜିଲ୍ଲା ସଂଯୋଜକ ବସନ୍ତ କୁମାର ପାତ୍ର'ଙ୍କ ଅଧ୍ୟକ୍ଷତାରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ସହିଦ ମାନଙ୍କ ଆତ୍ମା ସଦଗତି ନିମନ୍ତେ ଦୀପଦାନ ସହିତ ପାଞ୍ଚଥର ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଓ ହିନ୍ଦୁ ମାନଙ୍କୁ ଚିହ୍ନଟ କରି ଗୁଳି କରିବାକୁ ସଂଗଠନ ତରଫରୁ ଘୋର ନିନ୍ଦା କରାଯାଇ ପାକିସ୍ତାନ ପତାକାକୁ ଗୋଡ଼ରେ ଦଳି ମକଚି ପୋଡ଼ାଯାଇଥିଲା। ଶେଷରେ ସରକାରଙ୍କ




ନିକଟରେ ଦାବି କରାଯାଇଥିଲା ଭାରତରେ ଯେଉଁ ଅନୁପ୍ରବେଶ କରି ଅଛନ୍ତି ସେମାନଙ୍କୁ ଚିହ୍ନଟ କରି ଦେଶରୁ ବିଦା କରାଯାଉ। ଏହି ପ୍ରତିବାଦ ସଭାରେ ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଗୋରକ୍ଷା ପ୍ରମୁଖ ମଦନ ମୋହନ ବିନ୍ଧାଣି, ବଜରଙ୍ଗ ଦଳ ଜିଲ୍ଲା ସତସଙ୍ଗ ପ୍ରମୁଖ ପ୍ରଭାତ ଭୂୟାଁ, ଜିଲ୍ଲା ସହ ସୁରକ୍ଷା ପ୍ରମୁଖ ଅସିତ ଦାସ, ଭାରତୀୟ ଜନତା ପାର୍ଟି ଜିଲ୍ଲା ଉପ ସଭାପତି ପ୍ରସନ୍ନ ସାମଲ, ସଙ୍ଘ ଅଧିକାରୀ ସତ୍ୟଜିତ ଦାସ ଓ ଅନନ୍ତ କରଙ୍କ ସମେତ ସୁକିନ୍ଦା ପ୍ରଖଣ୍ଡ ସଂଯୋଜକ ପ୍ରଶାନ୍ତ ରଣା, ନଗର ସହ ସଂଯୋଜକ ସୁବାଷ ଜେନା, ମହେନ୍ଦ୍ର ମଲିକ, ସ୍ମୃତି ରଞ୍ଜନ ପଣ୍ଡା, ବ୍ରଜ ମୋହନ ପାତ୍ର, ଲିପୁ ନାୟକ, ଦିଲୀପ ସାହୁ, ମୁନା ନାୟକ, ବାପିନା ନାୟକ, ରାଜୁ ମୁଣ୍ଡା, ପ୍ରଶାନ୍ତ ସେନାପତି, ରଜତ ସେଠିଙ୍କ ସମେତ ଅଣଚାଳିଶି ଜନ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଏନଏସିରେ ଜଳକଷ୍ଟ: ଯନ୍ତ୍ରୀଙ୍କ ଅପାରଗତାକୁ ନେଇ ତେଜିଲା ଅସନ୍ତୋଷ

**ନୀଳଗିରି,୨୬।୪(ସଂଚାର ବ୍ୟୁରେ):** ନୀଳଗିରି ଏକ ପାହାଡିଆ ଅଞ୍ଚଳ। ସ୍ୱର୍ଣ୍ଣଚୁଡ ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ସହରଟି ଦୀର୍ଘବର୍ଷ ପୂର୍ବରୁ ଏନଏସିର ମାନ୍ୟତା ପାଇଥିବା ବେଳେ ଏଠାରେ ପାନୀୟଜଳ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି। ପ୍ରତିବର୍ଷ ଏନେଇ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ ହୋଇଆସୁଥିଲା ମଧ୍ୟ ଏହାର କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଫଳରେ ଗ୍ରୀଷ୍ମଋତୁରେ ଅଧିକ ପାନୀୟଜଳ ସମସ୍ୟା ଦେଖାଯାଇଛି। ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଫଳରେ ଏନଏସି ଅନ୍ତର୍ଗତ ୨ନଂ ୱାର୍ଡ ଘାଟଘର ସାହି, ୧ନଂ ୱାର୍ଡ କଦମ୍ବସାହି ଏବଂ ୬ନଂୱାର୍ଡ ମୁଖ୍ୟବଜାରରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖାଯାଇଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଯନ୍ତ୍ରୀଙ୍କ ଦେଖାମିଳିନଥିଲା। ତେବେ ତିନିବର୍ଷ ଧରି ଉକ୍ତ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀ ମହୋଦୟ ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ପାନୀୟଜଳ ସମସ୍ୟା ଲାଗିରହିଛି। ଏନେଇ ଯନ୍ତ୍ରୀଙ୍କ ମତାମତ ଲୋଡ଼ିବାରୁ ସେ ବାଲେଶ୍ୱରରେ ଦାୟିତ୍ୱରେ ଥିବା ଦର୍ଶାଇ ଖସିଯିବାକୁ ଚେଷ୍ଟା କରିଛନ୍ତି। ତେବେ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ତର କରି ଅନ୍ୟଜଣେ ଯନ୍ତ୍ରୀଙ୍କୁ ନିଯୁକ୍ତି କରିବାକୁ ସହରାଞ୍ଚଳ ବାସୀ ଦାବୀ କରିଛନ୍ତି।

## କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବିପତ୍ର

**କେସିଙ୍ଗା,୨୬।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ସହରର ବିଭିନ୍ନ ୱାର୍ଡରେ ଏନ୍‌ଏସି ପକ୍ଷରୁ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। କିନ୍ତୁ ୱାର୍ଡ ନଂ.୧୧ରେ କଲ୍ୟାଣ ମଣ୍ଡପ ନ ଥିବାରୁ ବିବାହ, ବ୍ରତ, ସଭାସମିତି ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହାକୁ ନେଇ କୃଷ୍ଣ କୁମାର ସାହା ଓ ପ୍ରଣବ ଭୋକ୍ତାଙ୍କ ନେତୃତ୍ୱରେ ଓ୍ୱାର୍ଡବାସୀ ଶୁକ୍ରବାର ପ୍ରଥମେ ଜିଲାପାଳ ଓ ପରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ସାକ୍ଷାତ କରି କଲ୍ୟାଣ ମଣ୍ଡପ କିମ୍ବା ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ୧୦ ଓ ୧୧ନଂ. ୱାର୍ଡର ପ୍ରାୟ ୩ ହଜାର ୱାର୍ଡବାସୀ ଉପକୃତ ହେବେ। ଏ ସଂକ୍ରାନ୍ତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଚାର୍ଯ୍ୟଙ୍କୁ ପଚାରିବାରୁ କାଉନସିଲ ବୈଠକରେ ପ୍ରସ୍ତାବ ଦିଆଯିବ ଓ ତାହା ମଞ୍ଜୁରୀ ହେଲେ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର, ଆତ୍ମହତ୍ୟା ଅଭିଯୋଗ

**ଭବାନୀପାଟଣା,୨୬।୪ (ସଂଚାର ବ୍ୟୁରୋ):** ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ, ତେବେ ଦୁହେଁ ଅଲଗା ଅଲଗା ଜାତି ର ହୋଇଥିବା ଯୋଗୁଁ ପ୍ରେମ କୁ ସାମାଜିକ ସ୍ୱୀକୃତି ମିଳିବା ପ୍ରତିବନ୍ଧକ ସାଜିଲା ଶେଷରେ ଦୁହେଁ ଏକାଠି ଚରମ ନିଷ୍ପତ୍ତି ନେଇ ଗୋଟିଏ ଗାମୁଛା ରେ



ପ୍ରେମୀ ଯୁଗଳ ଗଛରେ ଫାଶ ଲଗାଇ ଝୁଲି ପଡ଼ିଥିବା ଭଳି ଏକ ଘଟଣା ଦେଖିବାକୁ ମିଳିଛି, କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ କାଉଡୋଲା ଗ୍ରାମ ଠାରେ। କାଉଡୋଲା ଗ୍ରାମ ର ଦିଲ୍ଲୀପ ମୁଣ୍ଡ ଙ୍କ ପୁଅ ନିତେଶ ମୁଣ୍ଡ (୨୩) ଓ ବାପା ମା ଙ୍କ ମୃତ୍ୟୁ ପରେ କାଉଡୋଲା ଗ୍ରାମରେ ନିଜ ବଡମା ପାଖରେ ରହୁଥିବା ଅନ୍ୟ ଜାତି ର ଜଣେ ନାବାଳିକା ଗୋମତି ସରାବୁ (୧୭) ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା।ତେବେ ଦିର୍ଘ ଦିନ ର ପ୍ରେମ ସମ୍ପର୍କ ପରେ ବିବାହ ପାଇଁ ପ୍ରତିବନ୍ଧକ ସାଜିଥିଲା ଜାତିପ୍ରଥା। ଦୁହିଁଙ୍କ ପ୍ରେମ କୁ ସାମାଜିକ ସ୍ୱୀକୃତି ନମିଳିବାରୁ ଦୁହେଁ ଏଭଳି ନିଷ୍ପତ୍ତି ନେଇ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଖବର ମିଳିବା ପରେ ଘଟଣାସ୍ଥଳରେ ଆମପାଣି ପୁଲିସ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକ ଙ୍କ ଉଭୟ ପରିବାର ଲୋକେ ନିରପେକ୍ଷ ତଦନ୍ତ କରିବା ପାଇଁ ପୁଲିସ କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଟଣା ର ବିଭିନ୍ନ ଦିଗ କୁ ଅନୁଧ୍ୟାନ କରିବା ପରେ ପୁଲିସ ପକ୍ଷରୁ ସ୍ଥାନୀୟ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ କୁ ଅଣାଯାଇ ତଦନ୍ତ ଆରମ୍ଭ କରାଯାଇଛି ଓ ପରେ ପ୍ରେମୀ ଯୁଗଳ ଙ୍କ ଶବ କୁ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା କୁ ଅଣା ଯାଇଛି। ତେବେ ପ୍ରେମୀ ଯୁଗଳ କେଉଁ ଚାପରେ ଆସି ଆତ୍ମହତ୍ୟା କରିଛନ୍ତି, ନା ବିବାହ ପାଇଁ ଜାତିପ୍ରଥା କୁ ନେଇ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ଆମପାଣି ଥାନା ରେ ପୃଥକ ଭାବେ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣା ର ତଦନ୍ତ ଜାରି ରହିଥିବା ନେଇ ତଦନ୍ତକାରୀ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

### କାଳବୈଶାଖୀ ପ୍ରଭାବ

## ଘର ଉପରେ ପଡ଼ିଲା ଗଛ

**ରାଇକିଆ,୨୬।୪:(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ରାଇକିଆଠାରେ ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି । ପ୍ରବଳ ବେଗରେ ପବନ ବହିବା ସହ କୁଆପଥର ମାଡ ହୋଇଥିଲା। ଏହାର ପ୍ରଭାବରେ ଗଛ ଭାଙ୍ଗି ଘର ଉପରେ ପଡ଼ିଥିବା ବେଳେ ଅନେକ ଲୋକଙ୍କର ଟିଣ ଛପର ଉଡ଼ି ଯାଇଛି । ଏଥି ଯୋଗୁ ରାଇକିଆ ଅଞ୍ଚଳରେ ଅପରାହ୍ନରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ବର୍ଷା ଅପରାହ୍ନରୁ ଆରମ୍ଭ ହୋଇ ଥିଲେ ମଧ୍ୟ ସା ପର୍ଯ୍ୟନ୍ତ ଲାଗି ରହିଛି ।

### ପହଲଗାମ୍ ମୃତକଙ୍କ ଆତ୍ମାର ସଦଗତି କାମନା

## ବିଜେପି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା




**ସୋହେଲା,୨୬।୪(ସଂଚାର ବ୍ୟୁରୋ):** ଗତ ୨୨ତାରିଖ ଜମ୍ମୁକଶ୍ମୀରରେ ଆତଙ୍କବାଦୀ ବର୍ବର ଆକ୍ରମଣ କରି ୨୮ଜଣ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଆତଙ୍କବାଦୀଙ୍କ ଏହି ଆକ୍ରମଣକୁ ସମଗ୍ର ଦେଶରେ ନିନ୍ଦା କରା ଯାଇ ବିରୋଧ ପ୍ରଦର୍ଶନ ହେଉଛି। ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସେମାନଙ୍କ ଆତ୍ମାର ସଦଗତି ପାଇଁ ଗତକାଲି ଶୁକ୍ରବାର ସନ୍ଧ୍ୟାରେ ବିଜେପି ଦଳ ତରଫରୁ ସୋହେଲାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଦୁର୍ଗା ମନ୍ଦିର ପ୍ରାଙ୍ଗଣରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ସୋହେଲା ଏବଂ ଆଖ ପାଖ ଗ୍ରାମରୁ ଆସିଥିବା ଶତାଧିକ ମହିଳା ପୁରୁଷ ସାମିଲ ହୋଇ ହାତରେ କ୍ୟାଣ୍ଡେଲ ଧରି ଆତଙ୍କବାଦୀଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବିଜେପିର ବରିଷ୍ଠ ସଦସ୍ୟ ବଲବୀର ସିଂ ଠାକୁର, ଯୁବନେତା ଇମ୍ରାନ ଭୋପଲା, ବିଜେପି ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର, ବିଜେପି ଯୁବମୋର୍ଚ୍ଚା ସଭାପତି ନିମାଇଁ ସାହୁ, ଘେଁସ ଜମିଦାର ଲୋକେଶ୍ୱର ସିଂ ବିରିହା, ଛୋଟେଲାଲ ପାତ୍ର, ବାବୁ ନାୟକ, ଗୋବିନ୍ଦା ଦାସ, ପ୍ରମୋଦ ପୋଢ଼, ଶଙ୍କର ମେହେର, ରମେଶ କୁମ୍ଭାର ପ୍ରମୁଖ ବିଜେପି କର୍ମକର୍ତ୍ତା ଏବଂ ବିଭିନ୍ନ ସଂଗଠନର ସଦସ୍ୟ ମାନେ ସାମିଲ ହୋଇଥିଲେ।

## ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଝୁଲୁଛି ମୃତ୍ୟୁର ଖଣ୍ଡା

**ହିଞ୍ଜିଳିକାଟୁ,୨୬।୪(ସଂଚାର ବ୍ୟୁରୋ):** ରାସ୍ତା ମଝିରେ ମୁଣ୍ଡ ଟେକି ଠିଆ ହୋଇଛି ମୃତ୍ୟୁର ଖୁଣ୍ଟ। ମରଣକୁ ସତେ ଯେମିତି ହାତ ଠାରି ଡାକୁଛି ଏହି ବିଦ୍ୟୁତ ଖୁଣ୍ଟ। କୌଣସି ମୁହୂର୍ତ୍ତରେ ବି ଦୁର୍ଘଟଣା ଘଟିପାରେ ବୋଲି ଆଶଙ୍କା କରାଯାଉଛି। ତଥାପି ଏଥିପ୍ରତି କାହାର ନିଘା ନଥିବା ଦେଖିବାକୁ ମିଳିଛି। ଜନ ଗହଳିପୂର୍ଣ୍ଣ ରାସ୍ତାରେ ଏମିତି ଖୁଣ୍ଟକୁ ଦେଖି ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡା ଦୁଇଚକିଆ ଓ ସାଇକେଲ୍ ଆରୋହୀ ମଧ୍ୟ ଟିକେ ଅସାବଧାନ ହେଲେ ବିପଦ ଆଶଙ୍କା ରହିଥିବା ବେଳେ ଭାରିଯାନ ଗାଡି ଯାତାୟତରେ ଅସୁବିଧା ହେଉଛି ଓ ଏହି ଦୃଶ୍ୟ ହେଉଛି ହିଞ୍ଜିଳିକାଟୁ ପୌରପରିଷଦ ୧୧ନମ୍ବର ୱାର୍ଡ ତଥା ନେହୁରୁ ମାର୍ଗ ୫ମ ଲାଇନର ଓ ଉକ୍ତ ୱାର୍ଡର ବିଜେଡି କାଉନସିଲର ଅମୁଲ୍ୟ ସାହୁ ଗତ ୩ ମାସ ହେଲାଣି ପୌରପରିଷଦର ଯନ୍ତ୍ରୀରୁ ଆରମ୍ଭ କରି ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ କହି କହି ଥକି ଗଲେଣି ସିନା ଅଭିଯୋଗକୁ କିଏ ଗୁରୁତ୍ୱ ଦେଉନାହାନ୍ତି ଓ ଯାହା ଫଳରେ ଉକ୍ତ ରାସ୍ତା ଦେଇ ଗାଡି, ମଟର ଗଲା ବେଳେ ସତେ ଯେମିତି ଲାଗୁଛି ମରଣକୁ ହାତ ଠାରି ଡାକୁଛି ଏହି ଖୁଣ୍ଟ। କେତେ ବେଳେ ଯେ ଅଘଟଣ ଘଟିବ କହିବା ମୁସ୍କିଲ। ସାହିରେ



- କାଉନସିଲରର କଥା ଶୁଣୁନାହାନ୍ତି ଅଧିକାରୀ
- ବଡ଼ ଅଘଟଣ ହେଲେ ଦାୟୀ ହେବ କିଏ ?

ରହୁଥିବା କୋମଳମତି ଶିଶୁମାନେ ଉକ୍ତ ରାସ୍ତାରେ ଖେଳାଖେଳି କରୁଥିବା ବେଳେ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ପାଠ ପଢ଼ିବାକୁ ଯାଉଛନ୍ତି ଓ ଅନ୍ୟପକ୍ଷ ଦୁଇ ଚକିଆ ଆରୋହୀ ମଧ୍ୟ କୌଣସି କାରଣରୁ ଗାଡ଼ି ପିଟି ହୋଇ ଦୁର୍ଘଟଣା ଘଟିବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ସରକାର ଲୋକଙ୍କ ଗମନାଗମନ ପାଇଁ ନୂଆ ନୂଆ ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ ତଳ ସ୍ତରର ଅଧିକାରୀ ସଠିକ ଢଙ୍ଗରେ ତଦାରଖ ନକରି ନିର୍ମାଣ କରିବାକୁ ଅନୁମତି ଦେଉଛନ୍ତି ଠିକାଦାରମାନଙ୍କୁ, ଯାହାର ଜ୍ୱଳନ୍ତ ଉଦାହରଣ ଏହି ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟ। ନିୟମ ଅନୁସାରେ ରାସ୍ତା ନିର୍ମାଣ ପୂର୍ବରୁ ଏହି ସବୁ ସମସ୍ୟାର ସମାଧାନ କରିବା ପରେ ରାସ୍ତା ନିର୍ମାଣ ହେବା କଥା କିନ୍ତୁ ଏଠାରେ ଦେଖିବାକୁ ମିଳିଛି ଓଲଟା ପରିସ୍ଥିତି। କିନ୍ତୁ ପ୍ରଶ୍ନ ଉଠୁଛି ରାସ୍ତା ନିର୍ମାଣ ପୂର୍ବରୁ ଏ ବିଦ୍ୟୁତ ଖୁଣ୍ଟକୁ କାହିଁକି ହଟାଗଲାନି। ତେବେ ବିପଦଜନକ ଭାବେ ଥିବା ବିଦ୍ୟୁତ୍ ଖୁଣ୍ଟ ରାସ୍ତା ଉପରୁ ହଟାଇବା ପାଇଁ ସାହି ବାସିନ୍ଦା ଓ ଉକ୍ତ ୱାର୍ଡର କାଉନସିଲ ଅମୁଲ୍ୟ ସାହୁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଓ ଏ ନେଇ ବିଦ୍ୟୁତ ବିଭାଗର ଅଧିକାରୀ ସହ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇପାରିନାହିଁ।

### ଅମାତ୍ୟ ପଧାନଙ୍କ ପୁସ୍ତକ

## 'ବର୍ଗଫୁଟର ଜୀବନ'ଲୋକାର୍ପିତ

**ସୁନ୍ଦରଗଡ଼,୨୬।୪(ସଂଚାର ବ୍ୟୁରେ):** ସ୍ଥାନୀୟ ସମଗ୍ର ଶିକ୍ଷା ସଭାଗୃହ ପରିସରରେ ଲଳିତା ନିବନ୍ଧ ପୁସ୍ତକ 'ବର୍ଗଫୁଟର ଜୀବନ' ଲୋକାର୍ପିତ ହୋଇଯାଇଛି। ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅରଣ୍ୟକ୍ଷର ପ୍ରତିଷ୍ଠାତା ତଥା ସୁସାହିତ୍ୟିକ ରାଜ କିଶୋର ଷଡ଼ଙ୍ଗୀ ଙ୍କ ଅଧ୍ୟକ୍ଷତା ଓ ସାହିତ୍ୟିକ ବିବିଧ ବିଶ୍ୱ ଙ୍କ ସଂଯୋଜନାର ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ରବି ନାରାୟଣ ସାହୁ ଅତିରିକ୍ତ ଜିଲ୍ଲାପାଳ ଓ ସମ୍ମାନୀତ ଅତିଥି ଭାବେ ଅମୁଲ୍ୟ ପଧାନ ଜିଲ୍ଲା ଶିକ୍ଷା ଅଧିକାରୀ, ପୁସ୍ତକ ସମୀକ୍ଷକ ଅଧ୍ୟାପିକା ଡ଼ଃ ମୀନତି ମିଶ୍ର, ଅଧ୍ୟାପକ ଡ଼ଃ ନୂତନ ଖମାରି ଓ ଅଧ୍ୟାପିକା ସୁସ୍ମିତା ଭୋଇ, ପ୍ରକାଶକ ଅଶୋକ କୁମାର ମହାନ୍ତି, ପୁସ୍ତକର ଲେଖକ ଅମାତ୍ୟ କୁମାର ପଧାନ ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିଥିଲେ। ସାମ୍ପ୍ରତିକ ସନ୍ଦର୍ଭ ଉପରେ ବିଭିନ୍ନ ପ୍ରତିଷ୍ଠିତ ଦୈନିକ ସମ୍ବାଦ ପତ୍ର ଗୁଡିକରେ ପ୍ରକାଶିତ ନିବନ୍ଧ ଗୁଡିକୁ ନେଇ 'ବର୍ଗଫୁଟର ଜୀବନ ' ପୁସ୍ତକଟି ପଶ୍ଚିମା ପ୍ରକାଶନ ଦ୍ୱାରା ସଂକଳିତ ହୋଇଛି। ବହୁବର୍ଷ ଧରି ଶିକ୍ଷା -ପ୍ରଶିକ୍ଷା ସହ ଜଡିତ ଶ୍ରୀ ପଧାନଙ୍କ ଅଧିକାଂଶ ନିବନ୍ଧ ଶିଶୁ ଓ ଅଭିଭାବକ ମନସ୍ତତ୍ୱ, ବିଦ୍ୟାଳୟ ଶିକ୍ଷା ଓ ଶିକ୍ଷଣକୁ ନେଇ ପର୍ଯ୍ୟବେସିତ ଥିବା ସମୀକ୍ଷକ ମାନେ ମତାମତ ପ୍ରକାଶ କରିଛନ୍ତି।ପରସ୍ତ ପରସ୍ତ ହୋଇ ଠିଆ ହୋଇ ଥିବା ଯେତେ ବର୍ଗଫୁଟର ଅଟ୍ଟାଳିକା ରେ ବସବାସ କଲେ ମଧ୍ୟ ଭାବର ଉତ୍ତମ ଆଦାନ ପ୍ରଦାନ ଓ ମୁକ୍ତ ଭ୍ରମଣ ପାଇଁ ପ୍ରଶସ୍ତ ପାର୍କ କିମ୍ବା ପଡ଼ିଆ ଉପରେ ଆମେ ନିର୍ଭରଶୀଳ।

## ୭୮ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ

**କଳାହାଣ୍ଡି, ୨୬।୪(ସଂଚାର ବ୍ୟୁରୋ):** ଇତିମଧ୍ୟରେ ସ୍ୱାଧୀନତାର ୭୮ ତମ ବର୍ଷ ବିତି ଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ଗାଁ ସହର ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଏପରି କି କୌଣସି ବ୍ୟକ୍ତି ହେଉ ଅବା ସାମୂହିକ ଦୃଷ୍ଟି କୋଣରୁ ମୌଳିକ ଅଧିକାରୀ ପ୍ରତି ବଞ୍ଚିତ ନଥିବା ବିଭିନ୍ନ ସମୟରେ ନାରାବାଜି ଦିଆଯାଇଛି। ସେଥିମଧ୍ୟରୁ ଗାଁକୁ କାମ ମା'କୁ ସମ୍ମାନ ଭଳି ନାରା ଜାରି ରହିଛି। ତେବେ ତାହା କେତେ ସତ କେତେ ମିଛ ସର୍ଗିପାନି ଗାଁକୁ ଦେଖିଲେ ସ୍ପଷ୍ଟପାଦିତ ଜଳ ଜଳ ଦେଖାଯାଉଛି। ବନ ଜଙ୍ଗଲ ପାହାଡ଼ ଘେରା ମଧ୍ୟରେ ଥିବା ସର୍ଗିପାନି ଗ୍ରାମବାସୀ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚେତ ଥିବା ଏବେ ଚର୍ଚ୍ଚା ପରିସରକୁ ଆସିଛି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ସର୍ଗିପାନି ଗାଁ। ଏହି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ନଥିବାରୁ ଜଙ୍ଗଲ ମଧ୍ୟରେ ଥିବା ଆବୁଡ଼ ଖାବୁଡ଼



ରାସ୍ତାରେ ଅତି ଦୟନୀୟ ଅବସ୍ଥାରେ ଯାତାୟାତ କରିଥାନ୍ତି। ଅନେକ ସମୟରେ ଏହି ରାସ୍ତାରେ ଯିବା ଅସିବା ସମୟରେ ଦୁର୍ଘଟଣା ହୋଇ ଜୀବନ ହାନି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ଜନନୀ ଯନ୍ତ୍ରଣା ହେଲେ ଗାଁକୁ ଆମ୍ବୁଲାନ୍ସ ଯିବା ଅସମ୍ଭବ ହେଉଥିବାରୁ ଖଟିଆରେ ବୋହି ମୁଖ୍ୟ ରାସ୍ତାରେ ଆମ୍ବୁଲାନ୍ସ ଦ୍ୱାରା ଅଣାଯାଇଥାଏ। ଏପରିକି ରାସନ ସାମଗ୍ରୀ ପାଇଁ ମଧ୍ୟ ଆମପାଣି ପଞ୍ଚାୟତକୁ ଆସିବା କଷ୍ଟକର ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏମାନଙ୍କ ପାଇଁ ବିଜୁଳି ଆଲୁଅ ସାତସପନ ହୋଇରହିଛି। ଜଙ୍ଗଲ ଜାତୀୟ ଦ୍ରବ୍ୟ ସଂଗ୍ରହ କରିବା ସହିତ ବିଭିନ୍ନ ଚାଷ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଗାଁରେ ନଳକୂପ ନଥିବାରୁ ଗ୍ରାମବାସୀ ଗାଁ ପାଖରେ ଥିବା ନାଳରୁ ଦୂଷିତ ପାଣି ସଂଗ୍ରହ କରିବା ସହିତ ତାକୁ ପାନୀୟ ଜଳ ଭାବେ ବ୍ୟବହାର କରିଥାଆନ୍ତି। ପାଣି ଯୋଗୁଁ ଅନେକ ସମୟରେ ଗ୍ରାମବାସୀ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଗାଁକୁ ବିଜୁଳି, ରାସ୍ତା ଏବଂ ପାନୀୟ ଜଳ ଭଳି ମୌଳିକ ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ନଦେଲେ ଆଗାମୀ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ଗ୍ରାମର ଉତ୍ତରା ଜାନୀ, ବାମ ଜାନୀ, ଜେତୁ ଜାନୀ, ଗୁରୁମେ ଯାନୀ ପ୍ରମୁଖ ଚେତାବନୀ ଦେଇଛନ୍ତି।ଏ ନେଇ ବ୍ଲକ ପ୍ରଶାସନ ଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ସ୍କୁଟିକୁ ପିଟିଲା ଅପେରା ଟ୍ରକ୍, ବାପ-ପୁଅ ଆହତ

**ଧୂସୁରୀ, ୨୬।୪(ସଂଚାର ବ୍ୟୁରୋ):** ସ୍କୁଟିକୁ ଧକ୍କା ଦେଲା ରାଜଧାନୀ ଅପେରା ଟ୍ରକ୍। ବାପା ଓ ପୁଅ ଆହତ। ଭଦ୍ରକ ଜିଲ୍ଲା ଧୁସୁରି ଥାନା ଅଧୀନ ଆସୁରାଳି ପେଟ୍ରୋଲ ପମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଟ୍ରକ୍ ଡ୍ରାଇଭରକୁ ହେପାଜତକୁ ନେଇଛି। ସୂଚନାନୁଯାୟୀ, ରାଜଧାନୀ ଅପେରା ଅସୁରାଳି ସ୍ଥିତ ଫତେପୁର ଠାରେ ଯାତ୍ରା ସାରି ଫେରିବା ବେଳେ ଯାତ୍ରା ପାର୍ଟି ଟ୍ରକ୍ ଦୁର୍ଘଟଣା ଘଟାଇଛି। ଟ୍ରକ୍‌ଟି ଆସୁରାଳି ପେଟ୍ରୋଲ ପମ୍ପରେ ପଶିବା ବେଳେ ନଦୀ ଗାଁରୁ ସ୍କୁଟି ଯୋଗେ ଆସୁଥିବା ଆଶୋକ ସାହୁ ଓ ତାଙ୍କ ପୁଅଙ୍କୁ ଧକ୍କା ଦେଇଥିଲା। ଫଳରେ ବାପା ଓ ପୁଅ ଆହତ ହୋଇଥିଲା। ଯାତ୍ରା ପାର୍ଟି ମ୍ୟାନେଜର ପହଞ୍ଚି ଆହତଙ୍କୁ ମେଡିକାଲ ନେଇଥିଲେ।



# ବିଜ୍ଞାନ

## ସାଓମିର ନୂଆ ଫ୍ଲାଗ୍‌ସିପ୍

ଚୀନ୍‌ର ଅନ୍ୟତମ ବହୁଦେଶୀୟ ଫୋନ୍‌ନିର୍ମାତା 'ସାଓମି' କମ୍ପାନି ତାହାର ସଦ୍ୟତମ ସ୍ମାର୍ଟଫୋନ୍ 'ସାଓମି ୧୫ ଅଲ୍‌ଟ୍ରା'ର ବଜାରପ୍ରବେଶ କରାଇଛି। ଆସନ୍ତା କିଛି ସପ୍ତାହ ଭିତରେ ଭାରତ ସମେତ ଆନ୍ତର୍ଜାତିକ ବଜାରରେ ଉପଲବ୍ଧ ହେବାକୁ ଥିବା ଏହି ଫୋନ୍ ସ୍ନାପଡ୍ରାଗନ୍ ୮ ଇଲାଇଟ୍ ଚିପ୍‌ସେଟ୍ ଦ୍ୱାରା କାର୍ଯ୍ୟକ୍ଷମ, ଯାହାର ରାମ୍ କ୍ଷମତା ୧୬ ଜିବି ଯାଏ ରହିଛି। ଏହାର ୬.୭୩ ଇଞ୍ଚର ୨,୦୦୦ ଟିସିଏଲ୍ ଓଲେଡ୍ ପରଦାର ୧ରୁ ୧୨୦ ହର୍ଜ ଯାଏ ପରିବର୍ତ୍ତନଶୀଳ ରିପ୍ରେସ ରେଟ୍ ରହିଛି ଏବଂ ଏହା ଏଚ୍‌ଡିଆର୧୦ ପ୍ଲସ ଓ ଡଲ୍‌ବି ଭିଜନ୍ ପ୍ରଯୁକ୍ତିକୁ ସମର୍ଥନ କରିବାକୁ ସକ୍ଷମ। ଏହା ପଛରେ ଚାରିଟି କ୍ୟାମେରା ରହିଛି: ୫୦ ମେଗାପିକ୍ସେଲ ପ୍ରାଇମେରି ସେନ୍ସର, ୫୦ ମେଗାପିକ୍ସେଲ ଜୁମ୍ ସେନ୍ସର, ୫୦ ମେଗାପିକ୍ସେଲ ଅଲଟ୍ରାୱାଇଡ୍ ଲେନ୍ସ ଓ ୨୦୦ ମେଗାପିକ୍‌ସେଲର ଏକ ଶକ୍ତିଶାଳୀ ପେରିସ୍କୋପ୍ ଟେଲିଫଟୋ ଲେନ୍ସ। ଏହାର ୬,୦୦୦ ଏମ୍‌ଏଏଚ୍‌ର ବ୍ୟାଟେରିଟି ୯୦ ୱାଟ୍‌ର ତାରଯୁକ୍ତ ଚାର୍ଜିଂ ଏବଂ ୮୦ ୱାଟ୍‌ର ବେତାର ଚାର୍ଜିଂ ପାଇଁ ସୁସଂଗତ। ଏହାର ୧୨ ଜିବି ରାମ୍ ଓ ୨୫୬ ଜିବି ମେମୋରି ସଂସ୍କରଣର ମୂଲ୍ୟ ୬,୪୯୯ ଚୀନୀ ୟୁଆନ୍ ବା ୭୮,୦୦୦ ଟଙ୍କା ରହିଥିବାବେଳେ ୧୬ ଜିବି ରାମ୍ ଓ ୫୧୨ ଜିବି ମେମୋରି ସଂସ୍କରଣର ଦାମ୍ ୬,୯୯୯ ଚୀନୀ ୟୁଆନ୍ ବା ପ୍ରାୟ ୮୪,୦୦୦ ଟଙ୍କା ରଖାଯାଇଛି। ସେହିପରି ୧୬ ଜିବି ରାମ୍ ଓ ୧ ଟିବି ମେମୋରି ବିଶିଷ୍ଟ ଶୀର୍ଷ ସଂସ୍କରଣର ଦର ୭,୭୯୯ ୟୁଆନ୍ ବା ୯୩,୫୦୦ ଟଙ୍କା ରହିଛି।



## ଜହ୍ନମୁହାଁ ହେଉଛନ୍ତି ଘରୋଇ ମହାକାଶ କମ୍ପାନି



ଆମେରିକାର ଘରୋଇ ମହାକାଶ କମ୍ପାନି 'ଫାୟାରଫ୍ଲାଇ ଏରୋସ୍ପେସ' ଦ୍ୱାରା ପ୍ରେରିତ ମହାକାଶଯାନ 'ବ୍ଲ୍ୟୁ ଘୋଷ୍ଟ' ଗତ ରବିବାର ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ କରିଛି। କୌଣସି ଘରୋଇ କମ୍ପାନି ଦ୍ୱାରା ଚନ୍ଦ୍ରପୃଷ୍ଠରେ ନିର୍ଭୁଲ ଭାବେ ଓହ୍ଲାଇବାରେ ଏହା ହେଉଛି ପ୍ରଥମ ମହାକାଶଯାନ।

ଗତବର୍ଷ ଫେବ୍ରୁଆରିରେ ହ୍ୟୁଷ୍ଟନ୍ ସ୍ଥିତ ଅନ୍ୟତମ ଘରୋଇ ମହାକାଶ କମ୍ପାନି 'ଇନ୍‌ସୁଇଟିଭ୍ ମେସିନ୍‌ସ' ଦ୍ୱାରା ଚନ୍ଦ୍ର ଅଭିମୁଖେ ପ୍ରେରିତ ମହାକାଶଯାନ 'ଓଡିସିଅସ' ଯଦିଓ ଚନ୍ଦ୍ରରେ ଅବତରଣ କରିବାରେ ପ୍ରଥମ ଘରୋଇ ମହାକାଶଯାନର କୀର୍ତ୍ତିମାନ ହାସଲ କରିଥିଲା, ତେବେ ଅବତରଣ ବେଳେ ତାହାର ଗୋଡ଼ ଦୁଇଟି ଭାଙ୍ଗିଯାଇଥିଲା। 'ବ୍ଲ୍ୟୁ ଘୋଷ୍ଟ' ମହାକାଶଯାନଟି ଚନ୍ଦ୍ର ବିଷୁବରେଖାର ୨୦ ଡିଗ୍ରି ଉତ୍ତରକୁ ସଫଳତାର ସହ ଅବତରଣ କରିଥିଲା। ଅବତରଣ ସ୍ଥଳରେ ପ୍ରାୟ ୩୦୦ କୋଟି ବର୍ଷ ତଳେ ଏକ ଗ୍ରହାଣୁପିଣ୍ଡ ଧକ୍କା ଖାଇଥିବାରୁ ତାହା ଗୁରୁତ୍ୱ ବହନ କରୁଛି। 'ବ୍ଲ୍ୟୁ ଘୋଷ୍ଟ'ରେ ଚନ୍ଦ୍ରପୃଷ୍ଠରେ ଚାଲିବା ପାଇଁ କୌଣସି ରୋଭର ପଠାଯାଇନାହିଁ। ସୁତରାଂ ତାହା ଅବତରଣ ସ୍ଥଳରେ ହିଁ ସ୍ଥିର ରହି ଯାହା କିଛି ପରୀକ୍ଷାନିରୀକ୍ଷା ଚଳାଇବ। ଏହା ଗୋଟିଏ ଚନ୍ଦ୍ର ଦିବସ ବା ପୃଥିବୀର ଦୁଇ ସପ୍ତାହ ସମୟ ପାଇଁ ସକ୍ରିୟ ରହିବ। ଆସନ୍ତା ୧୪ ତାରିଖରେ ଏହା ଚନ୍ଦ୍ରପୃଷ୍ଠରେ ପରିଲକ୍ଷିତ ହେବାକୁ ଥିବା ସୂର୍ଯ୍ୟୋପରାଗର ଅତି ସୂକ୍ଷ୍ମ ଚିତ୍ରୋତ୍ତୋଳନ କରିବାର ଲକ୍ଷ୍ୟ ରହିଛି। 'ବ୍ଲ୍ୟୁ ଘୋଷ୍ଟ' ବ୍ୟତୀତ ଚଳିତବର୍ଷ ବିଭିନ୍ନ ଘରୋଇ ମହାକାଶ କମ୍ପାନି ଅତି କମ୍‌ରେ ପାଞ୍ଚଟି ମହାକାଶଯାନ ଜହ୍ନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସବୁ କମ୍ପାନି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ସାହାଯ୍ୟ ନେଉଛନ୍ତି। ଆଗାମୀ ଦିନରେ ଚନ୍ଦ୍ରପୃଷ୍ଠକୁ ନିୟମିତ ଓ ବାରମ୍ବାର ମନୁଷ୍ୟ ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରେରଣ ପାଇଁ କମର୍ସିଆଲ୍ ଲୁନାର ପେଲୋଡ୍ ସର୍ଭିସେସ୍ (ସିଏଲ୍‌ପିଏସ୍) ନାମକ ଏକ ବିମାନ ପରିବହନ ପ୍ରଣାଳୀ ସୃଷ୍ଟି ଉଦ୍ଦେଶ୍ୟରେ 'ନାସା' ଘରୋଇ ବିମାନ କମ୍ପାନିମାନଙ୍କୁ ପ୍ରୋତ୍ସାହିତ କରିଚାଲିଛି। 'ସିଏଲ୍‌ପିଏସ୍'ର ପ୍ରଥମ ଘରୋଇ ମହାକାଶଯାନ ଭାବେ ଗତବର୍ଷ ଜାନୁଆରିରେ ଆଷ୍ଟ୍ରୋବୋଟିକ୍ ଟେକ୍ନୋଲୋଜିଜ୍ ଦ୍ୱାରା 'ପେରିଗ୍ରିନ୍' ନାମକ ଯାନ ଉତ୍‌କ୍ଷେପିତ ହୋଇଥିଲା, ଯାହା ଅସଫଳ ରହିଥିଲା। ଗତବର୍ଷ ଫେବ୍ରୁଆରି ୨୬ରେ ପ୍ରେରିତ 'ଇନ୍‌ସୁଇଟିଭ୍ ମେସିନ୍‌ସ' କମ୍ପାନିର ଦ୍ୱିତୀୟ ମହାକାଶଯାନ 'ଏଥେନା' ଆଜି (ମାର୍ଚ୍ଚ ୬) ଚନ୍ଦ୍ରପୃଷ୍ଠ ଛୁଇଁବ ବୋଲି ଆକଳନ କରାଯାଇଛି। ସେହିପରି ଜାପାନୀ କମ୍ପାନି 'ହାକୁଟୋ-ଆର୍'ର ଚନ୍ଦ୍ରଯାନ 'ମିସନ୍-୨' ଆଗାମୀ ମେ' କି ଜୁନ୍ ମାସରେ ଚନ୍ଦ୍ରରେ ପହଞ୍ଚିବ।

## ବରିଷ୍ଠଙ୍କ ସ୍ୱାସ୍ଥ୍ୟ ବୀମା ପ୍ରିମିଅମ୍ କମାଇବାର ଉପାୟ



ଅବସର ପରବର୍ତ୍ତୀ ଜୀବନ କେତେ ଦୀର୍ଘସ୍ଥାୟୀ ହେବ ତାହା ଆପଣଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ଉପରେ ଅନେକଟା ନିର୍ଭର କରେ। ହାତରୁ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସମର୍ଥ ଲୋକଙ୍କ ସଂଖ୍ୟା ଭାରତରେ ଖୁବ୍ କମ୍। ତେଣୁ ସ୍ୱାସ୍ଥ୍ୟ ବୀମା ଏ ଦିଗରେ ବିଶେଷ ସହାୟକ ହୋଇଥାଏ। କିନ୍ତୁ ବୟସ ବଢ଼ିବା ସହିତ ସ୍ୱାସ୍ଥ୍ୟ ବୀମା ପ୍ରିମିଅମ୍ ବୃଦ୍ଧି ପାଉଥିବାରୁ ତାହାକୁ ବହନ କରିବା ମଧ୍ୟ ଅନେକଙ୍କ ପାଇଁ କଷ୍ଟକର ହେବାରେ ଲାଗିଛି। ତେବେ କେତେକ ପଦକ୍ଷେପ ଦ୍ୱାରା ବୀମା ପ୍ରିମିଅମ୍‌କୁ ସୀମିତ ରଖିବା ସମ୍ଭବ।

**● ସଅଳ ବୀମା କିଣନ୍ତୁ**

ଯେତେ କମ୍ ବୟସରୁ ସ୍ୱାସ୍ଥ୍ୟ ବୀମା କିଣି ତାକୁ ନିୟମିତ ଅପ୍‌ଡେଟ୍ ରଖିବେ ତାହାର ପ୍ରିମିଅମ୍ ସେତେ କମ୍ ରହିବ। ୬୦ ବର୍ଷ ବୟସରେ ଜଣେ ବୀମା ପଲିସି କିଣିବା ବଦଳରେ ସେ ଯଦି ୩୫ ବର୍ଷରୁ ସ୍ୱାସ୍ଥ୍ୟ ବୀମା କିଣି ତାହାକୁ ଚାଲୁ ରଖିଛନ୍ତି ତେବେ ଦୀର୍ଘକାଳୀନ ବୋନସ୍ ମିଳିବା ସହିତ ବୀମା ପ୍ରିମିଅମ୍ ମଧ୍ୟ କମ୍ ଦେବାକୁ ପଡ଼ିଥାଏ। ବୀମା କମ୍ପାନିମାନେ ଦୀର୍ଘକାଳୀନ ବୀମାଧାରୀମାନଙ୍କୁ ବର୍ଦ୍ଧିତ ସ୍ୱାସ୍ଥ୍ୟ କଭରେଜ୍ ଓ ଅତିରିକ୍ତ ସୁବିଧା ମଧ୍ୟ ପ୍ରଦାନ କରିଥାନ୍ତି।

**● ଫ୍ଲୋଟର୍ ପ୍ଲାନ୍ ନିଅନ୍ତୁ**

ସଂପୂର୍ଣ୍ଣ ପରିବାର ପାଇଁ ଉଦ୍ଦିଷ୍ଟ ଫ୍ଲୋଟର୍ ପ୍ଲାନ କିଣିବା ଦ୍ୱାରା ପରିବାରର ସମସ୍ତ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ମିଳିଥାଏ। ଫ୍ୟାମିଲି ଫ୍ଲୋଟର୍ ପ୍ଲାନ୍‌ରେ ବରିଷ୍ଠ ନାଗରିକମାନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ତୁଳନାରେ କମ୍ ପ୍ରିମିଅମ୍ ପଡ଼ିଥାଏ। ପରିବାର ସଦସ୍ୟଙ୍କ ସଂଖ୍ୟା ନେଇ କମ୍ପାନିମାନେ ଫ୍ଲୋଟର୍ ପ୍ଲାନ୍‌ରେ ରିହାତି ମଧ୍ୟ ଦେଇଥାନ୍ତି।

**● କୋପ୍‌ମେଣ୍ଟ ସୁବିଧା**

କୋପ୍‌ମେଣ୍ଟ ପଲିସିରେ ବୀମା ଗ୍ରାହକ ଚିକିତ୍ସା ଖର୍ଚ୍ଚର ଏକ ଅଂଶ ବହନ କରୁଥିବା ବେଳେ ଅବଶିଷ୍ଟ ଖର୍ଚ୍ଚ ବୀମା କମ୍ପାନି ପ୍ରଦାନ କରିଥାଏ। ଉଦାହରଣ ସ୍ୱରୂପ ପଲିସିରେ ୧୦% କୋପ୍‌ମେଣ୍ଟ ପାଇଁ ବାଛିଲେ, ଚିକିତ୍ସାରେ ଯଦି ଏକ ଲକ୍ଷ ଟଙ୍କା ଲାଗେ ତେବେ ଆପଣଙ୍କୁ ପକେଟରୁ ଦଶ ହଜାର ଟଙ୍କା ଦେବାକୁ ପଡ଼ିବ, ଅବଶିଷ୍ଟ ନବେ ହଜାର ଟଙ୍କା ପଲିସି ଜରିଆରେ ମିଳିବ। ବରିଷ୍ଠ ନାଗରିକଙ୍କ ପାଇଁ ପ୍ରିମିଅମ୍ ଅଧିକ ରହୁଥିବାରୁ କୋପେମେଣ୍ଟ ପଲିସି ଦ୍ୱାରା ଆପଣଙ୍କ ବୀମା ପ୍ରିମିଅମ୍‌ର ମୂଲ୍ୟ କମ୍ କରିପାରିବେ।

**● ଇନ୍‌ସେଣ୍ଟିଭ୍ ଓ ନୋ କ୍ଲେମ୍ ବୋନସ୍**

ସ୍ୱାସ୍ଥ୍ୟ ବୀମା ପଲିସିର ପ୍ରିମିଅମ୍ ମୂଲ୍ୟ କମ୍ କରିବାର ଆଉ ଏକ ଉପାୟ ହେଉଛି ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଫିଟ୍‌ନେସ୍ କାର୍ଯ୍ୟକ୍ରମ ଭଳି ପ୍ରତିଷେଧକ ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇବା। ନିୟମିତ ଚାଲିବା, ବଡି ମାସ୍ ଇଣ୍ଡେକ୍‌ସ (ବିଏମ୍‌ଆଇ)କୁ ସୁସ୍ଥ ସୀମାରେ ରଖିବା ଦ୍ୱାରା ବରିଷ୍ଠ ନାଗରିକମାନେ ପ୍ରିମିଅମ୍‌ରେ ରିହାତି ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ। ସେହିପରି ଆପଣଙ୍କ ପଲିସିରେ ନୋ କ୍ଲେମ୍ ବୋନସ୍ (ଏନ୍‌ସିବି)ର ସୁବିଧା ଥିଲେ, ଯଦି ଆପଣଙ୍କୁ ଗୋଟିଏ ବର୍ଷ ଚିକିତ୍ସିତ ହେବାକୁ ପଡ଼ିନାହିଁ ତେବେ ଆପଣଙ୍କୁ ସମାନ ପ୍ରିମିଅମ୍ ମୂଲ୍ୟରେ ବର୍ଦ୍ଧିତ କଭରେଜ୍ ମିଳିଥାଏ। ଅର୍ଥାତ୍ ଆପଣ ୧୦ ଲକ୍ଷ ଟଙ୍କାର ବୀମା ନେଇଥିଲେ, ୧୦% ଏନ୍‌ସିବି ମିଳିବା ଦ୍ୱାରା ପର ବର୍ଷ ଆପଣଙ୍କ ବୀମା ରାଶି ୧୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ।

## ଟୟୋଟାର ନୂଆ କାମ୍ରି ଇଭି

ଟୟୋଟା ପକ୍ଷରୁ ସେଦାନ୍ ସେଗ୍‌ମେଣ୍ଟରେ ଉନ୍ମୋଚିତ ହୋଇଛି ନୂଆ କାମ୍ରି ହାଇବ୍ରିଡ୍ ଇଭି। ଏହାର ଉଭୟ ବାହ୍ୟ ଓ ଭିତର ପରିପାଟୀ ବେଶ୍ ଆକର୍ଷଣୀୟ ହୋଇଛି। ଏହି ସେଦାନ୍ ଉପରେ କମ୍ପାନି ୮ ବର୍ଷ ଅଥବା ୧,୬୦,୦୦୦ କିଲୋମିଟର୍‌ର ୱାରେଣ୍ଟି ଦେଉଛି। ଏହାର ପ୍ରାରମ୍ଭିକ ମୂଲ୍ୟ ରହିଛି ୪୮,୦୦,୦୦୦ ଟଙ୍କା (ଏକ୍ସ ସୋ'ରୁମ୍)। ଏଥିରେ ୫ମ ପିଢ଼ିର ହାଇବ୍ରିଡ୍ ଟେକ୍ନୋଲୋଜି ସହ ଉଚ୍ଚ କ୍ଷମତାସମ୍ପନ୍ନ ଲିଥିୟମ୍-ଆୟନ୍ ବ୍ୟାଟେରି ରହିଛି ଯାହାକି ଲିଟର୍ ପିଛା ୨୫.୪୯ କିଲୋମିଟର୍ ମାଇଲେଜ୍ ପ୍ରଦାନ କରୁଛି। ଏହାସହିତ ଏଥିରେ ୨.୫ ଲିଟର୍ ଡାଇନାମିକ୍ ଫୋର୍ସ ଇଂଜିନ୍, ଇ-ସିଭିଟି, ସୁରକ୍ଷା ପାଇଁ ୯ଟି ଏୟାର୍‌ବ୍ୟାଗ୍, ୧୨.୩ ଇଞ୍ଚର ମଲ୍‌ଟି-ଇନ୍‌ଫୋଟେନ୍‌ମେଣ୍ଟ୍ ଡିସ୍‌ପ୍ଲେ, ଆଉଟ୍‌ସାଇଡ୍ ରିଅର୍-ଭିୟୁ ମିରର୍, ୩-ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ସିଷ୍ଟମ୍, ୟୁଏସ୍‌ବି ଚାର୍ଜର, ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍ ପରି ବୈଶିଷ୍ଟ୍ୟ ରହିଛି ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।



## ଖାଦ୍ୟ ନଖାଇ ସ୍ୱାଦର ମଜା



ଭର୍ଚୁଆଲ୍ ରିଅଲିଟି ଦ୍ୱାରା ସ୍ୱାଦର ଅନୁଭୂତିକୁ ଏକ ନୂଆ ରୂପ ପ୍ରଦାନ ପାଇଁ ଏକ ଯୁଗାନ୍ତକାରୀ ପ୍ରଯୁକ୍ତି ଆଗେଇ ଆସିଛି। ଅଭିନବ 'ଇ-ଟେଷ୍ଟ' ସେନ୍‌ସର୍ ଏବଂ ବେତାର ରାସାୟନିକ ବିତରକ ବ୍ୟବହାର କରି ଏକ ଇଣ୍ଟରଫେସ୍ ବିକଶିତ କରାଯାଇଛି, ଯାହା ଖାଦ୍ୟ ନଖାଇ ମଧ ତାହାର ସ୍ୱାଦ ଅନୁଭବ ପ୍ରଦାନ କରିବ। 'ଭର୍ଚୁଆଲ୍ ରିଅଲିଟି' ସେଟ୍ ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ମାଧ୍ୟମରେ ଆମକୁ ଏକ ଡିଜିଟାଲ୍ ଦୁନିଆକୁ ନେଇ ସେଠାରେ ଉପସ୍ଥିତ ଥିବା ଭଳି ଭ୍ରମ ସୃଷ୍ଟି କରିଥାଏ। ଏବେ ସେହି ପରିକଳ୍ପନାକୁ ସ୍ୱାଦ କ୍ଷେତ୍ରରେ ପ୍ରୟୋଗ କରାଯାଉଛି। ଏହି ପ୍ରଣାଳୀରେ ଖାଦ୍ୟପଦାର୍ଥର ଗୋଟିଏ ବି କ୍ୟାଲୋରି ସେବନ ନକରି ମିଠା, ଖଟା, ଲୁଣିଆ, ପିତା ଓ ଆମିଷ ଆଦି ଜିହ୍ୱାର ପାଞ୍ଚଟି ପ୍ରାଥମିକ ସ୍ୱାଦକୁ ସୃଷ୍ଟି କରାଯାଇପାରିବ। ଆମ ଜିହ୍ୱା ଏହି ପାଞ୍ଚ ପ୍ରକାର ସ୍ୱାଦକୁ ବାରିପାରୁଥିବା ବେଳେ ସ୍ୱାଦ କେବଳ ପାଟିରେ ସୀମିତ ନୁହେଁ। ଖାଦ୍ୟର ଗନ୍ଧ, ସଂରଚନା ଓ ତାପମାତ୍ରା ମଧ ସ୍ୱାଦ ସଂକ୍ରାନ୍ତ ଆମ ଧାରଣାରେ ଯୋଗଦାନ କରିଥାଏ। 'ଇ-ଟେଷ୍ଟ' ଜ୍ଞାନକୌଶଳ ଉପରୋକ୍ତ ସମସ୍ତ ଉପାଦାନକୁ ବ୍ୟବହାର କରି ଏବଂ ମସ୍ତିଷ୍କ ସ୍ୱାଦ-ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକୁ ଉତ୍ତେଜିତ କରି ଖାଦ୍ୟ ଖାଇବାର ଅବିକଳ ଅନୁଭୂତି ପ୍ରଦାନ କରିଥାଏ।

ଏହି ନୂତନ ଉଦ୍ଭାବନର ଅନେକ ଉପକାରିତା ରହିଛି। ରେସ୍ତୋଁରାରେ ଖାଦ୍ୟର ଡିଜିଟାଲ୍ ତାଲିକା ପ୍ରଦାନ କରାଯାଇପାରିବ, ଯେଉଁଠି ଗ୍ରାହକମାନେ କୌଣସି ବ୍ୟଞ୍ଜନ ବରାଦ କରିବା ପୂର୍ବରୁ ତାହାର ଡିଜିଟାଲ ସ୍ୱାଦ ଚାଖିପାରିବେ। ସେହିପରି କୌଣସି ରୋଗୀକୁ ମନପସନ୍ଦର ଖାଦ୍ୟ ବାରଣ କରାଯାଇଥିଲେ, ସେ ତାହା ନଖାଇ ମଧ ତାହାର ସ୍ୱାଦ ଅନୁଭବ କରିପାରିବେ। ଏହା ମଧୁମେହ ରୋଗୀ ଓ ଖାଦ୍ୟ ବିକାର ଭୋଗୁଥିବା ରୋଗୀଙ୍କ ପାଇଁ ବୈପ୍ଳବିକ ହୋଇପାରିବ। ଆମେ ଘରୁ ବାହାରକୁ ଗୋଡ଼ ନକାଢ଼ି ମଧ ବିଭିନ୍ନ ଦେଶ ଓ ସଂସ୍କୃତିର ଖାଦ୍ୟର ମଜା ନେଇପାରିବା। ଏପରି ଆଭାସୀ ସ୍ୱାଦ ଆହରଣ ଦ୍ୱାରା ଖାଦ୍ୟ ଅପଚୟ ଓ ପରିବେଶଗତ ପ୍ରଭାବ ହ୍ରାସ ହୋଇପାରିବ।

## ଡେବିଟ୍ କାର୍ଡ: କିଛି ଜାଣିବା କଥା



ବର୍ତ୍ତମାନ ଡିଜିଟାଲ୍ ଦୁନିଆରେ କାର୍ଡଲେସ୍ ଓ କ୍ୟାସ୍‌ଲେସ୍ ପେମେଣ୍ଟ ଉପରେ ଲୋକେ ବେଶୀ ନିର୍ଭର କରୁଛନ୍ତି। ହେଲେ ଏବେ ବି ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କାର୍ଡ ଉପରେ ଅଧିକ ନିର୍ଭରଶୀଳ। ଏଟିଏମ୍ ମେସିନ୍‌ରେ କାର୍ଡଟି ଭର୍ତ୍ତି କରିବା ମାତ୍ରକେ ଅଳ୍ପ କିଛି ସମୟ ଭିତରେ ଟଙ୍କା ଉଠିଯାଏ ଏବଂ ଜମା ମଧ ହୋଇଯାଏ। ଏଥିପାଇଁ ବ୍ୟାଙ୍କ ଯିବାର ଆବଶ୍ୟକତା ପଡ଼ି ନଥାଏ। ଭାରତରେ ତିନି ପ୍ରକାରର ଏଟିଏମ୍ ଡେବିଟ୍ କାର୍ଡ ପ୍ରଚଳିତ- ରୁପେ, ଭିସା ଓ ମାଷ୍ଟର୍‌କାର୍ଡ। ଟଙ୍କା ଉଠାଣ ତଥା ଜମା ପାଇଁ ଆମେ ମୁଖ୍ୟତଃ ଏହାକୁ ବ୍ୟବହାର କରିଥାଉ। ଏହି କାର୍ଡ ବ୍ୟବହାର କରି ପିଓଏସ୍ ଓ ଅନ୍‌ଲାଇନ୍ ପେମେଣ୍ଟ ମଧ ସମ୍ଭବ।

୨୦୧୨ ମସିହା ମାର୍ଚ୍ଚ ମାସରେ ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା 'ରୁପେ' କାର୍ଡ ଲଞ୍ଚ୍ ହୋଇଥିଲା। ଦେଶରେ ସୁଲଭ ଆର୍ଥିକ କାରବାର ପାଇଁ ସରକାରଙ୍କ ତରଫରୁ ଏହା ଏକ ଉପଯୋଗୀ ବ୍ୟବସ୍ଥା ଥିଲା। ଆରମ୍ଭରେ ରୁପେ ଡେବିଟ୍ କାର୍ଡ କେବଳ ଦେଶ ଭିତରେ ବ୍ୟବହାର କରିହେଉଥିଲା। ୨୦୨୩ରୁ ରୁପେ କାର୍ଡ ଦ୍ୱାରା ଅନ୍ତର୍ଜାତୀୟ କାରବାର ଆରମ୍ଭ ହୋଇଛି। ଏହା ପୂର୍ବରୁ ବିଭିନ୍ନ ବ୍ୟାଙ୍କ୍ ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଭିସା ଓ ମାଷ୍ଟର୍‌କାର୍ଡ ବ୍ୟବହାର କରୁଥିଲେ।

**ରୁପେ କାର୍ଡ:** ଭାରତୀୟ ବଜାରରେ ଭିସା ଓ ମାଷ୍ଟର୍‌କାର୍ଡ ଦ୍ୱାରା ବିଦେଶୀ କମ୍ପାନିର ଏକଚାଟିଆ କାରବାରକୁ ରୋକିବା ଲାଗି ରୁପେ କାର୍ଡ ବଜାରକୁ ଆସିଥିଲା। କାରଣ ରୁପେ କାର୍ଡଠାରୁ ଭିସା ଓ ମାଷ୍ଟର୍‌କାର୍ଡର ଟ୍ରାଞ୍ଜାକ୍‌ସନ୍ ଚାର୍ଜ ଅଧିକ ଥିଲା। ରୁପେ କାର୍ଡରେ ପ୍ରତ୍ୟେକ ବ୍ୟାଙ୍କ୍ ତଥା ଆର୍ଥିକ କାରବାର ସଂସ୍ଥାର ପେମେଣ୍ଟ ସହଜରେ ହୋଇଯାଇଥାଏ। ଏଣୁ ଭାରତୀୟ ପେମେଣ୍ଟ ଗେଟ୍‌ୱେ ରୁପେକୁ ସରକାରୀ ଦେୟ ପୈଠ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଫି' ଜମା କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି। ବର୍ତ୍ତମାନ ପ୍ରତ୍ୟେକ ବ୍ୟାଙ୍କ୍ ସେମାନଙ୍କ ଗ୍ରାହକଙ୍କୁ ରୁପେ କାର୍ଡ ଯୋଗାଇ ଦେଉଛନ୍ତି। ଏବେ ରୁପେ କାର୍ଡରେ କମ୍ ସମୟରେ ଅଧିକ କାରବାର ପାଇଁ ଉଚ୍ଚମାନର ପ୍ରଯୁକ୍ତି ବ୍ୟବହାର କରି ଇଏମ୍‌ଭି (ୟୁରୋପେ, ମାଷ୍ଟର୍‌କାର୍ଡ ଓ ଭିସା) ଚିପ୍ ଉପଲବ୍ଧ ହେଲାଣି। ଏକ ମାଇକ୍ରୋପ୍ରୋସେସର୍ ସର୍କିଟ ମଧ ଏଥିରେ ସଂଯୋଗ କରାଯାଇଛି, ଯାହାକି କାର୍ଡଧାରୀଙ୍କ ସବିଶେଷ ସୂଚନା ରଖିଥାଏ।

**ଭିସା, ମାଷ୍ଟର୍‌କାର୍ଡ ଓ ଆମେରିକାନ୍ ଏକ୍ସପ୍ରେସ୍:** ଭିସା, ମାଷ୍ଟର୍‌କାର୍ଡ ଓ ଆମେରିକାନ୍ ଏକ୍‌ସପ୍ରେସ୍ କାର୍ଡ ହେଉଛନ୍ତି ବିଦେଶୀ ପେମେଣ୍ଟ ଗେଟ୍‌ୱେ। ଏହା ମାଧମରେ ଆପଣ ବିଦେଶର ଯେକୌଣସି ବ୍ୟାଙ୍କ୍ ସହିତ କାରବାର କରିପାରିବେ। ଏ ତିନି କାର୍ଡ ଭିତରେ ବିଶେଷ ଫରକ ନାହିଁ। ଏଗୁଡ଼ିକ କେବଳ ଦେୟ ପାଇଁ ଉଦ୍ଦିଷ୍ଟ। କ୍ରେଡିଟ୍ କାର୍ଡ ସେବା ପ୍ରଦାନ ପାଇଁ ଏମାନେ ବିଭିନ୍ନ ଦେଶର ବ୍ୟାଙ୍କ୍ ଉପରେ ନିର୍ଭର କରନ୍ତି। ତେଣୁ, ସୁଧ ହାର, ରିୱାର୍ଡ, ବାର୍ଷିକ ଶୁଳ୍କ ଓ ଅନ୍ୟାନ୍ୟ ସମସ୍ତ ଦେୟ ବ୍ୟାଙ୍କ୍ ଦ୍ୱାରା ପ୍ରଦାନ କରାଯାଇଥାଏ ଏବଂ ଯେତେବେଳେ ଆପଣ ଆପଣଙ୍କର ବିଲ୍ ପୈଠ କରିବେ, ସେତେବେଳେ ଆପଣ ଆପଣଙ୍କର ଭିସା କିମ୍ବା ମାଷ୍ଟରକାର୍ଡ ପ୍ରଦାନ କରୁଥିବା ବ୍ୟାଙ୍କ୍ କିମ୍ବା ଅନୁଷ୍ଠାନକୁ ଦେବାକୁ ପଡ଼ିବ। ତେବେ ଡେବିଟ୍ କାର୍ଡରେ ଆପଣ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ପେମେଣ୍ଟ ମୋଡ୍ ଆକ୍ଟିଭ୍ କରି ଗୋଟିଏ କାରବାରରେ ଓ ଗୋଟିଏ ଦିନ ମଧରେ ସର୍ବାଧିକ କେତେ ଖର୍ଚ୍ଚ କରିବେ ତାହାର ସୀମା ଧାର୍ଯ୍ୟ କରିପାରିବେ।

## ଆଦିବାସୀଙ୍କୁ ନେଇ ଚାଲିଛି ରାଜନୀତି

# ୭୬ ବର୍ଷ ହେଲା ବିଜୁଳି ଦେଖିନାହାନ୍ତି ୪ ଗାଁ ଲୋକେ

- ଏବେ ବି ଆଦିବାସୀ ଅଧ୍ୟୁଷିତ ଗାଁ ଅନ୍ଧକାରରେ
- ଆଦିବାସୀଙ୍କୁ ଆଲୁଅ ଦେଖାଉଛି ଡିବିରି




**ଫୁଲବାଣୀ,୨୬।୪(ସଂଚାର ବ୍ୟୁରୋ):** ଆଧୁନିକତାର ସ୍ପର୍ଶରେ ଆଗକୁ ଆଗକୁ ବଢୁଛି ଦେଶ। ଡିଜିଟାଲାଇଜେସନ୍ କରିବା ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଆଦିବାସୀ କୁ ନେଇ ଚାଲିଛି ରାଜ୍ୟ ରାଜନୀତି। ଏବେ ବି ଆଦିବାସୀ ଅଧ୍ୟୁଷିତ ଗାଁ ଅନ୍ଧକାରରେ। ବିଜୁଳି ଦେଖିନି ୪ ଗାଁ। ଆଦିବାସୀଙ୍କୁ ଆଲୁଅ ଦେଖାଉଛି ଡିବିରି ଆଲୁଅ। ଆଜି ବି ଏମିତି ଗାଁ ଅଛି ଯେଉଁଠି ବିଜୁଳି ଆଲୁଅ ପାଲଟିଛି ସାତ ସପନ। କନ୍ଧମାଳ ଜିଲ୍ଲାରେ ଅନେକ ଗାଁ ଅଛି ଯେଉଁଠି ଜନ୍ମରୁ ବିଜୁଳି ଆଲୁଅ ଦେଖିନାହାନ୍ତି ଗାଁ ଲୋକେ।ଏହି ଦୃଶ୍ୟ ଦେଖିଲେ ଅନୁଭବ ହୁଏ ସରକାରଙ୍କ, ରାଜୀବ ଗାନ୍ଧୀ ଜ୍ୟୋତି ଯୋଜନା, ବିଜୁ ଜ୍ୟୋତି ଯୋଜନା ଏବଂ ସୌଭାଗ୍ୟ ଜ୍ୟୋତି ଯୋଜନା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡରେଜୁ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଗାଁ ଗୋଦାବରୀ, ସ୍ରାମ୍ପି ପଡା, ଲକ୍ଷ୍ମୁ ଗୁଡ଼ା, । ଏଭି ୩ ଟି ଗାଁ ବିଜୁଳି ଆଲୁଅ ଦେଖିନାହିଁ ଏବେ ପୁଣି ଅଭିଯୋଗ ଆସିଛି ବିଲା ବାଡ଼ି ପଞ୍ଚାୟତର ୪ ଟି ଗାଁ ଜନ୍ମରୁ ବିଜୁଳି ଆଲୁଅ ଦେଖିନାହିଁ।ବିଜୁଳି ଆଲୁଅ ଦେଖି ନ ଥିବା ଗାଁ ଗୁଡ଼ିକ ହେଲା କିଲୁ ଗାଁ, ଖଲି ସାହି, ବିଶି ସାହି, ଗୁରୁଡ଼ି ସାହି, ଡଙ୍ଗି ଧର, ଗାଁଗୁଡିକରେ ଶତାଧିକ ପରିବାର ବସବାସ କରୁଛନ୍ତି।କିନ୍ତୁ ଗ୍ରାମବାସୀମାନେ ସମସ୍ତ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗାଁକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ପହଞ୍ଚି ନାହିଁ ତେଣୁ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନବେଳେ ଏକ ପ୍ରକାରେ ଚଳିଯାଉଥିବା ବେଳେ ରାତିହେଲେ ଅନ୍ଧାରରେ ସମୟ ବିତାଇବାକୁ ପଡୁଛି। ବର୍ଷେ କି ଦୁଇ ବର୍ଷ ନୁହେଁ, ସ୍ୱାଧୀନତାର ପରଠୁ ଡିବିରି ଆଲୁଅରେ ଗ୍ରାମବାସୀଙ୍କ ରାତି କଟୁଛି। ଏନେଇ ସରପଞ୍ଚ, ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଧା ସୁଫଳ ମିଳି ନ ଥିବା କହିଛନ୍ତି ଗ୍ରାମବାସୀ।

ଦୀର୍ଘ ୭୬ ବର୍ଷ ଧରି ସେମାନେ ଦୟନୀୟ ଜୀବନ ବିତାଉଛନ୍ତି। ସଞ୍ଜ ନଇଁଲେ ଡିବିରି ଆଲୁଅ ଏମାନଙ୍କ ପାଇଁ ଏକମାତ୍ର ସାହା ଭରସା ପାଲଟିଛି। ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ରାତିରେ ସମସ୍ତ କାମ ପର୍ଯ୍ୟନ୍ତ ଏହି ଡିବିରି ଆଲୁଅ ଭରସା ପାଲଟିଛି।କିଛି ଲୋକଙ୍କୁ ୫ ବର୍ଷ ତଳେସୌର ଚାଳିତ ଲାଇଟ୍ ସଂଯୋଗ କରାଯାଇଥିଲା ତାହା ଏବେ ଖରାପ ହେଲାଣି।ସେଗୁଡ଼ିକର ମରାମତି କରାଯାଉ ନ ଥିବାରୁ ସେ ସବୁ ଅକାମୀ ହୋଇ କଳଙ୍କି ଲାଗି ଗଲାଣି।ଏସବୁ ଗାଁରେ କେବଳ ବିଜୁଳି ନୁହେଁ, ଗାଁକୁ ଭଲ ରାସ୍ତାଟିଏ ବି ନାହିଁ। ପାଇପ ପାଣି ଏମାନଙ୍କ ପାଇଁ ସାତ ସପନ ହୋଇଛି।ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସଲାର ପାଣି ଟାଙ୍କି ବସିଛି।ହେଲେ ଅକାମୀ ହୋଇ ରହିଛି ସଲାର ପାଣି ଟାଙ୍କି। ତେଣୁ ପାଣି ପାଇଁ ହହଳ ବିକଳ ଗାଁ ଲୋକେ। ନଦୀ ନାଳ, କୂଅ ପାଣି ଭରସାରେ ରହୁଛନ୍ତି।ପିଇବା ପାଣି ପାଇଁ ନଦୀ ନାଳ ଭରସା ହୋଇଛି।ଯାହା ଫଳରେ ଅପରିଷ୍କାର ପାଣି ଗ୍ରାମବାସୀ ବ୍ୟବହାର କରିବା ଦ୍ୱାରା ଅନେକ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ରହୁ ନାହିଁ। ଶିକ୍ଷା କଥା ନ କହିବା ଭଲ ଏଇ ଗାଁ ଗୁଡିକରେ ସ୍କୁଲ, କିମ୍ବା ଅଙ୍ଗନୱାଡ଼ି ନାହିଁ।ପାଠ ପଢି ବଡ ମଣିଷ ହେବାର ସ୍ୱପ୍ନ ଭାଙ୍ଗି ଚୁରି ଚୁରମାର ହେଇ ଯାଉଛି ଏହି ଗାଁରେ ଜନ୍ମ ହେଉଥିବା କୋମଳମତି ଶିଶୁ ମାନଙ୍କର।ଶିକ୍ଷାରୁ ମଧ୍ୟ ବଞ୍ଚିତ ହେଉଛନ୍ତି ଗ୍ରାମ ବାସି।ଏହି ପଞ୍ଚାୟତକୁ ବିକାଶର ଆଲୋକ ଦେଖାଇବା ପାଇଁ ତତ୍କାଳୀନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପୋଷ୍ୟ ପଞ୍ଚାୟତ ଭାବରେ ଗ୍ରହଣ କରିଥିଲେ। ବିକାଶର ଆଲୋକ ଦେଖିବାରେ ବିଫଳ ହୋଇଛି।ଏସବୁ ଗାଁ ଗୁଡ଼ିକର ସମସ୍ୟା ଦେଖିଲେ ଏମିତି ଲାଗେ ସରକାରୀ ଯୋଜନା ସବୁ ବାଟ ବଣା ହେଉଛି ଏହି ପଞ୍ଚାୟତରେ।ଆଜି ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପାରିଲା ନାହିଁ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା।ଯେଉଁଠି ଗମନାଗମନ ସୁବିଧା ନାହିଁ ସେଇଠି କେମିତି ଶିକ୍ଷା, ସ୍ୱାସ୍ଥ୍ୟ, ଯୋଜନା ପହଞ୍ଚୁଥିବ ତାହା ପ୍ରଶ୍ନ ବାଚି ସୃଷ୍ଟି କରିଛି।ଶେଷରେ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଗ୍ରାମବାସୀ ବୁଧବାର ଦିନ କନ୍ଧମାଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ପ୍ରଦାନ କରିଛନ୍ତି।

## ଶିକ୍ଷକଙ୍କ ତାଲିମ ଶିବିରରେ ଅବହେଳା
## ନିମ୍ନମାନର ଖାଦ୍ୟ ସହିତ ଦିଆଯାଉନି ଟିଫିନ୍

● ତାଲିମ ସମ୍ପର୍କିତ ଖର୍ଚ୍ଚ ପାଇଁ ବ୍ୟୟବରାଦ ହୋଇଛି ଏକ ଲକ୍ଷରୁ ଊର୍ଦ୍ଧ୍ୱ



**ତିର୍ତ୍ତୋଲ,୨୬।୪(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ମଣ୍ଡଳ ଶିକ୍ଷା ଅଧିକାରୀ ଙ୍କ ଦ୍ୱାରା ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ତାଲିମ ଶିବିରରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଏକଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଏକ ଲକ୍ଷ ପଚାଶ ହଜାର ରୁ ଊର୍ଦ୍ଧ୍ୱ ଟଙ୍କା ଟିଫିନ୍ ଓ ମଧ୍ୟାହ୍ନ ଭୋଜନ ଏବଂ ତାଲିମ ସମ୍ପର୍କିତ ଖର୍ଚ୍ଚ କରିବା ପାଇଁ ବ୍ୟୟବରାଦ ହୋଇଛି।ଏହି ଟଙ୍କା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀଣୀ ବିଷ୍ଣୁପ୍ରିୟା ଦେବୀ ଙ୍କ ଆକାଉଣ୍ଟ କୁ ପଠାଯିବା ସହିତ ତାଙ୍କ ଦ୍ୱାରା ଏହି ତାଲିମ ଶିବିରଟି ସଠିକ୍ ଭାବେ ପରିଚାଳନା କରିବା ପାଇଁ ମଣ୍ଡଳ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା ଦ୍ୱାରା ଦେଇଥିବା ସୂଚନା ମିଳିଛି। କିନ୍ତୁ ସେ ଅନେକ ସମୟରେ ଅନୁପସ୍ଥିତ ରହିବା ସହିତ ଆବଶ୍ୟକ ଖର୍ଚ୍ଚ ପାଇଁ ଅର୍ଥ ଦେଉନଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଭିଯୋଗ କରିଛନ୍ତି। ଯାହା ଫଳରେ ତାଲିମ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଟିଫିନ୍ ଓ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି।ଚା' ବିସ୍କୁଟ ସଠିକ୍ ଭାବେ ନିମ୍ନ ମାନର ମଧ୍ୟାହ୍ନ ଭୋଜନ ଓ ତାହା ପୁଣି ସଠିକ୍ ଭାବେ ରନ୍ଧା ଯାଉନଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଭିଯୋଗ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ସରକାର ଙ୍କ ଟଙ୍କା କୁ ଆତ୍ମସାତ କରୁଥିବା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀଣୀ ବିଷ୍ଣୁପ୍ରିୟା ଦେବୀ ଙ୍କ ଏଭଳି କାର୍ଯ୍ୟ କଳାପ ପାଇଁ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଉ ନାହିଁ। ଏହାର ତଦନ୍ତ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦାବି କରିଛନ୍ତି।

## କଚୁଆପଡା ପୀର ବାବାଙ୍କ ବାର୍ଷିକ ଉତ୍ସବ ପାଳନ

**ବାଲିଆପାଳ,୨୬।୪(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ କଚୁଆପଡ଼ା ଗ୍ରାମରେ ଥିବା ହଫିଜ୍ ବଦିରୋଦିନ ବାବାଙ୍କ ବାର୍ଷିକ ଉତ୍ସବ ଓ ଜଳସା ଗୁରୁବାର ଧୁମ ଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ମୁସଲିମ ଭାଇଭଉଣୀ ମାନେ ବିଭିନ୍ନ ସ୍ଥାନରୁ ଆସି ବାବାଙ୍କ ପାଖରେ ମାନସିକ ପୂରଣ ପାଇଁ ଚାଦର ଚଢ଼ାଇଥିଲେ। ରାତି ୧୦ଟାରୁ ପିର ବାବାଙ୍କ ମସଜିଦ ନିକଟରେ ଇସଲାମୀୟ ଧର୍ମ ସମ୍ବନ୍ଧୀୟ ଉର୍ଦ୍ଦୁ ଭାଷାରେ ପ୍ରବଚନ ଓ ଭଜନ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପଇଁ ବେଶ ଭିଡ ଲାଗିଥିଲା।କାର୍ଯ୍ୟକ୍ରମକୁ



କାଦରୀ କମିଟି କଚୁଆପଡାର ସଭାପତି ଜୁମା ଶାହା, ସମ୍ପାଦକ ଫିରୋଜ ଶାହା,ଇନତାଜ ସାହା,ସେକ୍ ହାବିଲ,ସେକ କାବିଲ, ଲାୟସ ଶାହା,ସେକ୍ ବୁଲୁ,ସେକ୍ ଜହର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ବାଲିଅନ୍ତା ପ୍ରଶାସନ ଏକାଦଶ ଚମ୍ପିୟାନ୍



**ବାଲିପାଟଣା,୨୬।୪(ସଂଚାର ବ୍ୟୁରୋ):** ବାଳକାଟି କଲେଜ ପଡ଼ିଆରେ ବାଲିଅନ୍ତା ପ୍ରଶାସନ ଏକାଦଶ ଏବଂ ବାଲିଅନ୍ତା ମେଡ଼ିଆ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହାକୁ ତହସିଲଦାର ବିମଳ ଚନ୍ଦ୍ର ଲେଙ୍କା ଉଦଘାଟନ କରିଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଜାମ୍ମୁକାଶ୍ମୀର ପହଲଗାଁଓରେ ଆତଙ୍କବାଦୀ ଆକ୍ରମଣରେ ନିହତ ବ୍ୟକ୍ତିଙ୍କ ଅମରଆତ୍ମାର ସଦଗତି ନିମନ୍ତେ ୨ ଦଳର ଖେଳାଳୀ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ପ୍ରଶାସନ ଏକାଦଶ ମେଡ଼ିଆ ଏକାଦଶଙ୍କୁ ହରାଇ ଚମ୍ପିୟାନ ହୋଇଛି। ୩ ଟି ମ୍ୟାଚ ବିଶିଷ୍ଟ ଏହି ମ୍ୟାଚରେ ୨ ଟି ମ୍ୟାଚ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲେ ପ୍ରଶାସନ ଏକାଦଶ। ଏଥିରେ ବାଲିଅନ୍ତା ତହସିଲର କର୍ମକର୍ତ୍ତା ଖେଳିଥିଲେ। ପ୍ରଥମ ମ୍ୟାଚରେ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ଓଭରରେ ୮୧ ରନ କରିଥିଲା। ଜବାବରେ ମେଡ଼ିଆ ଏକାଦଶୀ ମାତ୍ର ୭୪ ରନ କରିଥିଲା। ଏହି ମ୍ୟାଚକୁ ପ୍ରଶାସନ ଏକାଦଶ ଜିତି ନେଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ମେଡ଼ିଆ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୯ ରନ କରିଥିଲା। ଏହାର ଜବାବରେ ୪ ଓଭରରେ ଏହି ମ୍ୟାଚ ଜିତି ଚମ୍ପିୟାନ ହୋଇଥିଲା। ଏଥିରେ ଅତିଥିଭାବେ ବାଲିଅନ୍ତା ତହସିଲଦାର ଶ୍ରୀ ଲେଙ୍କା, ବରିଷ୍ଠ ସାମ୍ବାଦିକ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଅଧିକାରୀ କିଶୋର ଚନ୍ଦ୍ର ନାୟକ, ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ବାଇକ୍ ଧକ୍କାରେ ଚାଲିଗଲା ସାଇକେଲ ଆରୋହୀଙ୍କ ଜୀବନ

**କେନ୍ଦୁଝର,୨୬।୪ (ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ବୋନାଯୋଡି ବୁଲାଣି ନିକଟରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଦାପାଳ ପଞ୍ଚାୟତ ବରଦାପାଳ ଡୁମୁରିବାଳି ସାହିର ରଘୁନାଥ ସୋରେନ ମାଝୀ(୨୭)। ସେ ବନାଯୋଡି ସ୍ଥିତ ଯୋଗୀମଠ ନର୍ସରୀରେ ରହି କାମ କରୁଥିଲେ। ସାଇକେଲରେ ଯାଉଥିବା ବେଳେ ବନାଯୋଡି ବୁଲାଣି ନିକଟରେ ଜଣେ ବାଇକ ଆରୋହୀ ଭାରସାମ୍ୟ ହରାଇ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଏପରିକି ବାଇକ୍ ଆରୋହୀ ମଧ୍ୟ ରାସ୍ତାରେ ପଡ଼ି ଆହତ ହୋଇଛନ୍ତି।
ଆମ୍ବୁଲାନ୍ସ ଯୋଗେ ସ୍ୱେଚ୍ଛାସେବୀ ରବିନ୍ଦ୍ର ଫୌଜି ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ରଘୁନାଥଙ୍କ ମୃତ୍ୟୁ ଘଟିଛି। ଖବର ପାଇ ସଦର ଥାନା ଏଏସ୍ଆଇ ସତ୍ୟଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ସାଇକେଲ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୮୨/୨୦୨୫) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ




**ସୁବର୍ଣ୍ଣପୁର,୨୬।୪(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୁବର୍ଣ୍ଣପୁର ଦ୍ୱାରା ଆୟୋଜିତ ଏହି ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସମାଜ କଲ୍ୟାଣ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ସମ୍ମାନନୀୟ ବକ୍ତାଭାବେ ଐତିହାସିକ ତଥା ସୁ- ଲେଖକ, ଶିକ୍ଷାବିଦ ସୁଦାମ ଚରଣ ନାଏକ, ଶିକ୍ଷାବିତ୍ ତଥା ବି ଇ ଓ ଲକ୍ଷ୍ମଣ ମିଶ୍ର ଯୋଗଦାନ କରି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୀବନ ଦର୍ଶନ ସହ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଅବଦାନ ତଥା ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ, ଶିକ୍ଷାର ବିକାଶରେ ନିଷ୍ଠାପର ଯୋଗଦାନର ସ୍ମୃତି ଚରଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପେହେଲଗାମ ମୃତକଙ୍କ ଅମରଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ଅନୁଷ୍ଠିତ କରାଯାଇଥିଲା।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଆଇନ ପରାମର୍ଶଦାତା କେଶବ ମେହେର, ସମାଜ ସେବୀ ଗୋବିନ୍ଦ ମହାରଣା, ସାହାରା ଟ୍ରଷ୍ଟ ବିଦ୍ୟାଳୟ ଓ ମହାନଦୀ ଧାରାର ଛାତ୍ରଛାତ୍ରୀଙ୍କ ସହ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ମହାରାଜାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ ପୂର୍ବକ ସାମୁହିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଦେବୋତ୍ତର ବିଭାଗକୁ ଗଲା ମା' ଉତ୍ତରେଶ୍ୱରୀ ମନ୍ଦିର

**ଜଗତସିଂହପୁର,୨୬।୪(ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂ ପଞ୍ଚାୟତ ଥିବା ମା' ଉତ୍ତରେଶ୍ୱରୀ ମନ୍ଦିର ବହୁ ପ୍ରତୀକ୍ଷା ର ଅନ୍ତ ଘଟିଛି। ଶେଷରେ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଗଲା, ଏହି ମନ୍ଦିର ପ୍ରାୟ ବହୁ ବର୍ଷ ପୁରୁଣା ଅତୁଟ ଭକ୍ତିର ଆସ୍ଥାର ସ୍ଥାନ ଭାବରେ ପରିଚିତ। ୧୯୬୫ ମସିହାରେ ଏକ ବିପର୍ଯ୍ୟୟକାରୀ ଘୂର୍ଣ୍ଣିବାତ୍ୟା ଦ୍ୱାରା ପ୍ରାଚୀନ ମନ୍ଦିର ଅନେକ ଅଂଶରେ ନଷ୍ଟ ହୋଇଥିଲା। ପରେ, ଶ୍ରୀ ବ୍ରଜ କିଶୋର କାନୁଙ୍ଗୋ ଏହି ମନ୍ଦିରକୁ ପୁନଃ ନିର୍ମାଣ



କରିଥିଲେ। ତାଙ୍କ ପରିବାର ଅଗ୍ରଣୀ ଭୂମିକା ନିଭାଇଛନ୍ତି। କାନୁନଗୋ ଙ୍କ ପରେ ଝିଅ ମନ୍ଦିର ରକ୍ଷଣା ବେକ୍ଷଣ କରୁଥିଲେ। ପରେ ପରେ କିଛି ଦିନ ପୂର୍ବରୁ ସରକାର ଙ୍କ ଦେବୋତ୍ତର ବିଭାଗ କୁ ମନ୍ଦିର ହସ୍ତାନ୍ତର ହୋଇଥିଲା କିନ୍ତୁ କିଛି ତ୍ରୁଟି ପାଇଁ ଆଉଥରେ କୋର୍ଟ ପୁନର୍ବାର କାନୁନଗୋ ଙ୍କ ପରିବାର ଙ୍କୁ ହସ୍ତାନ୍ତର କରିଥିଲା। କିନ୍ତୁ ଗତକାଲି ପୁଣି ଦେବୋତ୍ତର ବିଭାଗ ନିଜ ହାତକୁ ନେଇଛି। ତିର୍ତ୍ତୋଲ ତହସିଲଦାର ଓ ପୋଲିସ ସହାୟତାରେ ମନ୍ଦିରର ସବୁ ଚାବି ବଦଳାଯାଇଛି। ଖୁବଶୀଘ୍ର ବିଭାଗ ପକ୍ଷରୁ ଏକ ନୂତନ କମିଟି ଗଠନ କରାଯିବ। ସେତେବେଳେ ଯାଏ ତହସିଲଦାର ମନ୍ଦିରର ଦାଇତ୍ୱ ରେ ରହିବେ।

## ବର୍ଦ୍ଧିତ ପାଣି ଦେୟକୁ ନୀଳାଦ୍ରି ବିହାର ଆବାସିକ ସଂଘର ବିରୋଧ

**ଭୁବନେଶ୍ୱର, ୨୬।୪(ସଂଚାର ବ୍ୟୁରୋ):** ଚଳିତ ମାସରେ ୱାଟକୋ ପକ୍ଷରୁ ପାଣି ଦେୟ ଉପରେ ୫୦ ଟଙ୍କା ବୃଦ୍ଧି କରାଯାଇଛି। ଏହାକୁ ନୀଳାଦ୍ରି ବିହାର ଆବାସିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଆଜି ନୀଳାଦ୍ରି ବିହାର ଆବାସିକ ସଂଘର କର୍ମକର୍ତ୍ତାମାନେ ସେକ୍ଟର-୩ ସ୍ଥିତ ୱାଟକୋ କାର୍ଯ୍ୟାଳରେ ପହଞ୍ଚି ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ବର୍ଦ୍ଧିତ ୫୦ ଟଙ୍କା ତୁରନ୍ତ ପ୍ରତ୍ୟାହାର କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି। ଆବାସିକ ସଂଘର ସମ୍ପାଦକ କହିଛନ୍ତି ଯେ ଚଳିତ ମାସରେ ୱାଟକୋ ପକ୍ଷରୁ ମିଟର ରକ୍ଷଣାବେକ୍ଷଣ ପାଇଁ ପାଣି ଦେୟ ଉପରେ ୫୦ ଟଙ୍କା ବୃଦ୍ଧି କରାଯାଇଛି। ଏହା ଜନସାଧାରଣଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ନଚେତ ବିରାଟ ଜନଆନ୍ଦୋଳନ ମୁଣ୍ଡ ଟେକିବ। ଏହି କାର୍ଯ୍ୟକ୍ରମରେ ଆବାସିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।



## ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ




**ସୁବର୍ଣ୍ଣପୁର,୨୬।୪(ସଂଚାର ବ୍ୟୁରୋ):** ସୋନପୁର ନୂଆଁ ଟାଉନ ହଲ ଠାରେ 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ' ଅବସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଆୟୋଜିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱ ରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବରେ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ହୃଷୀକେଶ ଦାସ ଓ ସୁବର୍ଣ୍ଣପୁର ଅବସର ପ୍ରାପ୍ତ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ା ସୁନିଲ କୁମାର ଉତ୍ତର ସିଂ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବରେ ଡ଼ା ସରୋଜ କୁମାର ସାହୁ, ସାଧାରଣ ପରିଚାଳକ, ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ ଯୋଗ ଦେଇଥିଲେ ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ୫ ଜଣ ମହିଳା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରେ ବିଶେଶ୍ୱରୀ ଦୀପ, ସୋନପୁର ଙ୍କୁ ଡାଇରୀ, ସସ୍ମିତାରାଣୀ ଗେଜ, ତରଭାଙ୍କୁ ୧୫୦୦୦ କ୍ଷମତା ବିଶିଷ୍ଟ ବ୍ରୟଲର ଫାର୍ମ, ମୋନାଲିସା ଗୁରୁ, ସୋନପୁର ବ୍ଲକଙ୍କୁ ୪୬୦୦୦ କ୍ଷମତା ବିଶିଷ୍ଟ ପରିବେଶ ନିୟନ୍ତ୍ରିତ ବ୍ରୟଲର ଫାର୍ମ, ଅଞ୍ଜଳି ସାହୁଙ୍କୁ ୧୨୦୦୦ କ୍ଷମତା ବିଶିଷ୍ଟ ବ୍ରୟଲର ଫାର୍ମ ଏବଂ ପ୍ରେମଶୀଳା କୁଦେଇ, ସୋନପୁର ଙ୍କୁ କାମଧେନୁ ଗୋପାଳନ ଯୋଜନା ରେ ୨ ଟିକିଆ ଡାଇରୀ ୟୁନିଟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ସଭା ଶେଷରେ ଡୁଙ୍ଗୁରିପାଲି ପ୍ରାଣୀ ଚିକିତ୍ସକ ଡ଼ା ଆକାଶ ଦେବତା ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଡ଼ା ସୁବ୍ରତ ପୁରୋହିତ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ, ଉଲୁଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଡ଼ା ପ୍ରିୟବ୍ରତ ବେହେରା ପ୍ରାଣୀ ରୋଗ ନିଦାନ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ଼ା ସୁନାକର ସାମଲ, ଉପ ନିର୍ଦ୍ଦେଶକ, ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ, ସୋନପୁର ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ଜିଲ୍ଲାରୁ ଶତାଧିକ ଗୋପାଳକ ଓ ଚାଷୀ ଯୋଗ ଦେଇଥିବା ବେଳେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ସହଯୋଗ କରିଥିଲେ।

## ପ୍ରଚଣ୍ଡ ତାତିରେ ବିନା ସୁରକ୍ଷାରେ କାର୍ଯ୍ୟ କରୁଛନ୍ତି ଶ୍ରମିକ: ପ୍ରଶାସନର ନିଘା ନାହିଁ

**କଣାସ,୨୬।୪(ସଂଚାର ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମ ପ୍ରଭାବହ ଦିନକୁ ଦିନ ବଢ଼ି ଚାଲିଥିବାରୁ ରାଜ୍ୟ ସରକାର ଦିନ ୯ ଟା ପରେ ଦିନ ମଜୁରିଆମାନେ କାମ ନକରିବା ପାଇଁ ଗଣ ମାଧ୍ୟମରେ ଡେଙ୍ଗୁରା ପିଟୁଥିବାବେଳେ ଆଜି ପୁରୀ ଜିଲ୍ଲା କଣାସ ବ୍ଲକ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ପାଣ୍ଡିଆକେରା ଗ୍ରାମରେ ନିର୍ମାଣ କରାଯାଇଥିବା ୫୦ ଫୁଟରୁ ଊର୍ଦ୍ଧ୍ୱ ଓଭର ହେଡ ପାଣି ଟାଙ୍କି ଉପରେ ବିନା ସୁରକ୍ଷାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ କଣାସ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଶ୍ରମିକମାନେ କାମ କରୁଥିବା ଖବର ପାଇ ମୁଁ ଦିନ ଗୋଟାଏ ବେଳେ ଘଟଣା ସ୍ଥଳରେ ପହଁଚି ଦେଖିଲି ଯେ ସେମାନେ ବିନା ସୁରକ୍ଷାରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ମନାକରିବାରୁ ସେମାନେ ତଳକୁ ଓହ୍ଲାଇ ଆସିଲେ। କେଉଁ ସରକାରୀ ଅଧିକାରୀ ନିର୍ଦ୍ଦେଶରେ ଶ୍ରମିକମାନେ ବିନା ସୁରକ୍ଷାରେ ଡହ ଡହ ତାତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ତାହା ଆଲୋଚନାର ବିଷୟବସ୍ତୁ ହୋଇଛି।



## ଦିବ୍ୟାଙ୍ଗ ଶିକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଦାରିଙ୍ଗବାଡ଼ି,୨୬।୪ (ସଂଚାର ବ୍ୟୁରୋ):** ୧୫ ଦିନ ଧରି ଚାଲିଥିବା ନିଷ୍ଠା ବା ସମାନ ଓ ଅନ୍ତର୍ଭୁକ୍ତ ଶିକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦ୍‌ଯାପନୀ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଫଳତାର ସହ ତାଲିମଦାତା ମାନେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେମାନଙ୍କୁ ସାଧୁବାଦ ଜଣାଇବା ସହ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ତାଲିମଦାତା ଭାବେ ସିଆରସିସି ରାକେଶ ସାହୁଙ୍କ ସମେତ ବରିଷ୍ଠ ଶିକ୍ଷକ ରଞ୍ଜିତ କୁମାର ମିଶ୍ର, ନିରଞ୍ଜନ ସାହୁ, ଦେବବ୍ରତ ସାହୁ ଏବଂ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏଥିରେ ସାଧାରଣ ଚଳଣି ଓ ସ୍ୱାସ୍ଥ୍ୟ ଗଠନ ରହିଥିବା ଛାତ୍ରୀଛାତ୍ରଙ୍କ ଭଳି ସହ ସମାନ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଶିକ୍ଷା ପ୍ରଦାନ କରାଯିବା ଏବଂ ଦିବ୍ୟାଙ୍ଗଙ୍କୁ ସେହି ସମାନ ଯୋଗଶିକ୍ଷା, ଖେଳକୁଦ, ପାଠ୍ୟରେ ସାହିତ୍ୟ, ବିଜ୍ଞାନ, ପରିବେଶ ବିଜ୍ଞାନ, ଗଣିତ ଆଜି ବିଷୟରେ ସୁହାଇଲା ଭଳି ଶିକ୍ଷାଦାନ କରିବା ଓ ଏଥିରେ ସାଧାରଣ ଛାତ୍ରୀଛାତ୍ରଙ୍କ ଭଳି ଦିବ୍ୟାଙ୍ଗଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଇବା ନେଇ ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ତାଲିମ ଦିଆଯାଉଛି।

## ନାବାଳିକା ଯୁବତୀକୁ ଆକ୍ରମଣ ସହ ଅପହରଣ
### ଦୁଇ ଯୁବକଙ୍କ ବିରୋଧରେ ଥାନାରେ ଏତଲା

**ନୀଳଗିରି,୨୬।୪ (ସଂଚାର ବ୍ୟୁରୋ):** ନୀଳଗିରି ପଞ୍ଚଲିଙ୍ଗେଶ୍ୱର ନିକଟରେ ଜଣେ ନାବାଳିକା ଯୁବତୀକୁ କମେଣ୍ଟ ମାରିବା ଏବଂ ପ୍ରତିବାଦ କରିବାରୁ ଆକ୍ରମଣ କରି ଅପହରଣକରିବା ପାଇଁ ଚେଷ୍ଟାକରୁଥିବା ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି ନୀଳଗିରି ପୋଲିସ। ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ଦ୍ୱାରିକା ଗ୍ରାମର ଗଣେଶ ଚନ୍ଦ୍ର ବେହେରାଙ୍କ ଝିଅ ମୋନାଲିସା ବେହେରା (୧୭) ନିଜ ସମ୍ପର୍କୀୟଙ୍କ ସହିତ ଶନିବାର ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଯାଇଥିଲେ। ଫେରିବା ରାସ୍ତାରେ ଦୁଇଜଣ ଅଜଣାଯୁବକ ଏକ ପଲ୍ସର ଗାଡ଼ିରେ ଆସି ଯୁବତୀଜଣଙ୍କ ସାଇକେଲକୁ ଅଟକାଇ କମେଣ୍ଟ୍ ମାରିବା ମାରିଥିଲେ। ଯୁବତୀ ପ୍ରତିବାଦ କରିବାରୁ ତାକୁ ଧକ୍କାମାରିବା ସହ ଜୋରଜବରଦସ୍ତ ଗାଡ଼ିରେ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ଯୁବତୀଜଣକ ପାଟି କରିବାରୁ ସମ୍ପର୍କୀୟ କକା କମଳାକାନ୍ତ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ତାଙ୍କ ନିକଟରୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା ବେଳେ ଯୁବକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। କମଳାଙ୍କ ମୁଣ୍ଡ ଏବଂ ମୁହଁରେ ଆଘାତ ଲାଗିବା ଫଳରେ ରକ୍ତସ୍ରାବ ହୋଇଥିଲା। ପରେ ସ୍ଥାନୀୟ ଲୋକ ଉଭୟଙ୍କୁ ଯୁବକମାନଙ୍କ କବଳରୁ ଉଦ୍ଧାରକରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କ ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଛି।ଉଭୟ ନାବାଳିକା ଯୁବତୀ ମୋନାଲିସା ଏବଂ କମଳାକାନ୍ତ ଏବେ ନୀଳଗିରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ମୋନାଲିସା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଯୁବକ ଦୁଇଜଣ ବାଲେଶ୍ୱର ଫୁଲାଡି ଅଞ୍ଚଳର ଶୁଣିବାକୁ ମିଳିଛି।